୫୭ତମ ବର୍ଷ ୨୪ ନଭେମ୍ବର ୨୦୧୪ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୪]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଅତିମାନସ ପ୍ରଭାବର ସୂଚନା | ··· | ଶ୍ରୀମା | ··· | ୫ |
| ସୌରଦୀପ୍ତ ପଥ | ··· | ଶ୍ରୀଅରବିନ୍ଦ | ··· | ୬ |
| ଶ୍ରୀଅରବିନ୍ଦ ଆଶ୍ରମର ସଂଗଠନ ଓ ତାହାର କାରଣ | ··· | ଶ୍ରୀଅରବିନ୍ଦ | ··· | ୮ |
| ଯଥାର୍ଥ ଆଚରଣ | ··· | ଶ୍ରୀମା | ··· | ୧୦ |
| ଏକାଗ୍ରତା | ··· | ଶ୍ରୀଅରବିନ୍ଦ | ··· | ୧୧ |
| ଧ୍ୟାନ ଓ ଏକାଗ୍ରତା ସଂପର୍କରେ | ··· | ଶ୍ରୀମା | ··· | ୧୩ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ··· | ଏ. ବି. ପୁରାଣୀ | ··· | ୧୬ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୨୦ |
| ମୋର ପ୍ରଥମ ପ୍ରଣାମ | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୩ |
| ସିଦ୍ଧାନ୍ତଗୁଡ଼ିକର ସାର | ··· | ଶ୍ରୀଅରବିନ୍ଦ | ··· | ୨୮ |
| ଦେବଲଗ୍ନର ବାର୍ତ୍ତାବହ ''ଆର୍ଯ୍ୟ'' | ··· | ଶ୍ରୀ ମନୋଜ ଦାସ | ··· | ୩୩ |
| ଶରୀରର ଜୀବକୋଷରେ ଯୋଗ | ··· | ମମତା ଦାଶ | ··· | ୩୮ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୮) | ··· | ଶ୍ରୀପତି ଦାସ | ··· | ୪୧ |
| ସ୍ୱାଧୀନତାର ଭିତ୍ତି | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୪୪ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୧୦) | ··· | ··· | ··· | ୪୭ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଶରୀର – ଅନ୍ତର୍ଗତିବୃତ୍ତିର ଏକ ପ୍ରତୀକ | ··· | ଶ୍ରୀମା | ··· | ୫୨ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

All was gold and gold and gold, a torrent of golden light pouring down in an uninterrupted flow and bringing with it the consciousness that the path of the gods is a sunlit path in which difficulties lose all reality.

Such is the path open before us if we choose to take it.

(CWM Vol 14, p. 31) – The Mother

ସବୁକିଛି ଥିଲା ସୁବର୍ଣ୍ଣ, ସୁବର୍ଣ୍ଣ ଆଉ ସୁବର୍ଣ୍ଣ, ସୁବର୍ଣ୍ଣ ଆଲୋକର ଏକ ସ୍ରୋତ ଅଜାଡ଼ି ହୋଇ ପଡୁଥିଲା ଅବାଧ ବିରାମହୀନ ପ୍ରବାହରେ ଏବଂ ନିଜ ସଙ୍ଗରେ ଆଣି ଦେଉଥିଲା ଏହି ଚେତନା ଯେ ଦେବତାମାନଙ୍କର ପଥ ହେଉଛି ଏକ ସୌରଦୀପ୍ତ ପଥ ଯେଉଁଥିରେ ବାଧାବିଘ୍ନଗୁଡ଼ିକ ସେମାନଙ୍କର ସମସ୍ତ ବାସ୍ତବତା ହରାଇ ବସନ୍ତି ।

ଏହିପରି ଏକ ପଥ ଆମ ଆଗରେ ଖୋଲି ଯାଇଛି ଯଦି ଆମେ ତାହା ଗ୍ରହଣ କରିବା ପାଇଁ ବାଛିନେଉ ।

– ଶ୍ରୀମା



The traditions of the past are very great in their own place,– in the past; but I do not see why we should merely repeat them and not go farther. In the spiritual development of the consciousness upon earth the great past ought to be followed by a greater future.

(*Letters on Yoga*, Part II, p. 480) – Sri Aurobindo

ଅତୀତର ପରମ୍ପରାଗୁଡ଼ିକ, ସେହି ଅତୀତରେ ସେମାନଙ୍କ ନିଜ ସ୍ଥାନରେ ଅତୀବ ମହାନ୍, କିନ୍ତୁ ଆମେ ଆହୁରି ଅଧିକ ଆଗକୁ ନଯାଇ କାହିଁକି କେବଳ ସେହିଗୁଡ଼ିକରହିଁ ପୁନରାବୃତ୍ତି କରୁଥିବା – ଏହାର କୌଣସି ଅର୍ଥ ମୁଁ ଦେଖୁ ନାହିଁ । ପୃଥିବୀରେ ଚେତନାର ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ମହାନ୍ ଅତୀତ ଆହୁରି ଅଧିକତର ମହାନ୍ ଭବିଷ୍ୟତ୍ ଦ୍ୱାରା ଅନୁସୃତ ହେବା ଉଚିତ ।

– ଶ୍ରୀଅରବିନ୍ଦ



# ଅତିମାନସ ପ୍ରଭାବର ସୂଚନା

## ଶ୍ରୀମା

ମୋର ଏକ ସାମ୍ପ୍ରତିକ ଅଭିଜ୍ଞତା, ଏକ ଅନୁଭୂତି ଏହି ଯେ ସମଗ୍ର ଜଗତକୁ, ସକଳ ବସ୍ତୁକୁ, ସମସ୍ତ ମନୁଷ୍ୟଙ୍କୁ ଏବଂ ସବୁକିଛିକୁ ଏକ ଅପ୍ରତିରୋଧ ଶକ୍ତି – ଭୌତିକ ଦୃଶ୍ୟମାନ କ୍ରିୟାର କୌଣସି ଆବଶ୍ୟକତା ବ୍ୟତୀତ – ପରିଚାଳନା କରୁଛି ।...

ତୁମେମାନେ ଦେଖୁଛ ଯେ ଲୋକମାନେ ଅସ୍ଥିର ହୋଇ ଉଠୁଛନ୍ତି, କାରଣ ବସ୍ତୁସକଳ ଯେପରି ହେବା ଆବଶ୍ୟକ, ସେପରି ଶୀଘ୍ର ହେଉ ନାହିଁ । ମୁଁ ଅନ୍ତର୍ଦୃଷ୍ଟିରେ ଦେଖିଲି ଯେ ଦିବ୍ୟସୃଷ୍ଟି ଓ ସଙ୍ଗଠନ ସାଧାରଣ ଦୃଷ୍ଟିପଥର ଅନ୍ତରାଳରେ, ପଶ୍ଚାତରେ, କିନ୍ତୁ ଅବ୍ୟାହତ ସର୍ବଶକ୍ତିଶାଳୀ ଭାବରେ – ସବୁକିଛିର ପ୍ରତିରୋଧ ଏବଂ ସକଳ ବିଶୃଙ୍ଖଳ ପରିସ୍ଥିତି ମଧ୍ୟରେ କ୍ରିୟାଶୀଳ ରହିଛି ।

ପ୍ରତ୍ୟେକ ଥର ଯେବେ ମୁଁ ସେହି ଶକ୍ତି ସମ୍ବନ୍ଧରେ ସଚେତ ହୁଏ, ତେବେ ସେହି ଏକହିଁ ଅନୁଭୂତି ଲାଭ କରେ । ସେହି ଉର୍ଦ୍ଧ୍ୱତନ ପରମ ସଂକଳ୍ପ ନିଜକୁ ଅଭିବ୍ୟକ୍ତ କରୁଛନ୍ତି ଏକ ସ୍ପନ୍ଦନ ଦ୍ୱାରା ଯାହା ଏକ ପ୍ରାଣମୟ ଶକ୍ତି ଦ୍ୱାରା ଆବୃତ କିନ୍ତୁ ଏକ ସୂକ୍ଷ୍ମ ଭୌତିକ ସ୍ତରରେ କ୍ରିୟମାଣ... ଏବଂ ସେହି ସ୍ପନ୍ଦନ ସମସ୍ତ ମନୁଷ୍ୟ, ସକଳ ବସ୍ତୁ ଓ ପରିବେଶକୁ ନିଜର ସତ୍ୟଦୃଷ୍ଟି ଅନୁଯାୟୀ ରୂପ ଦେବା ପାଇଁ ଏପରି ଏକ ଚାପ ବା ପ୍ରଭାବର ପ୍ରୟୋଗ କରୁଛି । ଏହା ସମ୍ପୂର୍ଣ୍ଣ ଅପ୍ରତିହତ । ଏପରିକି ଯେଉଁ ଲୋକମାନେ ଭିନ୍ନ ଭାବରେ ଚିନ୍ତା କରନ୍ତି, ଭିନ୍ନ ଭାବରେ ଚାହାନ୍ତି, ସେମାନେ ମଧ୍ୟ ପରମେଶ୍ୱରଙ୍କର କେବଳ ଯାହା ସଂକଳ୍ପ ତାହାହିଁ କରୁଛନ୍ତି ବା କରିବାକୁ ବାଧ୍ୟ ହେଉଛନ୍ତି । ଏପରିକି ଯେଉଁସବୁ ବସ୍ତୁ ସ୍ୱଭାବବଶତଃ ଏହାର ପ୍ରତିରୋଧ କରୁଛନ୍ତି ସେସବୁର ମଧ୍ୟ ପରିବର୍ତ୍ତନ ଘଟୁଛି ।

ସକଳ ଦେଶଗତ ଘଟଣା, ଦେଶମାନଙ୍କର ପାରସ୍ପରିକ ସମ୍ବନ୍ଧ ଓ ପାର୍ଥିବ ପରିବେଶ ସମ୍ପର୍କରେ ଏହା ଅବିରତ ଏକହିଁ ଭାବରେ ଏବଂ ଭୀଷଣ ପ୍ରଭାବରେ କାର୍ଯ୍ୟ କରିଚାଲିଛି । ଯଦି କେହି ଭଗବତ୍ ସଂକଳ୍ପ ସହ ଏକାତ୍ମ ଲାଭ କରିଛି ତେବେ ଚିନ୍ତାର ବିନା ହସ୍ତକ୍ଷେପରେ, କୌଣସି ମାନସିକ ଧାରଣା ବା ମନୋଭାବର ପ୍ରୟୋଗ ବ୍ୟତୀତ ସେ ଏହାକୁ ଅନୁସରଣ କରିପାରେ, ଦେଖିପାରେ ଓ ଜାଣିପାରେ ।

... ପ୍ରଧାନ କଥା ହେଲା – ଏହି ଶକ୍ତିକୁ ପ୍ରତିରୋଧ କରିବାରୁ ନିବୃତ୍ତ ହେବା, ଯାହାଫଳରେ ଜଗତ୍ ଯେପରି ସୁସମଞ୍ଜସ, ଜ୍ୟୋତିର୍ମୟ ଓ ଆଶ୍ଚର୍ଯ୍ୟଜନକ ଶକ୍ତି ଏବଂ ଅନୁପମ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ହେବା ଆବଶ୍ୟକ, ସେପରି ହୋଇପାରିବ । ଏଥିପାଇଁ ଏକାନ୍ତ ଆବଶ୍ୟକ ଯଥାର୍ଥ ମନୋଭାବ ରଖିବା ଏବଂ ଶରୀରର ପ୍ରତ୍ୟେକ କୋଷାଣୁରେ ପୂର୍ଣ୍ଣ ସମର୍ପଣ ଓ ଅଖଣ୍ଡ ଆତ୍ମନିବେଦନ କରିବା ।

ତେବେ ତୁମେ ନିଶ୍ଚିତ ହୋଇପାର ଯେ ଯାହା ସବୁଠାରୁ ମଙ୍ଗଳକର ତାହା ଘଟିବ ଏବଂ ସେଥିପାଇଁ ସମଗ୍ର ଜଗତ୍ ଯଥାସମ୍ଭବ ଦ୍ରୁତଗତିରେ ସେହି ସୁବର୍ଣ୍ଣ ରୂପାନ୍ତର ଦିଗରେ ଆଗେଇ ଚାଲିଛି । ❖

(ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଅଗଷ୍ଟ, ୧୯୬୬ ସଂଖ୍ୟା ବୁଲେଟିନ୍‌ର 'A Propos'ନାମକ ଅଧ୍ୟାୟର କେତେକାଂଶର ଅନୁବାଦ ।)

# ସୌରଦୀପ୍ତ ପଥ

## ଶ୍ରୀଅରବିନ୍ଦ

ସୌରଦୀପ୍ତ ପଥକୁ ସେହିମାନେ ଅନୁସରଣ କରିପାରିବେ ଯେଉଁମାନେ ସମର୍ପଣର ସାଧନା କରିବା ପାଇଁ ସକ୍ଷମ – ପ୍ରଥମେ ଏକ କେନ୍ଦ୍ରୀୟ ସମର୍ପଣ ଏବଂ ତା'ପରେ ସମଗ୍ର ସତ୍ତାରେ ଏକ ଅଧିକତର ସମ୍ପୂର୍ଣ୍ଣ ଆତ୍ମନିବେଦନ । ସେମାନେ ଯଦି କେନ୍ଦ୍ରୀୟ ସମର୍ପଣ କରିପାରନ୍ତି ଓ ସେହି ମନୋଭାବକୁ ବରାବର ବଜାୟ ରଖିପାରନ୍ତି, ସେମାନେ ଯଦି ପୂରାପୂରି ଭଗବାନଙ୍କ ଉପରେ ଭରସା ଓ ଆସ୍ଥା ରଖିପାରନ୍ତି ଏବଂ ଭଗବାନଙ୍କଠାରୁ ଯାହା ମିଳିଥାଏ ତାହାକୁ ଆନନ୍ଦର ସହିତ ଗ୍ରହଣ କରିପାରନ୍ତି, ତା'ହେଲେ ସେମାନଙ୍କ ପଥ ସୌରଦୀପ୍ତ ହୁଏ ଓ ଏପରିକି ସିଧାସଳଖ ଓ ସହଜ ହୋଇଯାଏ । ସମସ୍ତ ବାଧାବିଘ୍ନକୁ ସେମାନେ ଏଡ଼ାଇ ଯାଇପାରିବେ ନାହିଁ, କୌଣସି ସାଧକ ତାହା ପାରିବ ନାହିଁ କିନ୍ତୁ ଦୁଃଖକାତର ବା ହତାଶ ନହୋଇ ସେମାନେ ସେହି ବାଧାବିଘ୍ନଗୁଡ଼ିକର ସମ୍ମୁଖୀନ ହୋଇ-ପାରିବେ ।...

ବାଧାବିଘ୍ନର ଏହି ନିୟମକୁ ଆମ ଉପରେ ଚାପି ଦିଆଯାଇଛି ଅଜ୍ଞାନ ଦ୍ୱାରା ଯାହାକି ଆମ ସମସ୍ତ ଅଂଶର ସ୍ୱଭାବ ରୂପେହିଁ ରହିଛି । ଆମ ଦୈହିକ ସତ୍ତା ସ୍ପଷ୍ଟରୂପେ ଅଜ୍ଞାନରହିଁ ଏକ ଘନୀଭୂତ ଆକାର, ପ୍ରାଣସତ୍ତା ନାନା ଅଜ୍ଞାନମୟ କାମନାବାସନା ଓ ଆବେଗରେ ପରିପୂର୍ଣ୍ଣ, ଆମର ମନ ମଧ୍ୟ ଅଜ୍ଞାନରହିଁ ଏକ ଯନ୍ତ୍ର ଯାହାକି ଗୋଟାଏ ଧରଣର ଅପୂର୍ଣ୍ଣ ଓ ମୁଖ୍ୟତଃ ନିକୃଷ୍ଟ ଏବଂ ବାହ୍ୟଜ୍ଞାନ ପାଇବା ପାଇଁ କଷ୍ଟେ ମଷ୍ଟେ ସଂଗ୍ରାମ କରୁଛି । ସାଧକର ପଥ ଏହି ଅଜ୍ଞାନ ଭିତରଦେଇହିଁ ଆଗେଇ ଯାଇଥାଏ; ବେଶ୍ ଦୀର୍ଘ ସମୟ ଧରି ଯଥାର୍ଥ ଅନୁଭୂତି ବା ଉପଲବ୍ଧିର କୌଣସି ଆଲୋକ ସେ ଦେଖିପାରେ ନାହିଁ, ରହିଥାଏ କେବଳ ମନର ନାନା ଆଶା, ଧାରଣା ଓ ବିଶ୍ୱାସସବୁକୁ ନେଇ ଯାହାକି କେବେହେଲେ ଯଥାର୍ଥ ଆଧ୍ୟାତ୍ମିକ ଦୃଷ୍ଟି ବା ପ୍ରତ୍ୟକ୍ଷ ଦେଇପାରିବ ନାହିଁ; କିଂବା ଅତି ବେଶୀରେ ସେ ପାଏ ଆଲୋକର କିଛି ଝଲକ ବା ସ୍ୱଳ୍ପକାଳ ପାଇଁ ଆଲୋକର କିଛି ସ୍ପର୍ଶ, କିନ୍ତୁ ସେହି ଆଲୋକ ଅନେକ ସମୟରେ ଚାଲିଯାଏ ଏବଂ ଆଲୋକର ସେହି ଅଳ୍ପସ୍ଥାୟୀ ସମୟ ପରେ ଆସେ ଅନ୍ଧକାରର ଘନ ଘନ, ଦୀର୍ଘସ୍ଥାୟୀ ସମୟ ।...

ଯଦି ସାଧକର ବିଶ୍ୱାସ ଥାଏ ବା ବିଶ୍ୱାସର ଅଭାବ ଥିଲେ ମଧ୍ୟ ଏସବୁ ଭିତରେ ଶେଷ ଲକ୍ଷ୍ୟ ପର୍ଯ୍ୟନ୍ତ ଆଗେଇ ଯିବାର ସଂକଳ୍ପ ଥାଏ, ତା'ହେଲେ ସେ ଏସବୁକୁ ଅତିକ୍ରମ କରି ଆଗେଇ ଯାଏ ଏବଂ ଭଗବତ୍ ଉପଲବ୍ଧିର ଆନନ୍ଦ ଓ ଆଲୋକ ଭିତରେ ପ୍ରବେଶ କରେ । ଯଦି ଜଣକ ଭିତରେ ଯଥାର୍ଥ ସମର୍ପଣର କିଛି ଅଭ୍ୟାସ ଆସିଯିବ ତେବେ ଏଗୁଡ଼ିକର କିଛି ଆବଶ୍ୟକତା ନାହିଁ, ଜଣେ ସିଧାସଳଖ ସୌରଦୀପ୍ତ ପଥରେ ପ୍ରବେଶ କରିବ...

ପୂର୍ଣ୍ଣଯୋଗର ଅର୍ଥ ହେଉଛି ଏକ ଚତୁରଙ୍ଗ ପଥ, ମନ ପାଇଁ ଜ୍ଞାନଯୋଗ, ହୃଦୟ ପାଇଁ ଭକ୍ତିଯୋଗ, ସଂକଳ୍ପ ପାଇଁ କର୍ମଯୋଗ ଏବଂ ସମଗ୍ର ସ୍ୱଭାବ ପାଇଁ ପୂର୍ଣ୍ଣତାର ଯୋଗ ।...

ବୁଦ୍ଧିପ୍ରଧାନ ମନର ବହୁବିଧ କ୍ରିୟା, ଯାହା ଏକ ବିରାଟ ଆକାର ଧାରଣ କରିଥାଏ ଏବଂ ନାନା ବିଚାର ଓ ଧାରଣା ସମ୍ପର୍କରେ ନିଜର ଗର୍ବ ପ୍ରତି ଏହି ମନର ଯେଉଁ ଆସକ୍ତି ରହିଥାଏ, ଏହାର ଯେଉଁ ସବୁ ଅନ୍ଧ ସଂସ୍କାର, ଅନମନୀୟ ଧାରଣା ଓ ଅଜ୍ଞାନତାପୂର୍ଣ୍ଣ ଯୁକ୍ତିବୁଦ୍ଧି ରହିଥାଏ, ତାହାସବୁ ଅନ୍ତରର ଆଲୋକ ପ୍ରତି ଏହାର ଦରଜାକୁ ବନ୍ଦ କରିଦେଇପାରେ ଏବଂ ଭକ୍ତିର ସେହି ପୂର୍ଣ୍ଣ ଜୁଆରକୁ ମଧ୍ୟ ବାଧା ଦେଇପାରେ ଯାହା ସବୁକିଛିକୁ ପ୍ଳାବିତ କରିଦେଇ ଥାଆନ୍ତା । ଏହା ମଧ୍ୟ ଏକ ବାହ୍ୟ ଉପରଠାଉରିଆ ମାନସିକ କ୍ରିୟାକୁ ଜାବୁଡ଼ି ଧରି ରହିପାରେ ଏବଂ ଗଭୀର ଭିତରକୁ ଯିବାକୁ ଓ ଆନ୍ତର ହୃଦୟର ଚୈତ୍ୟ ଦୃଷ୍ଟି ଓ ଅନୁଭବ ଦ୍ୱାରା ପରିଚାଳିତ ହେବାକୁ ଅସ୍ୱୀକାର କରିପାରେ, ଯଦିଓ କେବଳ ସେହି ଆନ୍ତର ଦୃଷ୍ଟି ଓ ଅନୁଭବ ଦ୍ୱାରାହିଁ ଭକ୍ତି ବୃଦ୍ଧି ପାଇଥାଆନ୍ତା ଓ ଅନ୍ୟସବୁକୁ ଜୟକରି ପାରିଥାଆନ୍ତା । ସେହିପରି ପ୍ରାଣସତ୍ତାର ଆବେଗ ଓ କାମନାବାସନା ଏବଂ ତାହାର ଅହଂ ପଥ-ଅବରୋଧ କରିପାରେ ଏବଂ ଭଗବାନଙ୍କ ପାଖରେ ମନ ଓ ହୃଦୟର ଆତ୍ମନିବେଦନ ପାଇଁ ବାଧା ସୃଷ୍ଟି କରିପାରେ ।...

ଯେଉଁମାନେ ମନର କିଛି କୌତୂହଳ ଯୋଗୁଁ ବା ଏପରିକି ଜ୍ଞାନର ବାସନା ନେଇ ଯୋଗସାଧନାରେ ଆଗ୍ରହୀ ହୋଇଥାଆନ୍ତି, ସେମାନେ ନିରାଶା, ହତୋତ୍ସାହ ବା ସେହିପରି

କିଛି କାରଣ ଯୋଗୁଁ ଏହି ପଥ ଛାଡ଼ିଦେଇ ପାରନ୍ତି । ଆହୁରି ଅଧିକ କ୍ଷେତ୍ରରେ ଯେଉଁମାନେ କୌଣସି ଆନ୍ତର ଉଚ୍ଚାଭିଳାଷ ବା ପ୍ରାଣିକ ବାସନା ନେଇ ଯୋଗସାଧନା ଆରମ୍ଭ କରିଥାଆନ୍ତି ସେମାନେ ବାର ବାର ବାଧା ଓ ବିଫଳତାର ସମ୍ମୁଖୀନ ହେଲେ ବିଦ୍ରୋହ, ନୈରାଶ୍ୟ ଓ ହତାଶା ଆଦି ଭାବନେଇ ଏହି ପଥ ଛାଡ଼ି ଦିଅନ୍ତି ।...

ବର୍ତ୍ତମାନ ପାଇଁ ମନହିଁ ଆମର ସର୍ବପ୍ରଧାନ ବୃତ୍ତି । ଚିନ୍ତାଶୀଳ ମନ ଓ ହୃଦୟ ଜରିଆରେ ଏବଂ ତାହାର ପଛରେ ରହିଥିବା ଆତ୍ମା ଓ ଚୈତ୍ୟସତ୍ତାର ସହାୟତାରେ ଆମକୁ ଦିବ୍ୟ ଆତ୍ମସତ୍ତାରେ ବିକଶିତ ହେବାକୁ ହେବ । କାରଣ ଦିବ୍ୟଭଗବତ୍ ଶକ୍ତି ଆମ ଭିତରେ ପ୍ରଥମେ ଯେଉଁ ଜିନିଷ ଆଣିଦେବାକୁ ଚେଷ୍ଟା କରେ ତାହା ହେଉଛି ଆମର ମନକୁ ଏକ ଯଥାର୍ଥ କେନ୍ଦ୍ରୀୟ ଧାରଣାରେ, ବିଶ୍ୱାସରେ ବା ଯଥାର୍ଥ ଆଭିମୁଖ୍ୟରେ, ଯଥାର୍ଥ ଅଭୀପ୍ସାରେ ଏବଂ ହୃଦୟର ଏକ ଯଥାର୍ଥ ଭାବ ବା ବିନ୍ୟାସରେ ସ୍ଥାପିତ କରିବା ଏବଂ ଏଗୁଡ଼ିକୁ ଏପରି ଶକ୍ତିଶାଳୀ ଓ ଦୃଢ଼ କରି ଗଢ଼ିବା ଯେ ଯାହାଫଳରେ ମନ ଓ ହୃଦୟରେ ଏଗୁଡ଼ିକଠାରୁ ଭିନ୍ନ ବା ଏଗୁଡ଼ିକ ସଙ୍ଗେ ବିରୋଧ ରହିଥିବା ଅନ୍ୟାନ୍ୟ ଗତିବୃତ୍ତି ରହିଥିଲେ ମଧ୍ୟ ଏହି କେନ୍ଦ୍ରୀୟ ଭାବଟି ଯେପରି ସ୍ଥାୟୀ ରହେ ।

ସେ ଯାହାହେଉ ପ୍ରାଣକୁ ନେଇ ସାଧନା ଆରମ୍ଭ କରିବା ବେଶ୍ ଦୁଷ୍କର ଓ ଗଣ୍ଡଗୋଳିଆ ମଧ୍ୟ । ମାନସିକ ସ୍ତର ଅପେକ୍ଷା ଏହି ପ୍ରାଣିକ ସ୍ତରରେ ରହିଥିବା ବାଧାବିଘ୍ନଗୁଡ଼ିକ ଅନେକ ଉଗ୍ର ଓ ସେଗୁଡ଼ିକର ସଂଖ୍ୟା ମଧ୍ୟ ଅନେକ ଅଧିକ, ଏଥିରେ ସ୍ଖଳନ ପାଇଁ ଅସଂଖ୍ୟ ବିପଦ ଓ ଗର୍ତ୍ତ ବା ଖଣାସବୁ ରହିଛନ୍ତି । ଏହି ପ୍ରାଣିକ ସ୍ତରରୁ ଆତ୍ମା ଓ ଚୈତ୍ୟସତ୍ତା ଦିଗରେ ପ୍ରବେଶ-ପଥ ମଧ୍ୟ ଆଦୌ ସହଜ ନୁହେଁ କାରଣ ତାହା ଆବୃତ ହୋଇ ରହିଥାଏ ଅହଂ, ଆବେଗ ଓ କାମନାବାସନାର ଏକ ମୋଟା ପରଦା ଦ୍ୱାରା । ପ୍ରାଣିକ ଅନୁଭୂତିର ନାନା ଖେଳା, ଯେଉଁଗୁଡ଼ିକୁ ଆଦୌ ବିଶ୍ୱାସ କରିହେବ ନାହିଁ, ଛୋଟ ଛୋଟ ସିଦ୍ଧିର ନାନା ପ୍ରଲୋଭନ, ଅହଂ ପାଇଁ ଅନ୍ଧକାର ଶକ୍ତିର ନାନା ଆକର୍ଷଣ – ଏହିସବୁ ଭିତରେ ସାଧକ ନିଜର ପଥ ହରାଇ କେଉଁଆଡ଼େ ହଜି ଲୋପ ପାଇଯିବାର ବିପଦ ରହିଥାଏ ।...

*

ଏହି ଯୋଗ ଦାବିକରେ ଦିବ୍ୟସତ୍ୟକୁ ଆବିଷ୍କାର କରିବା ଓ ତାହାକୁ ମୂର୍ତ୍ତ କରି ଧରିବାର ଅଭୀପ୍ସା ଦିଗରେ ଜୀବନର ପୂର୍ଣ୍ଣ ଉତ୍ସର୍ଗ, ଏହା ବ୍ୟତୀତ ଅନ୍ୟ କୌଣସି କିଛି ପାଇଁ ତା'ର ଅଭୀପ୍ସା ରହିବ ନାହିଁ ।

ତୁମକୁ ନିଜ ଭିତରକୁ ଯାଇ ପ୍ରବେଶ କରିବାକୁ ହେବ ଆଧ୍ୟାତ୍ମିକ ଜୀବନ ପାଇଁ ଏକ ପୂର୍ଣ୍ଣ ଉତ୍ସର୍ଗ ଭିତରେ ।

ଯଦି ଯୋଗସାଧନାରେ କୃତକାର୍ଯ୍ୟ ଓ ସଫଳ ହେବାକୁ ଚାହଁ ତେବେ ତୁମ ଭିତରୁ ସମସ୍ତ ମାନସିକ ପସନ୍ଦକୁ ଜାବୁଡ଼ି ଧରିବାର ଭାବ ଦୂର ହୋଇଯିବା ଉଚିତ, ପ୍ରାଣିକ ଲକ୍ଷ୍ୟ, ଆଗ୍ରହ ଓ ଆସକ୍ତିସବୁ ମଧ୍ୟ ଲୋପ ପାଇଯିବା ଉଚିତ ଏବଂ ପରିବାର, ବନ୍ଧୁ ଓ ଦେଶପ୍ରତି ସମସ୍ତ ଅହଂମୂଳକ ଆସକ୍ତି ମଧ୍ୟ ଦୂର ହୋଇଯିବା ଉଚିତ ।

ଭଗବାନଙ୍କ ପଥ ମଣିଷ ମନର ଧାରଣା ପରି ନୁହେଁ ବା ଆମର ସେହିସବୁ ପରିଚିତ ଧାରଣାର ଛବି ଅନୁଯାୟୀ ତିଆରି ହୋଇ ନାହିଁ । ସେଗୁଡ଼ିକୁ ବିଚାର କରିବା ଏବଂ ସେ କ'ଣ କରିବେ ବା ନକରିବେ ସେ ସମ୍ପର୍କରେ ତାଙ୍କ ପାଇଁ କୌଣସି କାର୍ଯ୍ୟକ୍ରମ ରଖିବା ସମ୍ପୂର୍ଣ୍ଣ ଅସମ୍ଭବ ଓ ଅବାନ୍ତର, କାରଣ ଭଗବାନ୍ ଆମଠାରୁ ଅଧିକ ଭଲଭାବରେ ଜାଣନ୍ତି କ'ଣ କରାଯିବା ଉଚିତ । ଭଗବାନଙ୍କ ଉପରେ ନିଜର ମାନସିକ ଓ ପ୍ରାଣିକ ଇଚ୍ଛାକୁ ଲଦି ନଦେଇ ଭଗବାନଙ୍କ ଇଚ୍ଛାକୁ ଗ୍ରହଣ କରିବା ଓ ତାହାର ଅନୁସରଣ କରିବା ହେଉଛି ସାଧନାର ଯଥାର୍ଥ ମନୋଭାବ ।

(*A Practical Guide to Integral Yoga*, pp. 68 - 70) ✤

ଆମ ନିଜକୁ ଅତିକ୍ରମ କରିବା ପାଇଁ ପ୍ରଚେଷ୍ଟାର ମାତ୍ରାରେହିଁ ରହିଛି ଆମର ଯାହାକିଛି ମୂଲ୍ୟ ଏବଂ ଆମ ନିଜକୁ ଅତିକ୍ରମ କରିଯିବାର ଅର୍ଥ ହେଉଛି ଭଗବାନଙ୍କୁ ଲାଭ କରିବା ।

– ଶ୍ରୀମା

# ଶ୍ରୀଅରବିନ୍ଦ ଆଶ୍ରମର ସଂଗଠନ ଓ ତାହାର କାରଣ

**ଶ୍ରୀଅରବିନ୍ଦ**

### ଆଶ୍ରମର ସଂଗଠନ

ସେହିଦିନଠାରୁହିଁ (ନଭେମ୍ବର ୨୪, ୧୯୨୬) ଶ୍ରୀଅରବିନ୍ଦ ତାଙ୍କର ଆଶ୍ରମ ଆରମ୍ଭ କଲେ । ସେତେବେଳେ ସେ ନିଶ୍ଚିତ ହେଲେ ଯେ ଦେବତାମାନଙ୍କ ସହଯୋଗରେ ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ସମ୍ଭବ ହେବ ।

ନଭେମ୍ବର ଚବିଶରେ ଯାହା ଘଟିଲା, ତାହା ଅତିମାନସ ଅବତରଣର ସମ୍ଭାବନାକୁ ପ୍ରସ୍ତୁତ କଲା ଏବଂ ସେହି ଦିନରେ ଶ୍ରୀଅରବିନ୍ଦ ସମସ୍ତ ବାହ୍ୟ କ୍ରିୟାକଳାପରୁ ଅବସର ନେଇ ଏକାନ୍ତବାସ ଆରମ୍ଭ କଲେ । ସେଇଦିନଠାରୁ ସେ ଏକ ଗଭୀର ସକ୍ରିୟ ଧ୍ୟାନ ମଧ୍ୟରେ ପ୍ରବେଶ କଲେ ଯଦ୍ଦ୍ୱାରା ତତ୍‌ସଂପୃକ୍ତ ସମସ୍ତ ସମ୍ଭାବନା ଉପଲବ୍ଧ ହୋଇପାରିବ ।*

(ଶ୍ରୀଅରବିନ୍ଦଙ୍କ ଏକ ପତ୍ର : Mother India : Nov, 1975 ସଂଖ୍ୟାରୁ ଅନୂଦିତ)

### ଆଶ୍ରମ-ସଂଗଠନର କାରଣ

ପ୍ରଥମେ ଏଠାରେ କୌଣସି ଆଶ୍ରମ ନଥିଲା; କେବଳ କେତେକ ବ୍ୟକ୍ତି ଯୋଗାଭ୍ୟାସ କରିବା ପାଇଁ ଶ୍ରୀଅରବିନ୍ଦଙ୍କ ନିକଟରେ ବାସ କରିବାକୁ ଆସିଲେ । ମା' ଜାପାନରୁ ଆସିବାର କିଛି ସମୟ ପରେହିଁ ଏହା ଆଶ୍ରମର ରୂପ ନେଲା । ଏହା ମା'ଙ୍କର ବା ଶ୍ରୀଅରବିନ୍ଦଙ୍କର କୌଣସି ଇଚ୍ଛା ବା ଯୋଜନା ଅପେକ୍ଷା ବରଂ ସାଧକମାନଙ୍କ ଇଚ୍ଛା ଯୋଗୁଁ ହୋଇଥିଲା, ଯେଉଁମାନେ କି ମା'ଙ୍କ ଉପରେ ନିଜ ନିଜର ଆନ୍ତର ଓ ବାହ୍ୟ ଜୀବନ ସମର୍ପଣ କରିବାକୁ ଚାହିଁଥିଲେ ।

*

ବାସ୍ତବତଃ ଘଟଣାଟି ହେଉଛି ଏହିପରି – ଇତିମଧ୍ୟରେ ମା' ଫ୍ରାନ୍‌ସ ଓ ଜାପାନରେ ଦୀର୍ଘକାଳ ଅବସ୍ଥାନ କରିବା ପରେ ପଣ୍ଡିଚେରୀକୁ ୧୯୨୦ଖ୍ରୀଷ୍ଟାବ୍ଦ ଏପ୍ରିଲ ୨୪ ତାରିଖରେ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳେ ଶିଷ୍ୟମାନଙ୍କର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାର ଲକ୍ଷଣ ଦେଖାଗଲା । ଯେତେବେଳେ ଆଶ୍ରମର ବିକାଶ ହେବାକୁ ଆରମ୍ଭ ହେଲା ସେତେବେଳେ ସଂଗଠନର ସମସ୍ତ ଦାୟିତ୍ୱ ମା'ଙ୍କ ଉପରେ ପଡ଼ିଲା । ଶ୍ରୀଅରବିନ୍ଦ ଶୀଘ୍ର ଏକାନ୍ତବାସରେ ରହିଲେ ଏବଂ ଏହି ଆଶ୍ରମର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ କାର୍ଯ୍ୟର ଭାର ମା'ଙ୍କ ଉପରେ ପଡ଼ିଲା ।

*

---

* ଶ୍ରୀଅରବିନ୍ଦଙ୍କ ଯୋଗସାଧନାରେ ନଭେମ୍ବର ୨୪, ୧୯୨୬ ତାରିଖ ହେଉଛି ଅଧିମାନସର ସିଦ୍ଧି ଦିବସ – ଯାହାକି ଅତିମାନସଠାରୁ ଭିନ୍ନ – ପାର୍ଥିବ ସତ୍ତାରେ ଅବତରଣର ନିର୍ଦ୍ଦିଷ୍ଟ ଦିନ । ଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ଏହି ଉକ୍ତିଟିର ଏକ ସ୍ୱତନ୍ତ୍ର ଆକର୍ଷଣ ଓ ବୈଶିଷ୍ଟ୍ୟ ରହିଛି, କାରଣ ହୁଏତ ଏହାହିଁ ତାଙ୍କ ଯୋଗ ସମ୍ବନ୍ଧରେ ତାଙ୍କୁ ପଚରା ଯାଇଥିବା ଶେଷ ପ୍ରଶ୍ନଗୁଡ଼ିକର ଏକ ଉତ୍ତର, ଯେହେତୁ ତାଙ୍କର ଶରୀରତ୍ୟାଗ(ଡିସେମ୍ବର ୫, ୧୯୫୦)ର ଅଳ୍ପ କେତେଦିନ ପୂର୍ବରୁ ସେ ଏହା କହିଥିଲେ । ନଭେମ୍ବର ୨୪ର ସାର୍ଥକତା ଓ ପରିଣାମ ସମ୍ବନ୍ଧରେ ଏହି ଉକ୍ତିଟି ଶ୍ରୀଅରବିନ୍ଦଙ୍କର ଜନୈକ ଶିଷ୍ୟଙ୍କ ଟିପାଖାତାରୁ ଉଦ୍ଧୃତ ।

*ପ୍ରଶ୍ନ : ୧୯୨୬ ଖ୍ରୀଷ୍ଟାବ୍ଦର କେଉଁ ତାରିଖରେ ମା' ଆଶ୍ରମର ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କଲେ ?*

ଉତ୍ତର : ମା' ପ୍ରକୃତରେ ନିର୍ଦ୍ଦିଷ୍ଟ ତାରିଖ ମନେ ରଖି ନାହାନ୍ତି । ଏହା ବୋଧହୁଏ ଅଗଷ୍ଟ ୧୫ର ଅଳ୍ପ ଦିନ ପରେ । ମୁଁ ଯେତେବେଳେ ଏକାନ୍ତବାସ ଆରମ୍ଭ କଲି, ସେତେବେଳେ ସେ ସମ୍ପୂର୍ଣ୍ଣଭାବରେ କାର୍ଯ୍ୟଭାର ଗ୍ରହଣ କଲେ ।

୧୬.୫.୧୯୩୬

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ
ଶ୍ରୀଅରବିନ୍ଦ : ପୃ.୨୮୪-୨୮୫)

*

## ମା'ଙ୍କ ଆସିବା ପୂର୍ବର ସାଧନା

*ପ୍ରଶ୍ନ : ଶୁଣାଯାଏ 'ଖ'ଙ୍କୁ 'କ' ଏ କଥା କହିଛନ୍ତି ଯେ ୧୯୨୬ରେ ମା' କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଯେଉଁମାନେ ଏଠାରେ ଅଛନ୍ତି, ସେହି ପୁରୁଣା ସାଧକମାନଙ୍କର ମହାଜାଗତିକ (Cosmic) ଚେତନା ବିଷୟରେ ବହୁ ଅନୁଭୂତି ହୋଇଥିଲା ଏବଂ ବର୍ତ୍ତମାନ ଅପେକ୍ଷା ଅଧିକ ଉତ୍ତମ ସାଧନା ହେଉଥିଲା – ଏହା କେତେଦୂର ସତ୍ୟ ?*

ଉତ୍ତର : ମା'ଙ୍କର ଆଗମନ ପୂର୍ବରୁ ସମସ୍ତେ କେବଳ କେତେକ ମାନସିକ ଉପଲବ୍ଧି ଓ ଅନୁଭୂତି ସହିତ ମନ ମଧ୍ୟରେହିଁ ବାସ କରୁଥିଲେ । ପ୍ରାଣ ଓ ଅନ୍ୟ ସମସ୍ତ ଅଂଶ ଅସଂସ୍କୃତ ତଥା ଅଶିକ୍ଷିତ ଥିଲା ଓ ଚୈତ୍ୟସତ୍ତା ପରଦାର ଅନ୍ତରାଳରେ ଥିଲା । ସେମାନଙ୍କ ମଧ୍ୟରୁ କେହିହେଲେ ମହାଜାଗତିକ ଚେତନା ମଧ୍ୟରେ ପ୍ରବିଷ୍ଟ ହେବାର ମୁଁ ଜାଣି ନାହିଁ । ସେହି ସମୟ ପର୍ଯ୍ୟନ୍ତ ମୁଁ ମଧ୍ୟ ରୂପାନ୍ତର ପାଇଁ ଏବଂ ଅତିମାନସ (ବେଦାନ୍ତକୁ ଅତିକ୍ରମ କରିଥିବା ଯୋଗର ସେହିସବୁ ଅଂଶ)ରେ ପ୍ରବେଶ କରିବା ପାଇଁ ମୋର ପଥ ଖୋଜୁଥିଲି । ସେତେବେଳେ ଏଠାରେ ଥିବା ଅତ୍ୟଳ୍ପ ସାଧକମାନଙ୍କ ସହିତ ''ହସ୍ତକ୍ଷେପ ନ କରିବା''ର ନୀତି ନେଇ ବ୍ୟବହାର କରାଯାଉଥିଲା । 'କ' ହେଲେ ସେହିମାନଙ୍କ ମଧ୍ୟରୁ ଜଣେ ଯେ ସେହି ନୀତିକୁ ମନେ ପକାଉଛନ୍ତି । ସେତେବେଳେ ସେମାନଙ୍କର ପ୍ରାଣଗତ ସ୍ୱାଧୀନତା ଥିଲା ଏବଂ କୌଣସି ଶୃଙ୍ଖଳା ନଥିଲା – ସେଥିପାଇଁ ସେ ଦୁଃଖ କରୁଛନ୍ତି ।

୨୭.୭.୧୯୩୪

(ନିଜ ସମ୍ବନ୍ଧେ ଓ ମା'ଙ୍କ
ସମ୍ବନ୍ଧେ ଶ୍ରୀଅରବିନ୍ଦ : ପୃ. ୨୬୫)

*

ଆଶ୍ରମ (ଶ୍ରୀଅରବିନ୍ଦ ଆଶ୍ରମ) ହେଉଛି ଶ୍ରୀମା'ଙ୍କର ସୃଷ୍ଟି ଏବଂ ତାଙ୍କ ବ୍ୟତୀତ ଏହାର କୌଣସି ଅସ୍ତିତ୍ୱ ନ ଥା'ନ୍ତା, ତାଙ୍କରି ଯୋଗୁଁହିଁ ଏହା ତିଷ୍ଠି ରହିଛି । ❖

ଆଗାମୀ କାଲିର ପୂର୍ଣ୍ଣସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ଆମେ ବିରାମହୀନ ଭାବରେ ଆରୋହଣ କରିଚାଲିବୁ ।
– ଶ୍ରୀମା

# ଯଥାର୍ଥ ଆଚରଣ

## ଶ୍ରୀମା

ଏଠାରେ ଲୋକମାନେ ରହିଛନ୍ତି ସେମାନଙ୍କ ଚେତନାର ପରିବର୍ତ୍ତନ ପାଇଁ, ଯଦି ସେମାନେ ପ୍ରତ୍ୟେକେ ସେମାନଙ୍କ ଲକ୍ଷ୍ୟ ପ୍ରତି ବିଶ୍ୱସ୍ତ ନ ରହନ୍ତି, ଯଥାର୍ଥ ମନୋଭାବ ନେଇ ନ ରୁହନ୍ତି ତା'ହେଲେ ଯଥାର୍ଥ କିଛି ସମ୍ପନ୍ନ ହୋଇପାରିବ ନାହିଁ ।

*

ଏହା ସ୍ପଷ୍ଟ ଯେ ଏଠାରେ ଯେଉଁମାନେ ବାସ କରନ୍ତି, ସେମାନଙ୍କ ଜୀବନଧାରା ଅପେକ୍ଷା ସତ୍ତାର ଧାରାକୁ ପରିବର୍ତ୍ତନ କରିବାହିଁ ସର୍ବାଦୌ ଆବଶ୍ୟକ ।

ଆମେ ଏକ ଅଧିକତର ଗଭୀର, ଅଧିକତର ସମଗ୍ର ଓ ଅଧିକତର ସତ୍ୟର ଚେତନା ଲାଭ କରିବା ପାଇଁ ଉଦ୍ୟମ କରୁଛୁ ଏଇଥିପାଇଁ ଯେ ଆମର ଏଠାରେ ରହିବାର ମୁଖ୍ୟ କାରଣ ହେଉଛି ଏହି ଚେତନାକୁ ଅଭିବ୍ୟକ୍ତ କରିବା ।

*

ଜଣେ ସାଧକ ହେବାରେ ଲାଭ କ'ଣ, ଯଦି କିଛି କର୍ମ କରିବା ସଙ୍ଗେ ସଙ୍ଗେ ଆମେ ଏକ ସାଧାରଣ, ଅଜ୍ଞାନ ଲୋକ ପରି କାମ କରୁ ?

*

ଆଶା କରାଯାଏ ଯେ ଲୋକମାନଙ୍କୁ ଏକ ଉଚ୍ଚତର ଜୀବନର ଦୃଷ୍ଟାନ୍ତ ଦେବାପାଇଁ ଆମେ ଏଠାରେ ରହିଛୁ, ନିଶ୍ଚିତରୂପେ, ଭୁଲ୍ ଆଚରଣର ଦୃଷ୍ଟାନ୍ତ ଦେବା ପାଇଁ ନୁହେଁ ।

*

ଯେଉଁ ମୁହୂର୍ତ୍ତରେ ଜଣେ ବ୍ୟକ୍ତି ଆଶ୍ରମ ଜୀବନରେ ପ୍ରବେଶ କରେ ଓ ଯୋଗର ଲକ୍ଷ୍ୟ ଗ୍ରହଣ କରେ ସେତେବେଳେ ସେ ଆଉ କୌଣସି ସମ୍ପ୍ରଦାୟ, ଜାତି ବା ଧର୍ମର ଅନ୍ତର୍ଗତ ହୋଇ ରହେ ନାହିଁ । ସେ ହୋଇଉଠେ ଶ୍ରୀଅରବିନ୍ଦଙ୍କର ଜଣେ ଶିଷ୍ୟ, ଅନ୍ୟ କିଛି ନୁହେଁ । ସେ ଅତୀତରେ କ'ଣ ଥିଲା, ସେଥିସକାଶେ ଥଟ୍ଟା ପରିହାସ କରିବା ଅତ୍ୟନ୍ତ ଅସମୀଚୀନ ଏବଂ ରୁଚି ବିରହିତ, ଏବଂ ତାହା କେବଳ ତା' ଭିତରେ ଏବଂ କହୁଥିବା ଲୋକ ଭିତରେ ଏକ ପୁରୁଣା ଓ ଭୁଲ୍ ମନୋଭାବକୁ ବଜାୟ ରଖିବା ପାଇଁ ସାହାଯ୍ୟ କରେ ।

*

ଆଶ୍ରମରେ ଜଣେ କେବଳ ତାହାହିଁ କରିପାରେ ଯାହା ସେ ସର୍ବସାଧାରଣରେ କରିବାରେ କିଛି ଅସୁବିଧା ନାହିଁ । କାରଣ ଏଠାରେ ଗୋପନ କରି ରଖିବାର କିଛି ନାହିଁ । ମୋର ସୁରକ୍ଷା ସମସ୍ତଙ୍କ ପାଇଁ ସମାନ ଭାବରେ ରହିଛି, କେବଳ କେତେକଙ୍କ ପାଇଁ ବା ଅନ୍ୟ କେତେକଙ୍କ ବିରୋଧରେ ତାହା ନୁହେଁ ।

*

ସମସ୍ତ କ୍ଷେତ୍ରରେ ଗୋଟିଏ ମାତ୍ର ଉତ୍ତର ଦେବା ସମ୍ଭବପର ନୁହେଁ । ପ୍ରତ୍ୟେକ ଲୋକର କ୍ଷେତ୍ରରେ ଓ ପ୍ରତ୍ୟେକ ଘଟଣାରେ ଏହା ଭିନ୍ନ ଭିନ୍ନ ହେବ । କିନ୍ତୁ ଯାହାହେଲେ ବି ଏହା କୁହାଯାଇପାରେ ଯେ ଜଣେ ଯେତେବେଳେ ଏକ ଗୋଷ୍ଠୀ ଭିତରେ ରହେ ତାହାକୁ ସେ ଗୋଷ୍ଠୀର ନିୟମକୁ ଯଥାସମ୍ଭବ ମାନି ଚଳିବାକୁ ପଡ଼ିବ । ଅଧିକନ୍ତୁ, ସମଷ୍ଟିଗତ ନିୟମ ବିରୋଧରେ ଯିବାର ଅଧିକାର କେବଳ ସେତିକିବେଳେ ଯଥାର୍ଥ, ଯେତେବେଳେ ସେମାନଙ୍କ ଭିତରେ ଭଗବାନଙ୍କ ଦ୍ୱାରା ଏହା ନିର୍ଦ୍ଦେଶିତ ହୋଇଥିବ । କେବଳ ଯେତେବେଳେ ସେମାନେ ଯାହା କହନ୍ତି ଓ ଯାହା କରନ୍ତି, ଭଗବାନଙ୍କ ଉପସ୍ଥିତିରେହିଁ ତାହା କରିପାରନ୍ତେ କେବଳ ସେତିକିବେଳେହିଁ ସେମାନଙ୍କର ଏହା କହିବାର ଅଧିକାର ଆସେ, ''ମୁଁ ମୋର ନିଜର ନିୟମ ଅନୁସରଣ କରେ ଆଉ ଅନ୍ୟ କାହାର ନିୟମ ନୁହେଁ ।''

*୨୮ ଜାନୁଆରି ୧୯୬୦*

*

ବ୍ୟକ୍ତିଗତ ବିଚାର ଅନୁଭବ ଦ୍ୱାରା ଏଠାରେ ଆଶ୍ରମରେ କିଛି ହୁଏ ନାହିଁ । ବ୍ୟକ୍ତିଗତ ବିଚାର ଅନୁଭବର ଉପରକୁ ଉଠିଯାଅ, ଉପଲବ୍ଧିର ଦ୍ୱାର ଖୋଲିଯିବ ।

*୩ ଫେବ୍ରୁଆରୀ ୧୯୬୫*

# ଏକାଗ୍ରତା

## ଶ୍ରୀଅରବିନ୍ଦ

ଏକାଗ୍ରତାର ପ୍ରଥମ ପଦକ୍ଷେପ ଏହା ହେବା ଉଚିତ ଯେ ଚଞ୍ଚଳ ଓ ବିକ୍ଷିପ୍ତ ମନ ଯେପରି ଗୋଟିଏ ବିଷୟ ଉପରେ ଏକାଗ୍ର ରହି ତତ୍ ସଂପର୍କୀୟ ଭାବନାର ଗୋଟିଏ ଧାରାକୁ ସ୍ଥିର ଓ ଦୃଢ଼ ଭାବରେ ଅନୁସରଣ କରେ ଏବଂ ତାହାର ମନୋଯୋଗ ଯେପରି ଅନ୍ୟ କୌଣସି ପ୍ରଲୋଭନ ବା ପ୍ରତିକୂଳ ଆକର୍ଷଣ ଦ୍ୱାରା ବିଚଳିତ ନହୁଏ । ସାଧାରଣତଃ ଏହି ଧରଣର ଏକାଗ୍ରତା ଆମର ସାଧାରଣ ଜୀବନରେ ଯଥେଷ୍ଟ ଦେଖିବାକୁ ମିଳେ । କିନ୍ତୁ ମନକୁ ନିବଦ୍ଧ କରି ଲଗାଇ ରଖିପାରିଲା ଭଳି କୌଣସି ବାହ୍ୟବସ୍ତୁ ବା କାର୍ଯ୍ୟ ବ୍ୟତିରେକେ ଯେତେବେଳେ କେବଳ ଆନ୍ତର ଗତିବିଧି ଦ୍ୱାରା ନିଜ ଭିତରେହିଁ ଏହା କରିବାକୁ ହୁଏ, ସେତେବେଳେ ଏହା ଅଧିକ କଷ୍ଟସାଧ୍ୟ ହୁଏ । ତଥାପି ଜ୍ଞାନ ମାର୍ଗର ସାଧକମାନଙ୍କୁ ଏହି ଅନ୍ତର୍ମୁଖୀ ଏକାଗ୍ରତାକୁ ଆୟତ୍ତ କରିବାକୁ ହେବ ।* ଏହା ସେହି ବୁଦ୍ଧିଜୀବୀ ଭାବୁକମାନଙ୍କର କ୍ରମବଦ୍ଧ ଚିନ୍ତନ କ୍ରିୟା ନୁହେଁ, ଯେଉଁମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଭାବନା ଦ୍ୱାରା ନିଜ ଧାରଣାଗୁଡ଼ିକରେ ଉପନୀତ ହେବା ଏବଂ ସେହି ଧାରଣାଗୁଡ଼ିକୁ ବୁଦ୍ଧିଗତଭାବରେ ଯୁକ୍ତ ଓ ସୁସମ୍ବନ୍ଧିତ କରି ରଖିବା । ବୋଧହୁଏ କେବଳ ପ୍ରଥମ ଅବସ୍ଥାଟିକୁ ଛାଡ଼ି ଦେଲେ, ଏକାଗ୍ରତାରେ ଯୁକ୍ତିବୁଦ୍ଧିଗତ ପ୍ରକ୍ରିୟାର ସେତେଟା ପ୍ରୟୋଜନ ନାହିଁ ଯେତେଟା ପ୍ରୟୋଜନ ରହିଛି ଗୋଟିଏ ଭାବନା ବା ବିଚାରର ଫଳପ୍ରଦ ସାରମର୍ମଟି ଉପରେ ଯଥାସମ୍ଭବ ଏକାଗ୍ର ରହିବା, ଯାହାଫଳରେ ସେହି ବିଚାର, ଅନ୍ତରାତ୍ମାର ସଂକଳ୍ପର କ୍ରମାଗତ ଚାପ ଦ୍ୱାରା ନିଜ ଅନ୍ତର୍ନିହିତ ସତ୍ୟର ସମସ୍ତ ବିଭାବ ଓ ଦିଗଗୁଡ଼ିକୁ ପ୍ରକାଶ କରିଦେବ । ଏହିପରିଭାବେ ଯଦି ଭଗବତ୍ ପ୍ରେମ ହୁଏ ଏକାଗ୍ରତାର ବିଷୟବସ୍ତୁ, ତା'ହେଲେ ପ୍ରେମ ରୂପରେ ଭଗବାନଙ୍କୁ ଭାବିବାର ସାରମର୍ମ ଉପରେ ମନକୁ ଏପରିଭାବେ ଏକାଗ୍ର କରିବା ଆବଶ୍ୟକ ଯେପରିକି ଏହି ଭଗବତ୍ ପ୍ରେମର ନାନାବିଧ ପ୍ରକାଶ ଓ ଅଭିବ୍ୟକ୍ତି, କେବଳ ମନର ଭାବନା ଆଗରେ ନୁହେଁ, ସାଧକର ହୃଦୟରେ, ତା'ର ସତ୍ତାରେ ଓ ତା'ର ସୂକ୍ଷ୍ମ-ଦର୍ଶନରେ ଜ୍ୟୋତିର୍ମୟ ରୂପନେଇ ପ୍ରକାଶିତ ହୋଇଉଠିବ । ହୁଏତ ପ୍ରଥମେ ଏହାର ଭାବନାଟି ଆସିପାରେ, ଏବଂ ଅନୁଭୂତିଟି ତା'ପରେ ଆସିପାରେ, କିନ୍ତୁ ସମାନଭାବରେ ମଧ୍ୟ ପ୍ରଥମେ ଅନୁଭୂତି ଓ ପରେ ସେହି ଅନୁଭୂତି ଭିତରୁ ତା'ର ଜ୍ଞାନର ଉଦୟ ହୋଇପାରେ । ପରେ, ପ୍ରାପ୍ତ ହୋଇଥିବା ଏହି ଉପଲବ୍ଧିଟି ଉପରେ ଏକାଗ୍ର ହେବାକୁ ହେବ ଏବଂ ତାହାକୁ ଅଧିକରୁ ଅଧିକ ଧାରଣ କରିବାକୁ ହେବ ଯେପର୍ଯ୍ୟନ୍ତ ଏହା ଏକ ନିରନ୍ତର ଅନୁଭୂତିରେ ଏବଂ ଶେଷରେ ସତ୍ତାର ଏକ ଧର୍ମ ବା ବିଧାନରେ ପରିଣତ ନ ହୋଇଛି ।

ଏକାଗ୍ରୀଭୂତ ଧ୍ୟାନର ଏହାହିଁ ହେଉଛି ପ୍ରକ୍ରିୟା, କିନ୍ତୁ ଏହାଠାରୁ ଅଧିକ ଆୟାସସାଧ୍ୟ ପଦ୍ଧତି ହେଉଛି ସମଗ୍ର ମନକୁ କେବଳ ସେହି ଭାବନାଟିର ସାରମର୍ମ ଉପରେ ଏପରି ଏକାଗ୍ର ଓ ନିବଦ୍ଧ କରିରଖିବା ଯାହାଦ୍ୱାରା ଆମେ ବିଷୟବସ୍ତୁଟିର କେବଳ ମନସ୍ତାତ୍ତ୍ୱିକ ଅନୁଭୂତି ନୁହେଁ, ସେହି ଭାବନା ପଛରେ ଥିବା ବସ୍ତୁଟିର ମୂଳ ମର୍ମରେ ଯାଇ ପହଞ୍ଚି ପାରିବା । ଏହି ପ୍ରକ୍ରିୟାରେ ସମସ୍ତ ଭାବନା ବନ୍ଦ ହୋଇଯାଏ ଏବଂ ତାହା ପରିଣତ ହୋଇଯାଏ ଲକ୍ଷ୍ୟ ବସ୍ତୁର ଏକ ତନ୍ମୟ ଓ ପୁଲକମୟ ଧ୍ୟାନରେ ବା ତହିଁରେ ସଂପୂର୍ଣ୍ଣରୂପେ ବୁଡ଼ି ଲୀନ ହୋଇଯିବାର ଏକ ଅନ୍ତର୍ସମାଧିରେ । ଯଦି ଏହି ପ୍ରକ୍ରିୟାଟିକୁ ଅନୁସରଣ କରାଯାଏ, ତା'ହେଲେ ତା'ର ପରିଣତି ସ୍ୱରୂପ ଆମେ ଯେଉଁ ଅବସ୍ଥାକୁ ଉନ୍ନିତ ହେଉ, ସେହି ଅବସ୍ଥାକୁ ପୁଣି ତଳକୁ ଆବାହନ କରି ଆଣିବାକୁ ହେବ ଯାହାଫଳରେ ତାହା ଆମର ନିମ୍ନତର ସତ୍ତାକୁ ମଧ୍ୟ ଅଧିକାର କରିବ ଏବଂ ଆମର ସାଧାରଣ-ଚେତନା ଉପରେ ନିଜର ଆଲୋକ, ସାମର୍ଥ୍ୟ ଓ ଆନନ୍ଦ ବିସ୍ତାର କରିପାରିବ । ତା' ନହେଲେ, ଅନେକ ସାଧକ ଯେପରି କରି-ଥାଆନ୍ତି, ଆମେ ସେହିପରି ଏକ ଉର୍ଦ୍ଧ୍ୱାୟିତ ଅବସ୍ଥାରେ ବା ଏକ ଅନ୍ତର୍ମୁଖୀ ସମାଧିରେ ଏହାକୁ ଅଧିକାର କରିପାରୁ କିନ୍ତୁ

* ଆଭ୍ୟନ୍ତରୀଣ ବିତର୍କ ଓ ବିଚାରର ପ୍ରାଥମିକ ଅବସ୍ଥାରେ ନାନାବିଧ ଭ୍ରାନ୍ତ ଧାରଣାର ସଂଶୋଧନ ଲାଗି ଓ ଏକ ବୁଦ୍ଧିଗତ ସତ୍ୟରେ ଉପନୀତ ହେବା ଲାଗି ଏହା ଆବଶ୍ୟକ ।

ସମାଧି ଭଙ୍ଗ ପରେ ଆମେ ଯେତେବେଳେ ଉଠିପଡୁ ବା ସଂସାରର ସଂପର୍କ ଭିତରକୁ ଓହ୍ଲାଇ ଆସୁ ସେତେବେଳେ ଆମେ ଏହା ଉପରେ ଆମର ଅଧିକାରକୁ ହରାଇ ବସୁ । ଏହି ଅଧାପନ୍ତରିଆ ଅଧିକାର ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ ।

ଆଉ ଏକ ତୃତୀୟ ପ୍ରଣାଳୀ ରହିଛି, ଯେଉଁଥିରେ ପ୍ରଥମେ କୌଣସି ଗୋଟିଏ ବସ୍ତୁ ଉପରେ ଆୟାସପୂର୍ଣ୍ଣ ଧ୍ୟାନ କରାଯାଏ ନାହିଁ, ବା ଭାବନାମୟ-ଦୃଷ୍ଟିର କୌଣସି ଗୋଟିଏ ବିଷୟବସ୍ତୁ ଉପରେ ଆୟାସସାଧ୍ୟ ଧ୍ୟାନ କରାଯାଏ ନାହିଁ । ସର୍ବପ୍ରଥମେ ମନକୁ ସଂପୂର୍ଣ୍ଣ ନୀରବ ଓ ନିଶ୍ଚଳ କରିଦେବାକୁ ହୁଏ । ଏହା ନାନା ବାଟରେ କରାଯାଇପାରେ; ଗୋଟିଏ ବାଟ ହେଉଛି ସମସ୍ତ ମାନସ କ୍ରିୟାରୁ ସଂପୂର୍ଣ୍ଣରୂପେ ପଛକୁ ହଟି ଛିଡ଼ା ହେବା, ଭାବନାରେ ଅଂଶ ଗ୍ରହଣ ନକରି କେବଳ ସେଗୁଡ଼ିକୁ ନିରୀକ୍ଷଣ କରିଚାଲିବା ଯେପର୍ଯ୍ୟନ୍ତ କୌଣସି ଅନୁମୋଦନ ନ ପାଇ ନିଜର ଡିଆଁଡେଇଁ ଓ ଧାଁଧଉଡ଼ରେ କ୍ଲାନ୍ତ ହୋଇ, କ୍ରମାଧିକ ଭାବରେ ଓ ଶେଷରେ ସେଗୁଡ଼ିକ ପୂରା ଶାନ୍ତହୋଇ ନ ଯାଆନ୍ତି । ଆଉ ଗୋଟିଏ ବାଟ ହେଉଛି ଭାବନାର ସମସ୍ତ ପ୍ରସ୍ତାବନାକୁ ପ୍ରତ୍ୟାଖ୍ୟାନ କରିବା, ଯେତେବେଳେ ସେଗୁଡ଼ିକ ଆସନ୍ତି, ଆସିବା ମାତ୍ରକେ ସେଗୁଡ଼ିକୁ ମନରୁ କାଢ଼ି ଫିଙ୍ଗିଦେବା ଏବଂ ଦୃଢ଼ ଭାବରେ ସତ୍ତାର ସେହି ଶାନ୍ତିକୁ ଧାରଣ କରି ରହିବା, ଯାହା ବାସ୍ତବରେ ମନର ସମସ୍ତ ଗୋଳମାଳ ଓ ଉପଦ୍ରବ ପଛରେ ସଦାସର୍ବଦା ବିଦ୍ୟମାନ ରହିଥାଏ । ଯେତେବେଳେ ଏହି ଗୋପନ ଶାନ୍ତି ଅନାବରଣ ହୋଇ ପ୍ରକଟିତ ହୁଏ ସେତେବେଳେ ସତ୍ତାରେ ଏକ ବିରାଟ ସ୍ଥିରତା ପ୍ରତିଷ୍ଠିତ ହୁଏ ଏବଂ ସାଧାରଣତଃ ଏହା ସହ ଆସେ ସର୍ବବ୍ୟାପୀ ନୀରବ ବ୍ରହ୍ମର ଏକ ପ୍ରତ୍ୟକ୍ଷ ଓ ଅନୁଭୂତି; ଏବଂ ସେତେବେଳେ ଅନ୍ୟ ସବୁକିଛି ପ୍ରଥମେ ମନେହୁଏ କେବଳ ଏକ ବାହ୍ୟରୂପ ଓ ଛାୟାଭାସ ମାତ୍ର । ସ୍ଥିରତାର ଏହି ଆଧାର ଉପରେ, ବସ୍ତୁଗୁଡ଼ିକର ବାହ୍ୟ ପ୍ରପଞ୍ଚକୁ ନେଇ ନୁହେଁ, ଭଗବତ୍ ଅଭିବ୍ୟକ୍ତିର ଗଭୀର ସତ୍ୟକୁ ନେଇ, ବସ୍ତୁଗୁଡ଼ିକର ଜ୍ଞାନ ବା ଅନୁଭୂତି ସହ ଅନ୍ୟ ସବୁକିଛିର ନିର୍ମାଣ ସମ୍ଭବ ହୋଇପାରେ ।

ସାଧାରଣତଃ ଥରେ ଏହି ଅବସ୍ଥା ପ୍ରାପ୍ତହେଲେ ଆୟାସସାଧ୍ୟ ଏକାଗ୍ରତାର ଆଉ କୌଣସି ଆବଶ୍ୟକତା ରହେ ନାହିଁ । ତାହାର ସ୍ଥାନ ନେବ ଭାବନାଗୁଡ଼ିକୁ ପ୍ରସ୍ତାବନା ଆକାରରେ ଉପଯୋଗ କରୁଥିବା ସଂକଳ୍ପର ଏକ ମୁକ୍ତ ଓ ସ୍ୱଚ୍ଛନ୍ଦ ଏକାଗ୍ରତା ଏବଂ ନିମ୍ନତର ଅଂଶଗୁଡ଼ିକୁ ଯଥାର୍ଥ ଆଲୋକ ପ୍ରଦାନ । ସେତେବେଳେ ଏହି ସଂକଳ୍ପ ଦୈହିକ ଓ ପ୍ରାଣିକ ସତ୍ତା ଉପରେ, ହୃଦୟ ଓ ମନ ଉପରେ ଚାପ ଦେବ ଯେପରିକି ସେମାନେ ନିଜକୁ ଭଗବାନଙ୍କର ସେହି ରୂପଗୁଡ଼ିକରେ ପୁନର୍ଗଠିତ କରନ୍ତି ଯାହା ନୀରବ ବ୍ରହ୍ମ ଭିତରୁ ସ୍ୱତଃ ପ୍ରକାଶିତ ହୋଇ ଆସିଥାଏ । ପୂର୍ବର ପ୍ରସ୍ତୁତି ଓ ବିଶୁଦ୍ଧି ଅନୁଯାୟୀ ସେହି ଅଂଶଗୁଡ଼ିକ ଅପେକ୍ଷାକୃତ ଦ୍ରୁତ ବା ମନ୍ଥର ଗତିରେ ଊଣା ବା ଅଧିକ ସଂଘର୍ଷ ସହ ସେହି ସଂକଳ୍ପର ବିଧାନ ଓ ପ୍ରସ୍ତାବନାଗୁଡ଼ିକୁ ମାନିନେବାକୁ ବାଧ୍ୟ ହେବେ । ଫଳସ୍ୱରୂପ, ଶେଷରେ ଭଗବାନଙ୍କର ଜ୍ଞାନ ଆମର ଚେତନା ଓ ତାହାର ସକଳ ସ୍ତରକୁ ନିଜର ଅଧିକାର ଭିତରକୁ ଆଣିବ ଏବଂ ବୈଦିକ ସାଧକମାନେ ଯେପରି କରିଥିଲେ, ସେହିପରି ଆମର ମାନୁଷୀ ଅସ୍ତିତ୍ୱ ମଧ୍ୟରେ ଭଗବାନଙ୍କର ଏକ ପ୍ରତିମୂର୍ତ୍ତି ଗଠିତ ହୋଇଯିବ । ପୂର୍ଣ୍ଣଯୋଗ ପାଇଁ ଏହାହିଁ ହେଉଛି ସବୁଠୁ ସିଧା ଓ ଶକ୍ତିଶାଳୀ ସାଧନା । ✤

(Bulletin, Nov. 2006, p. 50 - 52)

ସେ ସବୁଠି ଅଛନ୍ତି । ସେ ସବୁଠି କ୍ରିୟା କରୁଛନ୍ତି ଏବଂ ସେ ନିଶ୍ଚେତନା ଭିତରେ ଆଣି ଦିଅନ୍ତି ଚେତନା । ତୁମେ ଯେତେବେଳେ ଏକ ଅନ୍ଧକାର କୋଠରିରେ ଆଲୋକ ବର୍ତ୍ତିକାଟିଏ ଜଳାଅ, ବିଦ୍ୟୁତ୍ ସଂଯୋଗଟିକୁ ଟିପି ଜଳାଇ ଦେବା ସଙ୍ଗେ ସଙ୍ଗେହିଁ ସେହି କୋଠରିରେ ଆଉ ଅନ୍ଧକାର ରହେ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ଚେତନାକୁ ପ୍ରବେଶ କରାଅ, ଆଉ ଅଚେତନା ରହେ ନାହିଁ । ସେ ତାହାହିଁ କରନ୍ତି । ସେ ଯେଉଁଠି ଯେଉଁଠି ଦେଖନ୍ତି ଅଚେତନା, ତହିଁ ଭିତରେ ପ୍ରବେଶ କରିବାକୁ ସେ ସଚେଷ୍ଟ ହୁଅନ୍ତି ।

— ଶ୍ରୀମା

# ଧ୍ୟାନ ଓ ଏକାଗ୍ରତା ସଂପର୍କରେ

## ଶ୍ରୀମା

*ଶିଷ୍ୟ : ମା', ମୋତେ ଆପଣ ଧ୍ୟାନ ସଂପର୍କରେ କିଛି କହିବେ କି ? ଧ୍ୟାନ କ'ଣ ଓ ମୁଁ ତାହା କିପରି କରିବି ?*

ଶ୍ରୀମା : ଧ୍ୟାନର ଉଦ୍ଦେଶ୍ୟ ହେଲା ନିଜକୁ ବାହ୍ୟ କାର୍ଯ୍ୟକଳାପରୁ ପ୍ରତ୍ୟାହାର କରି ଆଣିବା, ଯାହାଦ୍ୱାରା ତୁମେ ନିଜ ଭିତରର ଗତିବିଧି ଓ କ୍ରିୟାକଳାପଗୁଡ଼ିକ ସଂପର୍କରେ ସଚେତ ହେବ । ଏବଂ ଧୀରେ ଧୀରେ କ୍ରମଶଃ ସଚେତନତା ପରେ ଆସେ ସଂଯମ ଓ ଶେଷରେ ଆସେ ରୂପାନ୍ତର ।

*ଶିଷ୍ୟ : ଥରେ ପ୍ଲେଗ୍ରାଉଣ୍ଡରେ ଆପଣଙ୍କ ଉପରେ ଏକାଗ୍ର ହେବାକୁ ଚେଷ୍ଟା କଲାବେଳେ ମୋତେ ଲାଗିଲା ମୁଁ ଭ୍ରୂଦ୍ୱୟ ମଧ୍ୟଦେଇ ଦେଖୁଛି । କେଇ ସେକେଣ୍ଡ୍ ପାଇଁ ଏହା ଏପରି ଚାଲିଲା କିନ୍ତୁ ପରେ ମୁଣ୍ଡ ବିନ୍ଧିବା ଆରମ୍ଭ ହୋଇଗଲା ।*

ଶ୍ରୀମା : ମଥା ଅପେକ୍ଷା ହୃଦୟ ଅଞ୍ଚଳରେ ଧ୍ୟାନ କରିବା ଉତ୍ତମ । ଏହି ଭାବରେ ମୁଣ୍ଡବିନ୍ଧାରୁ ରକ୍ଷା ମିଳିବ ।

*ଶିଷ୍ୟ : ଏହାହିଁ କ'ଣ ଧ୍ୟାନର ପଦ୍ଧତି ନା ଅନ୍ୟ କିଛି ପଦ୍ଧତି ଅଛି ଯାହା ମୁଁ ଅନୁସରଣ କରିବା ଉଚିତ ?*

ଶ୍ରୀମା : ସମସ୍ତ ବାହ୍ୟ କ୍ରିୟାକଳାପକୁ ଛାଡ଼ି ଦେଇ ଅଚଞ୍ଚଳତା ଓ ନୀରବତା ପାଇଁ ଅଭୀପ୍ସା କର ଓ ତୁମ ଭିତରେ ଥିବା ଦିବ୍ୟ-ଉପସ୍ଥିତିକୁ ଖୋଜି ପାଇବା ପାଇଁ ଚେଷ୍ଟା କର । ତୁମେ ଚାହିଁଲେ, ସେଥିପାଇଁ ସହାୟତାର ଆବାହନ କରିପାର; ତୁମ ଆବାହନର ଉତ୍ତର ସ୍ୱରୂପ ସେହି ସହାୟତା ନିଶ୍ଚୟ ମିଳିବ ।

ପ୍ରେମ ଓ ଆଶୀର୍ବାଦ ସହ ।

*

ମୋତେ ଗୋଟିଏ ପ୍ରଶ୍ନ ପଚରା ଯାଇଛି । ପ୍ରଶ୍ନଟି ବେଶ୍ ଛୋଟ କିନ୍ତୁ ଆଗ୍ରହ ସୃଷ୍ଟି କଲା ଭଳି ଏକ ପ୍ରଶ୍ନ ।

ଜଣେ ସାଧକ ଅତିମାନସ ଶକ୍ତି ଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦିଗରେ ଚେଷ୍ଟା କରିଛନ୍ତି । କିନ୍ତୁ ଏଥିପାଇଁ ସେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ତହିଁରୁ କେତେକ ବିଷୟ ଅତି ସ୍ପଷ୍ଟ ଭାବରେ ସେ ବ୍ୟକ୍ତ କରିଛନ୍ତି । ପ୍ରକୃତରେ ଖୁବ୍ କମ୍ ଲୋକ ଏପରି ସ୍ପଷ୍ଟ ଭାବରେ ସେଗୁଡ଼ିକ କହିବା ପାଇଁ ସାହସ କରି ଥାଆନ୍ତେ । ତାଙ୍କର ବକ୍ତବ୍ୟ ହେଲା :

"ମୁଁ ଧ୍ୟାନରେ ବସେ ଓ ଖୁବ୍ ଆଗ୍ରହ ଓ ଉତ୍ସାହର ସହିତ ପ୍ରାର୍ଥନା କରେ; ମୋର ଅଭୀପ୍ସା ପ୍ରଗାଢ଼ ଏବଂ ମୋର ପ୍ରାର୍ଥନା ଭକ୍ତିଭାବରେ ପୂର୍ଣ୍ଣ କିନ୍ତୁ ତା'ପରେ କିଛି ସମୟ ଯିବାପରେ – ଊଣା ଅଧିକେ ଦୀର୍ଘ ସମୟ ବା କେତେବେଳେ ଅଳ୍ପ ସମୟ ଓ ଆଉ କେତେବେଳେ ଦୀର୍ଘ ସମୟ ପରେ ମୋର ଅଭୀପ୍ସା ଯନ୍ତ୍ରବତ୍ ହୋଇଯିବାକୁ ଆରମ୍ଭ କରେ ଓ ମୋର ପ୍ରାର୍ଥନା ମଧ୍ୟ କେବଳଗୁଡ଼ିଏ ଶବ୍ଦ ମାତ୍ର ହୋଇ ରହେ । ଏଥିପାଇଁ କ'ଣ କରାଯିବା ଉଚିତ ?"

ଏହା କେବଳ ଜଣେ ବ୍ୟକ୍ତିଙ୍କର ସମସ୍ୟା ନୁହେଁ, ଏହା ପୂରାପୂରି ଏକ ସାଧାରଣ ସମସ୍ୟା ଏବଂ ଅଧିକାଂଶଙ୍କ କ୍ଷେତ୍ରରେ ଏପରି ଘଟିଥାଏ ।

ଏ ବିଷୟରେ ମୁଁ ଆଗରୁ ବହୁବାର କହିଛି (କିନ୍ତୁ ପ୍ରସଙ୍ଗକ୍ରମେହିଁ କହିଛି) ଯେ ଯେଉଁ ଲୋକମାନେ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ଦୀର୍ଘ ସମୟ ଧ୍ୟାନରେ ବସିବାର ଏବଂ ସାରା ଦିନ ପ୍ରାର୍ଥନାରେ କଟାଇ ନେବାର ଛଳନା କରନ୍ତି ତହିଁରୁ ତିନି ଚତୁର୍ଥାଂଶ ସମୟ କେବଳ ଯାନ୍ତ୍ରିକ ଭାବରେହିଁ ତାହା କରି ଥାଆନ୍ତି ବୋଲି ମୁଁ ନିଶ୍ଚିତ, ଅର୍ଥାତ୍ ତହିଁରୁ ସମସ୍ତ ଆନ୍ତରିକତା ଚାଲି ଯାଇଥାଏ । କାରଣ ମନୁଷ୍ୟର ପ୍ରକୃତି ସେଥିଲାଗି ତିଆରି ହୋଇ ନାହିଁ ଏବଂ ମନୁଷ୍ୟର ମନ ସେହିପରି ଭାବରେ ଗଠିତ ହୋଇ ନାହିଁ ।

ଏକାଗ୍ର ହେବା ପାଇଁ ଓ ଧ୍ୟାନ କରିବା ପାଇଁ ତୁମକୁ ପ୍ରଥମେ ଗୋଟାଏ ପ୍ରକାର ବ୍ୟାୟାମ ପରି ଅଭ୍ୟାସ କରିବାକୁ ହେବ ଯାହାକୁ ଏକାଗ୍ରତାର 'ମାନସିକ ମାଂସପେଶୀ ଗଠନ' ବୋଲି କୁହାଯାଇପାରେ । ପ୍ରକୃତରେ ତୁମକୁ ଏଦିଗରେ ଏକ ଚେଷ୍ଟାର ଅଭ୍ୟାସ କରିବାକୁ ହେବ, ଉଦାହରଣସ୍ୱରୂପ ଭାର ଉତ୍ତୋଳନ ପାଇଁ ତୁମକୁ ଯେପରି ମାଂସପେଶୀକୁ ଠିକ୍ ଭାବରେ ବ୍ୟବହାର କରିବା ପାଇଁ ଚେଷ୍ଟାର ଅଭ୍ୟାସ କରିବାକୁ ହୁଏ ସେହିପରି ଯଦି ତୁମର ଏକାଗ୍ରତା କୃତ୍ରିମ ନ ହୋଇ ଯଥାର୍ଥରେ ଆନ୍ତରିକ ହେଉ ବୋଲି ଚାହଁ ତୁମକୁ ସେଥିପାଇଁ ଚେଷ୍ଟା କରିବାକୁ ହେବ ।

ପ୍ରାର୍ଥନାର ପ୍ରେରଣା କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥାହିଁ ଘଟିଥାଏ : ହଠାତ୍ ତୁମ ଭିତରେ ଏକ ଶିଖା ପ୍ରଜ୍ୱଳିତ ହୋଇଉଠେ, ତୁମେ ଏକ ଉତ୍ସାହପୂର୍ଣ୍ଣ ପ୍ରବେଗ ଅନୁଭବ କର, ଏକ ନିବିଡ଼ ଆକୁତି ଅନୁଭବ କର ଏବଂ ତାହାକୁ ତୁମେ ଏପରି କେତେଗୁଡ଼ିଏ ଶବ୍ଦରେ ବ୍ୟକ୍ତ କର ଯାହାକି ସ୍ୱତଃସ୍ଫୂର୍ତ୍ତ ହୋଇଥାଏ, ଯଦି ପ୍ରକୃତରେ ତାହା ଯଥାର୍ଥ ପ୍ରାର୍ଥନା-ପଦବାଚ୍ୟ ହୁଏ । ଏହା ହୃଦୟରୁ ଉତ୍ସାରିତ ହେବା ଉଚିତ । ଉତ୍ସାହର ସହ ମସ୍ତିଷ୍କ ଭିତରଦେଇ ନ ଆସି ସିଧା ସ୍ୱତଃସ୍ଫୂର୍ତ୍ତ ଭାବରେ ଏହା ହୃଦୟ ଭିତରୁହିଁ ଆସିବା ଉଚିତ । ଏହାହିଁ ହେଉଛି ଯଥାର୍ଥରେ ପ୍ରାର୍ଥନା । ଯଦି କେବଳ ଗୁଡ଼ିଏ ଶବ୍ଦ ତୁମ ମସ୍ତିଷ୍କରେ ଠେଲାପେଲା ହେଉ ଥାଆନ୍ତି, ତେବେ ତାହା ଆଉ ପ୍ରାର୍ଥନା ହୋଇ ରହିଲା ନାହିଁ । ଆଉ ମଧ୍ୟ ଯଦି ସେହି ଶିଖା ଭିତରକୁ ତୁମେ ଇନ୍ଧନ ଯୋଗାଇ ନ ଦିଅ, ତେବେ କିଛି ସମୟ ପରେ ତାହା ଆପେ ଆପେ ଲିଭିଯିବ ।

ତୁମେ ଯଦି ତୁମର ମାଂସପେଶୀକୁ ବିଶ୍ରାମ ନ ଦିଅ, ଯଦି ସେଗୁଡ଼ିକୁ ଶିଥିଳ କରି ନ ଦିଅ, ତେବେ ସେମାନଙ୍କ ଭିତରେ ରହିଥିବା କ୍ରିୟାତ୍ମକ ଦକ୍ଷତାକୁ ସେମାନେ ହରାଇ ବସିବେ । ତା'ପରେ ଏହା ସ୍ୱାଭାବିକ ଓ ଏପରିକି ଅନିବାର୍ଯ୍ୟ ହୋଇଉଠେ ଯେ କିଛି ସମୟପରେ ସେମାନଙ୍କ କ୍ରିୟାଶୀଳତାରେ ଆଉ ପୂର୍ବର ପ୍ରଗାଢ଼ତା ରହିବ ନାହିଁ ।

ଏହା ସ୍ୱାଭାବିକ ଯେ ଯାହାର ଭାରୋତ୍ତୋଳନର ଅଭ୍ୟାସ ଅଛି... ସେ ଅଧିକ ଦୀର୍ଘ ସମୟ ଧରି ଏହା କରିପାରିବ । ଯେ ଆଦୌ ଏହି ଭାରୋତ୍ତୋଳନ କାମଟି କରି ନାହିଁ ତା' ଅପେକ୍ଷା ସେ ନିଶ୍ଚୟ ଅଧିକ ସମୟ ଏହି କାର୍ଯ୍ୟଟି କରିପାରିବ । ଏକାଗ୍ରତା କ୍ଷେତ୍ରରେ ମଧ୍ୟ ଠିକ୍ ସେଇ ଏକା କଥା – ଯାହାର ଏକାଗ୍ରତାର ଅଭ୍ୟାସ ଅଛି ସେ ନିଶ୍ଚୟ ଏକାଗ୍ରତା ଅଭ୍ୟାସ ନ ଥିବା ଲୋକଠାରୁ ଅନେକ ଅଧିକ ସମୟ ଧରି ଏକାଗ୍ର ରହିପାରିବ । କିନ୍ତୁ ସମସ୍ତଙ୍କ ପାଇଁ ଗୋଟିଏ ସମୟ ଆସି ପହଞ୍ଚେ ଯେତେବେଳେ ଟିକେ ନିଜକୁ ଛାଡ଼ି ଦେବାକୁ ହେବ, ଟିକେ ନିଜକୁ ଶିଥିଳ କରି ଦେବାକୁ ହେବ, ତା'ପରେ ଯାଇ ପୁଣିଥରେ ଭଲ ଭାବରେ ଆରମ୍ଭ କରି ପାରିବ । ତେଣୁ ଯଦି ତୁମର ଏହି ଏକାଗ୍ରତାର ଗତିବୃତ୍ତିଟି ଆରମ୍ଭ ହେବା ସଙ୍ଗେ ସଙ୍ଗେ ବା କେଇ ମିନିଟ୍ ପରେ ବା କେଇ ଘଣ୍ଟା ପରେ ଯନ୍ତ୍ରବତ୍ ମନେହୁଏ ତେବେ ତାହାର ଅର୍ଥ ହେଉଛି ଯେ ତୁମ ଭିତରେ ଢିଲା ହୋଇଯିବାର ବା ଶିଥିଳ ହୋଇଯିବାର ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି ଏବଂ ତୁମ ପାଇଁ ଆଉ ଧ୍ୟାନ କରୁଛ ବୋଲି ଛଳନା କରିବାର କୌଣସି ଆବଶ୍ୟକତା ନାହିଁ । ତା' ଅପେକ୍ଷା ବରଂ ଶ୍ରେୟସ୍କର ହେବ ସେହି ସମୟରେ ଧ୍ୟାନ ନ କରି ବରଂ କିଛି ଉପଯୋଗୀ କାମ କରିବା ।

ମାନସିକ ଚାପ ବା ଭାରର ଉପଶମ ପାଇଁ କିଛିଟା ବ୍ୟାୟାମ ଆଦି କରିବା ଯଦି ତୁମ ପାଇଁ ସମ୍ଭବ ନ ହୁଏ ତେବେ ତୁମେ ସେହି ସମୟ ପାଇଁ କିଛି ପଢ଼ାପଢ଼ି କରିପାର ବା ତୁମ ଭିତରେ କ'ଣ ଘଟୁଛି ତାହା ଲେଖି ରଖିବାକୁ ବା ନିଜକୁ ବ୍ୟକ୍ତ କରିବାକୁ ଚେଷ୍ଟା କରିପାର । ତାହାଦ୍ୱାରା କିଛିଟା ଶିଥିଳତା ଓ ଆବଶ୍ୟକ ବିଶ୍ରାନ୍ତି ମିଳିଥାଏ । କିନ୍ତୁ ପ୍ରକୃତରେ କେତେ ସମୟ ଧରି ତୁମେ ଧ୍ୟାନ କରୁଛ ତାହାର କେବଳ ଏକ ଆପେକ୍ଷିକ ଗୁରୁତ୍ୱ ରହିଛି । ଧ୍ୟାନରେ ସମୟର ଦୀର୍ଘତା କେବଳ ସେହି କାର୍ଯ୍ୟରେ ତୁମ ଅଭ୍ୟାସରହିଁ ପରିଚୟ ଦିଏ ।

ଅବଶ୍ୟ ଧ୍ୟାନର ଏହି ସମୟକୁ ବେଶ୍ ବଢ଼ାଇ ଦିଆଯାଇପାରେ କିନ୍ତୁ ତାହାର ବରାବର ଏକ ସୀମା ଅଛି ଏବଂ ସେହି ସୀମାରେ ପହଞ୍ଚିଲେ ତୁମକୁ ସେତେବେଳେ ଧ୍ୟାନ ବନ୍ଦ କରିଦେବା ଉଚିତ । ତାହା ନିଷ୍ଠାହୀନତା ନୁହେଁ, ତାହା ସାମର୍ଥ୍ୟହୀନତା । ସେତେବେଳେହିଁ ତାହା ନିଷ୍ଠାହୀନ ବା ଆନ୍ତରିକତାହୀନ ହୋଇଉଠିବ ଯେତେବେଳେ ତୁମେ ପ୍ରକୃତରେ ଧ୍ୟାନ କରୁ ନାହଁ ଅଥଚ ଧ୍ୟାନ କରୁଛ ବୋଲି ଛଳନା କର ବା ମନ୍ଦିର ଓ ଗିର୍ଜା ଆଦିରେ ଯେପରି ଅନେକ ଲୋକ ଊଣା ଅଧିକେ ମୁଖସ୍ଥ ପାଠ ଘୋଷିଲା ପରି ବା ଆଚାର-ସର୍ବସ୍ୱ ମନୋଭାବ ନେଇ ପୂଜାପାଠ ଓ ପ୍ରାର୍ଥନା ପଢ଼ିଲା ପରି ତୁମେ ନିଜର ପ୍ରାର୍ଥନାଟି କର, ସେତେବେଳେ ଏହା ପ୍ରକୃତରେ ପ୍ରାର୍ଥନା ନୁହେଁ କି ଧ୍ୟାନ ନୁହେଁ, ଏହା କେବଳ ଏକ ଧନ୍ଦା ମାତ୍ରହିଁ ହୋଇ ରହିବ । ଏଥିରେ ଆଗ୍ରହପ୍ରଦ କିଛି ନ ଥାଏ ।

*

ଏହା ଏକ ସତ୍ୟ ଯେ ପଥ ମଧ୍ୟରେ ସମୟ ନଷ୍ଟ ନ କରିବାକୁ ଯେ ଚେଷ୍ଟା କରୁଥାଏ, ସମୟର କୌଣସି ଅପଚୟ ହେଲେ ତା' ପାଇଁ ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଉଠେ ଏବଂ ସେ ତହିଁରେ ଆଦୌ କୌଣସି ଆନନ୍ଦ ପାଏ ନାହିଁ । ଏବଂ ଥରେ ଯଦି ତୁମେ ସେହି ଅବସ୍ଥା ଲାଭ କରିଛ, ଥରେ ଯଦି ଅଗ୍ରଗତି ଓ ରୂପାନ୍ତର ପାଇଁ ଏହି ପ୍ରଚେଷ୍ଟା ତୁମ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ଉଠିଛି, ଯାହା ଉପରେ ତୁମର

ଭାବନା ନିରନ୍ତର ନିବଦ୍ଧ ହୁଏ, ତା'ହେଲେ ତୁମେ ସେହି ଚିରନ୍ତନ ଅସ୍ତିତ୍ୱ ଦିଗରେ, ତୁମ ସତ୍ତାର ସେହି ସତ୍ୟ ଦିଗରେ ଆଗେଇ ଚାଲିଛ । ଆନ୍ତର ଅଭିବୃଦ୍ଧିର ପଥରେ ନିଶ୍ଚୟ ଏକ ସମୟ ଆସେ ଯେତେବେଳେ ଏକାଗ୍ରତା ପାଇଁ କୌଣସି ପ୍ରଚେଷ୍ଟା କରିବା, ଅଭୀଷ୍ଟ ସତ୍ୟର ଅନ୍ୱେଷଣ ଓ ତାହାର ସର୍ବୋତ୍ତମ ଅଭିବ୍ୟକ୍ତିର ଭାବନାରେ ବୁଡ଼ି ଯିବା – ଯାହାକୁ ବୌଦ୍ଧଧର୍ମୀମାନେ ଧ୍ୟାନ ବୋଲି କହନ୍ତି – ସେହି ଅବସ୍ଥାର ଦୂରରେ, ବରଂ ବିପରୀତ ପକ୍ଷେ ତୁମେ ଅନୁଭବ କର ଏକ ଧରଣର ଉପଶମ, ସ୍ୱାଚ୍ଛନ୍ଦ୍ୟ, ବିଶ୍ରାନ୍ତି ଓ ଆନନ୍ଦ । ଏବଂ ଅସାର ଜିନିଷଗୁଡ଼ିକୁ ନେଇ କାରବାର କରିବା ଯୋଗୁଁ, ଯାହାକିଛି ସମୟର ଅପଚୟ ବୋଲି ମନେ ହୁଏ ସେଗୁଡ଼ିକ ନେଇ ବ୍ୟସ୍ତ ରହିବା ଯୋଗୁଁ ସେହି ଅବସ୍ଥାରୁ ବାହାରି ଆସିବାଟା ଲାଗେ ଭୟାନକ ଯନ୍ତ୍ରଣାଦାୟକ । ବାହ୍ୟ କାର୍ଯ୍ୟ କଳାପଗୁଡ଼ିକ ହ୍ରାସ ଲାଭ କରେ ଓ କେବଳ ସେହି କର୍ମଗୁଡ଼ିକ ରହେ ଯାହା ନିତାନ୍ତ ଆବଶ୍ୟକ, ଯାହା ଭଗବାନଙ୍କର ସେବାରୂପେହିଁ କରାଯାଏ । ଯେଉଁ ସମସ୍ତ କର୍ମ ନିଷ୍ଫଳ, ଅର୍ଥହୀନ, ସଂକ୍ଷେପରେ କହିଲେ ଯେଉଁଗୁଡ଼ିକ ସମୟ ଓ ଚେଷ୍ଟାର ଅପଚୟ ବୋଲି ମନେହୁଏ, ସେଗୁଡ଼ିକ ଆଦୌ କୌଣସି ତୃପ୍ତି ବା ସନ୍ତୋଷ ଦେବା ତ ଦୂରେ ଥାଉ, ବରଂ ଆଣି ଦିଅନ୍ତି ଏକ ଧରଣର ଅସ୍ୱସ୍ତି ଓ ଅବସାଦ । କେବଳ ଯେତେବେଳେ ତୁମେ ନିଜ ଲକ୍ଷ୍ୟ ଉପରେ ଏକାଗ୍ର ହୁଅ ସେତେବେଳେ ତୁମେ ଆନନ୍ଦ ଅନୁଭବ କର ।

ସେତେବେଳେହିଁ ତୁମେ ବାସ୍ତବରେ ତୁମର ଯଥାର୍ଥ ପଥରେ ଆଗେଇ ଚାଲିଥାଅ । ❖

## କର୍ମର ସୁପରିଚାଳନା ସମ୍ପର୍କରେ ଶ୍ରୀମା

...ସମସ୍ତ ସାମୂହିକ କର୍ମରେ ଆନୁଗତ୍ୟ ବା ଅଧସ୍ତନତା ଓ ସହଯୋଗିତାର ଶିକ୍ଷା ଏକାନ୍ତ ପ୍ରୟୋଜନୀୟ । ତାହା ନ ହେଲେ ସବୁକିଛି ଅରାଜକତାରେ ପରିଣତ ହେବ । ଯେକୌଣସି କର୍ମଟିଏ କରାଯାଉ ନା କାହିଁକି ତୁମକୁ ପ୍ରଥମେ ନିଜର ଧାରଣା ଓ ପସନ୍ଦ-ଅପସନ୍ଦଗୁଡ଼ିକୁ ଆଧୀନ୍ୟ ବା ଆନୁଗତ୍ୟର ବଶବର୍ତ୍ତୀ କରି ରଖିବାକୁ ପଡ଼ିବ ବା ସେଗୁଡ଼ିକୁ ଅଲଗା କରି ଗୋଟିଏ ପାଖରେ ରଖିଦେବାକୁ ପଡ଼ିବ । ଯେଉଁସବୁ ସର୍ତ୍ତ ରଖାଯାଇଥାଏ ବା ନିଷ୍ପତ୍ତି ନିଆଯାଇଥାଏ ସେଗୁଡ଼ିକୁ ମାନି, ସେହି ଅନୁଯାୟୀ ସବୁଠାରୁ ଉତ୍ତମ ଫଳଲାଭ ପାଇଁ କାମ କରିବାକୁ ହେବ । ବରାବର ସବୁଠୁ ଯେଉଁ ପ୍ରଧାନ ଅସୁବିଧାଟି ସୃଷ୍ଟି ହୁଏ ତା' ହେଉଛି ପ୍ରତ୍ୟେକଟି କର୍ମୀ ନିଜ ନିଜର ଧାରଣା ଅନୁଯାୟୀ ନିଜ ନିଜ ଧାରାରେ, ନିଜେ ଯାହା ଉଚିତ ବା ଉପଯୋଗୀ ବୋଲି ମନେକରେ ସେହି ଅନୁସାରେହିଁ କାମ କରିବାକୁ ଚାହେଁ ଏବଂ ଆଶା କରେ ଯେ କେବଳ ସେହିଗୁଡ଼ିକୁହିଁ ଅନୁମୋଦନ ମିଳୁ । କାମ ଭିତରେ ଦେଖାଦେଉଥିବା ନାନା ବାଧାବିଘ୍ନ, ବିବାଦ ଓ ବିଶୃଙ୍ଖଳାର ଏହାହିଁ ଅନ୍ୟତମ ମୁଖ୍ୟ କାରଣ । ଏହା ଫଳରେହିଁ କର୍ମୀ ଓ ପରିଚାଳକମାନଙ୍କ ଭିତରେ, କର୍ମ ସମ୍ପର୍କୀୟ ଧାରଣା ଓ ବାସ୍ତବ କର୍ମ ଭିତରେ ନାନା ସଂଘର୍ଷ ସୃଷ୍ଟି ହୁଏ । ସୁସଙ୍ଗତି ଓ ସୌଷମ୍ୟ କେବଳ ସେତିକିବେଳେହିଁ ସମ୍ଭବ ଯେତେବେଳେ କୌଣସି ଅସନ୍ତୋଷ ବା ଅଭିଯୋଗର ମନୋଭାବ ନ ରଖି ସମସ୍ତେ କାମଟିକୁ ଗ୍ରହଣ କରି ନିଅନ୍ତି ।

ଶୃଙ୍ଖଳା ଓ ସୁବ୍ୟବସ୍ଥା ପ୍ରତ୍ୟେକଟି ଜିନିଷ ଭିତରେ ରହିଥିବା ଶକ୍ତିକୁ କେତେ ଗୁଣରେ ବଢ଼ାଇ ନ ଦିଏ ! ଯେଉଁ ଯନ୍ତ୍ରଟିର ସମସ୍ତ କଳକବ୍‌ଜା, ତାହାର ପ୍ରତ୍ୟେକଟି ଅଂଶ, ପ୍ରତ୍ୟେକଟି ଚକ ଓ ଦାନ୍ତ, ପ୍ରତ୍ୟେକଟି ଉତ୍ତୋଳକ ଯନ୍ତ୍ର ସୁବ୍ୟବସ୍ଥିତ ଓ ସୁନିର୍ଦ୍ଦିଷ୍ଟ ଭାବରେ କାମ କରୁଥାଏ, ସେହି ଯନ୍ତ୍ରଟି ସବୁଠୁ ଶକ୍ତିଶାଳୀ ନୁହେଁ କି ? ସେହିଭଳି ଏକ ଯନ୍ତ୍ରରେ ସବୁଠାରୁ ଛୋଟ ପେଚଟିକୁ ମଧ୍ୟ ଯେତେବେଳେ ତା'ର ଯଥା ସ୍ଥାନରେ ଖଞ୍ଜି ରଖାଯାଏ ସେତେବେଳେ ତାହା ବିରାଟ ବିରାଟ ଚକ ସଙ୍ଗେ ସମାନ ଉପଯୋଗୀ ବୋଲି ଦାବି କରିପାରେ ।

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

**୧୦.୧୨.୧୯୩୮**

ଶିଷ୍ୟ : ଆପଣଙ୍କ ସାଧନାପୀଠଭାବେ ପଣ୍ଡିଚେରୀକୁ କାହିଁକି ଆପଣ ବାଛିଲେ ?

ଶ୍ରୀଅରବିନ୍ଦ : ଗୋଟିଏ ଆଦେଶ ମିଳିଥିଲା – ଊର୍ଦ୍ଧ୍ୱରୁ ଯେଉଁ ଅନୁଜ୍ଞା ମିଳିଲା ତା'ରି ଫଳରେ; ସେଥିରେ ମୋତେ ଏଠାକୁ ଆସିବାକୁ କୁହାଯାଇଥିଲା । ଯେତେବେଳେ ମୁଁ ବମ୍ବେରୁ କଲିକତା ଯାଉଥିଲି, ସେତେବେଳେ ଲେଲେଙ୍କୁ ପଚାରିଲି ମୋ ସାଧନା ପାଇଁ ମୋତେ କ'ଣ କରିବାକୁ ହେବ । ସିଏ ଚୁପ୍ ରହିଲେ ଓ କିଛି ସମୟ ପରେ (ସମ୍ଭବତଃ ହୃଦୟରୁ ଆସୁଥିବା ବାଣୀ ପାଇଁ ସେ ଅପେକ୍ଷା କରୁଥିଲେ ।) କହିଲେ, ''ନିୟମିତ ନିର୍ଦ୍ଦିଷ୍ଟ ସମୟରେ ଧ୍ୟାନକର ଓ ହୃଦୟର ଶବ୍ଦ ପ୍ରତି ସଜାଗ ରୁହ ।''

ମୁଁ ମୋ ହୃଦୟରୁ କିଛି ବାଣୀ ଶୁଣି ନାହିଁ, ବରଂ ଅନ୍ୟ କୌଣସି ଏକ ଶବ୍ଦ ଶୁଣିଲି । ମୁଁ ନିର୍ଦ୍ଦିଷ୍ଟ ସମୟରେ ଯେଉଁ ଧ୍ୟାନ କରୁଥିଲି ତାହା ବନ୍ଦ କରିଦେଲି, କାହିଁକି ନା ଧ୍ୟାନାବେଶ ମୋର ସବୁବେଳେ ରହୁଥିଲା । ଯେବେ ଲେଲେ କଲିକତା ଆସିଲେ, ମୋ'ଠାରୁ ଏକଥା ଶୁଣିଲେ – କହିଲେ ଯେ କେଉଁଠୁ ଗୋଟାଏ ଭୂତ ତୁମକୁ ଧରିଛି । ମୁଁ ତାଙ୍କୁ ଏଇ ଉତ୍ତର ଦେଇଥିଲି ଯେ ଯଦି ତାହା ଭୂତ ହୋଇଥାଏ, ତା' ସତ୍ତ୍ୱେ ବି ମୁଁ ତାକୁ ଅନୁସରଣ କରିବି ।

ଶିଷ୍ୟ : ଲୋକେ କହନ୍ତି ଯେ ଆପଣଙ୍କର 'ଯୌଗିକ ସାଧନା' ନାମରେ ଯେଉଁ ରଚନା ତାହା କେଶବ ସେନଙ୍କ ଦ୍ୱାରା ଲେଖା ହୋଇଛି ।

ଶ୍ରୀଅରବିନ୍ଦ : କେଶବ ସେନ ? ଯେତେବେଳେ ମୁଁ ସେ ପୁସ୍ତକ ଲେଖୁଥିଲି ପ୍ରତ୍ୟେକ ଥର ଆରମ୍ଭ ଓ ଅନ୍ତ ସମୟରେ ମୋତେ ରାମମୋହନ ରାୟଙ୍କ ଛବି ଦେଖା ଯାଉଥିଲା । ବୋଧହୁଏ ଲୋକେ ରାମମୋହନ ରାୟଙ୍କ ଜାଗାରେ କେଶବ ସେନ କରି ଦେଇଛନ୍ତି ।

କ'ଣ ତୁମେ 'ଉତ୍ତର ଯୋଗୀ' ନାମର ମୂଳ ରହସ୍ୟ ଜାଣିଛ ?

ଶିଷ୍ୟ : ନାହିଁ, ଆଜ୍ଞା ।

ଶ୍ରୀଅରବିନ୍ଦ : ଦକ୍ଷିଣରେ ଜଣେ ପ୍ରସିଦ୍ଧ ଯୋଗୀ ଥିଲେ ଯିଏ ତାଙ୍କର ମୃତ୍ୟୁ ଆଗରୁ ନିଜ ଶିଷ୍ୟମାନଙ୍କୁ କହିଥିଲେ ଯେ ଉତ୍ତରରୁ ଜଣେ ପୂର୍ଣ୍ଣଯୋଗୀ ଦକ୍ଷିଣକୁ ଆସିବେ ଏବଂ ସିଏ ତାଙ୍କ ନିଜର ତିନୋଟି ବିବୃତି ଦ୍ୱାରା ପରିଚିତ ଥିବେ, ସେଇ ତିନୋଟି କଥନ ଯାହା ମୁଁ ମୋ ସ୍ତ୍ରୀଙ୍କୁ ଲେଖିଥିଲି । ଉକ୍ତ ଯୋଗୀଙ୍କର ଜମିଦାର ଶିଷ୍ୟ ମୋ ଠିକଣା ଖୋଜି ପାଇଲେ ଏବଂ ସେଇ ବ୍ୟକ୍ତି 'ଯୌଗିକ-ସାଧନା'ର ମୁଦ୍ରଣ ଖର୍ଚ୍ଚ ବହନ କରିଥିଲେ ।

ଶିଷ୍ୟ : ରବୀନ୍ଦ୍ରନାଥ ଠାକୁର କେବେ ବି ରାମକୃଷ୍ଣ ଓ ବିବେକାନନ୍ଦଙ୍କ ବିଷୟରେ କେଉଁଠି କିଛି କହି ନାହାନ୍ତି । କେବଳ ଶ୍ରୀରାମକୃଷ୍ଣଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଗୋଟିଏ ଛୋଟିଆ ସାଧାରଣ କବିତା ଲେଖିଥିଲେ । ସେ ଝିଅମାନଙ୍କୁ କହୁଥିଲେ ଯେ ରାମକୃଷ୍ଣ ନାରୀମାନଙ୍କୁ ହେୟ ଭାବରେ 'କାମିନୀ କାଞ୍ଚନ'ହିଁ ସବୁପ୍ରକାର ବନ୍ଧନର ମୂଳକାରଣ ବୋଲି ଭାବୁଥିଲେ, ତା'ସତ୍ତ୍ୱେ ବି ନାରୀମାନେ ତାଙ୍କୁ ପୂଜା କରୁଥିଲେ ।

ଶ୍ରୀଅରବିନ୍ଦ : ମୋର ଯେତେଦୂର ମନେହୁଏ ରାମକୃଷ୍ଣ ଦେବ କାମ-କାଞ୍ଚନ କହୁଥିଲେ । ତାଙ୍କ ମୃତ୍ୟୁପରେ ଯେତେବେଳେ ବିଭାଜନ ହେଲା, ଗୋଟିଏ ଦଳ କହିଲେ ସେ କେବେହେଲେ 'କାମିନୀ' କହୁ ନଥିଲେ, 'କାମ' କହୁଥିଲେ । ମୋର ଅନୁମାନ ବ୍ରାହ୍ମ-ସମାଜରେ କାହାର ବିଶେଷ ଆଧ୍ୟାତ୍ମିକ ଉପଲବ୍ଧି ହୋଇ ନାହିଁ । ଦ୍ୱିଜେନ୍ଦ୍ରନାଥ ଠାକୁର କିଛି ଲାଭ କରିଛନ୍ତି, ଶିବନାଥ ଶାସ୍ତ୍ରୀ ଏବଂ କେଶବ ଚନ୍ଦ୍ର ସେନଙ୍କୁ କିଛି ଉପଲବ୍ଧି ମିଳିଛି । ବିଜୟ କୃଷ୍ଣ ଗୋସ୍ୱାମୀ ତ ବ୍ରାହ୍ମ ଧର୍ମରେ ଆଉ ରହିଲେ ନାହିଁ ।

ଶିଷ୍ୟ : ଲେଲେଙ୍କୁ କିଛି ସିଦ୍ଧି ଉପଲବ୍ଧ ହୋଇଥିଲା କି ?

ଶ୍ରୀଅରବିନ୍ଦ : ନିଶ୍ଚୟ, କିଛି ସିଦ୍ଧି ତାଙ୍କର ଥିଲା, ତେବେ ମୁଁ ଯେପରି କହିଛି ତାଙ୍କର ଉଚ୍ଚାକାଙ୍କ୍ଷା ଓ ଅହଂକାର ବି ଥିଲା ।

ଶିଷ୍ୟ : କୁହାଯାଏ ଯେ ଯିଶୁଖ୍ରୀଷ୍ଟ କେବଳ ସ୍ପର୍ଶ କରିହିଁ ରୋଗ ଭଲ କରି ଦେଉଥିଲେ, ଏହା କ'ଣ ସମ୍ଭବ ?

ଶ୍ରୀଅରବିନ୍ଦ : କାହିଁକି ନୁହେଁ ? ଏପ୍ରକାର ଅନେକ ଉଦାହରଣ ଅଛି ଯେଉଁଠି ରୋଗ ଦୂରୀକରଣ ହୋଇଛି । କିନ୍ତୁ ସେଥିପାଇଁ ବ୍ୟକ୍ତି ପକ୍ଷରୁ ଶ୍ରଦ୍ଧା ଥିବା ଦରକାର ।

ଖ୍ରୀଷ୍ଟ ସ୍ୱୟଂ କହିଥିଲେ, ''ତୋର ଶ୍ରଦ୍ଧାହିଁ ତୋତେ ପୂର୍ଣ୍ଣ କରିଦେଲା !''

ଶିଷ୍ୟ : କ'ଣ ଏପରି ରୋଗ-ନିବାରଣ ପାଇଁ ସର୍ବଦା ଶ୍ରଦ୍ଧାର ଆବଶ୍ୟକତା ରହିଛି ?

ଶ୍ରୀଅରବିନ୍ଦ : ନା, ଶ୍ରଦ୍ଧା ନଥାଇ ମଧ୍ୟ ଆରୋଗ୍ୟ କରି ଦିଆଯାଇପାରେ, ବିଶେଷକରି ସେଇ ଅବସ୍ଥାରେ ଯେତେବେଳେ ଅସୁସ୍ଥ ବ୍ୟକ୍ତି ଜାଣେ ନାହିଁ କ'ଣ କରାଯାଉଛି । ଶ୍ରଦ୍ଧାର ସ୍ଥିତି ମନର ଉପର ସ୍ତରରେ, ତେଣୁ ତା' ବିଷୟରେ କୌଣସି ବି ଆଲୋଚନା ବା ଯୁକ୍ତିତର୍କ ତା'ର ପ୍ରଭାବକୁ ନଷ୍ଟ କରିଦିଏ ।... ଯେତେବେଳେ ଶ୍ରୀରାମକୃଷ୍ଣଙ୍କୁ ଶ୍ରଦ୍ଧା ବିଷୟରେ ପଚରା ଯାଇଥିଲା, ସେ କହିଥିଲେ, ''ଶ୍ରଦ୍ଧା ମାତ୍ରେହିଁ ଅନ୍ଧ, ଅନ୍ଧ ନହୋଇଥିଲେ ତାହା ଶ୍ରଦ୍ଧା ନୁହେଁ ।'' ତାଙ୍କର ଏ ଉକ୍ତି ଏକାନ୍ତ ନିର୍ଭୁଲ ।

ଶିଷ୍ୟ : ମୁଁ ମଧ୍ୟ ଜାଣେ ଏଭଳି ଅନେକ ଦୃଷ୍ଟାନ୍ତ ଯେଉଁଥିରେ ଶ୍ରଦ୍ଧା ଓ ବିଶ୍ୱାସରୁ ଆରୋଗ୍ୟ ଏବଂ ସହାୟତା ମିଳେ । ମୁଁ ଆପଣଙ୍କଠୁ ଭରସା ପାଇ ଫେରି ଯିବାପରେ ଅନେକ ଅସୁବିଧା ଭିତରଦେଇ ଯିବା ସତ୍ତ୍ୱେ ବି ସବୁକିଛି ପାର ହୋଇଯାଇଛି... ମାତ୍ର ଏଠାରେ ପହଞ୍ଚିବା ପରେ ମୁଁ ଆଉ ସେପରି ଫଳ ପାଇଲି ନାହିଁ । ମୁଁ ଭାବିଲି ମୁଁ ନିଜକୁ ଆପଣଙ୍କ ପାଖରେ ଖୋଲିବାକୁ ସକ୍ଷମ ହୋଇପାରି ନାହିଁ । କାରଣ ପରିବେଶର ପ୍ରକୃତିରେ ଏପରି କିଛି ଥିଲା, ଯାହା ସନ୍ଦେହକୁ ଆସିବାକୁ ସୁଯୋଗ ଦେଲା ଏବଂ ମୋର ପୂର୍ବଭଳି ସମାନ ଅଭିଜ୍ଞତା ହେଲା ନାହିଁ ।

ଶ୍ରୀଅରବିନ୍ଦ : ହଁ, ଏ ଦୁଇଟିଯାକ କାରଣରୁ ସେପରି ହୁଏ । ଭୌତିକ ମନର ରାଜ୍ୟରେ ଏ ସବୁଜିନିଷ ରହିଛି ଯାହା ସଂଶୟାଦି ସୃଷ୍ଟି କରେ । ସେଗୁଡ଼ିକ ଏକ ସାଙ୍ଗରେ ପୁଣି ଏକ ସମୟରେ ଆସନ୍ତି, କିଂବା ଗୋଟିକ ପରେ ଗୋଟିଏ ଦେଖା ଦିଅନ୍ତି ଏବଂ ଲୋକଙ୍କ ସଂସ୍ପର୍ଶରେ ଆସିବା ଫଳରେ ବିଶ୍ୱାସ ଅସ୍ପଷ୍ଟ ହୋଇଯାଏ । ମୁଁ ଏକ ଚମକାଇ ଦେବା ଭଳି ଘଟଣା ଜାଣେ । ଭଲ ଓ ସଚ୍ଚା ଲୋକଟିଏ ଆସିଥିଲା ଏଠାକୁ । ଏଠିକାର ଜଣେ ସାଧକ ତାକୁ କହିଲା ସଦାବେଳେ ସତ କହିବା ଏକ ଅନ୍ଧବିଶ୍ୱାସ । ମନକୁ ଯେଉଁ କଥାଟା ଆସୁଛି ସେଇ କଥାଟା କହିବା ପାଇଁ ତୁମର ସ୍ୱାଧୀନତା ଅଛି । ଆଉ ଜଣେ ସାଧକର ଉଦାହରଣ ନିଅ ଯିଏ କହିଲା : କାମ-ପ୍ରବଣତା ଯୋଗ-ସାଧନାରେ ବିଘ୍ନ ଉପୁଜାଇବ ନାହିଁ ଓ ତାହାର ସ୍ୱୀକୃତି ଦିଆଯାଇପାରେ ଏବଂ ପ୍ରତ୍ୟେକ ସାଧକର ନିଜସ୍ୱ ଜଣେ ଶକ୍ତି ରହିବା ଉଚିତ । ଏଇଭଳି ଧାରଣା ଏ ବାତାବରଣରେ ରହିଥିବାଯାଏ ସେଗୁଡ଼ିକର ଅନ୍ୟମାନଙ୍କ ଉପରେ ମନ୍ଦ ପ୍ରଭାବ ପଡ଼ିବ, ଏଥିରେ ଆଶ୍ଚର୍ଯ୍ୟ କ'ଣ ।

ଶିଷ୍ୟ : ଏପରି ଲୋକଙ୍କୁ ଅନ୍ୟମାନଙ୍କଠାରୁ ପୃଥକ୍ କରିଦେବା ଉଚିତ ହୁଅନ୍ତା ନାହିଁ କି ?

ଶ୍ରୀଅରବିନ୍ଦ : ମୁଁ ଏପରି ଭାବିଥିଲି, ପରନ୍ତୁ ଏହା ସମ୍ଭବ ନୁହେଁ । ଶ୍ରୀମା ଥରେ କିଛି ପ୍ରତିବନ୍ଧକ ଲଗାଇବାକୁ ଓ ଶୃଙ୍ଖଳା ବସାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ତା'ଦ୍ୱାରା କିଛି ହେଲାନି । ବ୍ୟକ୍ତିକୁ ନିଜ ଭିତରୁହିଁ ବଦଳିବାକୁ ହେବ । ଅବଶ୍ୟ ଅନ୍ୟାନ୍ୟ ଯୌଗିକ ପଦ୍ଧତି ଅଛି ଯେଉଁଥିରେ କଠୋର ଅନୁଶାସନ ରହିଛି । ବୌଦ୍ଧଧର୍ମ ଏ ଦୃଷ୍ଟିରୁ ଅନନ୍ୟ । ଫ୍ରାନ୍ସରେ ଏପରି ଏକ ବୌଦ୍ଧ ଧର୍ମ-ସମ୍ପ୍ରଦାୟ (Labratte) ଅଛି, ଯାହା ପୂରାପୂରି ମୌନ ରହିବା ପାଇଁ ନିର୍ଦ୍ଦେଶ ଦେଇଥାଏ ।

ଶିଷ୍ୟ : ଯୋଗ ସାଧନାରେ ବାହାରୁ ଏଇପରି କଡ଼ା ଅନୁଶାସନ କ'ଣ ଭଲ ?

ଶ୍ରୀଅରବିନ୍ଦ : ଯଦି ସାଧକ ପୂରାପୂରି ଆନ୍ତରିକଭାବେ ତାହା ପାଳନ କରେ, ତାହାର ପରିଣାମ ଭଲ ହେବ । ଫ୍ରାନ୍ସର ସେଇ ଅନୁଷ୍ଠାନ, ଉଦାହରଣ ସ୍ୱରୂପ, ଫରାସୀ ଦେଶର ସେଇ ଅନୁଷ୍ଠାନରେ ଯେଉଁ କେତେଜଣ ପ୍ରବେଶ କରନ୍ତି ସେମାନେ ନିଜେ କ'ଣ ଚାହାନ୍ତି, ସେକଥା ଅବଗତ ଥା'ନ୍ତି । ସୁତରାଂ ତାକୁ ଲାଭ କରିବା ପାଇଁ ସବୁକିଛି ନିୟମ ମାନି ନିଅନ୍ତି କାହିଁକି ନା ଜାଣନ୍ତି ସେମାନେ ଯେ ପରିଣାମରେ ଲାଭବାନ୍ ହେବେ ।

ଜଗତର ପରିବର୍ତ୍ତନ ହେବା ଦରକାର – ଏ ସ୍ଥାନର ପ୍ରତ୍ୟେକଟି ବ୍ୟକ୍ତି ଜଗତର ଲୋକସମୂହର ସଂକ୍ଷିପ୍ତସାର । ଏଠାର ପ୍ରତ୍ୟେକ ବ୍ୟକ୍ତି ଜଗତର ଏକ ଏକ ଧରଣର ମଣିଷ ଜାତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେଥିମଧ୍ୟରୁ ଗୋଟିଏ ଜାତିର (ସ୍ୱଭାବର) ଲୋକ ଯଦି ନୂତନ ଧର୍ମ ଦ୍ୱାରା ବିଜିତ ହୁଅନ୍ତି, ତା'ହେଲେ ବୁଝିବାକୁ ହେବ ଆମ କାମରେ ଏକ ବଡ଼ ଧରଣର ବିଜୟ ହୋଇପାରିଛି । ଏବଂ ଏଇ ପରିବର୍ତ୍ତନ ଆଣିବା ପାଇଁ ସତତ ଦୃଢ଼ ଇଚ୍ଛାଶକ୍ତିର ଉପସ୍ଥିତି ଆବଶ୍ୟକ । ଏହା ଯଦି ମହଜୁଦ ଥାଏ, ତେବେ ସାଧକ ନିମନ୍ତେ ବହୁଭାବରେ ସହାୟତା ଲଭ୍ୟ ହୋଇପାରିବ – ଯେମିତି ପୂର୍ବେ କରାହୋଇଥିଲା ।

ଶିଷ୍ୟ : ପରନ୍ତୁ ପରବର୍ତ୍ତୀ ସମୟରେ ସାଧନାରେ ଅନେକ କିଛି ମାନ୍ଦା ପଡ଼ିଗଲା ।

ଶ୍ରୀଅରବିନ୍ଦ : ହଁ, ଯେତେବେଳେ ସାଧନା ଭୌତିକ ଓ ଅବଚେତନା-ସ୍ତରକୁ ଓହ୍ଲାଇ ଆସେ, ସେତେବେଳେ ସବୁକଥା କଠିନ ହୋଇଯାଏ । ମୋତେ ତ ସ୍ୱୟଂ ଦୁଇବର୍ଷ କାଳ ସଂଘର୍ଷ କରିବାକୁ ପଡ଼ିଥିଲା; କାହିଁକି ନା ଅବଚେତନା ପୂରାପୂରି ପଥର ଭଳି ନିଥର (inert) । ଯଦିବା ଉପରେ ମୋ ମନ ସମ୍ପୂର୍ଣ୍ଣଭାବେ ସଚେତ ଓ ଜାଗ୍ରତ୍ ଥିଲା କିନ୍ତୁ ତାହା ନିମ୍ନଭୂମିରେ ତା'ର ପ୍ରଭାବ ପକାଇପାରୁ ନଥିଲା । ଏହା ଏକ ଅତୀବ କଠିନ ଭଗୀରଥ ପ୍ରୟାସ (Herculean labour)ର କାର୍ଯ୍ୟ, ତା' ମଧ୍ୟରେ ଥରେ ପ୍ରବେଶ କଲେ, ଲାଗିବ ଯେପରି ଏକ ଅଜଣା ମହାଦେଶ ଭିତରେ ପ୍ରବେଶ କରୁଛ । ଆଗେ ଯେଉଁ ଯୋଗୀ ଥିଲେ, ସେମାନେ ପ୍ରାଣସ୍ତର ପର୍ଯ୍ୟନ୍ତ ଅବତରଣ କରୁଥିଲେ । ଯଦି ଆଗରୁ ମୁଁ ଏହା ଦେଖି ପାରିଥା'ନ୍ତି ତା'ହେଲେ ହୁଏତ ମୋର ଏତେ ଆଗ୍ରହ ଆସି ନଥା'ନ୍ତା । ସେଇ ଗୋଟିକହିଁ ଅନ୍ଧବିଶ୍ୱାସର ଏକ ଉଦାହରଣ । ପ୍ରାଚୀନ ଯୋଗୀ ଭୌତିକ ସ୍ତରରେ ସାଧନା ଆଡ଼କୁ ମନ ଦେଉ ନଥିଲେ, ତାଙ୍କ ପାଇଁ ଏହା ଠିକ୍ ଥିଲା । ମାତ୍ର ମୁଁ ଯଦି ମୋର ଯୋଗସାଧନାକୁ ସେଇ ସ୍ତରରେ ଛାଡ଼ିଦେବି, ତା'ହେଲେ ଅସଲ କାମ ମୋର ସ୍ପର୍ଶରହିତ ହୋଇ ରହିଯିବ – ଅର୍ଦ୍ଧପଥରେ ଅଟକିଯିବ । ଏବଂ ଥରେ ଯଦି ଏଥିରେ ବିଜୟଲାଭ କରାଯାଏ, ତତ୍ପରେ ମୋ ପରେ ଯେଉଁମାନେ ଆସିବେ, ତାଙ୍କ ପାଇଁ ମାର୍ଗ ଅଧିକ ସହଜ ହେବ – ଗୋଟିଏ ସିଦ୍ଧି ଭିତରେ ଅନ୍ୟ ସମସ୍ତଙ୍କ ସାଧନାର ଉପଲବ୍ଧି ନିହିତ ଅଛି କହିବା ଏଇ ଜିନିଷକୁ ବୁଝାଉଛି ନା !

ଶିଷ୍ୟ : ତା'ହେଲେ, ଆମେ ସଭିଏଁ ଉକ୍ତ ବିଜୟ ନିମନ୍ତେ ପ୍ରତୀକ୍ଷା କରିବା !

ଶ୍ରୀଅରବିନ୍ଦ : ତୁମର ଏକ ସହଜ ମାର୍ଗ ଆବଶ୍ୟକ ନା !

ଶିଷ୍ୟ : ଖାଲି ସହଜ ମାର୍ଗ ହେଲେ ଚଳିବ ନାହିଁ, ବରଂ ଆମେ କେବଳ ସେଇ ଶିଶୁ ଭଳି ହେବାକୁ ଚାହୁଁଛୁ ଯାହାକୁ କୋଳରେ ଉଠାଇ ନିଆଯାଇ ହେବ । ଏହା କ'ଣ ସମ୍ଭବ ?

ଶ୍ରୀଅରବିନ୍ଦ : ହଁ, ସମ୍ଭବ, କିନ୍ତୁ ସେଥିପାଇଁ ତୁମକୁ ସଚ୍ଚା ଏକ ଶିଶୁ ହୋଇ ଯିବାକୁ ପଡ଼ିବ – ଗୋଟିଏ ଏକାନ୍ତ ଅକୃତ୍ରିମ ଶିଶୁ ।

ଶିଷ୍ୟ : ରାମକୃଷ୍ଣ କହୁଥିଲେ ଯୋଗୀକୁ ସର୍ବଦା ଖୋଲା ତରବାରି ଭଳି ରହିବା ଦରକାର ନାହିଁ ।

ଶ୍ରୀଅରବିନ୍ଦ : ଏକଥା ସେ କେବେ କହିଥିଲେ ଓ ତାଙ୍କର ଉଦ୍ଦେଶ୍ୟ କ'ଣ ଥିଲା ? ଯୋଗୀକୁ ସଦାବେଳେ ସତର୍କ ରହିବା କଥା, ବିଶେଷ କରି ସାଧନାର ପ୍ରାରମ୍ଭ ଅବସ୍ଥାରେ । ତା' ନହେଲେ ସାଧକ ଯାହାକିଛି ଲାଭ କରିଥାଏ, ତାହା ଦୁମ୍ କରି ଖସି ପଡ଼େ । ତା'ନହେଲେ ଏଠାରେ ସାଧାରଣତଃ ଯେଉଁମାନେ ଅଛନ୍ତି, ସେମାନେ ସାଧନାକୁ ଜୀବନର ଏକମାତ୍ର ଭାଗ ବୋଲି ମାନୁ ନାହାନ୍ତି । ସେମାନଙ୍କ ଅନ୍ତରରେ ଦୁଇଟି ଭାଗ ରହିଛି : ଗୋଟିଏ ଆନ୍ତରିକ, ଅନ୍ୟଟି ବାହ୍ୟ, ସେମାନେ ଯାହାକୁ ଜୀବନର ସାମାନ୍ୟ ବାହ୍ୟ ଗତିବିଧି, ସାମାଜିକ ସମ୍ପର୍କ ଇତ୍ୟାଦି ପାଇଁ ଅଲଗା ରଖିଛନ୍ତି । ସାଧନା ବସ୍ତୁଟିକୁ ସାଧକ ଜୀବନର ଏକମାତ୍ର ଐକାନ୍ତିକ ଭାଗଭାବେ ନେବା ଉଚିତ ।

ଶିଷ୍ୟ : ଆପଣ ଆଶ୍ରମର ଉଜ୍ଜ୍ୱଳମୟ ସମୟର କଥା କହିଥିଲେ ।

ଶ୍ରୀଅରବିନ୍ଦ : ହଁ, ସେତେବେଳେ ସାଧନା ପ୍ରାଣସ୍ତରରେ ଚାଲୁଥିଲା, ଯେତେବେଳେ ସବୁଜିନିଷ ଆନନ୍ଦମୟ ଓ ଶାନ୍ତିପୂର୍ଣ୍ଣ ଥିଲା ଏବଂ ମୁଁ ଯଦି ସେ ଜାଗାରେ ଅଟକି ଯାଇଥା'ନ୍ତି ଆମେ ଗୋଟିଏ ବଡ଼ଧର୍ମର ସ୍ଥାପନା ଅବା ସେ ଧରଣର କିଛି ଆରମ୍ଭ କରିଦେଇ ପାରିଥା'ନ୍ତେ । କିନ୍ତୁ ଅସଲ କାମରେ ହାତ ଦିଆଯାଇ ନଥା'ନ୍ତା ।

ଶିଷ୍ୟ : ଆପଣ କାହିଁକି ଉକ୍ତ ଉପସ୍ଥିତିରୁ ନିବୃତ୍ତ ହୋଇଗଲେ ? କ'ଣ ଆପଣଙ୍କର ନିଜସ୍ୱ ପ୍ରଧାନ କାମରେ ଏକାଗ୍ର ହେବା ପାଇଁ ।

ଶ୍ରୀଅରବିନ୍ଦ : ନା, ଭୌତିକ ବାତାବରଣରୁ ମୁଁ ଆପଣାକୁ ପ୍ରତ୍ୟାହାର କରିନେବା ପାଇଁ ଏପରି କରିଛି । ମା' ଯେଉଁ କାମର ଦାୟିତ୍ୱ ଏବେ ନେଇଛନ୍ତି, ମୁଁ ଯଦି ସେଇ କାମ କରୁଥା'ନ୍ତି, ତା'ହେଲେ ମୋ ନିଜସ୍ୱ କାମ ପାଇଁ ଟିକିଏ ବି ଅବସର ମିଳି ନଥା'ନ୍ତା; ଏସବୁ ଛଡ଼ା, ଏ କାମ ବହୁତ ଶ୍ରମସାଧ୍ୟ ହୋଇଚାଲିଛି ।

ଶିଷ୍ୟ : ବନାରସର ବିଶୁଦ୍ଧାନନ୍ଦଙ୍କ ବିଷୟରେ କୁହାଯାଏ ସିଏ ଅତର ପରି ସବୁପ୍ରକାର ସୁଗନ୍ଧ ନେଇ ଆସିପାରୁଥିଲେ ।

ଶ୍ରୀଅରବିନ୍ଦ : ଏହା କହିବା କଠିନ ଯେ ଉକ୍ତ ସୂକ୍ଷ୍ମ ସୁଗନ୍ଧସବୁ ଭୌତିକୀକରଣ (materialisation) ଦ୍ୱାରା ପ୍ରକଟ କରାଯାଇଛି କି ସେଇସବୁ ସୂକ୍ଷ୍ମ ସୁଗନ୍ଧକୁ ଭୌତିକ ଜଗତ୍ କିଂବା ଇନ୍ଦ୍ରିୟମାନଙ୍କ ଉପରେ ପ୍ରକ୍ଷିପ୍ତ (projected) କରାଯାଇଛି ।

ପଲ୍ ବ୍ରୁଣ୍ଟନ୍ (Paul Brunton)ଙ୍କୁ ସବୁବେଳେ

ବୋଧ ହେଉଥିଲା ଯେ ତାଙ୍କ ସହିତ ସବୁବେଳେ ଏକ ପ୍ରକାର ଚାପ ରହୁଛି । ସେ ମୋର ଫଟୋ ଦେଖିଥିଲେ, ସେଥିରେ ଏପରି କିଛି ଜିନିଷ ତାଙ୍କୁ ଦେଖାଗଲା ନାହିଁ । କିନ୍ତୁ ଯେତେବେଳେ ସେ ଦର୍ଶନକାଳରେ ମୋତେ ଦେଖିଲେ, ସେସମୟରେ ସଙ୍ଗେ ସଙ୍ଗେ ଚିହ୍ନିନେଲେ ଯେ ସେ ଚାପ ମୁଁହିଁ ଥିଲି ।

ଶିଷ୍ୟ : ବ୍ୟକ୍ତି ଧ୍ୟାନ ସମୟରେ ଭୌତିକ ଭାବେ ଉଠୁଥାଏ ଓ ଖସୁଥାଏ କାହିଁକି ?

ଶ୍ରୀଅରବିନ୍ଦ : ଏହା ଭୌତିକ ଶରୀର ନୁହେଁ, ବରଂ ପ୍ରାଣିକ ଶରୀରରେ ହୋଇଥାଏ, ଯାହା ନିଜକୁ ଶରୀରଠାରୁ ପୃଥକ୍ କରିନେଇଥାଏ । ଗୋଟିଏ ସମୟ ଥିଲା ଯେତେବେଳେ ମୁଁ ଭାବୁଥିଲି ଭୌତିକ ସିଦ୍ଧି ଅସମ୍ଭବ । କିନ୍ତୁ ଦିନେ ଆଲିପୁର ଜେଲରେ ଥିଲାବେଳେ ମୁଁ ଦେଖିଲି ମୋ ଦେହ ଏପରି ଏକ ସ୍ଥିତିକୁ ଚାଲିଯାଇଛି, ଯାହା ସାଧାରଣତଃ ସ୍ଥୂଳ-ଭୌତିକ ପାଇଁ ସେପରି ହେବା ସମ୍ଭବ ନୁହେଁ, ତତ୍ପରେ ମୁଁ ଥରେ ନିଜ ହାତକୁ ଉପରକୁ ଉଠାଇ ରଖିବାର ଅଭ୍ୟାସ କରୁଥିଲି ଓ ମାଂସପେଶୀର କିଛି ନିୟନ୍ତ୍ରଣ ବ୍ୟତୀତ ସେଇଭଳି ଉଠାଇବା ଅବସ୍ଥାରେ ରଖୁଥିଲି । ଥରେ ଏପ୍ରକାର ଅବସ୍ଥାରେ ମୋତେ ନିଦ ଲାଗି ଯାଇଛି; ଜେଲ୍‌ୱାର୍ଡର ସେଇ ଅବସ୍ଥାରେ ମୋତେ ଦେଖିଲା ଓ ମୁଁ ମରିଯାଇଛି ବୋଲି ଜେଲରେ ଖବର ଦେଇଦେଲା । କର୍ତ୍ତାମାନେ ଆସିଗଲେ ଓ ମୋତେ ଜୀବିତାବସ୍ଥାରେ ପାଇଲେ; ମୁଁ ତାଙ୍କୁ କହିଦେଲି ଯେ ତାଙ୍କ ୱାର୍ଡର ଗୋଟାଏ ବୋକା ।

ଜୁଲ୍ ରୋମେଁ ନାମରେ ଜଣେ ଫ୍ରେଞ୍ଚ୍ ଲେଖକ ଅଛନ୍ତି, ଚିକିତ୍ସାଶାସ୍ତ୍ର ବିଷୟରେ ତାଙ୍କର ଜ୍ଞାନ ଥିଲା ଓ ତତ୍‌ସହିତ ସେ ଥିଲେ ରହସ୍ୟବାଦୀ । ଚକ୍ଷୁ ବନ୍ଦକରି ଶରୀରର ଅନ୍ୟାନ୍ୟ ଅଙ୍ଗଦେଇ ସେ ଦେଖିପାରୁଥିଲେ । ସେ କହନ୍ତି, ''ଦେଖିବା ପାଇଁ ଆଖି କେବଳ ଏକ ବିଶେଷ ପ୍ରଶିକ୍ଷିତ ଅଙ୍ଗ ମାତ୍ର ।'' ଅନ୍ୟ ଅଙ୍ଗକୁ ବି ଦେଖିବାର ପ୍ରଶିକ୍ଷଣ ଦେଲେ ସେଇ କାର୍ଯ୍ୟ ହୋଇପାରିବ । କିନ୍ତୁ ବିଜ୍ଞାନୀମାନେ ତାଙ୍କର ଏଇସବୁ ପ୍ରଦର୍ଶନ ସ୍ୱୀକାର କରିବାକୁ ରାଜିହେଲେ ନାହିଁ ।

ଅନ୍ୟ ଜଣେ ଶିଷ୍ୟ : ରମଣ ମହର୍ଷି ଅବତରଣ (ଅତିମାନସ ଅବତରଣ)ରେ ବିଶ୍ୱାସ କରୁ ନଥିଲେ ।

ଶ୍ରୀଅରବିନ୍ଦ : ଆମ ଯୋଗର ବାହାରେ ଅନ୍ୟାନ୍ୟ ମାର୍ଗର ସାଧକମାନେ ମଧ୍ୟ ଏଇ ଅବତରଣର ଅନୁଭୂତି ଲାଭ କରିଛନ୍ତି । ରାମକୃଷ୍ଣ ମିଶନ୍‌ର ଜଣେ ବୟସ୍କ ସନ୍ନ୍ୟାସୀ ଊର୍ଦ୍ଧ୍ୱରୁ ଜ୍ୟୋତିଃର ପ୍ଲାବନ ଅବତରଣ କରୁଥିବାର ଅବଲୋକନ କଲେ ଓ ଯେତେବେଳେ ସେ ଏହାର ରହସ୍ୟ ଜାଣିବାକୁ ଚାହିଁଲେ, ତାଙ୍କୁ କୁହାଗଲା ଯେ ଏଇ ଏସବୁ କାଣ୍ଡ ସଇତାନର ଏବଂ ସମସ୍ତ ଉପଲବ୍ଧି ତାଙ୍କର ବନ୍ଦ ହୋଇଗଲା ।

ମହର୍ଷି ଏଇ ଜିନିଷକୁ ତାଙ୍କ ହୃଦୟରେ ଲାଭ କରିଛନ୍ତି ଓ ତାକୁ ନେଇ ସେ ସାଧନା କରିଛନ୍ତି । ସେଇକାରଣରୁ ତାଙ୍କୁ ଅବତରଣର ଅନୁଭବ ମିଳି ନାହିଁ (ଅବା ସେ ବୁଝିପାରି ନାହାନ୍ତି) ।

ଶିଷ୍ୟ : ମୋର ବିଶ୍ୱାସ ଭଗବତ୍ କରୁଣା ଅହେତୁକୀ ।

ଶ୍ରୀଅରବିନ୍ଦ : ହଁ, ଏହା ସତ ହୋଇପାରେ ଭଗବାନଙ୍କ ଦିଗରୁ କିନ୍ତୁ ସାଧକକୁ ବି କିଛି ସର୍ତ୍ତ ଅବଶ୍ୟ ପୂର୍ଣ୍ଣ କରିବାକୁ ହେବ ଯାହାଫଳରେ ଭଗବତ୍ କରୁଣା ତା' ଉପରେ କାମ କରିପାରେ ।

ଶିଷ୍ୟ : କୃପା ତ କୃପା, କିନ୍ତୁ ଆମକୁ ହାତଯୋଡ଼ି କରି ବସିରହିଲେ ଚଳିବ ନାହିଁ । ଯାହାକିଛି ଲାଭ ହୁଏ, ତାହା ଭଗବତ୍ କୃପା ହେତୁ ।

ଶ୍ରୀଅରବିନ୍ଦ : କରୁଣା ଅବଶ୍ୟହିଁ ଅକାରଣ, ଅନପେକ୍ଷ, ତେବେ ଏଥିପାଇଁ ସାଧକକୁ ସର୍ତ୍ତପାଳନ କରିବାକୁ ପଡ଼ିଥାଏ । ଏହା ଏପରି ଏକ ପ୍ରକ୍ରିୟା – ବ୍ୟକ୍ତିକୁ ଯେଉଁ ପାନପାତ୍ରରେ ନିରନ୍ତର କିଛି ଢଳାଚାଲିଛି, ତହିଁରୁ ପ୍ରତିକ୍ଷଣ ସେ ମଣିଷ ତାହାକୁ ବୋହି ଯିବାକୁ ବାଟ ଛାଡ଼ି ଦେଉଛି ।

[ଏଇ କଥୋପକଥନ ଚାଲିଥିଲା ବେଳେ ଜଣେ ଶିଷ୍ୟ ଶ୍ରୀଅରବିନ୍ଦଙ୍କ 'ମା' ପୁସ୍ତିକାରୁ ଏଇ କୃପା ବିଷୟଟି ଉଦ୍ଧୃତ କଲେ : ''ସେଇ ପରମ ଭବବତ୍ କରୁଣା କାର୍ଯ୍ୟ କରିପାରେ କେବଳ ଜ୍ୟୋତିଃ ଓ ସତ୍ୟର ବିଧାନକୁ ଆଶ୍ରୟ କରି, ଅସତ୍ୟ ଓ ଅଜ୍ଞାନ ଯଦି ଭଗବତ୍ କରୁଣା ଉପରେ ଆରୋପ କରାଯାଏ, ତେବେ ସେ କ୍ଷେତ୍ରରେ ତାହା କାର୍ଯ୍ୟ କରିବାକୁ ଅସ୍ୱୀକାର କରେ ।'']

ଅନୁବାଦ : କୃଷ୍ଣା ଦେବୀ ✤

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଅତୀତର ମଣିଷ ଓ ଅନାଗତର ମଣିଷ

ଜାତୀୟ କଂଗ୍ରେସର ବର୍ତ୍ତମାନ ଅଧିବେଶନକୁ ନେଇ ଜନସାଧାରଣଙ୍କ ଦୃଷ୍ଟି ସମ୍ମୁଖରେ ଅଧୁନା ଦୁଇଟି ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ସ୍ପଷ୍ଟରୂପେ ପ୍ରତିଭାତ ହୁଅନ୍ତି । ପରସ୍ପର ସହିତ ଅତି ନିବିଡ଼ ଏ ଦୁଇ ବ୍ୟକ୍ତିଙ୍କ ଆଗମନୀ ଆମ ପାଇଁ ସାମ୍ପ୍ରତିକ ଘଡ଼ିସନ୍ଧି ସମୟରେ ବେଶ୍ ଅର୍ଥପୂର୍ଣ୍ଣ । ସେ ଦୁହେଁ ହେଉଛନ୍ତି ନିଷ୍ପାପର ଦେଶପ୍ରେମୀ । ଉଭୟେ ନିଜ ଉପରେ ନ୍ୟସ୍ତଥିବା କାର୍ଯ୍ୟକୁ ସେମାନଙ୍କ ଜନତା ସକାଶେ ଆଉ ସେମାନଙ୍କୁ ଧାରଣ କରି ରଖିଥିବା ମାତୃଭୂମି ସକାଶେ ସମ୍ପନ୍ନ କରିଛନ୍ତି । ଦୁହେଁଯାକ ହେଉଛନ୍ତି ଦୁର୍ବାର ଅଧ୍ୟବସାୟ ଓ ଉଚ୍ଚ ସାମର୍ଥ୍ୟସମ୍ପନ୍ନ ବ୍ୟକ୍ତି କିନ୍ତୁ ଦୁଇଜଣଙ୍କ ଭିତରେ ଥିବା ସାଦୃଶ୍ୟର ପରିସମାପ୍ତି ସେଇଠାରେହିଁ ଘଟେ । ସେମାନଙ୍କ ଭିତରୁ ଜଣେ ଜୀର୍ଣ୍ଣଶୀର୍ଣ୍ଣ ଓ ବୟୋଜ୍ୟେଷ୍ଠ, ଅର୍ଦ୍ଧଶତାବ୍ଦୀର କଠୋର ଶ୍ରମ ଆଉ ପରିଶ୍ରମରେ ଭାରାକ୍ରାନ୍ତ, ଆମ ପାଖରେ ଆସି ଉଭା ହୁଅନ୍ତି ବିଗତ ଯୁଗର ମଣିଷ ପରି, ଆମକୁ ମନେ ପକେଇ ଦିଅନ୍ତି ଯେ ଏକ ଯୁଗ ଇତ୍ୟବସରରେ ଅତିକ୍ରାନ୍ତ ହୋଇଯାଉଛି, ଆଉ ତା' ସହିତ ଅପସରି ଯାଉଛି ସେଇ ସମସ୍ତ ଚିନ୍ତାଧାରା ଯାହାର ଆକର୍ଷଣ ହଜି ଯାଇଛି, ଆଉ ସେଇ ସକଳ ନିୟମ ଯାହା ଆଜି ନିଷ୍ଫଳ ହୋଇଯାଇଛି, ଏକ ଶକ୍ତି ଆଉ ଆଶାର ଉଚ୍ଛ୍ୱାସ ଯାହା ଦିନେ ସ୍ଫୂର୍ତ୍ତିଯୁକ୍ତ ହୋଇଥିଲା ଜୀବନର ପରିପୂର୍ଣ୍ଣତାକୁ ନେଇ, ତାହା କିନ୍ତୁ ବର୍ତ୍ତମାନ ବଞ୍ଚି ରହିଛି ଖାଲି ତା' ବାର୍ଦ୍ଧକ୍ୟଜନିତ ଜରାଜୀର୍ଣ୍ଣ ଅସ୍ତିତ୍ୱକୁ ନେଇ ଠିକ୍ ଏକ ପ୍ରେତସମ, ତଥାପି ଅର୍ଥହୀନ ଯୁକ୍ତି ବାଢ଼ି ଚାଲିଛି ବାତିଲ କରାଯାଇଥିବା ସାଧାରଣ ଉକ୍ତି ଆଉ ଅବଲୁପ୍ତ ବିଧିବ୍ୟବସ୍ଥାଗୁଡ଼ିକ ସମ୍ପର୍କରେ । ଆର ଜଣକ ଆସି ଦେଖା ଦିଅନ୍ତି ତାଙ୍କ ମୁଖମଣ୍ଡଳକୁ ତୋଳିଧରି ପ୍ରଭାତୀର ଔଜ୍ଜ୍ୱଲ୍ୟ ଅଭିମୁଖେ, ଅନାଗତର ଶକ୍ତିମୟ ଭାରକୁ ତାଙ୍କ ସଳଖ, ପ୍ରଶସ୍ତ ସ୍କନ୍ଧଯୁଗଳରେ ବହନକରି ଠିକ୍ ପରାକ୍ରମ ଆଉ ସାହସର ଏକ ଦୁର୍ବାର ଦୈତ୍ୟପରି । ସଭାପତିର ଆସନରେ ମିଃ: ଦାଦାଭାଇଙ୍କ ଅଭିଭାଷଣର ସ୍ୱରୂପ କ'ଣ ହେବ ଆମେ ଏପର୍ଯ୍ୟନ୍ତ ଜାଣିନୁ । ଏଥିରେ ଥାଇପାରେ ଭବିଷ୍ୟତ୍ ପାଇଁ ପିସ୍‌ଗାଃ (Pisgah) ପର୍ବତ ଚୂଡ଼ାରୁ ଭଗବତ୍ ପ୍ରତିଶ୍ରୁତ ଭୂସମ୍ପତ୍ତିର ସ୍ୱର୍ଣ୍ଣିମ ଦୃଶ୍ୟାବଳୀ, ବହୁଳାଂଶରେ ଏହା ସମ୍ଭବତଃ ହେଉଛି ମରଣୋନ୍ମୁଖୀ ଅତୀତର ସର୍ବଶେଷ ଅବଦାନ । ମିଃ : ତିଳକଙ୍କଠାରୁ ଆମେ କୌଣସି ବଡ଼ ବଡ଼ ଭାଷଣ ଆଉ ଲୋମହର୍ଷଣକାରୀ ମୀମାଂସାର ପ୍ରତ୍ୟାଶା କରୁ ନାହୁଁ । ସବୁଠାରୁ ମହାନ୍ ମର୍ମସ୍ପର୍ଶୀ ଭାଷଣ ଅପେକ୍ଷା ତାଙ୍କର ସ୍ୱୟଂ ଉପସ୍ଥିତିହିଁ ଅଧିକ କ୍ଷମତାଶାଳୀ । କାରଣ ଶାଣିତ ଛୁରିକା ସମ ତାଙ୍କର ସ୍ପଷ୍ଟ ବ୍ୟଙ୍ଗୋକ୍ତି ସତ୍ତ୍ୱେ ସେ ଏକ ବକ୍ତା ହିସାବରେ କିଂବା 'କେଶରୀ'ର ସମ୍ପାଦକଭାବେ ମହାରାଷ୍ଟ୍ରର ରାଜନୈତିକ ଭାବଧାରା ଉପରେ ବିରାଟ ପ୍ରଭାବ ବିସ୍ତାର କରିଥିବା ସତ୍ତ୍ୱେ ଏକ ଲେଖକ ହିସାବରେ ସେ ପ୍ରସିଦ୍ଧି ଲାଭ କରି ନାହାନ୍ତି । କିନ୍ତୁ ତାଙ୍କର ଖ୍ୟାତି ହେଉଛି ଯେ ସେ ଏକ ମଣିଷ, ଯିଏ ଜାଣିଛନ୍ତି କ'ଣ କରିବାକୁ ହେବ ଆଉ କରନ୍ତି ମଧ୍ୟ, ଯିଏ ଜାଣିଛନ୍ତି କ'ଣ ସଙ୍ଗଠିତ କରିବାକୁ ହେବ ତାହାକୁ ସଙ୍ଗଠିତ କରି ଦିଅନ୍ତି, ଯିଏ ଜାଣିଛନ୍ତି କାହାକୁ ପ୍ରତିରୋଧ କରାଯିବ ଆଉ ତାହାକୁ ପ୍ରତିରୋଧ କରି ଦେଖାଇ ଦିଅନ୍ତି । ମୁଖ୍ୟତଃ ସେ ହେଉଛନ୍ତି ଏକ ଖ୍ୟାତନାମା ମଣିଷ ଯିଏ କାମ ପରେ କାମ କରିଯା'ନ୍ତି ଆଉ କର୍ମହିଁ ଆମର ଭାବୀ ରାଜନୈତିକ ଶକ୍ତିମତ୍ତାର ନିଦର୍ଶନ ହେବାକୁ ଅପେକ୍ଷା କରିଛି ।

ଅପରପକ୍ଷେ, ମିଃ : ଦାଦାଭାଇ ହେଉଛନ୍ତି ଏମିତି ଏକ ମଣିଷ ଯିଏ ଖାଲି ଆପତ୍ତି ପରେ ଆପତ୍ତି କରି ଚାଲିଛନ୍ତି; ପୁସ୍ତକଗୁଡ଼ିକ ମାଧ୍ୟମରେ, ସର୍ବସାଧାରଣଙ୍କ ସମ୍ମୁଖରେ ବକ୍ତୃତା ଛଳରେ, ସର୍ବସାଧାରଣରେ ଛପା ଯାଇଥିବା ଲେଖାଲେଖି ଓ ଚିଠିପତ୍ର ଜରିଆରେ ଗୋଟିଏ ଉଦ୍ଦାମ, ପ୍ରଖର ତଥା ଅନବରତ ପ୍ରତିବାଦ କରି କରି ସେ ଅତିବାହିତ କରିଛନ୍ତି ତାଙ୍କର ସାରାଜୀବନ । ବିଗତ ଦିନରେ ଆମ ରାଜନୈତିକ ଶକ୍ତିସାମର୍ଥ୍ୟର ନିଦର୍ଶନ ମିଳିଥିଲା ଖାଲି ପ୍ରତିବାଦରେ କିନ୍ତୁ କର୍ମରେ ନୁହେଁ । ଭାରତରେ ହେଉ ଅବା ଗ୍ରେଟ୍ ବ୍ରିଟେନ୍‌ରେ ହେଉ, ପ୍ରାଚୀନ ସିଦ୍ଧାନ୍ତ ଅନୁସାରେ, କାର୍ଯ୍ୟରେ ସରକାରଙ୍କର ପରମ ଅଧିକାର ରହିଥିଲା ଆଉ ଆମର କର୍ତ୍ତବ୍ୟ ଥିଲା ଅନ୍ୟାୟଭାବେ ନହୋଇ ନ୍ୟାୟ ସମ୍ମତଭାବେ କାର୍ଯ୍ୟ କରିଯିବା ସକାଶେ ସେମାନଙ୍କୁ ପ୍ରେରଣା ଦେବା, କେବଳ ଆମରି ସ୍ୱାର୍ଥ ପାଇଁ କିନ୍ତୁ ସେମାନଙ୍କ ସ୍ୱାର୍ଥ ପାଇଁ ନୁହେଁ । ସେମାନେ ସ୍ୱର୍ଗର

ଦୃତ ହୋଇଥିବେ ବୋଲି ଆମେ ଆଶା କରିଥିଲୁ କିନ୍ତୁ ସେମାନେ ଯେ ନିଜକୁ ତୁଚ୍ଛା ମଣିଷ ହିସାବରେ ସାବ୍ୟସ୍ତ କରିଦେଲେ, ତେଣୁ ଆମେ ପ୍ରତିବାଦ କରିଚାଲିଲୁ ସେମାନଙ୍କ ବିରୋଧରେ । ଆଶା କରାଯାଉଥିଲା ଯେ ଘୋର ପ୍ରତିବାଦର ଏ ଉତ୍ତେଜନା ସେମାନଙ୍କୁ କିଂବା ଅତି କମରେ ଇଂରେଜ ଗୃହରେ ପାଳିତ ମଣିଷମାନଙ୍କୁ ଉତ୍ତେଜିତ କରିବ – ଆମର ହିତକାରୀଭାବେ ସ୍ୱର୍ଗୀୟ ଭାବମୂର୍ତ୍ତିର ରଙ୍ଗରେ ରଞ୍ଜିତ ହୋଇ ସେମାନେ ଯେ ଆସିଥିଲେ, ତାହାକୁ ପ୍ରତିପାଦିତ କରିବା ସକାଶେ । ଯୁବ ପିଢ଼ି ପାଇଁ ଆଜିକାଲି ଏଇ ଆଶାଗୁଡ଼ିକ ଏଭଳି ଅବିଶ୍ୱସନୀୟଭାବେ ନିରର୍ଥକ ହୋଇପଡ଼ିଛି ଯେ ଶିକ୍ଷା, ସାମର୍ଥ୍ୟ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅନ୍ତତଃ କିଛିହେଲେ ଇତିହାସ ଅଧ୍ୟୟନ କରିଛନ୍ତି ସେସବୁ ଆଶାକୁ ମନରେ ପୋଷଣ କରିପାରିଲେ କିପରି, ଭାବି ସେମାନେ ବିସ୍ମୟ ପ୍ରକଟ କରିବା ପାଇଁ ପ୍ରଲୁବ୍ଧ ହୋଇ ଉଠିଛନ୍ତି । କିନ୍ତୁ ମିଃ : ନାରୋଜି ଯେତେବେଳେ ତାଙ୍କର ପେସା ଆରମ୍ଭ କରିଥିଲେ ସେତେବେଳେ ଅଧିକ ନିରାଟ ବାସ୍ତବ କିଂବା ବଳିଷ୍ଠ କାର୍ଯ୍ୟର ସମ୍ଭାବନା କିଛି ନଥିଲା । ମରହଟ୍ଟା ସଂଘ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବାରୁ ଆଉ ଶିଖଜାତି କ୍ଷମତାଚ୍ୟୁତ ହେବା ଦେଖି ପଞ୍ଜାବ ଓ ଦାକ୍ଷିଣାତ୍ୟ ହତବାକ୍ ଓ ନିସ୍ପୃହ ହୋଇପଡ଼ିଲେ; ଭାରତର ଅବଶିଷ୍ଟ ଭାଗ ରାଜନୈତିକ ଦିଗରୁ ସମ୍ପୂର୍ଣ୍ଣ ନିଃସ୍ୱ ଆଉ ଜଡ଼ ପାଲଟି ଯାଇଥିଲା । ଏଭଳି ପରିସ୍ଥିତିରେ ଇଂରେଜ ବିଦ୍ୟାଳୟରେ ଶିକ୍ଷାଲାଭ କରି ଆଉ ଇଂରେଜୀ ଢାଞ୍ଚାରେ ଚିନ୍ତା କରିବାରେ ଅଭ୍ୟସ୍ତ ହୋଇଥିବା ଏକ କ୍ଷୁଦ୍ର ଗୋଷ୍ଠୀର ବ୍ୟକ୍ତିମାନଙ୍କ ହସ୍ତରେ ଜାତିର ଜୀବନକୁ ପୁଣି ଜାଗ୍ରତ୍ କରିବାର ଗୁରୁଦାୟିତ୍ୱକୁ ନ୍ୟସ୍ତ କରିବା ଅବଶ୍ୟମ୍ଭାବୀ ହୋଇଉଠିଥିଲା । ସେମାନଙ୍କର ଦେଶ ନିମିତ୍ତ କେବଳ ଗୋଟିଏ ମହାନ୍ ସେବା ଥିଲା ଯେ ସେମାନେ ଆମକୁ ଆଉ ଥରେ ପ୍ରତ୍ୟାଶାରେ ଓ ରାଜନୈତିକ ଦୃଷ୍ଟିକୋଣରୁ ବଞ୍ଚିବାରେ ଅଭ୍ୟସ୍ତ କରାଇଦେଲେ । ସେମାନଙ୍କର ଭୁଲ୍ ଅପେକ୍ଷା ଆମର ବରଂ ଦୁର୍ଭାଗ୍ୟ ଥିଲା ଯେ ଯେଉଁ ଆଶାସବୁ ସେମାନେ ଘୋଷଣା କରିଥିଲେ ସେଗୁଡ଼ିକ ଥିଲା ପ୍ରବଞ୍ଚନାରେ ଭରା ଆଉ ଯେଉଁ ଜୀବନଚର୍ଯ୍ୟାର ଧାରଣା ସେମାନେ ଆମକୁ ଦେଇଥିଲେ ତାହା ଥିଲା ନିହାତି ରିକ୍ତ ଆଉ ସ୍ଥୂଳ । ରାଜନୈତିକ ଅଭିଜ୍ଞତାରହିତ ହୋଇ, ସତ୍ୟ ଘଟଣାକୁ ଭିତ୍ତି କରିବାରୁ କ୍ଷାନ୍ତରହି ସେମାନେ ବରଂ ନାନା ତତ୍ତ୍ୱ ଓ ଭାବଧାରାଗୁଡ଼ିକ ଉପରେ ରାଜନୈତିକ ମତବାଦକୁ ପ୍ରତିଷ୍ଠିତ କରିବାରୁ ନିବୃତ୍ତ ହୋଇ ପାରିଲେ ନାହିଁ । କୌଣସି ଶିକ୍ଷାଦୀକ୍ଷା ନଥାଇ କେବଳ ଶାସକ ମଣ୍ଡଳୀଠାରୁ ପ୍ରାପ୍ତ ଶିକ୍ଷାକୁ ଗ୍ରହଣ କରି ସେମାନଙ୍କ ଇଂରାଜୀ ଶିକ୍ଷକମାନଙ୍କଠାରୁ ନାନାବିଧ ତତ୍ତ୍ୱ ଓ ଚିନ୍ତାଧାରା ଋଣ କରି ଆଣିବା ବ୍ୟତୀତ କୌଣସି ସ୍ୱତନ୍ତ୍ର ଇଚ୍ଛା ସେମାନଙ୍କର ନଥିଲା । ଇଂରାଜୀ ପୁସ୍ତକ ଓ ପ୍ରଭାବ ଭିତରେ ଆବଦ୍ଧ ରହି ବିଶ୍ୱ ସଂସ୍କୃତିର ପରିବ୍ୟାପ୍ତ, ରୁଚିକର ବାତାବରଣଠାରୁ ବିଚ୍ଛିନ୍ନ ହୋଇ ସେମାନେ ନିଜ ନିଜର ମୂଲ୍ୟବୋଧ ଅନୁସାରେ ଇଂରେଜ ଲୋକମାନଙ୍କୁ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଥିଲେ । ଅଧିକାଂଶ କ୍ଷେତ୍ରରେ ସେମାନେ ଥିଲେ ମେଧାବୀ ଓ ସାମର୍ଥ୍ୟଯୁକ୍ତ ମଣିଷ; ଆଉ ଆମର ଏଣେ ଆବଶ୍ୟକ ହେଉଛି ମେଧା ଓ ସାମର୍ଥ୍ୟଠାରୁ ଆହୁରି ଅଧିକ କିଛି; ଅଭିଜ୍ଞତାର ଆବଶ୍ୟକତାକୁ ପରିତ୍ୟାଗ କରିବା ପାଇଁ ଆଉ ଏକ ଅନନ୍ୟ ଅନ୍ତର୍ଦୃଷ୍ଟିର ପଲକ ମାତ୍ରକେ ସତ୍ୟର ସାକ୍ଷାତ୍କାର ପାଇଁ ଆମର ଲୋଡ଼ା ପ୍ରତିଭାସମ୍ପନ୍ନ ବ୍ୟକ୍ତିର ଚକ୍ଷୁ ।

ସେଇଥିପାଇଁ ଯେଉଁ ଭାବଧାରାଗୁଡ଼ିକ ଉପରେ ଆମ ଆନ୍ଦୋଳନ ଊନବିଂଶ ଶତାବ୍ଦୀରେ ଅଗ୍ରସର ହୋଇଥିଲା ତାହା ଥିଲା ଅତି ଉଦ୍ଭଟ ଆଉ ଭିତ୍ତିହୀନ; ଦେଶ ଭିତରେ ରାଜନୈତିକ ଜୀବନର ବାସ୍ତବତା ସହିତ ଏ ଆନ୍ଦୋଳନର ପନ୍ଥାଗୁଡ଼ିକ ଖାପ ଖାଉ ନଥିଲା, ଏହାର ଉଦ୍ଦୀପନା ଆଉ ଲକ୍ଷ୍ୟକୁ ଏଭଳିଭାବେ ଖାଣ୍ଟି ପାଶ୍ଚାତ୍ୟବାଦୀରେ ପରିଣତ କରି ଦିଆଯାଇଥିଲା ଯେ ସମୁଦାୟ ଜନସାଧାରଣଙ୍କୁ ଅକ୍ତିଆରକୁ ଆଣି ଏକ ନୂତନ ଜାତୀୟ ଜୀବନ ସୃଷ୍ଟି କରିବାର ସମ୍ଭାବନା ଦିଗରେ ପ୍ରତିବନ୍ଧକ ସୃଷ୍ଟି ହେବ । ତେଣୁ ଯେଉଁ ଶକ୍ତିକୁ ଏଥିପାଇଁ ବିନିଯୋଗ କରାଯାଇଥିଲା ତାହା ଥିଲା ସାମାନ୍ୟ, ତା'ର ପ୍ରଖରତା ଆଉ ପରିସର ଥିଲା ସୀମିତ; ଆଉ ଏଥିରୁ ଯେଉଁସବୁ ପରିଣାମ ଉଦ୍ଭବ ହୋଇଥିଲା ତାହା ବିନିଯୋଗ କରାଯାଇଥିବା ସାମାନ୍ୟ ଶକ୍ତି ସାଥିରେ ମଧ୍ୟ ତାଳ ରଖି ପାରି ନଥିଲା । କିନ୍ତୁ ଏଥିରୁ ଦୁଇଟି ଫାଇଦା ଆମକୁ ମିଳିଥିଲା – ଦେଶରେ ରାଜନୈତିକ କାର୍ଯ୍ୟାବଳୀର ଓ ରାଜନୈତିକ ଅଭିଜ୍ଞତାର ନବୀକରଣ । ନୂତନ ଜୀବନୀ ଶକ୍ତିର ସଞ୍ଚାର ଅନ୍ୟାନ୍ୟ ମାର୍ଗରେ ପରିଚାଳିତ ହୋଇଥିଲେ ମହତ୍ତର ସାମର୍ଥ୍ୟ ଓ ବାସ୍ତବିକତା ସହିତ ଜୀବନକୁ ପୁଣି ଥରେ ହୁଏତ ନୂଆ କରି ଗଢ଼ା ଯାଇ ପାରିଥାଆନ୍ତା; କିନ୍ତୁ କେବଳ ଅଭିଜ୍ଞତା ହାସଲ କରିବା ପାଇଁହିଁ ଅବାସ୍ତବତା ଆଉ ନିଷ୍ଫଳତାର ମରୁଭୂମିରେ ସେଇ ସୁଦୀର୍ଘ ଯାତ୍ରା ବୋଧହୁଏ ଅନିବାର୍ଯ୍ୟ ହୋଇ ପଡ଼ିଥିଲା । ସେ ଯାହା ହେଉନା କାହିଁକି, ଏକ ଛୋଟିଆ ଟାଣୁଆ ସଂଗଠନ ଭିତରେ ଥିବା ଦକ୍ଷ

ବ୍ୟକ୍ତିମାନଙ୍କ ଭିତରେ ମିଃ ନାରୋଜି ହେଉଛନ୍ତି ଜଣେ ଯିଏକି ଦେଶର ନୂତନ ରାଜନୈତିକ କର୍ମଧାରାକୁ ଗତିଶୀଳ କରାଇଥିଲେ । ସେ ଯେ ଅଧିକାଂଶ ସହଗାମୀମାନଙ୍କଠାରୁ ଊର୍ଦ୍ଧ୍ୱରେ ରହିଛନ୍ତି, ଗୋଟିଏ କଥାରୁ ତାହା ସ୍ପଷ୍ଟ ରୂପେ ଜଣା ପଡୁଥିଲା । ଅର୍ଥାତ୍ ସେମାନେ ଯେତେବେଳେ ଛୋଟ ଛୋଟ ଓ ଅବାସ୍ତବ ପ୍ରସଙ୍ଗକୁ ନେଇ ନିଜକୁ ଅଯଥା ବ୍ୟସ୍ତ ରଖୁଥିଲେ, ସେତେବେଳେ ସେ ଏକ ବଡ଼ ଧରଣର ଘଟଣାକୁ ଅକ୍ତିଆର କରି ନେଉଥିଲେ, ଆଉ ସମୟ ସୁଯୋଗ ଦେଖି ହେଉ ବା ଅସମୟରେ, ଶୁଣିଲା ବାଲା ଯିଏ ଯେତେ ତାଙ୍କ ହାବୁଡ଼େ ପଡୁଥିଲେ ସେଇ ଘଟଣାଟିକୁ ସମସ୍ତଙ୍କ ଉପରେ ଜବରଦସ୍ତି ପ୍ରୟୋଗ କରୁଥିଲେ ସେଇ ଗୋଟିଏ କଥା କହି – ''ଭାରତବର୍ଷର ଭୟଙ୍କର ଦାରିଦ୍ର୍ୟ ଆଉ ସେ ଦାରିଦ୍ର୍ୟ କିପରି ଦ୍ରୁତ ଗତିରେ ବଢ଼ି ଚାଲିଛି ବ୍ରିଟିଶ ଶାସନ କବଳରେ ।'' ସର୍ବସାଧାରଣଙ୍କ କର୍ଣ୍ଣ କୁହରରେ ଏ ଶବ୍ଦଗୁଡ଼ିକ ନିରନ୍ତର ଫୁଙ୍କିବା ଉଚିତ, ଆବଶ୍ୟକତା ବଶତଃ । ଗୋଟିଏ ପଟେ ବ୍ରିଟିଶ ଶାନ୍ତି, ବ୍ରିଟିଶ ନ୍ୟାୟ ଓ ବ୍ରିଟିଶ ଶାସନର ଆଶୀର୍ବାଦ ବିଷୟକ ନିରନ୍ତର ଅନର୍ଥକ କଥା ଆଉ ଅନ୍ୟପଟେ ବିଧାନ ପରିଷଦ ପାଇଁ, ଏକକାଳୀନ ପରୀକ୍ଷା ସକାଶେ ଓ ଉଚ୍ଚଶିକ୍ଷା ପାଇଁ ହଟ୍ଟଗୋଳ ଆଉ ଅନୁରୂପ ଛଳକପଟ ସମ୍ବନ୍ଧୀୟ ବାଚାଳତାକୁ ନେଇ କ'ଣ ହେଲା, ଏଇ ଏକମାତ୍ର କେନ୍ଦ୍ରୀୟ ତଥା ସବୁଦିଗରୁ ଗୁରୁତ୍ୱପୂର୍ଣ୍ଣ ସତ୍ୟଟି ଚାପି ହୋଇଯାଇ ଦୃଷ୍ଟିପଥରୁ ଅନ୍ତର୍ହିତ ହେବାର ସଂକଟ ଭିତରେ ରହିଗଲା । ଏଜାତି ପକ୍ଷରେ ଉଚିତ ଥିଲା କେବଳ ବ୍ରିଟିଶ ଶାସନ ଅଧୀନରେ ନିଜ ଦାରିଦ୍ର୍ୟର ଅଭିବୃଦ୍ଧି ଯେ ହେଉଛି, ତାହାକୁ ନିହାତି ଉପଲବ୍ଧି କରିବା, ତା'ହେଲେ ଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଏହା ନେଇ ପାରନ୍ତା ଆଉ ମର୍ମେ ମର୍ମେ ଅନୁଭବ କରିପାରନ୍ତା ଯେ ବ୍ରିଟିଶ ଶାସନ ଓ କ୍ରମଶଃ ବଢ଼ି ବଢ଼ି ଚାଲିଥିବା ଦାରିଦ୍ର୍ୟ ଏକତ୍ର ବିଦ୍ୟମାନ ଥିଲେ କାରଣ ଓ ପରିଣାମର ସମ୍ପର୍କଟିକୁ ଧରି । ସବୁଠାରୁ ଶେଷରେ ଆସେ ସେଇ ଦୁର୍ନିବାର ଉପସଂହାରଟି ଅର୍ଥାତ୍ ପରିଣାମର ଉପଶମ କେବଳ ହୋଇପାରନ୍ତା କାରଣର ଅପସାରଣରେ, ଅନ୍ୟ ଭାଷାରେ କହିଲେ ବ୍ରିଟିଶ କିଂବା ବ୍ରିଟିଶ ନିୟନ୍ତ୍ରଣାଧୀନ ସରକାର ପରିବର୍ତ୍ତେ ସ୍ୱାୟତ୍ତଶାସନର ପ୍ରତିଷ୍ଠାରେ । ମିଃ ନାରୋଜିଙ୍କ କଣ୍ଠସ୍ୱର ଅବିରାମ ଗତିରେ ଶୁଭୁଥିଲା ଯାହାଫଳରେ ଏଜାତି ବାଧ ହୋଇଥିଲା ଏଇସବୁ ମୌଳିକ ସତ୍ୟ ଭିତରୁ ପ୍ରଥମ ଦୁଇଟିକୁ ଅଙ୍ଗେ ଲିଭେଇବା ପାଇଁ, ମିଃ ରମେଶ ଦତ୍ତ ଆଉ ଅନ୍ୟମାନେ ଏହାର ଫଳାଫଳ ପାଇବା ଦିଗରେ ପୂରାଦମ୍‌ରେ ସାହାଯ୍ୟ କଲେ । ମିଃ ନାରୋଜି କିନ୍ତୁ ଥିଲେ ପ୍ରଥମ ବ୍ୟକ୍ତି ଯିଏକି ଭାରତୀୟ ଦାରିଦ୍ର୍ୟର ପ୍ରଶ୍ନଟିକୁ ପ୍ରାଧାନ୍ୟ ଦେବାକୁ ବାଧ କଲେ, ଏଇଥିପାଇଁ ଭାରତ ନିଜକୁ ଋଣୀ ମନେକରି ମୃତ ଅବା ଜୀବିତ ଅନ୍ୟ କୌଣସି ପ୍ରାକ୍ତନ ନେତାମାନଙ୍କ ଅପେକ୍ଷା ତାଙ୍କ ନିକଟରେ ଆହୁରି ଗଭୀର କୃତଜ୍ଞତା ପ୍ରକାଶ କରେ । ଏକଥା ସତ ଯେ ତିନିଗୋଟି ସମ୍ବନ୍ଧିତ ସତ୍ୟରୁ ତିନିନମ୍ବର ସତ୍ୟଟିକୁ ସୁସଂଗତଭାବେ ଓ ନିଷ୍କପଟଭାବେ ଘୋଷଣା କରିବାକୁ ସେ ସକ୍ଷମ ହୋଇପାରି ନାହାନ୍ତି; ବିଶେଷ କରି ବିଶୁଦ୍ଧ ଭାରତୀୟ ଉପଭୋକ୍ତା ପାଇଁ ଉଦ୍ଦିଷ୍ଟ ସେସମସ୍ତ ଉକ୍ତି ତାଙ୍କର ବିକୃତ ହୋଇଯାଇଛି ଯେତେବେଳେ ଏକ ସରଳ ସତ୍ୟକୁ ସୀମିତ କରି, ସଂଯତ କରି ରଖିବା ଆଉ ଏପରିକି ଲୁଚେଇ ଦେବାର ଇଚ୍ଛା ସେ ରଖିଛନ୍ତି, ଯଦିଓ ତାହାର ଆବଶ୍ୟକ ଥିଲା, ତଥାପି ତାହାର ଘୋଷଣା ଆହୁରି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥା'ନ୍ତା । ସେ ଯାହାହେଉ ନା କାହିଁକି ଏହା ଏମିତି କିଛି ପ୍ରସଙ୍ଗ ଯାହାକୁ ତାଙ୍କ ବୟସର ଓ ବିଚାରଧାରାର ଜଣେ ବ୍ୟକ୍ତି ଅନ୍ତତଃ ଖୋଲାଖୋଲି ଭାବେ ପ୍ରକାଶ କରିବା ଉଚିତ ଥିଲା ଯେ ବିଦେଶୀ ଶାସନରୁ ମୁକ୍ତିରୂପକ ଦୁର୍ନିବାର ଆବଶ୍ୟକତା ହେଉଛି ଭାରତୀୟ ରାଜନୀତିର ଏକମାତ୍ର ନିୟନ୍ତ୍ରଣକାରୀ ଆଦର୍ଶ । ତାକୁ ଘୋଷଣା କରିବାର ଦାୟିତ୍ୱ ଯେଉଁ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରାଯାଇଛି ସେ କୌଣସି ନରମପନ୍ଥୀ ହେଲେ ଚଳିବ ନାହିଁ । ତାଙ୍କର ଆମ ସହ ଏକ ହାର୍ଦ୍ଦିକ ସମ୍ବନ୍ଧ ରହିବା ଉଚିତ । ଏଇ ଭାରତରେ ଆଉ କଂଗ୍ରେସର ସଭାପତି ଆସନରେ ଥାଇ ତାଙ୍କ କଣ୍ଠଧ୍ୱନି ଯେ ଆମରି ସପକ୍ଷରେ ନିନାଦିତ ହୋଇ ଉଠିବ ଆମେ ଦୃଢ଼ତାର ସହିତ ଆଗରୁ ଏକଥାର କୌଣସି ସୂଚନା ଦେଇପାରୁନୁ । ଯଦି ଏକଥା ହୋଇଥାଏ ପରମଶ୍ରଦ୍ଧାସ୍ପଦ ସେଇ ମଞ୍ଜୁରିଟି ତାଙ୍କଠାରୁ ମିଳିଗଲେ ତାହା ଆମ ପ୍ରଚେଷ୍ଟା ପାଇଁ ଏକ ଅବଲମ୍ବନ ହୋଇପଡ଼ିବ; ଯଦି ତା' ନହୁଏ ତା'ହେଲେ ଏ ସମ୍ପର୍କରେ ତାଙ୍କର ମଉନଭାବ କିଂବା ବିରୋଧ ଆମର ଅନ୍ତିମ ବିଜୟରେ ପ୍ରତିବନ୍ଧକ ହେବ ନାହିଁ । ସେଥିପାଇଁ, ବ୍ୟକ୍ତିଗଣ ଯେତେ ବରେଣ୍ୟ କି ସମ୍ମାନାସ୍ପଦ ହୋଇଥାଆନ୍ତୁ ନା କାହିଁକି ସେମାନଙ୍କ ମୁଖନିଃସୃତ ବାର୍ତ୍ତା ଏ ବିଜୟକୁ କେବେ ବି ବିଳମ୍ବିତ କିଂବା ପରିବର୍ତ୍ତିତ କରିପାରିବନି ଯାହା ମହାକାଳର ତଥା ମହାଭାଗ୍ୟର ଅଭିପ୍ରାୟ ।

[ବନ୍ଦେ ମାତରଂ, ଡିସେମ୍ବର ୨୬, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ମୋର ପ୍ରଥମ ପ୍ରଣାମ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ତୁମେମାନେ ମା'ଙ୍କୁ ମା' ବୋଲି ଚିହ୍ନିଛ ଓ ଡାକିଛ ପ୍ରାୟ ତୁମ ଜନ୍ମଠାରୁ – ଯେବେଠାରୁ ଜ୍ଞାନ ହୋଇଛି ସେବେଠାରୁ। ଆମମାନଙ୍କର – ବଡ଼ମାନଙ୍କର – ସେ ଭାଗ୍ୟ ହୋଇନି – ଆମମାନଙ୍କର ଜ୍ଞାନ ହୋଇଛି, ଆଖି ଖୋଲିଛି ଅନେକ ଅନେକ ଡେରିରେ – ବହୁତ ସମୟ ଆମର ନଷ୍ଟ ହୋଇଯାଇଛି, ବୃଥାରେ ଯାଇଛି। ଯା'ହେଉ ଏକଥା ଜାଣିଛ ତ – never too late to mend; ଏବଂ ନଷ୍ଟ ସମୟ ପୁନରୁଦ୍ଧାର ମଧ୍ୟ କରାଯାଇପାରେ, ପୂରଣ କରି ନିଆଯାଇପାରେ – ସେ ଏକ ମଜାର ରହସ୍ୟ।

କହୁଛି ତେଣୁ – ମା'ଙ୍କୁ ତୁମମାନଙ୍କୁ ଚିହ୍ନେଇଦେବା ଆବଶ୍ୟକ ହୋଇ ନାହିଁ – ମା'ଙ୍କ କୋଳରେ ତ ପ୍ରାୟ ତୁମେମାନେ ଜନ୍ମହୋଇଛ ଏବଂ ବଡ଼ ହୋଇଉଠିଛ। ଆମମାନଙ୍କୁ ମା'ଙ୍କୁ ଚିହ୍ନେଇ ଦିଆହୋଇଛି – ଆମେମାନେ ଏକ ସାବତ ମା' କୋଳରେ ଜନ୍ମ ନେଇଥିଲୁ ଓ ବଡ଼ ହୋଇଥିଲୁ – ଯଦିଓ ସେ ମଧ୍ୟ ମା'ଙ୍କର ଆଉ ଏକ ମାୟାମୟ ରୂପ।

ମା'ଙ୍କ କଥା ପ୍ରଥମେ ଶୁଣାଯାଉ, ଆମମାନଙ୍କର ଏଠାକୁ ଆସିବାର କିଛିଦିନ ପରେ। ଶୁଣିଥିଲି ଶ୍ରୀଅରବିନ୍ଦଙ୍କ ମୁଖରୁ ଯେ ଜଣେ ମହିଳା ଅଛନ୍ତି ଫରାସୀ ଦେଶର ପ୍ୟାରିସ୍ ସହରରେ – ସେ ଜଣେ ବଡ଼ ସାଧିକା। ସେ ଶ୍ରୀଅରବିନ୍ଦଙ୍କ ସଙ୍ଗେ ସଂଯୋଗ ସ୍ଥାପନ କରିବାକୁ ଚାହାନ୍ତି। ଶ୍ରୀଅରବିନ୍ଦ ଯେ ତାଙ୍କରି ଉଦ୍ଦିଷ୍ଟ ମହାପୁରୁଷ ଏ କଥାର ପ୍ରମାଣ ସେ ପାଇବେ ଗୋଟିଏ ଚିହ୍ନଦେଇ – ଗୋଟିଏ ଜିନିଷ ସେ ପଠାଇବେ ଶ୍ରୀଅରବିନ୍ଦଙ୍କୁ – ଯଦି ଶ୍ରୀଅରବିନ୍ଦ ତାହା ଚିହ୍ନି ପାରନ୍ତି। ଜିନିଷଟି ହେଉଛି – ଶ୍ରୀଅରବିନ୍ଦଙ୍କର ପ୍ରତୀକଟି – ଅଙ୍କିତ ପ୍ରତୀକ ବା ଚକ୍ର, ଯାହାକୁ କୁହାଯାଏ Solomon's seal। କହିବା ବାହୁଲ୍ୟ ଯେ ପ୍ରମାଣ ପରେ ଏଠାକୁ ଆସିବାର ବ୍ୟବସ୍ଥା ଆରମ୍ଭ ହେଲା। ରିସାର ସାହେବ ସେତେବେଳେ ଆଧ୍ୟାତ୍ମିକ ସାଧନା ଓ ଚିନ୍ତାର ଅନୁରାଗୀ – ଏଠାକୁ ଆସିବା ଲାଗି ତାଙ୍କୁ ମଧ୍ୟ ଏକ ସୁଯୋଗ ମିଳିଲା – ଫରାସୀ ଭାରତର ପ୍ରତିନିଧି ହିସାବରେ ସେ ନିର୍ବାଚିତ ହୋଇପାରିବେ କି ନାହିଁ ଫରାସୀ-ପ୍ରତିନିଧି ସଭାକୁ – ଏଇ ପଦର ପ୍ରାର୍ଥୀ ହେବାକୁ ସେ ଚାହିଁଲେ। ସେ ସମୟରେ ଫରାସୀ ଭାରତରୁ ଦୁଇଜଣ ପ୍ରତିନିଧି ନିର୍ବାଚିତ ହେଉଥିଲେ ଫରାସୀ ଦେଶର ଉଚ୍ଚତର ସଭାକୁ (Sénate) ଏବଂ ନିମ୍ନତର ସଭାକୁ (Chamber des Députés)। ଏଇ ନିର୍ବାଚନ କଥା ମୁଁ ଥରେ କହିଛି – ଏହି ଉପଲକ୍ଷ୍ୟରେ ଏଠାରେ ଏପରି ଦ୍ୱେଷ ଥିଲା ଯେ ତାହା ଏକ ବାସ୍ତବିକ ମାରପିଟ ଓ ରକ୍ତାକ୍ତ ହେବାର ଘଟଣା – ସାଧାରଣଙ୍କ ପକ୍ଷେ ଆତଙ୍କର ବ୍ୟାପାର।

ପ୍ରଥମତଃ ରିସାର ସାହେବ ଆସିଥିଲେ ଏକାକୀ – ଖୋଜଖବର ନେବାକୁ, ପରେ ଆସିଲେ ମା'ଙ୍କ ସଙ୍ଗରେ। ଶ୍ରୀମା ଓ ପଲ୍ ରିସାର ବାହ୍ୟତଃ ଆସିଥିଲେ ନିର୍ବାଚନ ଜନିତ ପ୍ରଚେଷ୍ଟା ବା ଭୋଟ-ସଂଗ୍ରହ ଅନୁଷ୍ଠାନ ନିମନ୍ତେ। ଅବଶ୍ୟ ଶେଷରେ ରିସାର ସାହେବ ବିଶେଷ କିଛି ଭୋଟ ପାଇଲେ ନାହିଁ – କିନ୍ତୁ ଏଇ ଘଟଣାକୁ ଉପଲକ୍ଷ୍ୟ କରି ମା'ଙ୍କର ଦେଖା ସାକ୍ଷାତ୍ ହେଲା ଶ୍ରୀଅରବିନ୍ଦଙ୍କ ସଙ୍ଗେ; ବିଶ୍ୱସ୍ତ ବନ୍ଧୁବାନ୍ଧବ, ଅନୁଗତ କେତେଜଣ ଯୋଗଦେଲେ ମଧ୍ୟ। ଏଇ ପ୍ରସଙ୍ଗରେ ଶ୍ରୀମାଙ୍କୁ ଥରେ କାରାଇକାଲ ଯିବାକୁ ପଡ଼ିଥିଲା – ସତ୍ୟ ଅର୍ଥାତ୍ ବାହ୍ୟିକ ଭାରତର ଏଇ ପ୍ରଥମ ଅଭିଜ୍ଞତା ତାଙ୍କର – ତାଙ୍କୁ ରହିବାକୁ ଦିଆହୋଇଥିଲା ଏପରି ଗୋଟିଏ ଘରେ ଯାହାର ବିବରଣୀ ମା' ନିଜେହିଁ ଦେଇଥିଲେ ରହସ୍ୟଚ୍ଛଳରେ – ଯେପରି ଅନ୍ଧକାର, ସେପରି ଅପରିଷ୍କାର, ଜୀର୍ଣ୍ଣ ଓ ଶ୍ୱେତପିପୀଲିକା ଅଧ୍ୟୁଷିତ। ଅର୍ଥାତ୍ ଏଇ ପ୍ରକାରରେ 'ସୌମ୍ୟା ସୌମ୍ୟତରା – ଅଶେଷ ସୌନ୍ଦର୍ଯ୍ୟ ଅପେକ୍ଷା ମଧ୍ୟ ଅତି ସୁନ୍ଦରୀ' ଯେ ଦିବ୍ୟଜନନୀ ତାଙ୍କୁ ଓହ୍ଲାଇ ଆସି ପ୍ରବେଶ କରିବାକୁ ହୋଇଛି ମାନବଜୀବନର କଳୁଷକଲ୍ମଷ ମଧ୍ୟକୁ – ନ' ହେଲେ ଆମ ଭଳି ଏହିସବୁ ଅଭାଜନମାନଙ୍କର ଗତି କ'ଣ ହୋଇଥା'ନ୍ତା ?

ଯେତେବେଳେ ପ୍ରଥମେ କଥା ଉଠିଲା ଯେ ଏଇପ୍ରକାର ଜଣେ 'ମହୀୟସୀ' ମହିଳା ଆସିବେ ଏବଂ ଆମମାନଙ୍କର ସଙ୍ଗେ ଘନିଷ୍ଠତା ସ୍ଥାପନ କରିବେ, ସେତେବେଳେ ସମସ୍ୟା ଉଠିଲା ଆମମାନଙ୍କର ଆଚାର-ବ୍ୟବହାର, ଆଦବ-କାଏଦା କି ପ୍ରକାରର ହେବ ? କାରଣ ଆମେ ତ ଥିଲୁ ବେପରୁଆ ଜୀବସବୁ – ଖାଇବା, ପିନ୍ଧିବା, ଶୋଇବା-ବସିବା, ଚଲାବୁଲା, କଥାବାର୍ତ୍ତା ସବୁ ଥିଲା ବାଧାବନ୍ଧନହୀନ ମୁକ୍ତ ଛନ୍ଦରେ। ଭଦ୍ରସମାଜରେ ତାହା ଠିକ୍ ଚଳେ ନାହିଁ। ଯା'ହେଉ, ତେବେ ସିଦ୍ଧାନ୍ତ ହେଲା ନୂତନ ଅବସ୍ଥାରେ ଆମମାନଙ୍କର ମୁକ୍ତଧାରା ଯେତେଟା ସମ୍ଭବ ବଜାୟ ରଖାଯିବ – ଆମେ କାହିଁକି ଆମର ସ୍ୱାଚ୍ଛନ୍ଦ୍ୟ-ସ୍ୱାଧୀନତାକୁ

ଅବନତ ବା ଖର୍ବିତ ହେବାକୁ ଦେବୁ ? ମନୁଷ୍ୟର ଅଜ୍ଞାନ ଅହଂକାର ଏଇ ଭାବରେହିଁ ତା'ର ନିଜତ୍ୱର ସ୍ୱର୍ଦ୍ଧା ଘୋଷଣା କରେ ।

ମା' ଆସିଲେ – ଶ୍ରୀଅରବିନ୍ଦଙ୍କ ସହ ଦେଖା ହେଉଥିଲା ଅପରାହ୍ଣ ସମବେତ ବୈଠକରେ – ନିଜେ ସେ କଥା କହୁଥିଲେ ଖୁବ୍ କମ୍ । ଆମେମାନେ ସେଇ ସମୟଟା ପ୍ରାୟ ବାହାରେ ବାହାରେ କଟାଉଥିଲୁ । ମଝିରେ ମଝିରେ କେବେ ଉପସ୍ଥିତ ରହୁଥିଲୁ । 'ଆର୍ଯ୍ୟ' ପତ୍ରିକାର ପ୍ରସ୍ତାବନା ଓ ସୂଚନାରେ ସେହିଁ ସବୁ ବ୍ୟବସ୍ଥାର ଭାର ଗ୍ରହଣ କରିଥିଲେ । ଗ୍ରାହକମାନଙ୍କର ନାମ ତାଲିକା ନିଜ ହାତରେ ଲେଖନ୍ତି, ହିସାବପତ୍ର ନିଜେହିଁ ରଖନ୍ତି, ସେସବୁ ଖାତାପତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ବୋଧହୁଏ ଅଛି । ତା'ପରେ ଶ୍ରୀଅରବିନ୍ଦଙ୍କ ଲେଖା ଇଂରାଜୀରୁ ଫରାସୀ ଅନୁବାଦ କାର୍ଯ୍ୟରେ (''ଆର୍ଯ୍ୟ''ର ଫରାସୀ ସଂସ୍କରଣ ନିମନ୍ତେ) ଏକା ସେଇହିଁ ସାହାଯ୍ୟ କରନ୍ତି ରିସାର ସାହେବଙ୍କୁ । ଡ୍ୟୁପ୍ଲେ ହାଉସର ତଳ ମହଲାରେ ବହିସବୁର ଷ୍ଟକ୍ ଥିଲା, ଏବଂ ଗେଷ୍ଟ୍ ହାଉସ୍‌ର ତଳ ମହଲାରେ ଥିଲା ଅଫିସ – ଶ୍ରୀମାହିଁ ଥିଲେ ତାହାର ପ୍ରଧାନ ଅବା ସର୍ବେସର୍ବା କର୍ମକର୍ତ୍ତ୍ରୀ । ସପ୍ତାହରେ ଗୋଟିଏ ଦିନ ଆମେ ସମସ୍ତେ ତାଙ୍କ ଘରକୁ ଯାଉଥିଲୁ ଶ୍ରୀଅରବିନ୍ଦଙ୍କ ସମେତ, ସାନ୍ଧ୍ୟ ଭୋଜନ ନିମନ୍ତେ – ଏକ ସଙ୍ଗେ ଭୋଜନ ହେଉଥିଲା – ଗୋଟିଏ କିଂବା ଦୁଇଟି ପଦାର୍ଥ ମା' ନିଜ ହାତରେ ରାନ୍ଧୁଥିଲେ । ପରେ, ମା' ଯେତେବେଳେ ଫେରି ଆସନ୍ତି ଶେଷଥର ପାଇଁ, ବାୟୁଦ୍ ହାଉସରେ ମଧ୍ୟ ଏଇ ପ୍ରକାର ବ୍ୟବସ୍ଥା ହୋଇଥିଲା – ପୂର୍ବରୁ ମୁଁ ସେକଥା କହିଛି । ଏଇ ସମୟରେ କେତେଜଣ ଯୁବକଙ୍କୁ ନେଇ ଗୋଟିଏ ଛୋଟ ଗୋଷ୍ଠୀ ମଧ୍ୟ ତିଆରି କରିଥିଲେ, ଏ କଥା ମଧ୍ୟ ମୁଁ ପୂର୍ବରୁ ଉଲ୍ଲେଖ କରିଛି ।

ତାଙ୍କ କର୍ମର ପୁଣି ଏକ ତୃତୀୟ ଧାରା ମଧ୍ୟ ସେତେବେଳେ ଦେଖା ଦେଇଥିଲା – ବ୍ୟବସାୟ ବାଣିଜ୍ୟର କାରବାର – ବର୍ତ୍ତମାନ ଯେପରି ଆମମାନଙ୍କ ମଧ୍ୟରେ ରହିଛନ୍ତି ବ୍ୟବସାୟୀ-ଭକ୍ତ ଏବଂ ଭକ୍ତ ବ୍ୟବସାୟୀ; ମା'ଙ୍କ ଆଶ୍ରୟରେ, ପରାମର୍ଶରେ ଚାଲନ୍ତି ଯେଉଁମାନେ – ସେହିପରି ସେଯୁଗରେ ମଧ୍ୟ ବୀଜାକାରରେ ଦେଖାଦେଇଥିଲା ଏଇ ଏକ ଧାରା । ଆମର ସୌରୀନ ସ୍ଥାପନ କଲେ ଆର୍ଯ୍ୟ ଷ୍ଟୋର୍ସ୍ (Aryan Stores) – ଲକ୍ଷ୍ୟ ଅର୍ଥୋପାର୍ଜନ – ଆମମାନଙ୍କର ଆର୍ଥିକ ଅସ୍ୱଚ୍ଛଳତା ସେତେବେଳେ ଖୁବ୍ ତୀବ୍ର ଥିଲା – ବର୍ତ୍ତମାନ ଯେ ସ୍ୱଚ୍ଛଳ ତା' ନୁହେଁ, ତେବେ ଏଇ ବ୍ୟବସାୟାଦି ବିଷୟରେ ଶ୍ରୀମା ଏଠାରୁ ଚାଲିଯିବା ପରେ ମଧ୍ୟ ଜାପାନରୁ ସୌରୀନ ସଙ୍ଗେ ପତ୍ରାଳାପ କରୁଥିଲେ ।

ଏକ ସମୟରେ ମା'ଙ୍କର ଏକ ବିଶେଷ କର୍ମଯୋଗ ଦେଖା ଦେଇଥିଲା ବିରାଡ଼ିମାନଙ୍କୁ ନେଇ । କେବଳ ସେ ମନୁଷ୍ୟମାନଙ୍କୁ ନେଇ ଯେ ବ୍ୟାପୃତ ଥିଲେ ତା' ନୁହେଁ, ପଶୁମାନଙ୍କର ଜଗତ୍ ଏବଂ ଗଛପତ୍ରର ଜଗତ୍ ମଧ୍ୟ ସମାନ ଭାବରେ ମା'ଙ୍କର ଜାଗ୍ରତ୍ ସାନ୍ନିଧ୍ୟ ଲାଭ କରିଛନ୍ତି । ବେଦରେ ପଶୁଯଜ୍ଞର କଥା ଅଛି – ଶ୍ରୀମା ପଶୁଯଜ୍ଞ କରିଥିଲେ, କିନ୍ତୁ ନୂତନ ଅର୍ଥରେ – ତାଙ୍କ ଚେତନା ଦେଇ ସେମାନଙ୍କର ଊର୍ଦ୍ଧ୍ୱଗତିର ସହାୟକ ହୋଇଛନ୍ତି । ପଶୁମାନଙ୍କ ପ୍ରତିନିଧି ହିସାବରେ ସେ ଗ୍ରହଣ କରିଥିଲେ କେତେଗୁଡ଼ିଏ ବିରାଡ଼ି । ସେ କହୁଥିଲେ ବିରାଡ଼ିମାନଙ୍କର ଯେ ରାଜା (ସୂକ୍ଷ୍ମଜଗତରେ) – ମହାମାର୍ଜାର କହିପାର – ସେ କୁଆଡ଼େ ମା'ଙ୍କ ସଙ୍ଗେ 'ମିତଣୀ' ବସିଥିଲା । ଏଇ ମାର୍ଜାର କୁଳର ଆବିର୍ଭାବ ଆମ ମଧ୍ୟରେ ଟିକିଏ କୌତୂହଳଜନକ । ଦିନେ ହଠାତ୍ ଗୋଟିଏ ବଣୁଆ ଜାତିର ବିରାଡ଼ି ଆମ ଘରକୁ ପଶି ଆସିଲା ଗେଷ୍ଟ ହାଉସରେ ଥିବାବେଳେ ଏବଂ ରହିଗଲା ମଧ୍ୟ । ବଣୁଆ ଥିଲା ଅଥଚ ବନିଗଲା ଶାନ୍ତ-ଶିଷ୍ଟ ଅତି ଭଦ୍ର । ତା'ର ପିଲା ହେଲା, ପ୍ରଥମଟିର ନାମ ଶ୍ରୀଅରବିନ୍ଦ ଦେଲେ 'ସୁନ୍ଦରୀ', କାରଣ ସେ ଥିଲା ଖୁବ୍ ଗୋରା ଅର୍ଥାତ୍ ଏକେବାରେ ସଫାଧଳା ।

ସୁନ୍ଦରୀର ମଧ୍ୟ ପିଲା ହେଲା – ଜଣକର ନାମ ଥିଲା ବୁଶି, କାରଣ ପୂରାପୂରି ସେ ଥିଲା ଲୋମଶ, ବିଶେଷ ଭାବେ ତା'ର ଲାଞ୍ଜଟି – ସୁତରାଂ ତା'ର ଆଇମାକୁ ନାମ ଦିଆଗଲା ବୁଢ଼ୀମା (Grandmother) । ଏଇ ବୁଶି ସମ୍ବନ୍ଧରେ କାହାଣୀ ଅଛି ଯେ ତା'ର ପିଲା ହେଲେ, ଟିକିଏ ବଡ଼ ହେଲେ ଏବଂ ଚକ୍ଷୁ ଖୋଲିଗଲେ ସେ ପାଟିରେ କାମୁଡ଼ି ଧରି ଗୋଟିକ ପରେ ଗୋଟିକୁ ଆଣି ମା'ଙ୍କ ପାଦ ପାଖରେ ରଖିଦେଉଥିଲା – ମା'ଙ୍କ ପାଖରେ ଯେପରି ସମର୍ପଣ କରିବାକୁ ଏବଂ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ । ସୁତରାଂ ଦେଖ, କେତେ ପରିମାଣରେ ସାଧକ ବା ସାଧିକା ହୋଇଉଠିଥିଲା ସେ । ବୁଶିର ଦୁଇଟି ପିଲା ସୁନାମଧନ୍ୟ ପୁରୁଷ, ମା'ଙ୍କର ଆଦରର – ବଡ଼ଟିର ନାମ ବିଗ୍ ବୟ (Big Boy) ଏବଂ ଛୋଟଟିର ନାମ କିକି (Kiki); ଜଣକ ସମ୍ବନ୍ଧରେ କଥା ଅଛି – ମୋର ମନେ ନାହିଁ କେଉଁଟି, ଖୁବ୍ ସମ୍ଭବ କିକି ସମ୍ବନ୍ଧରେ – ସେ ସମବେତ ଧ୍ୟାନରେ ଯୋଗ ଦେଉଥିଲା – ଏବଂ ଆମମାନଙ୍କ ପରି ଧ୍ୟାନ କରୁଥିଲା । ଧ୍ୟାନ ସମୟରେ କିଛି ହୁଏତ ଦେଖୁଥିଲା ଏବଂ ଚକ୍ଷୁବନ୍ଦ ଅବସ୍ଥାରେ ବି ଥରି ଥରି ଉଠୁଥିଲା । ତେବେ ସାଧନା କଲେ କ'ଣ ହେବ – ଠିକ୍ ଆମମାନଙ୍କ ପରି ତା'ର ବାହ୍ୟ ବ୍ୟବହାର ଥିଲା ଅନେକ

କ୍ଷେତ୍ରରେ କିନ୍ତୁ ଅମାର୍ଜିତ । ବିଗ୍ ବୟ ଏବଂ କିକି ଦୁଇଭାଇଙ୍କର ଆଦୌ ପଡୁ ନ ଥିଲା – ସର୍ବଦା ସାବଧାନରେ ଦୁଇଜଣଙ୍କୁ ଅଲଗା ଅଲଗା ରଖିବାକୁ ହେଉଥିଲା । ବିଗ୍ ବୟଟି ଥିଲା ଷଣ୍ଢା-ମାର୍କା – କିକି ବିଚରା ମାଡ଼ ଖାଇ ମରୁଥିଲା । ଯା'ହେଉ ଶେଷରେ ରୋଗ ଭୋଗି ସେମାନେ ପ୍ରାଣତ୍ୟାଗ କଲେ । ଆମଘର ଅଗଣାରେ ସେମାନଙ୍କୁ ପୋତି ଦିଆଯାଇଥିଲା । ବୁଢ଼ୀମା' କିନ୍ତୁ ଯେମିତି ଆସିଥିଲା, ସେମିତି ହଠାତ୍ ଦିନେ ଅନ୍ତର୍ଦ୍ଧାନ ହୋଇଗଲା – ଆଉ ତା'ର ଖୋଜ ଖବର ମିଳିଲା ନାହିଁ ।

ବିରାଡ଼ିମାନଙ୍କର ଆଦର-ଆପ୍ୟାୟନ ଥିଲା ଅପରୂପ ବ୍ୟାପାର – ସେମାନଙ୍କର ଆହାର ବ୍ୟବସ୍ଥା ଥିଲା ଏକ ସମାରୋହ – ବିଶେଷ ଭାବରେ ରନ୍ଧା ହେଉଥିଲା ସେମାନଙ୍କ ପାଇଁ – ଦୁଧ, ମାଛ ଇତ୍ୟାଦି ଉପଚାର ଦେଇ । ଯେପରି ରାଜକୁମାର ରାଜକୁମାରୀ ସେମାନେ । ସବୁ ନିୟମ ବନ୍ଧା – ସେମାନଙ୍କର ଶିକ୍ଷା ବି ଥିଲା ତଦନୁରୂପ – ଘରଦ୍ୱାର କେତେବେଳେ ବି ଅପରିଷ୍କାର କରୁ ନଥିଲେ – ଯାହା ବ୍ୟବସ୍ଥା-ବନ୍ଦୋବସ୍ତ ଥିଲା ତାହା ମାନି ଚଳିବାକୁ ଶିକ୍ଷା ଦିଆଯାଇଥିଲା – ଅର୍ଦ୍ଧେନ୍ଦୁର ମାର୍ଜାର ଜିପ୍‌ସୀ – ବେଦୁଇନମାନଙ୍କ ପରି ନୁହେଁ ।

ମା'ଙ୍କ ଆସିବା ପୂର୍ବରୁ ଆମର କୁକୁରଟିଏ ଥିଲା – ତା'ର ଇତିହାସ ଏକହିଁ ରକମର । ହଠାତ୍ ଗୋଟିଏ କୁକୁର ଆସିଲା ଆମ ଘରକୁ – ଅତି ସାଧାରଣ ରାସ୍ତାର କୁକୁର ପରି – କୁକୁରୀ – ଆମର ସର୍ବପ୍ରଥମ ଘରେ – ସେ ବି ଆସି ରହିଗଲା । ଶ୍ରୀଅରବିନ୍ଦ ତା'ର ନାମ ଦେଲେ ଯୋଗିନୀ । ତା'ର ବୁଦ୍ଧି ସମ୍ବନ୍ଧରେ ଶ୍ରୀଅରବିନ୍ଦ ଗୋଟିଏ ଗଳ୍ପ କହିଥିଲେ – ରାତି ହୋଇଯାଇଛି, ଏବଂ ସେ ଯେ ବାହାରେ ଅଛି, ତାହା ଆମର ମନେ ନାହିଁ – ଦାଣ୍ଡ ଦରଜାରେ କିଛି ଧକ୍କାଧକ୍କି, ଡକାଡ଼କି କରିଛି, କିନ୍ତୁ ଆମେ ଥିଲୁ ପଛପାଖ ଅଗଣାରେ, ରନ୍ଧାଘରେ – ସେଠାକୁ କିଛି ଶୁଣାଯାଏ ନାହିଁ । ଯୋଗିନୀର ହଠାତ୍ ମନେ ପଡ଼ିଲା ପଛପାଖେ ଗୋଟିଏ କବାଟ ଅଛି – ସେଇବାଟେ ପ୍ରବେଶ କରିହେବ ଅବା ଆମମାନଙ୍କର ମନୋଯୋଗ ଆକୃଷ୍ଟ କରାଯାଇ ପାରିବ । ତେଣୁ ସେ ଦୌଡ଼ି ଯାଇ ତିନିପାଖର ରାସ୍ତା ଘୂରି ପଛ ପାଖରେ ଆସି ଉପସ୍ଥିତ – ସେତେବେଳେ ତା'ର ଶବ୍ଦ ଶୁଣାଗଲା ଏବଂ ସେ ତା'ପରେ ଘରେ ପ୍ରବେଶ କଲା । ତା'ର ମଧ୍ୟ ପିଲାପିଲି ହୋଇଥିଲେ ଏବଂ ଶ୍ରୀଅରବିନ୍ଦଙ୍କର ଖୁବ୍ ପ୍ରିୟ ଥିଲେ ଦୁଇଟି ପିଲା ପ୍ରଧାନତଃ – ସେମାନଙ୍କ ନାମ ବର୍ତ୍ତମାନ ମୋର ମନେ ନାହିଁ ।

ତରୁଲତାମାନଙ୍କ ସଙ୍ଗେ ମା'ଙ୍କର ଯେଉଁ ଆତ୍ମୀୟତା ଓ ଅନ୍ତରଙ୍ଗତା ତାହା ତୁମେମାନେ ଜାଣ । ସେସମ୍ବନ୍ଧରେ ତେଣୁ ଆଜି ଆଉ କିଛି କହୁ ନାହିଁ । ପଶୁପକ୍ଷୀ ଜୀବଜନ୍ତୁ ଯେପରି, ସେପରି ଅଶରୀରୀ ସତ୍ତାମାନଙ୍କ ସଙ୍ଗେ ଥିଲା ମା'ଙ୍କର ଆଦାନ ପ୍ରଦାନ – ଛୋଟ ବଡ଼ ପରୀମାନଙ୍କଠାରୁ ବଡ଼ ବଡ଼ ଦେବତାମାନଙ୍କ ପର୍ଯ୍ୟନ୍ତ, ସମସ୍ତେ ପାଇଛନ୍ତି ମା'ଙ୍କର ଅନୁଗ୍ରହ, ଶୁଣିଛ ତୁମେମାନେ; କିନ୍ତୁ ଅନୁଗ୍ରହ ଅର୍ଥ ସମୟ ସମୟରେ ଚପେଟାଘାତ ପର୍ଯ୍ୟନ୍ତ ।

ମା' ଆମମାନଙ୍କର ସାଧନାର ଅର୍ଥାତ୍ ଯୋଗସାଧନାର ଗୁରୁ – ସେକଥା ଆଜି ଛାଡ଼ି ଦେଲି, ଖୁବ୍ ସାଧାରଣଭାବରେ ତାଙ୍କ ଶିକ୍ଷାର ଗୋଟିଏ ଅଙ୍ଗର କଥା କହେ ଆଜି – ଜୀବନ-ଗଠନ ସାଧନାର ପ୍ରଧାନ କରଣୀୟ । ଏଇ ଜୀବନ-ଗଠନର ମୋଟାମୋଟି ଅର୍ଥ ହେଲା ଜୀବନଟିକୁ ମାର୍ଜିତ ଉନ୍ନତ କରି ଧରି ତୋଳିବା । ଆଚ୍ଛା, ଏ କାର୍ଯ୍ୟଟିର ମୂଳ ଓ ପ୍ରଥମ ସୂତ୍ରଟି କ'ଣ ? ସଜେଇ ତୋଳିବା । ମା' ଆମମାନଙ୍କୁ ଯେଉଁ ଶିକ୍ଷା ସର୍ବଦା ଦେଇଛନ୍ତି – ଗଭୀର ସାଧନତତ୍ତ୍ୱର ଦିଗଟିକୁ ଉଲ୍ଲେଖ କରୁ ନାହିଁ – ଆମମାନଙ୍କର ନିତ୍ୟ ନୈମିତ୍ତିକ ସହଜ-ସାଧାରଣ ଜୀବନ ନିମନ୍ତେ, ତାହାହେଲା ଏଇ ସଜାଇବା କାର୍ଯ୍ୟ – ଆମେମାନେ ଯେ କେତେ ପରିମାଣରେ ଅସଜଡ଼ା ତାହା ଆମର ଆଖିରେ ପଡ଼େନା ସବୁବେଳେ – ଆସବାବପତ୍ର ଅସଜଡ଼ା, ଆମର କାର୍ଯ୍ୟକ୍ରମ ଅସଜଡ଼ା,– ଆମର ବାହ୍ୟ ଜୀବନ ଯେପରି ବିଶୃଙ୍ଖଳ, ଆନ୍ତର ଜୀବନ ବି ସେପରି ବା ତତୋଽଧିକ – ଫଳତଃ ଅନ୍ତରର ଜୀବନ ବିଶୃଙ୍ଖଳ ବୋଲିହିଁ ବାହାରର ଜୀବନ ବିଶୃଙ୍ଖଳ ହୋଇଛି । ଆମେମାନେ ଚିନ୍ତା କରୁ ଏଣୁତେଣୁଭାବେ – ଆମର ମସ୍ତିଷ୍କ ଖିଆଲୀ ଚିନ୍ତାରେ ପରିପୂର୍ଣ୍ଣ – ଦୁଇ, ଚାରି ମିନିଟ୍ ମଧ୍ୟ ସ୍ଥିର ହୋଇ ଗୋଟିଏ ବିଷୟରେ ଅନୁଧାବନ କରିବାକୁ, ସୁଶୃଙ୍ଖଳାରେ ଅନୁସରଣ କରିବାକୁ ହୋଇପାରେନା; ନାହିଁ ସେଠାରେ ଶାନ୍ତି, ସଂଯମ ଓ ସମନ୍ୱୟ ।

ଆମର ମସ୍ତିଷ୍କ ଗୋଟିଏ ହାଟବଜାର – କୋଳାହଳରେ ପରିପୂର୍ଣ୍ଣ । ମନର ଅବସ୍ଥା ଏଇ ରକମ, ପ୍ରାଣର ଅବସ୍ଥା ଆହୁରି ଶୋଚନୀୟ । କେତେ ପ୍ରକାର କିମ୍ଭୂତ ପ୍ରେରଣା, ଅଭିଳାଷ ସବୁ ସେଠାରେ ଖେଳିଯାଏ ତା'ର ହିସାବନିକାଶ ନାହିଁ । ମସ୍ତିଷ୍କ ଯଦି ହୁଏ ହାଟବଜାର, ପ୍ରାଣ ତାହା ହେଲେ ପାଗଳାଗାରଦ । ଯା'ହେଉ, ଅନ୍ତରର ଜୀବନର କଥା ଆଉ କହିବି ନାହିଁ – ବାହାରର ଜୀବନ, ବାହାର ଜୀବନର ଉପକରଣାଦି ପରିଷ୍କାର-ପରିଚ୍ଛନ୍ନ ରଖିବା ଏବଂ ସବୁକିଛିକୁ ସଜେଇ, ପରିଷ୍କାର କରି

ରଖିବା ପାର୍ଥିବ ଜୀବନରେ ଯେ ଏକ ଅତି ପ୍ରୟୋଜନୀୟ କର୍ତ୍ତବ୍ୟ ତାହା ମା' ଶିଖାଇବାକୁ ଚେଷ୍ଟା କରିଛନ୍ତି କଥାରେ ଏବଂ କାର୍ଯ୍ୟରେ ଉଭୟ ସ୍ଥଳେ । ଜାଣେନା, ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନରେ ଆମେ କେତେମାତ୍ରାରେ ଏଇ ଶିକ୍ଷା ଆୟତ୍ତ କରି ପାରିଛୁ । ଶ୍ରୀ ଯେ ଜୀବନର ଅନ୍ତତଃ ଅର୍ଦ୍ଧେକ ସ୍ଥାନ ମାଡ଼ି ବସିଥାଏ ଏବଂ ଜୀବନର ମୂଲ୍ୟ ଯେ ଦ୍ୱିଗୁଣ ବଢ଼େଇ ଦିଏ – ତାହା କେତେଜଣ ଜାଣନ୍ତି ଏବଂ ଜାଣି ତାଗିଦା ଅନୁଭବ କରନ୍ତି ?

ମା'ଙ୍କର ଶିକ୍ଷା ତା'ହେଲେ, ସ୍ଥୂଳ ଜିନିଷପତ୍ର ବ୍ୟବହାର କରିବା ସତର୍କତାର ସହିତ, ଯତ୍ନର ସହିତ, ଏହା ତ ନିଶ୍ଚିତ ଅଟେ । କିନ୍ତୁ କେବଳ ତାହା ନୁହେଁ, ଆହୁରି ଆଗକୁ କଥା ଅଛି । ମା'ଙ୍କର ବୈଶିଷ୍ଟ୍ୟ ଏହିଠାରେ । ଜିନିଷପତ୍ର ସେ ବ୍ୟବହାର କରନ୍ତି କେବଳ ଯତ୍ନ ସହକାରେ ନୁହେଁ, ଆଦର ସହିତ, ଭଲପାଇବା ସହିତ । କାରଣ ତାଙ୍କ ପାଖରେ ଜିନିଷପତ୍ର ଜଡ଼ବସ୍ତୁ ମାତ୍ର ନୁହେଁ, ପ୍ରାଣହୀନ ଉପକରଣ କେବଳ ନୁହେଁ, ତାଙ୍କର ଅଛି ପ୍ରାଣ, ଅଛି ଚେତନା ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକର ଅଛି ବିଶେଷତ୍ୱ ଓ ବ୍ୟକ୍ତିତ୍ୱ । ପୁରାତନ କାଳରୁ ଉଦ୍ଭିଦ ସମ୍ବନ୍ଧରେ ଯାହା କହିଯାଇଥିଲେ, ଜଡ଼ବସ୍ତୁ ସମ୍ବନ୍ଧରେ ମା' ମଧ୍ୟ ସେଇ କଥା କୁହନ୍ତି – ଅନ୍ତଃସଂଜ୍ଞାଃ ଭବନ୍ତ୍ୟେତେ ସୁଖଦୁଃଖସମନ୍ୱିତାଃ – ଅନ୍ତରରେ ଏମାନେ ସଜ୍ଞାନ, ଏମାନେ ସୁଖ-ଦୁଃଖ-ସମନ୍ୱିତ ମଧ୍ୟ । ଆମେ ସମସ୍ତେ ଜାଣୁ ଯେ ଅତି ପୁରାତନ ଜିନିଷଟି ପର୍ଯ୍ୟନ୍ତ ମା' କିପରି ଯତ୍ନର ସହ ରଖିଥାଆନ୍ତି, କୌଣସି ଜିନିଷ ଜୀର୍ଣ୍ଣ ହୋଇଯାଇଛି ବୋଲି ସହଜରେ ଫୋପାଡ଼ି ଦେବାକୁ ଚାହାନ୍ତି ନାହିଁ – ଏହାର କାରଣ ରକ୍ଷଣଶୀଳତା ବା କୃପଣତା ନୁହେଁ – ଏହାର କାରଣ, ପୁରାତନ ଜିନିଷପତ୍ର ହେଲା ପୁରୁଣା ବନ୍ଧୁ, ଜୀବନ୍ତ ସାଥୀସବୁ ।

ଏଇ ପ୍ରସଙ୍ଗରେ ଗୋଟିଏ ଉଦାହରଣ ଦିଏ, ଶ୍ରୀଅରବିନ୍ଦ କ'ଣ କହିଥିଲେ । ଜଣେ ସାଧକ ଶ୍ରୀଅରବିନ୍ଦଙ୍କୁ ଲେଖିଥିଲେ ଯେ ତାଙ୍କ ଫାଟକର କବାଟ କୌଣସିମତେ ଖୋଲୁ ନ ଥିଲା – କିପରି ଅଟକି ଯାଇଥିଲା । ଜୋରରେ ଗୋଇଠା ମାରି ଖୋଲା ହୋଇଥିଲା । ଫଳରେ କବାଟ ଖୋଲିଲା ନିଶ୍ଚୟ କିନ୍ତୁ ପାଦରେ ଅତ୍ୟନ୍ତ ଆଘାତ ଲାଗିଥିଲା, ଆବଶ୍ୟକ ହୋଇଥିଲା ଡାକ୍ତରଙ୍କ ମଲମ ଓ ଶ୍ରୀଅରବିନ୍ଦଙ୍କର ଆଶୀର୍ବାଦ । ଶ୍ରୀଅରବିନ୍ଦ ଉତ୍ତରରେ କହିଥିଲେ : "If you kick at the door, the door will naturally kick back at you."

ଯା'ହେଉ, ମୁଁ କହିଛି, ମା' ପ୍ରଥମରୁ ଆମ ପାଖକୁ (ପୁରାତନମାନଙ୍କ ପାଖକୁ) ମା' ହୋଇ ଆସିନାହାନ୍ତି । ଆସିଥିଲେ ବୋଧହୁଏ ଏଇ ଶ୍ରୀମୟୀ ହୋଇ – ତାଙ୍କୁ ପ୍ରଥମରୁ ଆମେ ବନ୍ଧୁଭାବେ, ମିତ୍ରଭାବେ ଏବଂ ଏକାନ୍ତ ସ୍ୱଜନଭାବେ ଗ୍ରହଣ କରିଛୁ – ପ୍ରଥମତଃ, ଶ୍ରୀଅରବିନ୍ଦ ନିଜେ ତାଙ୍କୁ ଏଇରୂପେ ଗ୍ରହଣ କରିଛନ୍ତି ବୋଲି, ଦ୍ୱିତୀୟତଃ ତାଙ୍କର ନିଜସ୍ୱ ଗୁଣ ନିମନ୍ତେ । ମା'ଙ୍କ ଗୁଣର କଥା ଯେତେବେଳେ ଉଠିଲା – ଯଦିଓ ସନ୍ତାନ ପକ୍ଷରେ ମା'ଙ୍କର ଗୁଣକୀର୍ତ୍ତନ ପ୍ରୟୋଜନ ହୁଏ ନା, ତେବେ ବି – ଏଠାରେ ମା'ଙ୍କଠାରୁ ଆଉ ଏକ ଶିକ୍ଷା ପାଇଥିବାର କଥା ଭୁଲି ପାରୁନି – ଟିକିଏ ଗଭୀର କଥା । ଶ୍ରୀଅରବିନ୍ଦ ଯେତେବେଳେ ପ୍ରଥମେ ମା'ଙ୍କ ଗୁଣକୀର୍ତ୍ତନ କଲେ, ସେତେବେଳେ କହିଥିଲେ, ଏପରି ଆତ୍ମସମର୍ପଣ ସେ କେଉଁଠାରେ ହେଲେ ଦେଖି ନାହାନ୍ତି – ନିଃଶେଷ, ଅକୁଣ୍ଠ । ଆହୁରି ଅଧିକ ମନ୍ତବ୍ୟ କରିଥିଲେ ଯେ କେବଳ ନାରୀଜାତିହିଁ ହୁଏତ ଏହି ପ୍ରକାରେ ନିଜକୁ ନିଃଶେଷ କରିଦେବାକୁ ସମର୍ଥ ଏବଂ ଏକାନ୍ତ ସହଜ ଭାବେ । ତା'ର ଅର୍ଥ ହେଉଛି ଅତୀତକୁ ଏକେବାରେ ଭୁଲିଯିବା, ସଂପୂର୍ଣ୍ଣ ପୋଛିଦେବା ଦୋଷ ଗୁଣ ସହ ।

ଶ୍ରୀମା ତାଙ୍କର ଏକ ପ୍ରାର୍ଥନାରେ କହିଛନ୍ତି ଯେ ଏଠାକୁ ସେ ଆସିଲେ, ଭଗବାନ୍ ଶ୍ରୀଅରବିନ୍ଦଙ୍କ ନିକଟରେ ଆତ୍ମନିବେଦନ କଲେ, ତାଙ୍କର ସମସ୍ତ ଅତୀତକୁ, ତାଙ୍କର ସମସ୍ତ ଅର୍ଜିତ ଆଧ୍ୟାତ୍ମିକ ସିଦ୍ଧି ବା ଚେତନାସଂପଦକୁ ପୋଛିଦେଇ – ଏକାବେଳେକେ ଶୂନ୍ୟ ସରଳ ଶିଶୁଚିତ୍ତ ନେଇ । ସଦ୍ୟଜାତ ଶିଶୁ ପରି ନିରାବରଣ ହେଲେ – ସବୁ ତାଙ୍କୁ ଶିଖିବାକୁ ହେବ ମୂଳରୁ – ଯେପରି କିଛି ବି ସେ ଜାଣି ନାହାନ୍ତି, ଶୁଣି ନାହାନ୍ତି ।

ଗୋଟିଏ ବ୍ୟକ୍ତିଗତ ଅଭିଜ୍ଞତା । ମା'ଙ୍କୁ ପ୍ରଥମେ ଜାଣିଛି ଏବଂ ଶୁଣିଛି ଉଚ୍ଚ ସାଧିକା ହିସାବରେ । ତାଙ୍କର ଯେ ଅନ୍ୟାନ୍ୟ ଗୁଣସବୁ ଅଛି ଜାଣି ନଥିଲି । ପରେ ଜାଣିଲି କ୍ରମେ କ୍ରମେ – ପ୍ରଥମେ ଜାଣିଲି ସେ ଜଣେ ପରମକୁଶଳୀ ଚିତ୍ରକର – ଆହୁରି ପରେ ଜାଣିଲି ସେ ଜଣେ ପରମକୁଶଳୀ ସଂଗୀତକାର ମଧ୍ୟ । କିନ୍ତୁ ଆହୁରି ଆବିଷ୍କାର ବାକି ଥିଲା – ତାଙ୍କର ବୁଦ୍ଧିଜୀବୀ ଦିଗଟି ମଧ୍ୟ କମ୍ ସମୃଦ୍ଧ ନଥିଲା – ଅର୍ଥାତ୍ ଗ୍ରନ୍ଥପାଠ, ଅଧ୍ୟୟନ କରିଛନ୍ତି ଅନେକ – ଯାହାବଳରେ ପଣ୍ଡିତମାନଙ୍କ ଭଳି ସେ ମସ୍ତିଷ୍କର ଚର୍ଚ୍ଚା କରିଛନ୍ତି; ଆହୁରି ଆଶ୍ଚର୍ଯ୍ୟ ହୋଇଛି ଯେତେବେଳେ ଦେଖିଛି ଫରାସୀ ଦେଶରେ ଥିବାବେଳେ – ଭାରତୀୟ ଶାସ୍ତ୍ର ଅନେକ ପଢ଼ିଥିଲେ ଏବଂ ଅନୁବାଦ କରିଥିଲେ – ଗୀତା, ଉପନିଷଦ୍, ଯୋଗସୂତ୍ର, ନାରଦୀୟ ଭକ୍ତିସୂତ୍ର

ଇତ୍ୟାଦି । ମୁଁ ଏସବୁ କହୁଛି ଏଇ କଥା ଜାଣିବା ପାଇଁ ଯେ ମା'ଙ୍କର ଚିନ୍ତାଗତ ବା ମସ୍ତିଷ୍କଗତ ଅର୍ଜନ ଯେପରି ଥିଲା ବିପୁଳ, ସେପରି ମସ୍ତିଷ୍କକୁ ଏକାବେଳକେ ଶୂନ୍ୟ କରିଦେବାର କ୍ଷମତା ମଧ୍ୟ ଥିଲା ଅପୂର୍ବ – ଏହାହିଁ ଥିଲା ତା'ର ବିଶେଷତ୍ୱ । ମୂଳରୁ ଆମମାନଙ୍କର (ସାଧନାର)ଭାର ଯେତେବେଳେ ସେ ଗ୍ରହଣ କରିବାକୁ ଆରମ୍ଭ କରିଛନ୍ତି, ସେତେବେଳେ ଦିନେ ସେ ମୋତେ ଏକାନ୍ତରେ କହିଥିଲେ – ମୁଁ ଜଣେ ଜ୍ଞାନୀ (intellectual), ମୋର ହୁଏତ ଏ ଧରଣର ଆତ୍ମପ୍ରତ୍ୟୟ ଅଛି ମନେକରି ସେ କହିଲେ – ''ବୁଦ୍ଧିର ଚର୍ଚ୍ଚା ଓ ଦାର୍ଶନିକ ବୃତ୍ତି କିଛି ମୋର ଥିଲା ଦିନେ – ବର୍ତ୍ତମାନ ସେସବୁ ତଳକୁ ପଡ଼ିଯାଇଛି, ତେବେ ଧୀରେ ଧୀରେ ସେସବୁକୁ ପୁନରୁଦ୍ଧାର କରିପାରେ, ସୁତରାଂ ତୁମର କୌଣସି ଭୟ ନାହିଁ'' (କଥାର ଭାବଟା ଏହିପରି) ।

ମା' ଯେପରି କ୍ଷମା ଚାହୁଁଛନ୍ତି ତାଙ୍କ ପାଣ୍ଡିତ୍ୟର ତ୍ରୁଟି ନିମନ୍ତେ । ମା' ଏହି ଭାବରେ ଦେଲେ ମୋତେ ବିନୟର ଶିକ୍ଷା – ଯାହାକୁ ଆମେ କହୁଁ Divine Humility ବା ଭାଗବତ ବିନମ୍ରତା ।

କହୁଥିଲି, ପୁରାତନକୁ ଏଇପରି ନିଃଶେଷରେ ବାତିଲ କରିଦେବା ମାଆଙ୍କ ଚେତନାରେ, ସାଧନାରେ ଗୋଟିଏ ବିଶେଷ ସାମର୍ଥ୍ୟ । ଅତୀତରେ ଯାହାକିଛି ଅର୍ଜିତ ହୋଇଛି, ବୁଦ୍ଧିଗତ ବିଦ୍ୟା ହେଉ, ପୁଣି ପ୍ରାଣଗତ ସଂସ୍କାର ହେଉ – ସମସ୍ତ କିଛିକୁ ଧୋଇ ପୋଛି ପକାଇବା – ଶରୀର କଥା ଛାଡ଼ି ଦେଉଛି – ମନୁଷ୍ୟ ପକ୍ଷରେ ସହଜ ନୁହେଁ, ଅଥଚ ଏଇଟାହିଁ ହେଉଛି ଅଧ୍ୟାତ୍ମସାଧନାର ସର୍ବପ୍ରଧାନ ପ୍ରକ୍ରିୟା ଏବଂ ମା'ଙ୍କ ପାଖରୁ ଏଇ ଶିକ୍ଷା ପାଇଛି ଯାହାକୁ କୁହାଯାଏ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ । ତେଣୁ ମା' ଚାହିଁଥିଲେ ସବୁ ଝାଡ଼ି ଝୁଡ଼ି ଫୋପାଡ଼ି ଦେଇ, ସବୁ ଭୁଲି ଯାଇ ତାଙ୍କ ଶିକ୍ଷା ଏବଂ ଦୀକ୍ଷା ନୂଆକରି, 'କ', 'ଖ'ଠାରୁ ଆରମ୍ଭ କରିବେ ଶ୍ରୀଅରବିନ୍ଦଙ୍କ ପାଖରେ । ପୁଣି ବାସ୍ତବିକହିଁ ନମୁନା ଏବଂ ବାହ୍ୟ ଚିହ୍ନ ସ୍ୱରୂପ ସଂସ୍କୃତ ଓ ବଙ୍ଗଳା ନିମନ୍ତେ ହାତରେ ଖଡ଼ି ଧରିବା ବା ବର୍ଣ୍ଣପରିଚୟ ତାଙ୍କର ହୋଇଥିଲା ଶ୍ରୀଅରବିନ୍ଦଙ୍କ ପାଖରେ ।

ଯା' ହେଉ ମୋର ଏସବୁ ହେଲା କ୍ଷୁଦ୍ରର ଚେଷ୍ଟା ବୃହତ୍‌କୁ କିଛିଟା ଧାରଣ କରିବାକୁ, ବାଳିକଣା ଚାହେଁ ଯେପରି ସୂର୍ଯ୍ୟର ସ୍ପର୍ଶ କିଛି ଧରିରଖିବାକୁ – ଉଦ୍‌ବାହୁରିବ ବାମନଃ – ମା'ଙ୍କର ରୂପ ବର୍ଣ୍ଣନା ନିମନ୍ତେ ମୋର ଏହା ଶିଶୁ-କାକଳି ।

ମା'ଙ୍କୁ ଶ୍ରୀଅରବିନ୍ଦ ପ୍ରଥମେ ''ମୀରା'' ବୋଲି ଉଲ୍ଲେଖ କରୁଥିଲେ ବେଶ୍ ସ୍ପଷ୍ଟଭାବରେ । ତା'ପରେ କିଛି ବର୍ଷ ହେବ, ଦେଖୁଛୁ ଆମେମାନେ, ''ମୀରା''ର ମ ପର୍ଯ୍ୟନ୍ତ କହି ରହି ଯାଉଥିଲେ ଏବଂ ଇତସ୍ତତଃ କରି ପୁଣି ମୀରା କହୁଥିଲେ । ଆମ ପାଖରେ ଜିନିଷଟା ଟିକିଏ ପ୍ରହେଳିକା ବୋଧ ହେଉଥିଲା ସେତେବେଳେ ।

କିନ୍ତୁ ପରେ ବୁଝିଛି, କାହିଁକି, କ'ଣ ପାଇଁ । ଶ୍ରୀଅରବିନ୍ଦଙ୍କ ଓଷ୍ଠ ''Mother'' କହିବାକୁ ଉଦ୍ୟତ, କିନ୍ତୁ ଆମେ ପ୍ରସ୍ତୁତ ହୋଇନୁ, ତେଣୁ Mother କହିବାକୁ ଯାଇ ''ମୀରା''ରେ ଶେଷ କରୁଥିଲେ । କେବେ କେଉଁ ଶୁଭମୁହୂର୍ତ୍ତରେ ଶ୍ରୀଅରବିନ୍ଦଙ୍କର ଓଷ୍ଠାଧରରେ Mother ଶବ୍ଦଟି ସର୍ବପ୍ରଥମେ ଫୁଟି ଉଠିଥିଲା ଜଣା ନାହିଁ – କିନ୍ତୁ ତାହା ହୋଇଥିଲା ଅଲିଖିତ ଇତିହାସରେ ଦିବ୍ୟମୁହୂର୍ତ୍ତ, ମହାସନ୍ଧିକ୍ଷଣ ପୃଥିବୀପକ୍ଷରେ, ମାନବଜାତି ପକ୍ଷରେ । କାରଣ ସେତିକିବେଳେହିଁ ହୋଇଥିଲା ଶ୍ରୀମାଙ୍କର ପ୍ରତିଷ୍ଠା ଏଇ ଜଡ଼ଭୂତଳରେ, ମନୁଷ୍ୟର ବାହ୍ୟ-ଚେତନାରେ ।

ବର୍ତ୍ତମାନ ତେବେ ମୋର ଶେଷକଥାଟି କହି ଆଜିକାର ଗଳ୍ପ ଶେଷ କରୁଛି ।

କହିଛି ସେତେବେଳ ପର୍ଯ୍ୟନ୍ତ ମା' ଥିଲେ ବନ୍ଧୁ, ମିତ୍ର, ସତୀର୍ଥ, ଭକ୍ତି ଶ୍ରଦ୍ଧାର ପାତ୍ର । ମୁଁ ବାଂଲାଦେଶକୁ ଥରେ ଯିବି (ବର୍ଷରେ ଥରେ ସେତେବେଳେ ଯାଉଥିଲି) – ସେଇ ବୋଧହୁଏ ଶେଷଯାତ୍ରା – ଯିବାପୂର୍ବରୁ ଇଚ୍ଛା ହେଲା ମା'ଙ୍କ ସଙ୍ଗରେ ଦେଖାକରି ଯିବି – ମା' ସେତେବେଳେ ଅନ୍ତରାଳରେ ଆଉ ଶ୍ରୀଅରବିନ୍ଦ ବାହାରେ । ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି, 'I would like to see Her before I go.' ('H' Capital 'The Mother' ପରିବର୍ତ୍ତେ 'Her') । ଶ୍ରୀଅରବିନ୍ଦ ମା'ଙ୍କୁ ଖବର ଦେଲେ । ଚମ୍ପକଲାଲଙ୍କର ବର୍ତ୍ତମାନ ଘର ସେତେବେଳେ ଥିଲା ମା'ଙ୍କ ଘର । – ମୁଁ Prosperity ଘରେ ଯାଇ ଛିଡ଼ା ହେଲି (ଶ୍ରୀଅରବିନ୍ଦ ବାରଣ୍ଡାରେ ଲୋକମାନଙ୍କ ସଙ୍ଗେ ଦେଖା ସାକ୍ଷାତ୍ କରୁଥିଲେ) । ମା' ଆସିଲେ ଚମ୍ପକଲାଲଙ୍କ ଘର ଭିତରୁ – କବାଟ ପାଖରେ ଆସି ଛିଡ଼ାହେଲେ – ମୁଁ ଯାଇ କହିଲି ''ମୁଁ ଯାଉଛି'', ତା'ପରେ ସାଷ୍ଟାଙ୍ଗ ପ୍ରଣିପାତ କଲି । ସେଇ ମୋର ପ୍ରଥମ ପ୍ରଣାମ । ମା' କହିଲେ, Come back soon. (ଶୀଘ୍ର ଫେରିଆସ) – ଯାହାର ଅର୍ଥ ହୋଇଥିଲା Come for good. (ସବୁଦିନ ପାଇଁ ଚାଲିଆସ ।)

[ଉତ୍ସ : ରଚନାବଳୀ (ବଙ୍ଗଳା) – ୫ମ ଖଣ୍ଡ]

ଅନୁବାଦ : ଶୁଭ୍ରା ଦାସ

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ତ୍ରୟୋବିଂଶ ଅଧ୍ୟାୟ

# ସିଦ୍ଧାନ୍ତଗୁଡ଼ିକର ସାର

## ଶ୍ରୀଅରବିନ୍ଦ

ବର୍ତ୍ତମାନ ଆମେ ଋଗବେଦର ଆଙ୍ଗିରସ ଉପାଖ୍ୟାନକୁ ସମସ୍ତ ସମ୍ଭାବ୍ୟ ଦିଗରୁ ତଥା ଏଥିରେ ଥିବା ତାହାର ସକଳ ମୁଖ୍ୟ ପ୍ରତୀକ ଦ୍ୱାରା ଅତି ନିବିଡ଼ ଭାବେ ଯେପରି ପରୀକ୍ଷା ନିରୀକ୍ଷା କଲୁ ଓ ତା'ଦ୍ୱାରା ଆମେ ଯେଉଁସବୁ ସିଦ୍ଧାନ୍ତରେ ଉପନୀତ ହେଲୁ, ସେଥିରୁ ସେଗୁଡ଼ିକର ସାର ନିଶ୍ଚିତ ରୂପେ ନିର୍ଦ୍ଧାରଣ କରିବା ଅବସ୍ଥାରେ ଆମେ ପହଞ୍ଚିଛୁ । ପୂର୍ବରୁ ମୁଁ ଯେପରି କହିଛି, ଆଙ୍ଗିରସ ଉପାଖ୍ୟାନ ଓ ବୃତ୍ରର ପୌରାଣିକତା, ଏ ଦୁଇଟିଯାକ ବେଦର ପ୍ରଧାନ ରହସ୍ୟବ୍ୟଞ୍ଜକ ରୂପକଥା; ଏ ଦୁହେଁ କେବଳ ଥରେ ନୁହେଁ ଅନବରତ ଥରକୁ ଥର ସର୍ବତ୍ର ଆସିଛନ୍ତି : ପ୍ରତୀକାତ୍ମକ ରୂପକମାନଙ୍କ ସହ ଅତି ନିବିଡ଼ଭାବେ ସଂଯୁକ୍ତ ସୂତ୍ରଦ୍ୱୟ ରୂପେ ଏ ଦୁଇଟି ବିଭିନ୍ନ ସୂକ୍ତ ମଧ୍ୟରେ ପ୍ରସୃତ ହୋଇଛନ୍ତି ଓ ଏହାଙ୍କ ଚତୁଷ୍ପାର୍ଶ୍ୱରେ ବୈଦିକ ପ୍ରତୀକ ବ୍ୟବସ୍ଥାର ଅବଶିଷ୍ଟ ସମସ୍ତ ବିଷୟ ସଂଗ୍ରଥିତ । ଏ ଦୁଇଟି ଯେ ବେଦର କେନ୍ଦ୍ରୀୟ ଭାବ, ତା' ନୁହେଁ, ପରନ୍ତୁ ଏହି ଦୁଇଟିକୁ ସୁପ୍ରାଚୀନ ସୌଧର ପ୍ରଧାନ ସ୍ତମ୍ଭଦ୍ୱୟ ବୋଲି କହିବାକୁ ହେବ । ଏହି ରୂପକଦ୍ୱୟର ତାତ୍ପର୍ଯ୍ୟ ନିର୍ଦ୍ଧାରିତ ହୋଇଗଲେ ସମୁଦାୟ ଋଗବେଦ-ସଂହିତାର ରହସ୍ୟାର୍ଥ ପ୍ରତିଷ୍ଠିତ ହୋଇଯିବ । 'ବୃତ୍ର' ଓ 'ଆପଃ' ଯଦି ମେଘ ତଥା ଜଳ ବୃଷ୍ଟିର ତଥା ପରିପ୍ଲାବିତା ହୋଇ ପ୍ରବାହିତା ପଞ୍ଜାବସ୍ଥ ସପ୍ତ ନଦୀର ପ୍ରତୀକ ହୁଅନ୍ତି ଏବଂ ଯଦି ଅଙ୍ଗିରସମାନେ ପାର୍ଥିବ ଉଷାର ଆନୟନକାରୀ ହୁଅନ୍ତି ତେବେ ବେଦ ହେଉଛି ସେହିସବୁ ପ୍ରାକୃତିକ ଘଟଣାର ପ୍ରତୀକାତ୍ମିକା ବର୍ଣ୍ଣନା ଯେଉଁଥିରେ ଦେବବୃନ୍ଦ, ଋଷିଗଣ ଓ ବିଘ୍ନକାରୀ ଦୈତ୍ୟଗଣଙ୍କୁ ବ୍ୟକ୍ତି ରୂପ ଦିଆଯାଇଛି । ବୃତ୍ର ଓ ବଳ ଯଦି ଦ୍ରାବିଡ଼-ଦେବତା ହୁଅନ୍ତି ଏବଂ ପଣି ଓ ବୃତ୍ରଗଣ ଯଦି ମାନବ ଶତ୍ରୁ ହୁଅନ୍ତି ତେବେ ବେଦକୁ ପ୍ରକୃତି-ଉପାସକ ଅସଭ୍ୟ ଆର୍ଯ୍ୟମାନଙ୍କ ଦ୍ୱାରା ଦ୍ରାବିଡ଼ୀୟ ଭାରତ ଉପରେ ଆକ୍ରମଣର ଏକ କାବ୍ୟିକ ଓ ଉପାଖ୍ୟାନମୂଳକ ବିବରଣୀ ବୋଲି କହିବାକୁ ହେବ । କିନ୍ତୁ ଅନ୍ୟ ପକ୍ଷରେ ଏହା ଯଦି ଜ୍ୟୋତିଃ ଓ ଅନ୍ଧକାର, ସତ୍ୟ ଓ ମିଥ୍ୟା, ଜ୍ଞାନ ଓ ଅଜ୍ଞାନ, ମୃତ୍ୟୁ ଓ ଅମୃତତ୍ୱର ଆଧ୍ୟାତ୍ମିକ ଶକ୍ତିମାନଙ୍କ ମଧ୍ୟରେ ସଂଗ୍ରାମର ପ୍ରତୀକାତ୍ମକ ଚିତ୍ର ହୁଏ ତେବେ ତାହାହିଁ ହେବ ସମଗ୍ର ବେଦର ପ୍ରକୃତ ଅର୍ଥ ।

ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ ଆଙ୍ଗିରସ ଋଷିଗଣ 'ଉଷା'ର ଆନୟନକାରୀ, ଅନ୍ଧକାର ମଧ୍ୟରୁ ସୂର୍ଯ୍ୟଙ୍କ ଉଦ୍ଧାରକ ଅଟନ୍ତି, କିନ୍ତୁ ଏହି ଉଷା, ସୂର୍ଯ୍ୟ, ଅନ୍ଧକାର ପ୍ରଭୃତି ହେଉଛନ୍ତି ଏକ ଆଧ୍ୟାତ୍ମିକ ବୈଶିଷ୍ଟ୍ୟସୂଚକ ରୂପକଳ୍ପ । ଅଜ୍ଞାନ-ଅନ୍ଧକାର ମଧ୍ୟରୁ 'ସତ୍ୟ'କୁ ଜୟ କରିବା ଏବଂ 'ସତ୍ୟ'ର ବିଜୟ ଦ୍ୱାରା ଅମୃତତ୍ୱକୁ ମଧ୍ୟ ଜୟ କରିବା ହେଉଛି ବେଦର କେନ୍ଦ୍ରୀୟ ଭାବ । କାରଣ ବୈଦିକ ''ଋତମ୍'' ଯେପରି ଏକ ଆଧ୍ୟାତ୍ମିକ ଭାବବୋଧକ ଶବ୍ଦ ସେହିପରି ମନସ୍ତାତ୍ତ୍ୱିକ ବିଚାର ମଧ୍ୟ । ଏହି ଦେହରୂପୀ ପୃଥିବୀ, ପ୍ରାଣିକ ଶକ୍ତି ରୂପକ ଅନ୍ତରୀକ୍ଷ, ମନଃ ରୂପକ ଏହି ଦୃଶ୍ୟମାନ ଆକାଶ ବା ସ୍ୱର୍ଗ, ଏସବୁର ଅତୀତ ହୋଇ ରହିଥିବା ସତ୍ୟ ସତ୍ତା, ସତ୍ୟ ଚେତନା ଓ ଅସ୍ତିତ୍ୱର ସତ୍ୟ-ଆନନ୍ଦ ବିଦ୍ୟମାନ । ଦେବଗଣଙ୍କ ନିଜସ୍ୱ ଆବାସ ଓ ଅମୃତତ୍ୱର ଭିତ୍ତି ସ୍ୱରୂପ ସେହି ଅତିଚେତନ ସତ୍ୟର ପରମ ଲୋକରେ ପହଞ୍ଚିବାକୁ ହେଲେ ଆମକୁ ଏହି ସମସ୍ତ ଲୋକ ଅତିକ୍ରମ କରି ଅଗ୍ରସର ହେବାକୁ ପଡ଼ିବ । ଏହାହିଁ ସ୍ୱର୍ଲୋକ, ଏଠାକୁ ଯାତ୍ରା କରିବା ନିମନ୍ତେ ଅଙ୍ଗିରସଗଣ ନିଜ ଭବିଷ୍ୟତ୍ ବଂଶଧରଙ୍କ ପାଇଁ ପଥ ଆବିଷ୍କାର କରିଛନ୍ତି ।

ଅଙ୍ଗିରସଗଣ ମଧ୍ୟ ଦିବ୍ୟ ଦ୍ରଷ୍ଟା, ଏମାନେ ଦେବଗଣଙ୍କୁ ସେମାନଙ୍କ ବିଶ୍ୱଗତ ଓ ମାନବୀୟ କର୍ମ ଧାରାରେ ସହାୟତା କରନ୍ତି ଏପରିକି ସେମାନଙ୍କ ମାନବ ପ୍ରତିନିଧି ସ୍ୱରୂପ ପିତୃଗଣଙ୍କୁ ମଧ୍ୟ; ସେଇମାନେହିଁ ପ୍ରଥମେ ଏହି ଜ୍ଞାନ ଲାଭ କରିଥିଲେ ଯେ ବୈଦିକ ସୂକ୍ତଗୁଡ଼ିକୁ ଆବୃତ୍ତି କରାଯାଏ, ସ୍ମରଣ କରାଯାଏ ଏସବୁ ନବ ନବ ଅନୁଭୂତି ପ୍ରଦାୟକ ବୋଲି । ସପ୍ତ ଦିବ୍ୟ ଅଙ୍ଗିରସମାନେ ହେଉଛନ୍ତି ଅଗ୍ନିଙ୍କର ପୁତ୍ର ବା ଶକ୍ତି, 'କବିକ୍ରତୁ'ର ବିଭିନ୍ନ ବିଭାବ ଓ ସହଜ ଦିବ୍ୟଜ୍ଞାନ ବିଶିଷ୍ଟ ଦିବ୍ୟଶକ୍ତିର ସେହି ଶିଖାରାଜି; ଜୟ ନିମନ୍ତେ ଯାହାଙ୍କୁ ପ୍ରଜ୍ୱଳନ କରାଯାଏ । ପାର୍ଥିବ ଅସ୍ତିତ୍ୱର ବୃଦ୍ଧି(ଉପଚୟ)ଗୁଡ଼ିକ ମଧ୍ୟରେ ପ୍ରଚ୍ଛନ୍ନ ଭୃଗୁବୃନ୍ଦ ଏହି ଅଗ୍ନିଶିଖାକୁ ଲାଭ କରିଛନ୍ତି, କିନ୍ତୁ ଅଙ୍ଗିରସବୃନ୍ଦ ଏହାଙ୍କୁ ଯଜ୍ଞବେଦୀରେ ପ୍ରଜ୍ୱଳନ କରନ୍ତି ଓ ଯଜ୍ଞୀୟ ସମ୍ବତ୍ସରର ବିଭିନ୍ନ କାଳ ମଧ୍ୟଦେଇ ଅବିଚ୍ଛିନ୍ନ ଭାବେ ଯଜ୍ଞ ସାଧନ କରନ୍ତି, ଏହି ଯଜ୍ଞୀୟ ସମ୍ବତ୍ସର ହେଉଛି ସେହି ଦିବ୍ୟସାଧନାର ପ୍ରତୀକ ଯାହା

ଦ୍ୱାରା ସତ୍ୟ-ସୂର୍ଯ୍ୟଙ୍କୁ ଅନ୍ଧକାର ମଧ୍ୟରୁ ପୁନରୁଦ୍ଧାର କରାଯାଏ । ଯେଉଁମାନେ ଏହି ସମ୍ବତ୍ସରର ନଅମାସ କାଳ ଯଜ୍ଞ କରନ୍ତି ସେମାନେ 'ନବଗ୍ୱ' ଅର୍ଥାତ୍ ନଅଟି ଗୋ ବା ନଅଟି ରଶ୍ମିର ଋଷି, ସେମାନେ ସୂର୍ଯ୍ୟଙ୍କ ଗୋଯୂଥ ଅନ୍ୱେଷଣରେ ଓ ପଣିମାନଙ୍କ ସହିତ ସଂଗ୍ରାମ ନିମନ୍ତେ ଇନ୍ଦ୍ରଙ୍କ ଅଭିଯାନରେ ପ୍ରବୃତ୍ତ ହୁଅନ୍ତି । ଯେଉଁମାନେ ଦଶମାସକାଳ ଯଜ୍ଞ କରନ୍ତି ସେମାନେ 'ଦଶଗ୍ୱ' ବା ଦଶରଶ୍ମିଯୁକ୍ତ ଋଷି, ସେମାନେ ଇନ୍ଦ୍ରଙ୍କ ସହିତ ପଣିମାନଙ୍କ ଗୁହାରେ ପ୍ରବେଶ କରି ଅପହୃତ ଗୋ ଯୂଥଙ୍କୁ ଉଦ୍ଧାର କରନ୍ତି ।

ନିଜ ସତ୍ତା ମଧ୍ୟରେ ମନୁଷ୍ୟ ଯାହା ଧାରଣ କରେ ତାହା ଉଚ୍ଚତର ବା ଦିବ୍ୟପ୍ରକୃତିଙ୍କୁ ଅର୍ପଣ କରିବାର ନାମହିଁ 'ଯଜ୍ଞ' ଏବଂ ଏହାର ଫଳ ରୂପେ ଦେବଗଣ ଯାହା ଅଜ୍ଞାତରେ ଦାନ କରନ୍ତି ତା' ଦ୍ୱାରା ତା'ର ମାନବତ୍ୱ ଅଧିକ ସମୃଦ୍ଧ ହୁଏ । ଏହି ଭାବରେ ଯେଉଁ ସମ୍ପଦ ଲାଭ ହୁଏ ତାହା ଆଧ୍ୟାତ୍ମିକ ଧନ, ସମୃଦ୍ଧି, ଆନନ୍ଦ ଯାହାକି ଯାତ୍ରା ନିମନ୍ତେ ଏକ ବଳ ଓ ସଂଗ୍ରାମ ନିମନ୍ତେ ଏକ ଶକ୍ତି । କାରଣ ଯଜ୍ଞ ଏକ ଯାତ୍ରା, ଏକ ଅଗ୍ରଗମନ; ଅଗ୍ନିଙ୍କ ଦ୍ୱାରା ପରିଚାଳିତ ହୋଇ ସ୍ୱୟଂ ଯଜ୍ଞ ଦିବ୍ୟପଥଦେଇ ଊର୍ଦ୍ଧ୍ୱସ୍ଥ ଦେବଗଣଙ୍କ ନିକଟକୁ ଅଗ୍ରସର ହୁଏ ଏବଂ ଅଙ୍ଗିରସ ରୂପୀ ପିତୃପୁରୁଷଙ୍କ ଦ୍ୱାରା ଦିବ୍ୟଜଗତ୍ ରୂପକ ସ୍ୱର୍ଲୋକ ମଧ୍ୟକୁ ଉତ୍ତରଣ ହେଉଛି ଏହି ଯାତ୍ରାର ଏକ ପ୍ରତୀକ । ସେମାନଙ୍କର ଏହି ଯଜ୍ଞ-ଯାତ୍ରା ମଧ୍ୟ ଏକ ସଂଗ୍ରାମ, କାରଣ ପଣି, ବୃତ୍ର ତଥା ଅଶୁଭ ଓ ମିଥ୍ୟାର ଅନ୍ୟାନ୍ୟ ଶକ୍ତିମାନେ ଏଥିରେ ବାଧା ଦିଅନ୍ତି ଏବଂ ପଣିମାନଙ୍କ ସହିତ ଇନ୍ଦ୍ର ଓ ଆଙ୍ଗିରସ ଋଷିମାନଙ୍କର ଏହି ଦ୍ୱନ୍ଦ୍ୱ ଓ ସଂଗ୍ରାମ ଏକ ପ୍ରମୁଖ କଥାବସ୍ତୁ ।

ଦିବ୍ୟ-ଅଗ୍ନିଙ୍କର ପ୍ରଜ୍ୱଳନ, ଘୃତ ଓ ସୋମରସର ଆହୁତି ଏବଂ ପବିତ୍ର ମନ୍ତ୍ରୋଚ୍ଚାରଣ – ଏଗୁଡ଼ିକ ହେଉଛନ୍ତି ଯଜ୍ଞର ପ୍ରଧାନ ଅଙ୍ଗ । ସ୍ତୁତି ଓ ଆହୁତି ଦ୍ୱାରା ଦେବତାମାନେ ବୃଦ୍ଧି ଲାଭ କରନ୍ତି; କୁହାଯାଏ ଯେ ସେମାନେ ମନୁଷ୍ୟ ମଧ୍ୟରେ ଜାତ, ସୃଷ୍ଟ ବା ଅଭିବ୍ୟକ୍ତ ହୁଅନ୍ତି ଏବଂ ଏଠାରେ ସେମାନଙ୍କର ବିକାଶ ଓ ମହତ୍ତା ଦ୍ୱାରା ସେମାନେ ପୃଥିବୀ ଓ ସ୍ୱର୍ଗକୁ ବିକଶିତ କରାନ୍ତି ଅର୍ଥାତ୍ ଦୈହିକ ଓ ମାନସିକ ଅସ୍ତିତ୍ୱକୁ ସେମାନଙ୍କ ଚରମ ସାମର୍ଥ୍ୟ ଯାଏଁ ବୃଦ୍ଧି କରନ୍ତି ଏବଂ ଏହି ସତ୍ତାଗୁଡ଼ିକୁ ଅତିକ୍ରମ କରି ସେମାନେ ନିଜ ସୁଯୋଗ ଅନୁଯାୟୀ ଉଚ୍ଚତର ଜଗତ୍ ବା ଲୋକମାନ ସୃଷ୍ଟି କରନ୍ତି । ଉଚ୍ଚତର ସତ୍ ହେଉଛି ଦିବ୍ୟ ତଥା ଅନନ୍ତ,– ଜ୍ୟୋତିର୍ମୟୀ ଗୋ, ଅନନ୍ତା ମାତା, 'ଅଦିତି' ଏହାର ପ୍ରତୀକ; ନିମ୍ନତର ଅସ୍ତିତ୍ୱ ହେଉଛି ତାଙ୍କ ତାମସ-ସ୍ୱରୂପ 'ଦିତି'ର ଅଧିକୃତ କ୍ଷେତ୍ର । ଉଚ୍ଚତର ସତ୍ତା ବା ଦିବ୍ୟସତ୍ତାକୁ ଜୟ କରି ଏହାକୁ ଧାରଣ କରିବା ଏବଂ ନିମ୍ନତର ବା ମାନୁଷ ଅସ୍ତିତ୍ୱକୁ ଏହାର ବିଧାନ ତଥା ସତ୍ୟର ଅଧୀନସ୍ଥ କରିବା ହେଉଛି ଯଜ୍ଞର ଲକ୍ଷ୍ୟ । ଜ୍ୟୋତିର୍ମୟୀ ଗୋଠାରୁ ଯଜ୍ଞର 'ଘୃତ' ଲାଭ କରାଯାଏ; ଏହା ହେଉଛି ମାନୁଷୀ ମାନସିକତା ମଧ୍ୟରେ ସୌର ଆଲୋକର ନିର୍ମଳତା ବା ଉଜ୍ଜ୍ୱଳତା । 'ସୋମ' ହେଉଛି ଅସ୍ତିତ୍ୱର ଅମୃତମୟ ଆନନ୍ଦ, ଏହା ଜଳରାଶି ଓ ବନସ୍ପତି ମଧ୍ୟରେ ଗୁପ୍ତ ହୋଇ ରହିଛି ଏବଂ ଦେବ ଓ ମନୁଷ୍ୟଗଣଙ୍କ ପାନ ନିମନ୍ତେ ଏହାକୁ ନିଷ୍କାସନ କରାଯାଏ । 'ମନ୍ତ୍ର ବାକ୍' ହେଉଛି 'ସତ୍ୟ'ର ଧୀ-ବିଭାସକ ଅନ୍ତଃପ୍ରେରିତା ବାଣୀ ଯାହା ଆତ୍ମା ମଧ୍ୟରୁ ଉଦ୍‌ଗତା ହୋଇ ଓ ହୃଦୟରେ ଗଠିତା ହୋଇ ମନ ଦ୍ୱାରା ରୂପ ଗ୍ରହଣ କରେ । ଘୃତ ଦ୍ୱାରା ବିକଶିତ ଅଗ୍ନିଦେବ ଏବଂ ମନ୍ତ୍ର ବାକ୍ ଦ୍ୱାରା ବିକଶିତ ତଥା ସୋମ ରୂପକ ଜ୍ୟୋତିର୍ମୟ ଶକ୍ତି ଓ ଆନନ୍ଦ ଦ୍ୱାରା ଓଜସ୍ୱୀ ଇନ୍ଦ୍ର-ଦେବ ସୂର୍ଯ୍ୟଙ୍କ ଗୋଯୂଥକୁ ଉଦ୍ଧାର କରିବାରେ ଅଙ୍ଗିରସମାନଙ୍କୁ ସାହାଯ୍ୟ କରନ୍ତି ।

ବୃହସ୍ପତି ହେଉଛନ୍ତି ସୃଜନଶୀଳ 'ବାକ୍'ର ଅଧିପତି । ଯଦି ଅଗ୍ନିହିଁ ହେଉଛନ୍ତି ଶ୍ରେଷ୍ଠ ଅଙ୍ଗିରସ, ତେବେ ଅଙ୍ଗିରସମାନେ ଏହି ଅଗ୍ନିଶିଖାରୁ ଜନ୍ମଗ୍ରହଣ କରନ୍ତି, 'ବୃହସ୍ପତି' ହେଉଛନ୍ତି ସପ୍ତମୁଖ ବିଶିଷ୍ଟ ଏକତମ ଅଙ୍ଗିରସ, ଏହି ସପ୍ତମୁଖ ହେଉଛି 'ଧୀ'ର ଜ୍ୟୋତିର୍ମୟ ସପ୍ତ ରଶ୍ମି ଓ ଏହାର ପ୍ରକାଶକ ବାଣୀ (ମନ୍ତ୍ର) ଏବଂ ଋଷିମାନେ ହେଉଛନ୍ତି ତାଙ୍କରି ଉଚ୍ଚାରଣଗତ ବିଭିନ୍ନ ଶକ୍ତି । 'ସତ୍ୟ'ର ଏହି ସପ୍ତଶିର ବିଶିଷ୍ଟ ସମ୍ପୂର୍ଣ୍ଣ ଧୀ ମନୁଷ୍ୟ ନିମନ୍ତେ ଯଜ୍ଞର ଲକ୍ଷ୍ୟ ସ୍ୱରୂପ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ସମ୍ପଦକୁ ତଥା ଚତୁର୍ଥ ବା ଦିବ୍ୟଲୋକକୁ ଜୟ କରେ । ଏଣୁ ଅଗ୍ନି, ଇନ୍ଦ୍ର ବୃହସ୍ପତି, ସୋମ ପ୍ରଭୃତିଙ୍କ ବର୍ଣ୍ଣନାରେ କୁହାଯାଇଛି ଯେ – ଏମାନେ ସୂର୍ଯ୍ୟଙ୍କ ଗୋ ଯୂଥର ଜେତା ଓ ଯେଉଁ 'ଦସ୍ୟୁ'ମାନେ ଏହି ଯୂଥକୁ ମନୁଷ୍ୟଠାରୁ ପ୍ରଚ୍ଛନ୍ନ ଓ ଅବରୁଦ୍ଧ କରି ରଖନ୍ତି ସେମାନଙ୍କର ବିନାଶକ । ସରସ୍ୱତୀ ହେଉଛନ୍ତି ଦିବ୍ୟବାକ୍‌ର ଏକ ପ୍ରବାହ ବା ସତ୍ୟ ପ୍ରେରଣା, ସେ ମଧ୍ୟ ଦସ୍ୟୁ-ବିନାଶିନୀ ଓ ଜ୍ୟୋତିର୍ମୟ ଗୋଯୂଥର ବିଜୟିନୀ; ସେହି ଗୋଯୂଥ ସରମାଙ୍କ ଦ୍ୱାରା ଆବିଷ୍କୃତ ହୁଅନ୍ତି, ସିଏ 'ଇନ୍ଦ୍ର'ଙ୍କର ଅଗ୍ରଗାମିନୀ, ସୌର ଦେବୀ ଅଥବା ଉଷାଦେବୀ, ମନେ ହୁଏ ସେ ହେଉଛନ୍ତି ସତ୍ୟର ସଦ୍ୟୋଧି-ଶକ୍ତିର ପ୍ରତୀକ । 'ଉଷା' ହେଉଛନ୍ତି ଏକାଧାରରେ

ଏହି ମହାନ୍ ବିଜୟରେ ଜଣେ କର୍ମୀ ଏବଂ ତାଙ୍କର ପୂର୍ଣ୍ଣ ପ୍ରକାଶରେହିଁ ଏହାର ଉଜ୍ଜ୍ୱଳ ପରିଣାମ ନିହିତ ।

'ଉଷା' ହେଉଛନ୍ତି ଦିବ୍ୟ-ଅଭିବ୍ୟକ୍ତିର ଦେବୀ, କାରଣ ତାଙ୍କ ଆଗମନରେ ଯେଉଁ 'ସୂର୍ଯ୍ୟ' ଉଦିତ ହୁଅନ୍ତି, ସେ ଅତିଚେତନ ସତ୍ୟର ସୂର୍ଯ୍ୟ ଅଟନ୍ତି; ସେ ଯେଉଁ ଦିବସ ନେଇ ଆସନ୍ତି ତାହା ସତ୍ୟ ଜ୍ଞାନ ମଧ୍ୟରେ ସତ୍ୟ-ଜୀବନର ଦିବସ, ଯେଉଁ ରାତ୍ରିକୁ ସେ ଦୂର କରି ଦିଅନ୍ତି ତାହା ଅଜ୍ଞାନର ରାତ୍ରି, ଯାହାର ବକ୍ଷରେ 'ଉଷା' ଏପର୍ଯ୍ୟନ୍ତ ଗୂଢ଼ାବସ୍ଥାରେ ରହିଛନ୍ତି । 'ଉଷା' ସ୍ୱୟଂ ସତ୍ୟ, ସୂନୃତା, ସତ୍ୟଗୁଡ଼ିକର ଜନନୀ । ଦିବ୍ୟ ଉଷାଙ୍କର ଏହି ସତ୍ୟଗୁଡ଼ିକୁ ତାଙ୍କର ଗୋବୃନ୍ଦ ବା ଜ୍ୟୋତିର୍ମୟ ଗୋଯୂଥ ବୋଲି କୁହାଯାଏ; ସେମାନଙ୍କ ସହ ସତ୍ୟର ଯେଉଁ ଶକ୍ତିରାଜି ଥାଆନ୍ତି ଓ ପ୍ରାଣକୁ ଅଧିକାର କରିଥା'ନ୍ତି ସେମାନଙ୍କୁ ତାଙ୍କ ଅଶ୍ୱ ବୋଲି କୁହାଯାଏ । ଏହି ଗୋ ତଥା ଅଶ୍ୱ-ପ୍ରତୀକର ଚତୁଷ୍ପାର୍ଶ୍ୱରେ ବୈଦିକ ପ୍ରତୀକବାଦର ଅଧିକାଂଶ ଭାଗ ଗତି କରୁଛି । କାରଣ ମନୁଷ୍ୟ ଦେବଗଣଙ୍କଠାରୁ କାମନା କରୁଥିବା ସମ୍ପଦଗୁଡ଼ିକ ମଧ୍ୟରେ ଏଗୁଡ଼ିକହିଁ ପ୍ରଧାନ ଉପାଦାନ । ଅନ୍ଧକାରର ସ୍ୱାମୀ ଦୈତ୍ୟମାନେ ଉଷାଙ୍କ ଗୋମାନଙ୍କୁ ଅପହରଣ କରି ସେମାନଙ୍କ ଅଧଃସ୍ଥ ଅବଚେତନ ଗୁପ୍ତ ଗୁହା ମଧ୍ୟରେ ଲୁଚ୍ଚାୟିତ କରି ରଖିଛନ୍ତି । ଏମାନେ ଜ୍ଞାନର ଜ୍ୟୋତିଃ, ସତ୍ୟର ମତି, ଗାବୋ ମତୟଃ, ଏବଂ ସେହି ବନ୍ଧ ଆଗାର ମଧ୍ୟରୁ ଏମାନଙ୍କୁ ମୁକ୍ତ କରିବାକୁ ହେବ । ଏମାନଙ୍କ ମୁକ୍ତିର ଅର୍ଥ ଦିବ୍ୟ-ଉଷାଙ୍କ ଶକ୍ତିମାନଙ୍କର ଊର୍ଦ୍ଧ୍ୱ-ପ୍ରବହଣ ।

ଏହା ମଧ୍ୟ ଅନ୍ଧକାର ମଧ୍ୟରେ ଅବସ୍ଥିତ ସୂର୍ଯ୍ୟଙ୍କର ପୁନରୁଦ୍ଧାରକୁ ବୁଝାଏ, କାରଣ କୁହାଯାଇଛି ଯେ 'ସୂର୍ଯ୍ୟ' 'ତତ୍ ସତ୍ୟ' ଅଟନ୍ତି ଯାହାଙ୍କୁ ଇନ୍ଦ୍ର ଓ ଅଙ୍ଗିରସଗଣ ପଣିମାନଙ୍କ ଗୁହା ମଧ୍ୟରୁ ଲାଭ କରିଥିଲେ । ଏହି ଗୁହା ବିଦୀର୍ଣ୍ଣ କରିବା ଦ୍ୱାରା ସତ୍ୟ-ସୂର୍ଯ୍ୟଙ୍କର ରଶ୍ମିମାଳା ରୂପକ ଉଷାଙ୍କ ଗୋବୃନ୍ଦ ସତ୍ତା ରୂପକ ପର୍ବତ ଆରୋହଣ କରନ୍ତି ଓ ସୂର୍ଯ୍ୟ ମଧ୍ୟ ସ୍ୱୟଂ ଦିବ୍ୟ-ଅସ୍ତିତ୍ୱର ଜ୍ୟୋତିର୍ମୟ ପର ସମୁଦ୍ରକୁ ଆରୋହଣ କରି ଯାଆନ୍ତି । ଜଳରାଶି ଉପରେ ଜାହାଜର ଗତି ପରି ଅପର ତଟରେ ପହଞ୍ଚିବା ପର୍ଯ୍ୟନ୍ତ ମନୀଷୀମାନେ ତାଙ୍କୁ ଏହି ଜଳରାଶି ଉପର-ଦେଇ ଚଳାଇ ନେଇଯା'ନ୍ତି ।

ଯେଉଁ ପଣିମାନେ ଗୋଯୂଥକୁ ଲୁଚାଇ ରଖନ୍ତି ସେମାନେ ନୀଚ ଚେତନା ରୂପକ ଗୁହାର ସ୍ୱାମୀ, ଏମାନେ ଏକ ଶ୍ରେଣୀର 'ଦସ୍ୟୁ', ବୈଦିକ ପ୍ରତୀକବାଦରେ ଏମାନଙ୍କୁ ଆର୍ଯ୍ୟ ଦେବତାଙ୍କର, ଆର୍ଯ୍ୟ ଋଷିଙ୍କର ଓ କର୍ମ ସମ୍ପାଦକମାନଙ୍କ ବିରୋଧୀର ସ୍ଥାନ ଦିଆଯାଇଛି । ଆର୍ଯ୍ୟ ତାଙ୍କୁହିଁ କୁହାଯାଏ ଯିଏ ଯଜ୍ଞ କର୍ମ କରନ୍ତି ଓ ଜ୍ୟୋତିଃର ପାବନ ମନ୍ତ୍ର ଲାଭ କରିଥା'ନ୍ତି, ଯିଏ ଦେବଗଣଙ୍କୁ କାମନା କରି ସେମାନଙ୍କର ବୃଦ୍ଧି ଘଟାନ୍ତି ଏବଂ ତାଙ୍କରି ବଳରେହିଁ ସତ୍ୟ-ଅସ୍ତିତ୍ୱର ବୃହତ୍ତା ମଧ୍ୟକୁ ବିକଶିତ ହୋଇଥା'ନ୍ତି; ସେ ହେଉଛନ୍ତି ଜ୍ୟୋତିଃର ଯୋଦ୍ଧା ଓ 'ସତ୍ୟ' ଦିଗରେ ଅଭିଯାତ୍ରୀ । ଦସ୍ୟୁ ହେଉଛି ସେହି ଅଦିବ୍ୟ ସତ୍ତା ଯିଏ କୌଣସି ଯଜ୍ଞ କରେ ନାହିଁ, ଧନ ସଞ୍ଚୟ କରେ ଅଥଚ ତାହାର ବ୍ୟବହାର ସିଏ ଯଥାଯଥ ଭାବେ କରିପାରେ ନା, କାରଣ ସେ ମନ୍ତ୍ରବାକ୍ ଉଚ୍ଚାରଣ କରିବାକୁ ବା ଅତିଚେତନର ସତ୍ୟକୁ ମନରେ ଧରି ରଖିବାକୁ ଅସମର୍ଥ; ସିଏ ମନ୍ତ୍ରବଚନ, ଦେବତା ଓ ଯଜ୍ଞକୁ ଘୃଣା କରେ, ଉଚ୍ଚତର ଅସ୍ତିତ୍ୱ ଉଦ୍ଦେଶ୍ୟରେ ନିଜର କିଛି ହେଲେ ଅର୍ପଣ କରେ ନା କିନ୍ତୁ ଆର୍ଯ୍ୟମାନଙ୍କଠାରୁ ଧନ ଅପହରଣ କରି ତାହାକୁ ରୁଦ୍ଧ କରି ରଖେ । ସେ ତସ୍କର, ଶତ୍ରୁ, ବୃକ, ଭକ୍ଷକ, ବିଖଣ୍ଡକ (ଦୈତ୍ୟ), ବିଘ୍ନକାରୀ ଓ ଅବରୋଧକ ଅଟେ । ଦସ୍ୟୁମାନେ ହେଉଛନ୍ତି ସତ୍ୟର ଓ ଅମୃତତ୍ୱର ଅନ୍ୱେଷକଙ୍କୁ ବାଧା ଦେଉଥିବା ଅନ୍ଧକାର ଓ ଅଜ୍ଞାନତାର ନାନାବିଧ ଶକ୍ତି । ଦେବଗଣ ହେଉଛନ୍ତି ଜ୍ୟୋତିଃର ଶକ୍ତି, ଅନନ୍ତର ସନ୍ତାନ, ଏକ ପରମ 'ଦେବ'ଙ୍କ ବିଭିନ୍ନ ରୂପ ଓ ବ୍ୟକ୍ତିସତ୍ତା, ସେମାନେ ନିଜ ସହାୟତା ଦ୍ୱାରା ଏବଂ ନିଜ ବିକାଶ ଦ୍ୱାରା ତଥା ମନୁଷ୍ୟ ମଧ୍ୟରେ ମାନୁଷ କର୍ମ ଦ୍ୱାରା ମନୁଷ୍ୟକୁ ସତ୍ୟ ଓ ଅମୃତତ୍ୱ ମଧ୍ୟକୁ ଉନ୍ନୀତ କରାନ୍ତି ।

ଏହିପରି ଆଙ୍ଗିରସ ଉପାଖ୍ୟାନର ଟୀକାରୁ ବେଦର ସମଗ୍ର ରହସ୍ୟ ଉଦ୍‌ଘାଟନ ନିମନ୍ତେ ଏକ ଚାବିକାଠି ଆମକୁ ମିଳେ । କାରଣ ଯେଉଁସବୁ ଗୋ ଓ ଅଶ୍ୱଙ୍କୁ ଆର୍ଯ୍ୟମାନେ ହରାଇଥିଲେ ଓ ଦେବଗଣ ସେସବୁକୁ ସେମାନଙ୍କ ନିମନ୍ତେ ପୁନରୁଦ୍ଧାର କରିଥିଲେ, 'ଇନ୍ଦ୍ର' ସେସବୁର ଅଧିପତି ଓ ଦାତା ଏବଂ ସେ ସ୍ୱୟଂ 'ଗୋ' ଓ 'ଅଶ୍ୱ' – ଯଥାର୍ଥରେ ଏମାନେ ଦେହଧାରୀ ପଶୁ ନୁହନ୍ତି; ସମ୍ପଦର ଏସବୁ ଉପାଦାନକୁ ଯଜ୍ଞ ମାଧ୍ୟମରେ ଯଦି ପ୍ରାର୍ଥନା କରାଯାଇଥାଏ ଏବଂ ଏସବୁ ଯଦି ଆଧ୍ୟାତ୍ମିକ ସମ୍ପଦର ପ୍ରତୀକ ହୋଇଥା'ନ୍ତି, ତେବେ ଏଥି ସହିତ ପୁତ୍ର, ଧନ, ସ୍ୱର୍ଣ୍ଣ, ବୀରଗଣ ପ୍ରଭୃତି ଯେଉଁସବୁ ପ୍ରାପ୍ୟ ବସ୍ତୁ ସର୍ବଦା ପ୍ରାର୍ଥନା କରାଯାଏ ସେସବୁ ମଧ୍ୟ ଏହିପରି ଆଧ୍ୟାତ୍ମିକ ସମ୍ପଦର ପ୍ରତୀକ ଅଟନ୍ତି । ଯେଉଁ ଗୋଠାରୁ ଘୃତାଦି ଲବ୍ଧ ହୁଏ ଯଦି ତାହା ସ୍ଥୂଳ ଗୋ-ପଶୁ ନ ହୋଇ ଉଜ୍ଜ୍ୱଳଶରୀରା ମାତା

ହୁଅନ୍ତି, ତେବେ ଯେଉଁ ଘୃତ ଜଳରାଶି ମଧ୍ୟରେ ଲବ୍ଧ ହୋଇଥାଏ ଏବଂ କୁହାଯାଇଛି ଯେ ପଣିମାନେ ତାହାକୁ ଗୋ ମଧ୍ୟରେ ତିନି ପ୍ରସ୍ଥରେ ଲୁଚାଇ ରଖିଛନ୍ତି, ତାହା ମଧ୍ୟ କୌଣସି ସ୍ଥୂଳ ହବ୍ୟ ବସ୍ତୁର ହବନ ନୁହେଁ । ଠିକ୍ ସେହିପରି 'ସୋମ'ର ମଧୁରସ ସମ୍ବନ୍ଧରେ ମଧ୍ୟ କୁହାଯାଇଛି ଯେ ତାହା ନଦୀଗଣଙ୍କ ମଧ୍ୟରେ ଅବସ୍ଥାନ କରୁଥାଏ ଓ ମହାସମୁଦ୍ରରୁ ମଧୁମୟ ତରଙ୍ଗ ରୂପେ ଉତ୍ଥିତ ହୁଏ ଏବଂ ଊର୍ଦ୍ଧ୍ୱକୁ ଦେବଗଣଙ୍କ ସମୀପକୁ ପ୍ରବାହିତ ହୁଏ । ଏହା ଯଦି ଏହିପରି ପ୍ରତୀକାତ୍ମକ ତେବେ ଯଜ୍ଞର ଅନ୍ୟାନ୍ୟ ହବ୍ୟବସ୍ତୁ ମଧ୍ୟ ପ୍ରତୀକାତ୍ମକ ହେବାକୁ ବାଧ୍ୟ; ବାହ୍ୟ ଯଜ୍ଞ ଆନ୍ତର ଅର୍ପଣର ପ୍ରତୀକ ବ୍ୟତୀତ ଅନ୍ୟକିଛି ହୋଇ ନ ପାରେ । ଆଉ ମଧ୍ୟ ଯଦି ଆଙ୍ଗିରସ ଋଷିଗଣ ଅଂଶତଃ ପ୍ରତୀକାତ୍ମକ ହୁଅନ୍ତି କିଂବା ଦେବଗଣଙ୍କ ପରି ସେମାନେ ଯଜ୍ଞର ଅର୍ଦ୍ଧଦିବ୍ୟ କର୍ମୀ ଓ ସହାୟକ ହୋଇଥା'ନ୍ତି ତେବେ ଭୃଗୁଗଣ, ଅଥର୍ବଗଣ (ଅଥର୍ବାଣଃ), ଉଶନା, କୁତ୍ସ ଏବଂ ଅନ୍ୟ ଯେଉଁମାନେ ସେମାନଙ୍କ ସହିତ କର୍ମରେ ସମ୍ପର୍କିତ ସେମାନେ ମଧ୍ୟ ଯଜ୍ଞକର୍ମରେ ଏହି ଭୂମିକା ଗ୍ରହଣ କରିବା ସ୍ୱାଭାବିକ । ଆଙ୍ଗିରସ ଉପାଖ୍ୟାନ ଓ ଦସ୍ୟୁଗଣଙ୍କ ସହିତ ସଂଗ୍ରାମର କାହାଣୀ ଯଦି ରୂପକଥା ହୁଏ ତେବେ ଋଗ୍‌ବେଦରେ ଦୈତ୍ୟମାନଙ୍କ ବିରୋଧରେ ଋଷିମାନଙ୍କୁ ଦେବଗଣ ସାହାଯ୍ୟ କରିବାର ଯେଉଁ ଆଖ୍ୟାନମୂଳକ ବର୍ଣ୍ଣନା ରହିଛି ତାହା ମଧ୍ୟ ସେହିପରି (ପ୍ରତୀକାତ୍ମକ) ହେବା ଉଚିତ; କାରଣ ସେଗୁଡ଼ିକ ମଧ୍ୟ ସେହି ସମାନ ଶବ୍ଦ ପ୍ରୟୋଗରେ ବର୍ଣ୍ଣିତ ତଥା ବୈଦିକ କବିମାନେ ସେଗୁଡ଼ିକୁ ନିରନ୍ତର ଆଙ୍ଗିରସ କାହାଣୀର ସମପର୍ଯ୍ୟାୟର ବୋଲି ଗଣନା କରିଛନ୍ତି ।

ସେହିପରି ଦସ୍ୟୁଗଣଙ୍କ କଥା, ଏମାନେ ବୃତ୍ର, ପଣି ତଥା ଅନ୍ୟାନ୍ୟ ନାମରେ ଅଭିହିତ, ଏମାନେ ଦାନ ଓ ଯଜ୍ଞକୁ ପ୍ରତ୍ୟାଖ୍ୟାନ କରନ୍ତି ତଥା ମନ୍ତ୍ରବାକ୍ ଓ ଦେବତାମାନଙ୍କୁ ଘୃଣା କରନ୍ତି ଏବଂ ଏମାନଙ୍କ ସହ ଆର୍ଯ୍ୟବର୍ଗ ନିରନ୍ତର ଯୁଦ୍ଧରତ । ଯଦି ଏମାନେ ମାନୁଷ ଶତ୍ରୁ ନ ହୋଇ ଅନ୍ଧକାର, ମିଥ୍ୟା ଓ ପାପାଚାରର ଶକ୍ତି ହୋଇଥା'ନ୍ତି ତେବେ ଆର୍ଯ୍ୟଗଣଙ୍କ ସଂଗ୍ରାମରାଜି ତଥା ରାଜା ଓ ରାଷ୍ଟ୍ର ପ୍ରଭୃତି ବିଷୟକ ଯେତେ ବିଚାର ସେସବୁ ଆଧ୍ୟାତ୍ମିକ ପ୍ରତୀକ ଓ ନୀତିଗର୍ଭକ ଉପାଖ୍ୟାନର ରୂପ ଗ୍ରହଣ କରିବେ । ଏମାନେ ସମ୍ପୂର୍ଣ୍ଣ ରୂପେ ପ୍ରତୀକାତ୍ମକ ଅଥବା କେବଳ ଆଂଶିକ ରୂପେ — ଏ ବିଷୟରେ ସିଦ୍ଧାନ୍ତ ଗ୍ରହଣ କରିବା ପାଇଁ ଆମକୁ ଆହୁରି ବିସ୍ତାରିତ ପରୀକ୍ଷା-ନିରୀକ୍ଷା କରିବାକୁ ହେବ, କିନ୍ତୁ ବର୍ତ୍ତମାନ ଆମର ଏହା ଆସନ୍ନ ଉଦ୍ଦେଶ୍ୟ ନୁହେଁ । ଏହି ପ୍ରବନ୍ଧମାଳାରେ ଆମର କେବଳ ଲକ୍ଷ୍ୟ ଥିଲା ଯେ ବୈଦିକ ସୂକ୍ତଗୁଡ଼ିକ ଯେ ପ୍ରାଚୀନ ଭାରତୀୟ ରହସ୍ୟବାଦୀମାନଙ୍କର ପ୍ରତୀକାତ୍ମିକା ତତ୍ତ୍ୱବାକ୍ ଏବଂ ଏଗୁଡ଼ିକର ଅର୍ଥ ଯେ ଆଧ୍ୟାତ୍ମିକ ଓ ମନସ୍ତାତ୍ତ୍ୱିକ ଉଭୟ, ଏହି ଭାବଗୁଡ଼ିକ ସମ୍ବନ୍ଧରେ କହି ଆମେ ଯେଉଁ କାର୍ଯ୍ୟଟି ଆରମ୍ଭ କରିଥିଲୁ ତା'ର କୌଣସି ଆପାତତଃ ଗ୍ରାହ୍ୟ ଯୁକ୍ତି ଅଛି କି ନା ସେତିକି ମାତ୍ର ପ୍ରତିପାଦନ କରିବା । ଆମେ ଏଠାରେ ଏହିପରି ଏକ ଆପାତତଃ ଯୁକ୍ତିସମ୍ମତ ସିଦ୍ଧାନ୍ତ ପ୍ରତିଷ୍ଠା କରିଛୁ; କାରଣ ଏହି ଦୃଷ୍ଟିକୋଣ ରଖି ଗାମ୍ଭୀର୍ଯ୍ୟର ସହ ବେଦକୁ ଜାଣିବାକୁ ଅଗ୍ରସର ହେବା ପାଇଁ ଏବଂ ଏହାକୁ ଏକ ପ୍ରତୀକାର୍ଥଯୁକ୍ତ କାବ୍ୟିକ ସୃଷ୍ଟି ଭାବେ ବିଶଦ ଟୀକା କରିବା ପାଇଁ ଏହି ଆଲୋଚନା ପର୍ଯ୍ୟାପ୍ତ ଭୂମିକା ଗ୍ରହଣ କରିବ ।

ତଥାପି ଆମର ଏହି ତଥ୍ୟକୁ ଦୃଢ଼ ରୂପେ ପ୍ରତିଷ୍ଠା କରିବା ପାଇଁ ଆଙ୍ଗିରସ ଓ ଜ୍ୟୋତିଃର ଉପାଖ୍ୟାନ ସହିତ ଘନିଷ୍ଠ ଭାବେ ସମ୍ବନ୍ଧିତ ବୃତ୍ର ଓ ଜଳରାଶିର ଉପାଖ୍ୟାନକୁ ଆମେ ଯେପରି ଦେଖିଛୁ ତାକୁ ଭଲଭାବେ ପରୀକ୍ଷା କରିବା ଉଚିତ । ପ୍ରଥମେ ଦେଖିବା ବୃତ୍ରହନ୍ତା ଇନ୍ଦ୍ର, ଅଗ୍ନିଙ୍କ ସହିତ ହେଉଛନ୍ତି ବୈଦିକ ଦେବଗଣଙ୍କ ମଧ୍ୟରେ ମୁଖ୍ୟ ଦୁଇ ଦେବଙ୍କ ଭିତରୁ ଜଣେ ଏବଂ ଯଦି ତାଙ୍କ ସ୍ୱରୂପ ତଥା କର୍ମଗୁଡ଼ିକୁ ଯଥାର୍ଥ ଭାବରେ ସ୍ଥିର ନିଶ୍ଚିତ କରାଯାଏ ତେବେ ଆମ ଦ୍ୱାରା ଆର୍ଯ୍ୟ-ଦେବଗଣଙ୍କର ସାଧାରଣ ସ୍ୱରୂପ ନିଶ୍ଚିତ ଭାବରେ ନିର୍ଦ୍ଧାରଣ କରିବା ସମ୍ଭବ ହେବ । ଦ୍ୱିତୀୟରେ ମରୁଦ୍‌ଗଣ — ଏମାନେ ଇନ୍ଦ୍ରଙ୍କର ସଙ୍ଗୀ ଓ ଦିବ୍ୟମନ୍ତ୍ରଗାୟକ, ବୈଦିକ ଉପାସନା ସହ ସମ୍ପର୍କିତ, ବେଦର ପାର୍ଥିବ ପ୍ରକୃତି-ଭିତ୍ତିକ ମତ ସପକ୍ଷରେ ଏମାନେ ଏକ ଶକ୍ତ ଯୁକ୍ତିବିନ୍ଦୁ ଅଟନ୍ତି; ଏମାନେ ଯେ ଝଡ଼ ବାତ୍ୟାର ଦେବତା ଏଥିରେ କୌଣସି ସନ୍ଦେହ ନାହିଁ ଏବଂ ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ବରିଷ୍ଠ ବୈଦିକ ଦେବତାଙ୍କର ଯଥା ଅଗ୍ନି ବା ଅଶ୍ୱିଯୁଗଳ (ଅଶ୍ୱିନୌ) ବା ମିତ୍ର-ବରୁଣ କିଂବା ତ୍ୱଷ୍ଟା ଓ ଦେବୀଗଣ ଏପରିକି ସୂର୍ଯ୍ୟ ବା ଉଷା, ଏମାନଙ୍କ ମଧ୍ୟରୁ କାହାରି ହେଲେ ବି ସୁସ୍ପଷ୍ଟ ଭୌତିକ ସ୍ୱରୂପ ବେଦରେ ଉଲ୍ଲେଖ କରାଯାଇ ନାହିଁ । ଏଣୁ ଯଦି ଦେଖାଇ ଦିଆ ଯାଇପାରେ ଯେ ଏହି ଝଡ଼ବାତ୍ୟା ରୂପକ ଦେବବୃନ୍ଦଙ୍କର ମଧ୍ୟ ଭିନ୍ନ ଏକ ଆଧ୍ୟାତ୍ମିକ ସ୍ୱରୂପ ଓ ପ୍ରତୀକାତ୍ମକତା ରହିଛି ତେବେ ବୈଦିକ ଧର୍ମ ଓ କର୍ମକାଣ୍ଡର ଗଭୀରତର ତାତ୍ପର୍ଯ୍ୟ ସମ୍ବନ୍ଧରେ

ଆଉ କୌଣସି ସନ୍ଦେହର ଅବକାଶ ରହିବ ନାହିଁ । ପରିଶେଷରେ କୁହାଯାଇପାରେ, ସୂକ୍ଷ୍ମ ଭାବେ ପରୀକ୍ଷା କରି ଯଦି ଦେଖାଯାଏ ଯେ ବୃତ୍ର ଓ ତା'ର ସହଚର ଶୁଷ୍ଣ, ନମୁଚି ଓ ଅନ୍ୟ ଦୈତ୍ୟମାନେ ହେଉଛନ୍ତି ଆଧ୍ୟାତ୍ମିକ ଅର୍ଥରେ 'ଦସ୍ୟୁ' ଏବଂ ଯେଉଁ ସ୍ୱର୍ଗୀୟ ଜଳରାଶିକୁ ସେମାନେ ଅବରୁଦ୍ଧ କରି ରଖନ୍ତି ତା'ର ଅର୍ଥକୁ ଯଦି ଆହୁରି ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରାଯାଏ ତେବେ ଋଷି, ଦେବତା ଓ ଦୈତ୍ୟମାନଙ୍କ ସମ୍ପର୍କରେ ଥିବା ଗଳ୍ପଗୁଡ଼ିକୁ ଆମେ କୌଣସି ଏକ ନିଶ୍ଚିତ ପ୍ରାରମ୍ଭିକ ସୂତ୍ରର ରୂପକଥା ହିସାବରେ ବିଚାର କରିବାକୁ ଆଗେଇ ଯାଇ ପାରିବା ଏବଂ ବୈଦିକ ଲୋକ ସଂସ୍ଥାନର ପ୍ରତୀକାତ୍ମକତାକୁ ନେଇ ଆହୁରି ସନ୍ତୋଷଜନକ ଟୀକା କରିବା ଆମ ପାଇଁ ସହଜ ହୋଇ ପାରିବ ।

ବର୍ତ୍ତମାନ ସ୍ଥିତିରେ ଏହାଠାରୁ ଅଧିକ କିଛି ଉଦ୍ୟମ ଆମେ କରିପାରୁ ନାହୁଁ; କାରଣ ସୂକ୍ତଗୁଡ଼ିକ ମଧ୍ୟରେ ବୈଦିକ ପ୍ରତୀକାତ୍ମକତାର ପ୍ରୟୋଗ ଯେପରି ରହିଛି ତାହାକୁ ବିଶଦ ଭାବେ ବୁଝାଇବା ଅତ୍ୟନ୍ତ ଜଟିଳ, ଏଥିରେ ଚିନ୍ତନର ଦୃଷ୍ଟିକୋଣ ଏତେ ବହୁଳ ଯେ ଏହାର ପ୍ରତିଚ୍ଛାୟା ତଥା ଆନୁଷଙ୍ଗିକ ସଙ୍କେତଗୁଡ଼ିକରେ ଏତେ ଅସ୍ପଷ୍ଟତା ଓ କଠିନତା ଦେଖାଯାଏ ଯେ ବ୍ୟାଖ୍ୟାକାର ପକ୍ଷରେ ସେଗୁଡ଼ିକର ଟୀକା କରିବା ଏକ ପ୍ରକାରେ ଅସମ୍ଭବ ହୋଇଉଠେ ଏବଂ ସର୍ବୋପରି ଯୁଗ ଯୁଗ ଧରି ରହି ଆସିଥିବା ଏହାର ଅର୍ଥ ଯେପରି ବିସ୍ମୃତ ଓ ଭ୍ରାନ୍ତ ଅର୍ଥବୋଧ ହେତୁ ଏହା ଏତେ ଧୂମାଚ୍ଛନ୍ନ ହୋଇଯାଇଛି ଯେ ଗୋଟିଏ ମାତ୍ର ପୁସ୍ତକରେ ଗୋଟିଏ ମାତ୍ର ରଚନା ସନ୍ଦର୍ଭରେ ତା'ର କୌଣସି ପର୍ଯ୍ୟାପ୍ତ ବିବେଚନା କରିବା ଅସମ୍ଭବ । ବର୍ତ୍ତମାନ ସ୍ଥିତିରେ ଆମେ ଏହାର ପ୍ରମୁଖ ସୂତ୍ରସବୁର ଅନୁସନ୍ଧାନ କରି ପାରିବା ଏବଂ ଯଥାସମ୍ଭବ ଏହାର ଏକ ଅବିବାଦ୍ୟ ଓ ସମୁଚିତ ଭିତ୍ତି ସ୍ଥାପନ କରି ପାରିବା ମାତ୍ର ।

(ଇତି ପ୍ରଥମ ଭାଗ)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ତ୍ରୟୋବିଂଶ ଅଧ୍ୟାୟ ''*Summary of Conclusions*''ର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ] ✤

ଯୋଗର କୌଣସି ପଥ ଏତେ ସହଜ ନୁହେଁ ଏବଂ କେହି ଯଦି ଏପରି କଳ୍ପନା କରେ ଯେ ପୃଥିବୀକୁ ପରିତ୍ୟାଗ କରି ନିଜ ଭିତରେ ନିମଗ୍ନ ହୋଇଯିବା ଦ୍ୱାରା ଆପଣାଛାଏଁ ପ୍ରାଣ ଓ ବାହ୍ୟ ପ୍ରକୃତିକୁ ଜଣେ ଏଡ଼ାଇ ଯାଇ ପାରିବ ତେବେ ତାହା ଏକ ଭ୍ରମ । ମୁଁ ଯଦି ତୁମକୁ ଭଗବାନଙ୍କ ପ୍ରତି ନିଜକୁ ଖୋଲିଦେଇ କର୍ମ କରିବା ଦ୍ୱାରା ସମତା ଓ ଅହଂଶୂନ୍ୟତାର ବିକାଶ ସାଧନ ପାଇଁ କହୁଥାଏ, ତାହାର କାରଣ ହେଉଛି ମୁଁ ନିଜେ ତାହାହିଁ କରିଥିଲି ଓ ସେହି ବାଟରେହିଁ ଏହା ସର୍ବୋତ୍ତମ ଭାବରେ ସମ୍ପନ୍ନ ହୋଇଥାଏ । ନିଜ ଭିତରକୁ ନିଜକୁ ପ୍ରତ୍ୟାହାର କରିନେଇ ଯାହାକିଛି ସମତାରେ ବାଧା ଉପୁଜାଇପାରେ ଓ ଅହଂକୁ ଉତ୍ତେଜିତ କରିପାରେ ସେସବୁଥିରୁ ନିଜକୁ ଦୂରେଇ ନିବୁଜ କରି ରଖିବା ଏଥିପାଇଁ ବାଟ ନୁହେଁ ।

— ଶ୍ରୀଅରବିନ୍ଦ

# ଦେବଲଗ୍ନର ବାର୍ତ୍ତାବହ ''ଆର୍ଯ୍ୟ''

## ଶ୍ରୀ ମନୋଜ ଦାସ

[୧୯୧୪ ମସିହା ଅଗଷ୍ଟ ୧୫ ତାରିଖରେ ମାସିକ ''ଆର୍ଯ୍ୟ''ର ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା । ତା'ର ଶତବାର୍ଷିକୀ ଉପଲକ୍ଷ୍ୟେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ସମାବେଶରେ ଲେଖକ-ପ୍ରଦତ୍ତ ଭାଷଣର ପୁନର୍ବିନ୍ୟସ୍ତ ରୂପ ।]

ଆଜି ଆମେ ଏଠାରେ ସମବେତ ଶହେବର୍ଷ ତଳର ଏକ ଦିବ୍ୟ ପ୍ରୟାସ, ଏକ ଦିବ୍ୟ-ସଂଘଟନ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ ନିମନ୍ତେ । ଆପଣମାନଙ୍କ ନୀରବ କୃତଜ୍ଞତାବୋଧକୁ ମୁଁ ଶବ୍ଦଯୋଗେ ଅଭିବ୍ୟକ୍ତ କରୁଛି ମାତ୍ର ।

ଆଜି ଦିବସର ଏହି ମୁହୂର୍ତ୍ତରେ – ଅବଶ୍ୟ ପୃଥିବୀର ଅର୍ଦ୍ଧେକ-ପ୍ରାୟ ମୁଲକ ଉପରେ ବର୍ତ୍ତମାନ ବିରାଜମାନ ରାତ୍ରି – ଯିଏ ଯେଉଁଠାରେ ଥାଇ ଶ୍ରୀଅରବିନ୍ଦଙ୍କର ମୁଖ୍ୟ ରଚନା ପାଠ କରୁଥିବେ – ତାହା The Life Divine (ଦିବ୍ୟ ଜୀବନ) ହେଉ ବା The Synthesis of Yoga (ଯୋଗ ସମନ୍ୱୟ) ଅଥବା Essays on the Gita (ଗୀତା ନିବନ୍ଧମାଳା) ହେଉ, ସିଏ ନିଜ ଅଜ୍ଞାତସାରରେ ଆମେ ପାଳନ କରୁଥିବା ଏହି ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣାର ସ୍ମୃତି ଉଦ୍ଦେଶ୍ୟରେହିଁ କୃତଜ୍ଞତା ଜ୍ଞାପନ କରୁଛନ୍ତି । ସେ ଘଟଣାଟି ହେଲା ମାସିକ ପତ୍ରିକା ''ଆର୍ଯ୍ୟ''ର ପ୍ରକାଶନ । ଉପରୋକ୍ତ ଏବଂ ଅନ୍ୟାନ୍ୟ କେତେକ ଅନନ୍ୟ ରଚନା ଗ୍ରନ୍ଥାକାରରେ ପ୍ରକାଶ ପାଇବା ପୂର୍ବରୁ ''ଆର୍ଯ୍ୟ''ରେହିଁ ଧାରାବାହିକଭାବେ ପ୍ରକାଶିତ ହୋଇଥିଲା । ଆମ ମାମୁଲି ବାସ୍ତବଧର୍ମୀ ଦୃଷ୍ଟିକୋଣରୁ ବିଚାରକଲେ, ଶ୍ରୀଅରବିନ୍ଦ ପତ୍ରିକାଟିର ପୃଷ୍ଠା-ପୂର୍ତ୍ତି ନିମନ୍ତେ ତାଙ୍କ ପ୍ରଜ୍ଞା ଲିପିବଦ୍ଧ କରିବାକୁ ବାଧ୍ୟ ହୋଇ ନଥିଲେ ହୁଏତ ଅପରିମେୟ ସତ୍ୟର ଏ ସମସ୍ତ ବ୍ୟାଖ୍ୟା ଓ ବିବରଣୀ କଦାଚ ଗ୍ରନ୍ଥାକାରରେ ଆମର ଲଭ୍ୟ ହୋଇ ନଥା'ନ୍ତା !

ଅବଶ୍ୟ ଆମ ଦୃଷ୍ଟିକୋଣ ବଦଳାଇ ବିଚାର କଲେ ଆମେ ଏକଥା ବି କହିପାରିବା ଯେ ''ଆର୍ଯ୍ୟ''ର ପ୍ରକାଶନ ଥିଲା ବିଧି-ନିର୍ଦ୍ଦିଷ୍ଟ, ମଣିଷର କଳ୍ପନାତୀତ କୌଣସି ସ୍ତରରେ ସ୍ଥିରୀକୃତ ସିଦ୍ଧାନ୍ତ – ଯେମିତି ବିଧି-ନିର୍ଦ୍ଦିଷ୍ଟ ଥିଲା ସେହି ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଶ୍ରୀଅରବିନ୍ଦଙ୍କ ସହିତ ଶ୍ରୀମାଙ୍କର ସାକ୍ଷାତ୍ ।

କିନ୍ତୁ ବହୁ ମହାନ୍ ଋଷି ଏବଂ ଯୋଗୀଙ୍କ ଭଳି ଶ୍ରୀଅରବିନ୍ଦ ମଧ୍ୟ ତାଙ୍କ ଉପଲବ୍ଧି ଅପ୍ରକଟ ରଖି ପାରିଥା'ନ୍ତେ । ''ଆର୍ଯ୍ୟ''ର ପ୍ରତି ପୃଷ୍ଠାରେ ଯେଉଁ ବିପୁଳ ଶ୍ରମର ସ୍ୱାକ୍ଷର ସେ ରଖୁଥିଲେ, ସେତକ ନକରିଥିଲେ ତାଙ୍କର ନିଜର ତ କ୍ଷତି ହୋଇ ନଥା'ନ୍ତା ! ସେଭଳି ଶ୍ରମର ପୃଷ୍ଠଭୂମିରେ ଥିଲା ଯେଉଁ ଅପରିମେୟ ପ୍ରଜ୍ଞା, ଆମେ ହୃଦୟଙ୍ଗମ କରିପାରିବା ଭଳି ବୌଦ୍ଧିକ ଭାଷାରେ ସେ ତାହା ଲିପିବଦ୍ଧ କରି ନଥିଲେ ମଧ୍ୟ ସତ୍ୟ, ସତ୍ୟ ହୋଇ ରହିଥା'ନ୍ତା ।

ତେବେ କାହିଁକି ଶ୍ରୀଅରବିନ୍ଦ ସ୍ୱୀକାର କଲେ ସେ ପ୍ରଚଣ୍ଡ ଶ୍ରମ ?

ଏ ପ୍ରଶ୍ନ ଉପରକୁ ଯିବା ପୂର୍ବରୁ ପ୍ରଥମେ ଆମେ ତାଙ୍କ ପତ୍ରିକାର ନାମ ଉପରେ ଦୃଷ୍ଟିପାତ କରିବା । ''ଆର୍ଯ୍ୟ'' ଶବ୍ଦର ଐତିହାସିକ, ସାଂସ୍କୃତିକ ଏବଂ ସାମାଜିକ ତାତ୍ପର୍ଯ୍ୟ ଅପରିସୀମ । ''ମଣିଷର ଭାଷାରେ ତାହାଠୁଁ ମହତ୍ତର ଐତିହ୍ୟସମ୍ପନ୍ନ ଶବ୍ଦ ଆଉ ଦ୍ୱିତୀୟ ନାହିଁ'' – କହିଥିଲେ ଶ୍ରୀଅରବିନ୍ଦ । (There is no word in human speech that has a nobler history.) ଇତିହାସ ଓ ନୃତତ୍ତ୍ୱ ଦୃଷ୍ଟିରୁ ଏକ ଅଜ୍ଞାତ ସୁଦୂର ଅତୀତରେ ଆର୍ଯ୍ୟ ମାନବଜାତିର ସବୁଠାରୁ ସାହସିକ, ସଭ୍ୟ ଏବଂ ଉଚ୍ଚାଭିଳାଷୀ ଗୋଷ୍ଠୀ ଥିଲେ । ଅନେକ ଦିନ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଐତିହାସିକମାନେ ଗୋଟାଏ ଧାରଣା ଚାଲୁ କରି ଦେଇଥିଲେ ଯେ ଆର୍ଯ୍ୟମାନେ ଭାରତର ମୂଳ ଅଧିବାସୀ ନୁହନ୍ତି; ଭାରତ ବାହାରୁ ସେମାନେ ଏ ଭୂଖଣ୍ଡ ଭିତରକୁ ପଶି ଆସିଥିଲେ । ସେ ଘଟଣାକୁ ସେମାନେ ଆକ୍ରମଣାତ୍ମକ ଅନୁପ୍ରବେଶ (Aryan Invasion) ବୋଲି ଆଖ୍ୟା ଦେଉଥିଲେ । ଆଜି ଅବଶ୍ୟ ସେ ତତ୍ତ୍ୱ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ । କିନ୍ତୁ କୌଣସି ପ୍ରମାଣ, କୌଣସି ତଥ୍ୟଗତ ଯୁକ୍ତି ବିନା, ଖାସ୍ ପାଶ୍ଚାତ୍ୟର ଐତିହାସିକମାନେ ଏ ତତ୍ତ୍ୱ

ପରିବେଷଣ କରୁଥିଲେ ବୋଲି ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଭାରତୀୟ ଐତିହାସିକମାନେ ଯେ କଥାଟିକୁ ଧ୍ରୁବସତ୍ୟ ଭାବରେ ଗ୍ରହଣ କରି ନେଇଥିଲେ, ତାହା ଏକ ଲଜ୍ଜାର କଥା । ବସ୍ତୁତଃ ଇଜିପ୍ଟ, ଗ୍ରୀସ୍ ଏବଂ ମେକ୍ସିକୋ ଭଳି ଦେଶର ଲୋକ-ପରମ୍ପରା କହେ, ସେମାନଙ୍କ ଦେଶକୁ ଭାରତୀୟମାନେହିଁ ଯାଇ ବସତି ସ୍ଥାପନ କରିଥିଲେ । ବହୁ ପାଶ୍ଚାତ୍ୟ ଐତିହାସିକହିଁ ଏ ତତ୍ତ୍ୱର ପରିବେଷକ । ଇଜିପ୍ଟ ଓ ଗ୍ରୀସ୍ ଭାରତବର୍ଷର ସାଂସ୍କୃତିକ ଉପନିବେଶ ଥିଲା ବୋଲି କହନ୍ତି ପୋକୋକ୍ । (ଇ. ପୋକୋକ୍‌ଙ୍କ *India in Greece* ଦ୍ରଷ୍ଟବ୍ୟ ।)

''ଆର୍ଯ୍ୟ'' ଶବ୍ଦକୁ ଏକ ମାନବ ଗୋଷ୍ଠୀ ଅର୍ଥରେ ବ୍ୟବହାର କରିଛନ୍ତି ରବୀନ୍ଦ୍ରନାଥ :

> ହେ ମୋର ଚିତ୍ତ ପୁଣ୍ୟତୀର୍ଥେ ଜାଗରେ ଧୀରେ,
> ଏଇ ଭାରତେର ମହାମାନବେର ସାଗର୍ ତୀରେ
> ହେଥାୟ୍ ଆର୍ଯ୍ୟ, ହେଥା ଅନାର୍ଯ୍ୟ,
> ହେଥାୟ୍ ଦ୍ରାବିଡ୍ ଚୀନ୍,
> ଶକ୍ ହୁନ୍ ଦଲ୍ ପାଠାନ୍ ମୋଗଲ୍
> ଏକ୍ ଦେହେ ହଲେ ଲୀନ୍ ।

ସାମାଜିକ ସ୍ତରରେ ''ଆର୍ଯ୍ୟ''ର ଅର୍ଥ ସଭ୍ୟ ଓ ସଂସ୍କୃତିବାନ୍ । ସୌଜନ୍ୟଚାଳିତ ହୋଇ ଆମେ ଜଣଙ୍କର ନାମରେ ଆର୍ଯ୍ୟ ଶବ୍ଦ ଲଗାଇ ତାକୁ ସମ୍ବୋଧନ କରିଥାଉଁ । ମହିଳାମାନେ ସ୍ୱାମୀଙ୍କୁ ''ଆର୍ଯ୍ୟପୁତ୍ର'' ରୂପେ ସମ୍ବୋଧନ କରିବା ଥିଲା ପରମ୍ପରା ।

କିନ୍ତୁ ''ଆର୍ଯ୍ୟ'' ଶବ୍ଦର ଆଧ୍ୟାତ୍ମିକ ତଥା ପରିପୂର୍ଣ୍ଣ ତାତ୍ପର୍ଯ୍ୟ ଆମେ ପାଉଁ ''ଆର୍ଯ୍ୟ'' ପତ୍ରିକାର ୨ୟ ସଂଖ୍ୟାରେ ପ୍ରକାଶିତ ଶ୍ରୀଅରବିନ୍ଦ-ନିରୂପିତ ସଂଜ୍ଞାରୁ : ଯିଏ କୌଣସି ପ୍ରକାର ଭୟ ବା ପ୍ରତିବନ୍ଧକ ବା ଏପରିକି ପରାଜୟ ପ୍ରତି ମଧ୍ୟ ପରବାୟ ନ କରି ଦିବ୍ୟତାର ଶିଖରରେ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱତର ଆରୋହଣ କରିବାର ପଥ ବାଛି ନେଇଛି, ଯିଏ ଚେତନାର ବା ସତ୍ୟର ବ୍ୟାପକତା ମନ ଦ୍ୱାରା କଳନା କରି ହେଉ ନଥିବାରୁ ଶଙ୍କି ଯାଏନା, ଯିଏ କୌଣସି ଉଚ୍ଚତା ବା ମହତ୍ତ୍ୱକୁ ଅପହଞ୍ଚ ମନେ କରି ଯାତ୍ରାପଥରୁ ନିବୃତ୍ତ ହୁଏନା, ସେହି ବ୍ୟକ୍ତିହିଁ ଆର୍ଯ୍ୟ – ''ଦିବ୍ୟଯୋଦ୍ଧା ଏବଂ ବିଜୟୀ, ମହତ୍ ମାନବ, ଅଭିଜାତ, ସର୍ବୋତ୍କୃଷ୍ଟ, ଗୀତାର ଭାଷାରେ ଶ୍ରେଷ୍ଠ ।'' (He is the Aryan, the divine fighter and victor, the noble man, aristo, best, the *srestha* of the Gita.)

କେତେକ ଭାଷାତତ୍ତ୍ୱବିତ୍‌ଙ୍କ ମତରେ ''ଆର୍ଯ୍ୟ'' ଶବ୍ଦଟି ଧାତୁମୂଳ (root) 'ଆର୍' ଧ୍ୱନିରୁ ଆହରିତ । ସୁପ୍ରାଚୀନ କାଳରେ ଜନସମଷ୍ଟିର ଏକ ଅଂଶ ଯେତେବେଳେ ପଶୁ-ପାଳନ-ସର୍ବସ୍ୱ ବୃହତ୍ତର ଅଂଶଠାରୁ ବିଚ୍ଛିନ୍ନ ହୋଇ କୃଷିକର୍ମରେ ବ୍ୟାପୃତ ହେଲେ, ସେତେବେଳେ ସେମାନେ ଆର୍ଯ୍ୟ ବୋଲାଇଲେ – ଯେହେତୁ ''ଆର୍'' ଧ୍ୱନିର ଅର୍ଥ ଭୂକର୍ଷଣ ବା ହଳକାର୍ଯ୍ୟ ।

ଅବଶ୍ୟ ଏ ତତ୍ତ୍ୱକୁ ସମର୍ଥନ କଲା ଭଳି ତଥ୍ୟ ଉପସ୍ଥାପିତ ହୋଇ ନାହିଁ, କିନ୍ତୁ ଶ୍ରୀଅରବିନ୍ଦ ଏହାକୁ ଅବଜ୍ଞା ନକରି ଏହା ପ୍ରତୀକାତ୍ମକ ଅର୍ଥରେ ଗ୍ରହଣଯୋଗ୍ୟ ବୋଲି କହିଛନ୍ତି । ପରମ ଉତ୍ସରୁ ଆମ ଆୟତ୍ତକୁ ଆସିଛି ଯେତିକି ଚେତନା, ତାକୁ କର୍ଷଣ କରିବା, ଅର୍ଥାତ୍ ଚେତନାର ଗଭୀରକୁ ଯାଇ ନିହିତ ସତ୍ୟର ସନ୍ଧାନ କରିବା ଅର୍ଥରେ ଏ ବ୍ୟାଖ୍ୟା ଗ୍ରହଣୀୟ ।

ଗ୍ରୀକ୍ ଐତିହ୍ୟରେ ଯୁଦ୍ଧରେ ବିଜୟର ଦେବତା ଆରିସ୍ । ସେ ପୃଷ୍ଠଭୂମିରେ ''ଆର୍'' ଧ୍ୱନିର ଅର୍ଥ ଶକ୍ତି ଓ ସାହସ । ସେ ଅର୍ଥରେ ମଧ୍ୟ ପ୍ରତୀକାତ୍ମକ ଯାଥାର୍ଥ୍ୟ ରହିଛି । ଆର୍ଯ୍ୟ ହେଉଛି ଚେତନା ଜଗତର ବୀର ଅଭିଯାତ୍ରୀ ।

ଆମେ ଏସବୁରୁ ଦେଖୁଛୁ, ଶ୍ରୀଅରବିନ୍ଦଙ୍କ ପତ୍ରିକାଟିର ନାମ ବହୁ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ।

ବର୍ତ୍ତମାନ ଆମେ ଫେରିଯିବା ଏ ବକ୍ତା ପ୍ରଥମେ ଉଠାଇଥିବା ପ୍ରଶ୍ନକୁ :

ଶ୍ରୀମା ଏବଂ ପଲ୍ ରିସାର୍ ଆସି ପଣ୍ଡିଚେରୀରେ ଅବସ୍ଥାନ କଲେ ୧୯୧୪ ମାର୍ଚ୍ଚ ଶେଷରୁ । ପ୍ରତ୍ୟହ ଦୁହେଁ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରୁଥା'ନ୍ତି । ଶ୍ରୀଅରବିନ୍ଦଙ୍କ ପ୍ରକୃତ ପରିଚୟ ପ୍ରଥମ ଦର୍ଶନରେହିଁ ଶ୍ରୀମା ହୃଦୟଙ୍ଗମ କରିଥିଲେ । ପଲ୍ ରିସାର୍ ମହାଶୟ ଶ୍ରୀଅରବିନ୍ଦଙ୍କ ଅନୁସୃତ ଯୋଗ ଯେ ଅଭାବନୀୟ ଏବଂ ଅଭିନବ, ତାଙ୍କ ଭବିଷ୍ୟ ଦୃଷ୍ଟି ଯେ ବିବର୍ତ୍ତନରେ ଅନାଗତ ତଥା ଅନିବାର୍ଯ୍ୟ ନୂତନ ପର୍ଯ୍ୟାୟର ଉଦ୍‌ଭାସନ, ଏକଥା ବୁଝୁଥିଲେ ଏବଂ ଦର୍ଶନର ସେ ନୂତନ ଦିଗନ୍ତକୁ ଜିଜ୍ଞାସୁମାନଙ୍କ ପାଇଁ ଉନ୍ମୋଚନ କରିବା ନିମନ୍ତେ ଉଦ୍ଦାମ ଉତ୍ସାହ ଅନୁଭବ କରୁଥିଲେ । ପତ୍ରିକାଟିଏ ମାଧ୍ୟମରେହିଁ ତାହା ଅପେକ୍ଷାକୃତ ସହଜରେ ସମ୍ଭବପର ହେବ । ବହି ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ ସମୟ ସାପେକ୍ଷ । ଏହାହିଁ ଥିଲା ତାଙ୍କ ସିଦ୍ଧାନ୍ତ ।

ପଲ୍ ରିସାର୍‌ଙ୍କ ପ୍ରସ୍ତାବ ଅନୁସାରେ ଶ୍ରୀଅରବିନ୍ଦଙ୍କ

ଆଗତପ୍ରାୟ ୪୨ ବାର୍ଷିକ ଜନ୍ମଦିନ, ୧୯୧୪ ମସିହା ଅଗଷ୍ଟ ୧୫ ତାରିଖ ଦିନ ପତ୍ରିକାଟିର ପ୍ରଥମ ସଂଖ୍ୟା ପ୍ରକାଶ ପାଇବ ବୋଲି ସ୍ଥିର ହେଲା । ଆହୁରି ମଧ୍ୟ ସ୍ଥିର ହେଲା, ପତ୍ରିକାର ଏକ ଫରାସୀ ସଂସ୍କରଣ *Revue de Grande Synthese* ନାମରେ ଏକହିଁ ସମୟରେ ଆତ୍ମପ୍ରକାଶ କରିବ ।

ଶହେ ବର୍ଷ ତଳର ଫରାସୀ ଉପନିବେଶ ପଣ୍ଡିଚେରୀର ପରିସ୍ଥିତି ଆଜିର ଶ୍ରୋତାମାନେ ସହଜରେ କଳ୍ପନା କରିପାରିବେ ନାହିଁ । ସାରା ସହରରେ ଅଧଡଜନ ସରିକି କାର୍ ଥିଲା କି ନା ସନ୍ଦେହ । ସୂର୍ଯ୍ୟାସ୍ତ ପରେ ପଥଘାଟ ନିର୍ଜନ ହୋଇଯାଉଥିଲା । ସୁପ୍ରାଚୀନ ମାନାକୁଲ ବିନାୟକ ମନ୍ଦିରରେ ଭକ୍ତମାନେ ପ୍ରାର୍ଥନା କରୁଥିଲେ ନିରବରେ; ପୁରୋହିତମାନେ ମନ୍ତ୍ରୋଚ୍ଚାରଣ କରୁଥିଲେ ସ୍ୱାଭାବିକ୍ ରୀତିରେ । ମାଇକ୍ରୋଫୋନ୍ ଯୋଗେ ଦିଅଁ ଏବଂ ତାଙ୍କ ପ୍ରହରୀ 'ଲକ୍ଷ୍ମୀ' ନାମ୍ନୀ ଐରାବତ-ନନ୍ଦିନୀଟି ଆଜି ଯେମିତି କଳବଳ ହେଉଛନ୍ତି ସେତେବେଳେ ସେମାନଙ୍କୁ ସେମିତି ଦୁର୍ଯୋଗର ସମ୍ମୁଖୀନ ହେବାକୁ ପଡୁ ନଥିଲା ।

ସେତେବେଳେ ପଣ୍ଡିଚେରୀରେ ଉଭୟ ଫରାସୀ ଓ ଇଂରାଜୀ ଭାଷାରେ ମୁଦ୍ରଣ ବ୍ୟବସ୍ଥା ଥିଲା ଦ୍ୟୁପ୍ଲେ ଷ୍ଟ୍ରିଟ୍ (ଆଜିର ଜବାହାରଲାଲ ନେହେରୁ ଷ୍ଟ୍ରିଟ୍)ରେ ଅବସ୍ଥିତ ମଡର୍ଣ୍ଣ ପ୍ରେସ୍‌ରେ । ସେହିଠାରେ ହେଲା ''ଆର୍ଯ୍ୟ''ର ପ୍ରସ୍ତୁତି ।

ଇଂରାଜୀ ସଂସ୍କରଣ ପାଇଁ ବ୍ରିଟିଶ୍ ଭାରତରେ ଗ୍ରାହକ ସଂଗ୍ରହ କରୁଥିଲେ ଶ୍ରୀଅରବିନ୍ଦଙ୍କ ଅନୁଗତମାନେ । କାମଟି ସେମାନଙ୍କୁ ଅତ୍ୟନ୍ତ ସତର୍କତା ସହକାରେ କରିବାକୁ ପଡୁଥିଲା । କାରଣ ସେପର୍ଯ୍ୟନ୍ତ ବ୍ରିଟିଶ୍ ସରକାରଙ୍କ ବିବେଚନାରେ ଶ୍ରୀଅରବିନ୍ଦ ଥିଲେ ସେମାନଙ୍କର ସବୁଠାରୁ ବିପଜ୍ଜନକ ଶତ୍ରୁ । ତାଙ୍କର ଯେକୌଣସି କାର୍ଯ୍ୟ ସହିତ ସଂପୃକ୍ତ ବ୍ୟକ୍ତି ବିପ୍ଳବପନ୍ଥୀ ହୋଇଥିବେ ବୋଲି ସରକାର ଧରି ନେବେ ଓ ସେଭଳି ବ୍ୟକ୍ତିମାନଙ୍କୁ ବିଷ ଦୃଷ୍ଟିରେ ଦେଖିବେ ।

କିନ୍ତୁ ପତ୍ରିକାଟି ସୁଧୀ ସମାଜରେ ଖାଲି ଆଦୃତ ହେଲା ବୋଲି କହିଲେ ଯଥେଷ୍ଟ ହେବ ନାହିଁ, ତାହା ପୂଜା ପାଇଲା । ଟି. ଭି. କପାଳି ଶାସ୍ତ୍ରୀ ଯଥାର୍ଥରେ ଲେଖିଛନ୍ତି, ପତ୍ରିକାଟି ଥିଲା ଯୁଗସ୍ରଷ୍ଟା (Epoch-making) । ପ୍ରଥମ ସଂଖ୍ୟାରୁହିଁ ଆରମ୍ଭ ହୋଇଥିଲା ଧାରାବାହିକ ''ଦିବ୍ୟଜୀବନ'' (The Life Divine), ''ବେଦ-ରହସ୍ୟ'' (The Secret of the Veda) ଏବଂ ''ଯୋଗ ସମନ୍ୱୟ'' (The Synthesis of Yoga) । ଯେଉଁ ପାଠକମାନେ ଏହାକୁ ଏକନିଷ୍ଠ ଭାବରେ ଅଧ୍ୟୟନ କଲେ, ସେମାନଙ୍କ ଚେତନାରେ ଦେଖାଦେଲା ଅପୂର୍ବ ଶିହରଣ; ଚେତନାର ଦିଗ୍‌ବଳୟରେ ଜ୍ଞାନର ନୂତନ ସୂର୍ଯ୍ୟୋଦୟ ହେବା ଭଳି ସେମାନେ ଅନୁଭବ କଲେ ।

ଏହାର କାରଣ ସମ୍ପର୍କରେ ଅବହିତ ହେବାକୁ ହେଲେ ଆମକୁ ଆଧ୍ୟାତ୍ମିକତାର ଇତିହାସ ଉପରେ ଥରେ ଆଖି ବୁଲାଇ ଆଣିବାକୁ ପଡ଼ିବ । ଭାରତବର୍ଷହିଁ ପୃଥିବୀରେ ଏକମାତ୍ର ଦେଶ ଯେଉଁଠାରେ ଜୀବନର ଲକ୍ଷ୍ୟ, ତାତ୍ପର୍ଯ୍ୟ, ଦୁଃଖ-ଯନ୍ତ୍ରଣାର ହେତୁ, କର୍ମ, କର୍ମଫଳ ଓ ମୃତ୍ୟୁରହସ୍ୟ ଭଳି ମୌଳିକ ପ୍ରଶ୍ନସବୁ ଉପରେ ସନ୍ଧାନ ଆରମ୍ଭ ହୋଇଥିଲା ଏବଂ ଆମ ସଭ୍ୟତାର ପ୍ରବର୍ତ୍ତକ ଋଷିମାନଙ୍କ ଚେତନାରେ ଉତ୍ତର ସବୁ ମଧ୍ୟ ଉଦ୍‌ଭାସିତ ହୋଇଥିଲା । ଏହା ମଧ୍ୟ ପ୍ରତିଭାତ ହୋଇଥିଲା ଯେ ଏକ ଅକଳ୍ପନୀୟ ମହାଚେତନା ଏ ସମଗ୍ର ସୃଷ୍ଟି ଏବଂ ଜୀବନର ଉତ୍ସ । ଦୁଃଖ, ଯନ୍ତ୍ରଣା, ମୃତ୍ୟୁ – ଏଭଳି ସମସ୍ତ ଅଭିଜ୍ଞତା ଅଜ୍ଞାନର ଏକ ଏକ ପ୍ରକାଶ, କିନ୍ତୁ ଏସବୁ ଜନ୍ମ ଜନ୍ମାନ୍ତର ଧରି ଚାଲିଥିବା ଆମ ଜୀବନ ପ୍ରବାହର ଶେଷକଥା ନୁହେଁ । ବ୍ୟକ୍ତିଗତଭାବେ ଜଣେ ଅଭୀପ୍ସା ଓ ସାଧନା ମାଧ୍ୟମରେ ପାଇପାରେ ସତ୍, ଚିତ୍, ଆନନ୍ଦର ମହାନୁଭବ; ସାମଗ୍ରିକ ଭାବରେ ମଧ୍ୟ ଦିନେ ସତ୍, ଚିତ୍, ଆନନ୍ଦର ପ୍ରତିଷ୍ଠା ହୋଇପାରେ ମାନବତାର ଭବିଷ୍ୟ-ଭାଗ୍ୟରେ । ଭୂପୃଷ୍ଠରେ ତାହାହିଁ ଚେତନାର ଆଭିମୁଖ୍ୟ ।

ଭଗବାନ୍ ଏକ, ଯଦିଓ ସେ ବହୁ ଭାବରେ ପ୍ରତିଭାତ, ବହୁ ନାମରେ ବିଦିତ । ଭଗବାନ୍ ଏ ସୃଷ୍ଟିର ସ୍ରଷ୍ଟା ମାତ୍ର ନୁହନ୍ତି, ସେ ନିଜେହିଁ ଏ ସୃଷ୍ଟିର ଏକମାତ୍ର ଉପାଦାନ; ଅର୍ଥାତ୍ ସେ ନିଜେହିଁ ଏ ସୃଷ୍ଟି । ଭାରତର ମୌଳିକ ଦର୍ଶନ ଅଦ୍ୱୈତ ବେଦାନ୍ତ ଜିଜ୍ଞାସୁମାନଙ୍କୁ ଏହି ସତ୍ୟ ପରଷି ଦେଇଥିଲା ।

ଦୁର୍ଭାଗ୍ୟବଶତଃ କାଳକ୍ରମେ ଏ ସତ୍ୟ ଜନସମାଜ ବିସ୍ମୃତ ହୋଇଗଲା । ଫଳରେ ଜୀବନର ଆଭିମୁଖ୍ୟ ବୋଲି କିଛି ରହିଲା ନାହିଁ । ଜୀବନ ସ୍ୱାର୍ଥ ବା ସୁଖାନ୍ୱେଷଣ-ସର୍ବସ୍ୱ ଜିଇଁବାରେ ପର୍ଯ୍ୟବସିତ ହେଲା – ଅଥବା ହେଲା ଦୁର୍ବିଷହ । ସେହି ଅନ୍ଧକାର ଭିତରେ ଧର୍ମ ନାମରେ କୃତ୍ରିମ ଆଚାର-ବିଚାର ମଣିଷର ଅନ୍ତର୍ନିହିତ ଅଭୀପ୍ସାର ସ୍ଥାନ ମାଡ଼ି ବସିଲା ।

କାଳର ସେହି ପୃଷ୍ଠଭୂମିରେ ହେଲା ବୁଦ୍ଧଙ୍କର ଅଭ୍ୟୁଦୟ । ସେ ପ୍ରକାଶ କଲେ, ଜୀବନ ଦୁଃଖମୟ ଏବଂ ଜନ୍ମ-ମୃତ୍ୟୁ-ଧାରା କବଳିତ ମାନବସତ୍ତା ନିମନ୍ତେ ଏକମାତ୍ର ମୁକ୍ତିର ପଥ

ନିର୍ବାଣ । ସତ୍ତା ନିଃସତ୍ତା ହୋଇଗଲେ ସମସ୍ୟାହିଁ ଅନ୍ତର୍ହିତ ହେଲା; ସମାଧାନର ଅନ୍ୱେଷଣରେ କିବା ପ୍ରୟୋଜନ !

ଏ ତତ୍ତ୍ୱ ଯେ ଚିତ୍ତାକର୍ଷକ, ସେଥିରେ ସନ୍ଦେହ ନାହିଁ, କିନ୍ତୁ ଯେଉଁ ସତ୍ତାଟି ନିଃସତ୍ତା ହେବ, ତା' କଥା ସିନା ତୁଟିଗଲା, ମାନବସମାଜ କଥା କ'ଣ ? ବୁଦ୍ଧ ପ୍ରତିଶ୍ରୁତି ଦେଲେ – ଯେପର୍ଯ୍ୟନ୍ତ ଶେଷ ମାନବଟି ନିର୍ବାଣ ନପାଇଛି, ସେପର୍ଯ୍ୟନ୍ତ ସେ ସ୍ୱୟଂ ଜୀବନ ଏବଂ ନିର୍ବାଣର ସୀମାନ୍ତରେ ଅପେକ୍ଷା କରିଥିବେ । ହାୟ, ଜନସଂଖ୍ୟାର କ୍ରମାଗତ ଅଭିବୃଦ୍ଧି ଏବଂ ସଂଖ୍ୟା-ବିସ୍ଫୋରଣର ସମ୍ଭାବନା ସେତେବେଳେ ହୁଏତ କାହାରି କଳ୍ପନାକୁ ଆସି ନଥିବ ।

ବୁଦ୍ଧଙ୍କ ଜୀବଦ୍ଦଶାରେ ବୌଦ୍ଧଧର୍ମ ଆଶାଜନକଭାବେ ପ୍ରସାରିତ ହେଉ ବା ନ ହେଉ, ତାଙ୍କ ପରେ, ବିଶେଷତଃ ସମ୍ରାଟ ଅଶୋକ ତାକୁ ପ୍ରାୟ ରାଷ୍ଟ୍ରଧର୍ମରେ ପରିଣତ କରନ୍ତେ ଭାରତର ବିପୁଳାଂଶ ସେ ତତ୍ତ୍ୱ ପାଖରେ ଶିର ଅବନତ କଲା ।

ଶିର ସିନା ଅବନତ ହେଲା, କିନ୍ତୁ ଏକନିଷ୍ଠ ବ୍ୟକ୍ତି-ବିଶେଷମାନଙ୍କୁ ଛାଡ଼ିଦେଲେ ଜନସାଧାରଣଙ୍କ ହୃଦୟ ଏବଂ ଚେତନାକୁ ତାହା ଅଭିଭୂତ କରି ରଖିପାରିଲା ନାହିଁ । ବୌଦ୍ଧଧର୍ମ ଏକ ଆନୁଷ୍ଠାନିକ ସଂସ୍କାରକୁ ଅବନମିତ ହେଲା । ଅଶୋକ ପୃଥିବୀର ଇତିହାସରେ ପ୍ରଥମ ଧର୍ମ-ପ୍ରଚାରବ୍ରତୀ (Missionary) ସମ୍ରାଟ । ଦେଶ ବିଦେଶରେ ବୌଦ୍ଧଧର୍ମର ପ୍ରଚାର ହେଲା ତାଙ୍କ ଆନୁକୂଲ୍ୟରେ । ଭାରତ ତଥା ବହୁ ଅଦୂର ଦେଶରେ ବୌଦ୍ଧଧର୍ମର ପ୍ରଭାବ ନୂତନ ସଂସ୍କୃତି, ଶିଳ୍ପ ଓ ସଭ୍ୟତାର ଅବତାରଣା କଲା । କିନ୍ତୁ ବୌଦ୍ଧଧର୍ମର ଆଧାତ୍ମିକ ଆଭିମୁଖ୍ୟ ଅଦୃଶ୍ୟ ହୋଇଯାଇ ତା'ର ସ୍ଥାନ ନେଲା ଏକ ସାମାଜିକ ସଂସ୍କାର, ପ୍ରାୟତଃ ତୁଚ୍ଛା ଯାନ୍ତ୍ରିକ ଏବଂ ଖୁବ୍ ବେଶୀରେ ନିଷ୍ପାପର ନୈତିକ ।

ଏ ଲେଖକ ତା'ର ଏକ ବହିରେ ଚିତ୍ରିତ କରିଛି ଏକ ସଂଳାପ । ବାରଣସୀରୁ ଦିଲ୍ଲୀ ଅଭିମୁଖୀ ରେଳଗାଡ଼ିରେ ଗୋଟାଏ ଡବାରେ ଉଠିଛନ୍ତି କେତେଜଣ ୟୁରୋପୀୟ ପର୍ଯ୍ୟଟକ । ସେମାନଙ୍କ ଗାଇଡ୍ ଜଣେ ଭାରତୀୟ । ସେମାନେ ସଦ୍ୟ ସାରନାଥ ଦର୍ଶନ କରିଛନ୍ତି । ବୁଦ୍ଧଦେବ ସେହିଠାରେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ; ପ୍ରଥମ ବୁଦ୍ଧ-ବିହାର ସ୍ଥାପିତ ହୋଇଥିଲା ସେହି ସ୍ଥାନରେ ।

ପର୍ଯ୍ୟଟକମାନଙ୍କର ମୁଖ୍ୟ ମନେ ହେଉଥିବା ଭଦ୍ରଲୋକ ଜଣକ ଗାଇଡ୍ ମହାଶୟଙ୍କୁ ପ୍ରଶ୍ନ କଲେ, ''ଆଚ୍ଛା ଭାରତରୁ ବୌଦ୍ଧଧର୍ମର ବିଲୋପ ହେଲା କିପରି ?''

ଗାଇଡ୍ ଦେଲେ ଚଟାପଟ ଉତ୍ତର : ''ବ୍ରାହ୍ମଣମାନେ ସେମାନଙ୍କ ଚୁଟି ଧରି ସେମାନଙ୍କୁ ନିକାଲି ଦେଲେ !''

ସହଯାତ୍ରୀ ଏ ଲେଖକଟି ହସି ପକାଇଲା । ପର୍ଯ୍ୟଟକ-ମୁଖ୍ୟ ତାହା ଲକ୍ଷ୍ୟ କରି ହସର ହେତୁ ଜାଣିବାକୁ ଜିଗର କରନ୍ତେ ଲେଖକ ଅଗତ୍ୟା କହିଥିଲା, ବୌଦ୍ଧମାନେ ଥିଲେ ଲଣ୍ଡିତ-ମସ୍ତକ । ସେମାନଙ୍କ ଚୁଟି ଆବିଷ୍କାର କରିବା ନିମନ୍ତେ ବ୍ରାହ୍ମଣମାନଙ୍କୁ ବଡ଼ କଷ୍ଟ କରିବାକୁ ପଡ଼ିଥିବ !''

ପର୍ଯ୍ୟଟକମାନେ ହସିଲେ । ସେ ହସରେ ଭଲମଣିଷ ଗାଇଡ୍ ମଧ୍ୟ ଯୋଗଦେଲେ ।

କିନ୍ତୁ ପର୍ଯ୍ୟଟକମାନଙ୍କ ଆନ୍ତରିକ ଅନୁସନ୍ଧିତ୍ସାରେ ଲେଖକ ଯାହା ବୁଝାଇଲା, ତା'ର ସାରାଂଶ ଏହିପରି : ଯଦି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ମହାବ୍ୟୋମ ଭିତରେ ଦୈବାତ୍ ଘଟି ଯାଇଥିବା ଦୁର୍ଘଟଣାଟିଏ ବୋଲି ଆମେ ମନେକରିବା, ତେବେ ଭିନ୍ନ କଥା । କିନ୍ତୁ ଆମର ଏ କୌତୂହଳ ସମେତ ଏ ସମଗ୍ର ସୃଷ୍ଟିର ପ୍ରତି ଘଟଣାରେ ଓ ପ୍ରତି ଉପାଦାନରେ, ଘାସଫୁଲ ଓ କୀଟ ପତଙ୍ଗଠାରୁ ଆରମ୍ଭ କରି ଶ୍ରୀରାମକୃଷ୍ଣ ବା ଆଇନ୍‌ଷ୍ଟାଇନ୍‌ଙ୍କ ଯାଏ ଗୋଟାଏ ଚେତନା ନିହିତ ଥିବାର ଆମେ ଅନୁଭବ କରୁଛୁ । ଅର୍ଥାତ୍ ଏ ସୃଷ୍ଟି ଏକ ମହାଚେତନାର ରଚନା ବା ଲୀଳା । ଦୁଃଖ-ଯନ୍ତ୍ରଣା ନିମନ୍ତେ କେହି କୌଣସି ସୃଜନରେ ହାତ ଦିଏ ନାହିଁ । ସେ ମହାଚେତନା ମଧ୍ୟ ତାହା କରି ନଥିବ । ଅର୍ଥାତ୍ ଏ ସୃଷ୍ଟିର ମୌଳିକ ସତ୍ୟ ଆନନ୍ଦ । ଆନନ୍ଦ ଭିତରୁ ଆମର ଆବିର୍ଭାବ, ଯାବତୀୟ ବିପରୀତାତ୍ମକ ଅଭିଜ୍ଞତା ସତ୍ତ୍ୱେ ଆନନ୍ଦହିଁ ଆମ ଜୀବନର ପ୍ରଚ୍ଛନ୍ନ ଭିତ୍ତି; ଆନନ୍ଦ ଭିତରକୁ ହେବ ଆମର ମହାଯାତ୍ରା ।

ଭାରତର ମୌଳିକ ଦର୍ଶନର ଏହା ଅନ୍ୟତମ ବକ୍ତବ୍ୟ । ବୌଦ୍ଧଧର୍ମ କହିଲା ସମ୍ପୂର୍ଣ୍ଣ ବିପରୀତ କଥା : ଜୀବନ ବୋଇଲେ ଏକ ଗୁଚ୍ଛ ଦୁଃଖ-ଯନ୍ତ୍ରଣା । ସଚରାଚର ଆମେ ଯେପରି ଭାବରେ ଜୀବନ ନିର୍ବାହ କରିଥାଉ, ସେ ଦୃଷ୍ଟିରୁ ବୌଦ୍ଧବାଦ-ପରିବେଷିତ ଏ ତତ୍ତ୍ୱ ଏକ ଆପେକ୍ଷିକ ସତ୍ୟ ହୋଇପାରେ, କିନ୍ତୁ ଏହାହିଁ ପୂର୍ଣ୍ଣ ସତ୍ୟ ନୁହେଁ । ବୌଦ୍ଧଧର୍ମର ସାମୟିକ ଜନପ୍ରିୟତା ଅନ୍ତେ ଭାରତର ଆତ୍ମା କୁହନ୍ତୁ ବା ତା'ର ମୌଳିକ ସତ୍ୟ କୁହନ୍ତୁ, ସେ ଦୁଃଖବାଦୀ ଦର୍ଶନକୁ ବର୍ଜନ କଲା ।

ଅବଶ୍ୟ ସେଦିଗରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ

ହୋଇଥିଲେ ଜଣେ ଅସାମାନ୍ୟ ବିଦ୍ୱାନ୍ – ଶଙ୍କରାଚାର୍ଯ୍ୟ । ସେ ବୁଦ୍ଧବାଦକୁ ଖଣ୍ଡନ କଲେ । କିନ୍ତୁ ତା'ର ବିକଳ୍ପରୂପେ ସେ ଯେଉଁ ତତ୍ତ୍ୱ ଆମ ଆଗରେ ରଖିଲେ, ତାହା ଆଉ ଏକ ବିଡ଼ମ୍ବନା । ବୁଦ୍ଧ କହିଥିଲେ ଜୀବନ ଦୁଃଖମୟ; ଶଙ୍କରାଚାର୍ଯ୍ୟ କହିଲେ ଜୀବନ ଏବଂ ଏ ସମଗ୍ର ସୃଷ୍ଟି ଏକ ମାୟା; ଏହା ଅଳୀକ । ନିର୍ବାଣ ପାଇବାକୁ ଚାହଁ ? ସେ ପାଇଁ ବୌଦ୍ଧ କାର୍ଯ୍ୟକ୍ରମ ଅନୁସରଣ କରିବାକୁ ପଡ଼ିବ ନାହିଁ; ଉପନିଷଦର ବ୍ୟାଖ୍ୟା ଭିତରୁ ସେ ବାହାର କରିଦେଲେ ତା'ର ପନ୍ଥା ।

ଦୁଃଖବାଦ ଓ ମାୟାବାଦ, ଏ ଉଭୟ ମତବାଦର ପ୍ରବର୍ତ୍ତକ ଦୁହେଁ ଥିଲେ ଅସାଧାରଣ ପ୍ରତିଭାସଂପନ୍ନ ଯୋଗୀ । ଚେତନାର କ୍ରମବିକାଶରେ ବୁଦ୍ଧଙ୍କର ଏକ ବିଶେଷ ଭୂମିକା ଅବଶ୍ୟ ଥିଲା । ବାରଂବାର ଜନ୍ମଗ୍ରହଣ କରି, ନାନାଦି ଅଭିଜ୍ଞତା ସଞ୍ଚୟ କରି କରି ଯେଉଁସବୁ ଚେତନା ମ୍ଳେଚ୍ଛତ୍ୱ-ମୁକ୍ତ ଏକ ଭବିଷ୍ୟତରେ ଉପନୀତ ହେବାକୁ ଅନିଚ୍ଛୁକ, ସେମାନଙ୍କ ପାଇଁ ସେ ନିର୍ବାଣର ପଥ ଦେଖାଇଦେଲେ । ଭାରତର ପରଂପରା ତାଙ୍କୁ ଦେଲା ଜଣେ ଅବତାରର ଆସନ; ଶଙ୍କରାଚାର୍ଯ୍ୟ, ଯିଏକି ଆମକୁ ବହୁତ ଭ୍ରାନ୍ତ ମୂଲ୍ୟବୋଧ ସଂପର୍କରେ ସଚେତନ କରିଦେଲେ ତାଙ୍କୁ ଦେଲା ଜଣେ ମହାନ୍ ଆଚାର୍ଯ୍ୟର ମର୍ଯ୍ୟାଦା ।

କିନ୍ତୁ କାଳଚକ୍ରରେ ଉପନୀତ ହୋଇଥିଲା ଏମନ୍ତ ଦେବଲଗ୍ନ, ଯେତେବେଳେ ପୂର୍ଣ୍ଣସତ୍ୟ ପ୍ରକଟ କରା-ଯାଇପାରେ । ତାହାହିଁ କଲେ ଶ୍ରୀଅରବିନ୍ଦ, ''ଆର୍ଯ୍ୟ'' ମାଧମରେ । ସମସ୍ତ କ୍ଳେଶ, ଯାତନା, ମର୍ମନ୍ତୁଦ ଅଭିଜ୍ଞତା ସତ୍ତ୍ୱେ ଏକ ସୂକ୍ଷ୍ମ ଆନନ୍ଦ ନିହିତ ଏ ଜୀବନରେ ଏବଂ ଦିନେ ସେ ଆନନ୍ଦର ପରିପୂର୍ଣ୍ଣ ପ୍ରକାଶ ଅନିବାର୍ଯ୍ୟ, ଯାବତୀୟ ଭ୍ରାନ୍ତି, ଛଳନା ଓ ମୋହମାୟା ଅଧୁଷିତ ଏ ଜୀବନର ଉତ୍ସ ତଥା ଭିତ୍ତି ବାସ୍ତବ, ଏହି ସତ୍ୟର ଦିଗ୍‌ଦର୍ଶନ ଦେଲେ ଶ୍ରୀଅରବିନ୍ଦ ।

ଆଜି ଶ୍ରୀଅରବିନ୍ଦଙ୍କ ପ୍ରତି ବିଶ୍ୱବ୍ୟାପୀ ବିଦଗ୍ଧ ସଂଧାନୀ ଓ ଜିଜ୍ଞାସୁମାନଙ୍କ ଦୃଷ୍ଟି ଅଧିକରୁ ଅଧିକ ମାତ୍ରାରେ ଆକର୍ଷିତ ହୋଇଚାଲିଛି । ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଦେଶ ବିଦେଶରେ ଶ୍ରୀଅରବିନ୍ଦଙ୍କ ଉପରେ ଗବେଷଣା କରି ଡକ୍‌ଟରେଟ୍-ପ୍ରାପ୍ତ ଧୀମାନଙ୍କ ସଂଖ୍ୟା ଏକ ଡଜନ୍ ଥିଲା କି ନା ସନ୍ଦେହ; ଆଜି ସେ ସଂଖ୍ୟା ଅସଂଖ୍ୟ-ମୁଖୀ । ସମସ୍ତ ବିଶିଷ୍ଟ ବିଶ୍ୱବିଦ୍ୟାଳୟରେ ସାହିତ୍ୟ, ଦର୍ଶନ ବା ରାଜନୀତି ବିଜ୍ଞାନ – ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ତାଙ୍କ ବକ୍ତବ୍ୟ ଅନ୍ତର୍ଭୁକ୍ତ । ଆଜି ବେଶ୍ କେତେଜଣ ଅଧ୍ୟାତ୍ମ ଗୁରୁ ପ୍ରତିଷ୍ଠାନମାନ ସ୍ଥାପନ କରୁଛନ୍ତି; ପ୍ରବଚନ ଦେଉଛନ୍ତି । ସମସ୍ତେ କିନ୍ତୁ ଜୀବନବାଦୀ । ସେମାନଙ୍କ ଭାଷା ଏବଂ ଦିଗ୍‌ଦର୍ଶନ ଉପରେ ଶ୍ରୀଅରବିନ୍ଦଙ୍କ ପ୍ରଭାବ ସ୍ପଷ୍ଟ । ସେମାନଙ୍କ ପୂର୍ବବର୍ତ୍ତୀ ଗୁରୁମାନେ ଥିଲେ ଜୀବନ-ବିମୁଖ । କିନ୍ତୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ଅବଚେତନକୁ ଅଦ୍ୟାବଧି ବୁଦ୍ଧ-ଶଙ୍କର ପ୍ରଚାରିତ ନିରାଶାବାଦ, ଜୀବନ-ବିମୁଖତା, ବହୁଳାଂଶରେ ଅକ୍ତିଆର କରିରଖିଛି । ଜଣେ ଦୁରାଚାରୀ ପାଇଁ ମଧ୍ୟ ଯୁକ୍ତି ହେଲା, ଜୀବନ ଅଳୀକ । ଦୁର୍ନୀତି ମାୟା ମାତ୍ର ! ଅତଏବ ଅଦ୍ୟାବଧି ଶ୍ରୀଅରବିନ୍ଦ ଏକ ଭୂମିକା ମାତ୍ର ହୋଇ ରହିଛନ୍ତି ।

ଆଜି ୧୯ ତାରିଖ ଅଗଷ୍ଟ ୨୦୧୪ରେ ଏ ସମାବେଶରେ ଉପସ୍ଥିତ ଆମ୍ଭେମାନେ ଶହେବର୍ଷ ପରର ଏହି ତାରିଖରେ ନଥିବୁ; ଆପଣମାନଙ୍କ ଭିତରୁ କେହି କେହି ଯଦି ନିର୍ବାଣ ମାର୍ଗ ବାଛି ନେଇଥିବେ, ତେବେ ତାହା ଭିନ୍ନ କଥା । ଅନ୍ୟମାନେ, ଆମ ଭିତରୁ ଅଧିକାଂଶ ଭିନ୍ନ ନାମ ଓ ପରିଚୟରେ ବିଦ୍ୟମାନ ଥିବେ । ସେତେବେଳକୁ ଆଜିର ଏ କୃତଜ୍ଞତାବୋଧ ବହୁ ଅଧିକ ସଚେତନ ରୂପ ଗ୍ରହଣ କରିଥିବ ।

ପ୍ରଥମ ମହାଯୁଦ୍ଧ ଲାଗିଯିବାରୁ ରାଷ୍ଟ୍ରୀୟ ବିଧାନଗତ କାରଣରୁ ପଲ୍ ରିସାର୍‌ଙ୍କୁ ପତ୍ରିକା ପ୍ରକାଶନର ମାତ୍ର ପ୍ରାୟ ସାତମାସ ପରେ ଫ୍ରାନ୍‌ସ୍ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା । ପତ୍ରିକାର ଭିତ୍ତି ଦୃଢ଼ କରିଦେଇ ଶ୍ରୀମା ମଧ୍ୟ ସାମୟିକଭାବରେ ବିଦାୟ ନେବା ଅନିବାର୍ଯ୍ୟ ହେଲା । ଫଳରେ ପତ୍ରିକାର ଚଉଷଠି ପୃଷ୍ଠା ବ୍ୟାପୀ ସମସ୍ତ ରଚନା ଲେଖିଲେ ଶ୍ରୀଅରବିନ୍ଦ । (ଅବଶ୍ୟ ପତ୍ରିକାର ଫରାସୀ ସଂସ୍କରଣ ବନ୍ଦ ହୋଇଗଲା ।)

ଆଜି ଆମକୁ ହତବାକ୍ ଲାଗେ – କେଉଁ ପର୍ଯ୍ୟାୟର ଚେତନା ଏତେ ଭିନ୍ନ ଭିନ୍ନ ବିଷୟରେ, ଏକ ସମୟରେ, ଏହି ମାନର ପ୍ରଜ୍ଞା ପରିବେଷଣ କରିପାରେ ? ଅବଶ୍ୟ ଶ୍ରୀଅରବିନ୍ଦ କହିଛନ୍ତି – ସେ ତାଙ୍କର ଧୀଶକ୍ତି ବା ଚିନ୍ତା-ଭାବନା ଭିତରୁ ଏସବୁ ସୃଷ୍ଟି କରୁନଥିଲେ; ଏହା ତାଙ୍କ ଭିତରକୁ ପ୍ରବହମାନ ହୋଇ ଆସୁଥିଲା ଊର୍ଦ୍ଧ୍ୱଲୋକରୁ । ୧୯୨୧ ଜାନୁଆରୀ ସଂଖ୍ୟା ପରେ ଆର୍ଯ୍ୟ ପ୍ରକାଶନ ସ୍ଥଗିତ ହୋଇଥିଲା ।

ଅମୃତବାଣୀ ଏବଂ ଅମୃତଶକ୍ତିର ବାହକ ହେ ''ଆର୍ଯ୍ୟ'', ଆମର କୃତଜ୍ଞତା ଗ୍ରହଣ କର । ❖

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ଅତିମାନସ ଶକ୍ତିକୁ ଧାରଣ କରି ସ୍ଥାୟିଭାବରେ ଏକ ନୂତନ ପ୍ରଜାତି ସୃଷ୍ଟି କରିବା ପାଇଁ ଆବଶ୍ୟକ ଏକ ନୂତନ ଜଡ଼ପଦାର୍ଥ । ମଣିଷ ବା ହୋମୋସାପିଏନ୍‌ର ଜୀବକୋଷ ମାନସଶକ୍ତି ଦ୍ୱାରା ନିର୍ମିତ ହୋଇଛି । ବିଶୁଦ୍ଧ ଜୀବକୋଷ ଯାହାକି ପରମାତ୍ମାଙ୍କର ବୀଜର ବିଶୁଦ୍ଧ ସ୍ଥୂଳରୂପ, ତାହା ଉପରେ କେତେଗୁଡ଼ିଏ ଆବରଣ ବା ଖାଦ ମିଶିବା ଫଳରେ ଏବଂ ବିବର୍ତ୍ତନର ଶିଖର ଦେଶରେ ରହିଥିବା ମନୁଷ୍ୟଜାତି ପୃଥିବୀପୃଷ୍ଠରେ ବିଚରଣ କରୁଛି । ପରମାତ୍ମା ନିଜକୁ ଏହି ମଣିଷ ଭିତରେ ଅଭିବ୍ୟକ୍ତ କରି ବ୍ୟକ୍ତିରୂପ ଧାରଣ କରିଛନ୍ତି ସତ, କିନ୍ତୁ ମଣିଷ ଭିତରେ ସତ୍ୟଚେତନା ବିଭାଜିତ ହୋଇ ରହିଛି । ମନ ସେଇ ବିଭାଜନର ଯନ୍ତ୍ର, ଏହା ସତ୍ୟ ଚେତନାକୁ ଧାରଣ କରିବା ତ ଦୂରର କଥା, ତାହାର ଧାରଣା ବି କରିପାରିବ ନାହିଁ ।

ବର୍ତ୍ତମାନ ପରମାତ୍ମା ନିଜର ସତ୍ୟଚେତନାକୁ ସ୍ଥୂଳରୂପ ଦେବାର ବେଳ ଆସିଛି । ଜଡ଼ପଦାର୍ଥ ଧୀରେ ଧୀରେ ବିବର୍ତ୍ତିତ ହୋଇ ସେଥିନିମିତ୍ତ ପ୍ରସ୍ତୁତ ହୋଇଗଲାଣି । ଏଥିପାଇଁ ଶ୍ରୀମା ଓ ଶ୍ରୀଅରବିନ୍ଦ ପ୍ରଗାଢ଼ ସାଧନା କରିଥିଲେ । କିନ୍ତୁ ଶରୀରର ଜୀବକୋଷକୁ ରୂପାନ୍ତରିତ କରି, ସେଥିରୁ ସମସ୍ତ ଆବରଣକୁ ଉଠାଇଦେଇ ଏକ ନୂଆ ଜଡ଼ପଦାର୍ଥକୁ ତିଆରି କରିବାର ସାଧନା କରିଥିଲେ ମା'– ମୁହୂର୍ତ୍ତକୁ ମୁହୂର୍ତ୍ତ ମା'ଙ୍କର ଜୀବକୋଷମାନେ ଶିକ୍ଷା ଲାଭ କରୁଥିଲେ, ମନ୍ତ୍ର ଜପ କରୁଥିଲେ ଓ ଅମରତ୍ୱ ପାଇଁ ପ୍ରସ୍ତୁତ ହେଉଥିଲେ । ମାନସିକ ପରିଚାଳନାରୁ ମୁକ୍ତହୋଇ ଅତିମାନସିକ ପରିଚାଳନା ସହିତ ଅଭ୍ୟସ୍ତ ହେଉଥିଲେ । ମା' କହିଥିଲେ ଯେ ତାଙ୍କ ଶରୀରରେ ସାଧନାର ସିଦ୍ଧି ଆସିଗଲେ ଅନ୍ୟମାନଙ୍କର ଶରୀର ସେହି ସାଧନା ଅଧିକ ସହଜଭାବେ କରି ସିଦ୍ଧି ଲାଭ କରିପାରିବ । ଏହିପରି ଗୋଟିଏ ଗୋଷ୍ଠୀ ଯଦି ଅତିମାନସକୁ ଧାରଣ କରିବା ଭଳି ଜଡ଼ ଉପାଦାନକୁ ପ୍ରସ୍ତୁତ କରିପାରିବେ, ତେବେ ଅତିମାନସ ସତ୍ତାର ଆବିର୍ଭାବ ସହଜତର ହେବ ।

କିନ୍ତୁ ଦୁଃଖର କଥା ହେଉଛି, ଅଧିକାଂଶ ମଣିଷଙ୍କର ଏ ସମ୍ବନ୍ଧରେ ସାମାନ୍ୟତମ ଧାରଣା ବି ନାହିଁ ।

ମା' କହିଥିଲେ, ''... But [Mother added], even at this moment in time, the vast majority of men and human intellectuality is perfectly satisfied being busy with itself and its little progress in circles. It doesn't even have – not even a desire for something else !''

(The Mind of the Cells, page. 165)

''କିନ୍ତୁ ଏମିତିକି ବର୍ତ୍ତମାନ ମୁହୂର୍ତ୍ତରେ ବି ବହୁ ସଂଖ୍ୟକ ମାନବ ଏବଂ ମାନବିକ ବୌଦ୍ଧିକତାରେ ନିଜକୁ ଧରି ବ୍ୟସ୍ତ ରହିବାରେ ସନ୍ତୁଷ୍ଟ, ଗୋଟିଏ ବୃତ୍ତ ଭିତରେ ସାମାନ୍ୟ କିଛି ପ୍ରଗତିକୁ ଧରି ସନ୍ତୁଷ୍ଟ ହୋଇ ରହିଛନ୍ତି । ଏପରିକି ଏହାର ''ଅନ୍ୟକିଛି'' ନିମିତ୍ତ କିଛି କାମନା ମଧ୍ୟ ନାହିଁ ।

(ମାଇଣ୍ଡ ଅଫ୍ ଦି ସେଲ୍‌ସ, ପୃ. ୧୬୫)

କିନ୍ତୁ ମା' କହିଥିଲେ, ମଣିଷ ଏହା ଚାହୁଁ ବା ନଚାହୁଁ, ଅତିମାନସିକ ସତ୍ତାର ଆଗମନ ଅବଶ୍ୟମ୍ଭାବୀ । ଯେତେବେଳେ ପ୍ରଥମ ମଣିଷ ପୃଥିବୀରେ ଦେଖାଦେଇଥିବ, ଏହାର ପୂର୍ବପୁରୁଷ ଅର୍ଥାତ୍ ବଡ଼ ମାଙ୍କଡ଼ଟିଏ ତାକୁ ବୁଝିପାରି ନଥିବ, ଆମର ଅବସ୍ଥା ମଧ୍ୟ ସେହିପରି ହେବ । ଆମେ ଯଦି ସଚେତନ ଭାବରେ ଏଥିପାଇଁ ପ୍ରସ୍ତୁତ ନହେବା, ଅତିମାନବକୁ ଚିହ୍ନିପାରିବା ନାହିଁ, ହୁଏତ ପୃଥିବୀରୁ ଉଭେଇଯିବା ବା ଶକ୍ତିହୀନ ହୋଇପଡ଼ିବା । କିନ୍ତୁ ମା' ଯେହେତୁ ସଚେତନଭାବରେ ଏହି ସାଧନା ନିଜ ଦେହରେ କରିଥିଲେ, ଆମେ ମଧ୍ୟ ଏହାକୁ କରିପାରିବା – ମଣିଷ ନିଜେ ନିଜର ଜୀବକୋଷକୁ ରୂପାନ୍ତରିତ କରି, ନୂତନ ପ୍ରଜାତିରେ ରୂପାନ୍ତରିତ ହେବ ଓ ଏହି ଆନନ୍ଦକୁ ଉପଲବ୍ଧି କରିପାରିବ ।

ଆମେମାନେ ଜାଣିଛେ ଯେ ଅତିମାନସିକ ସତ୍ତା ଏକ ଆଧ୍ୟାତ୍ମିକ ବ୍ୟକ୍ତି ନୁହେଁ, ଉଚ୍ଚତର ମନୁଷ୍ୟ ନୁହେଁ । ଏହା ସଂପୂର୍ଣ୍ଣ ଭାବରେ ଭିନ୍ନ ଏକ ଜୀବସତ୍ତା, ଏହା ଦେବତା ନୁହେଁ କିଂବା ଅତିମାନସିକ ଚେତନା ଏକ ଆଧ୍ୟାତ୍ମିକ ଚେତନା ନୁହେଁ ।

ଅତିମାନବକୁ ଏଭଳି କଳ୍ପନା କରାଯାଏ ଯେ, ସେ ଏକ ଦିବ୍ୟସତ୍ତା । ମଣିଷ ରୂପଧାରୀ ସତ୍ତା, କିନ୍ତୁ ତାହାର ଚେତନା ଦିବ୍ୟ । ଏହି ଅବବୋଧ ଯଥାର୍ଥ ନୁହେଁ । କାରଣ, ମା' କହିଛନ୍ତି :

''... I don't know. And truly, with the feeling that ALL that one has lived, all one has known, all one has done, is a perfect illusion. Then, you know.... When one has the spiritual experience that material life is an illusion (some find it painful, but I found it so wonderfully beautiful and cheerful that it was one of the most beautiful experiences of my life), but now, it's the whole spiritual construction as we have lived it that has become a complete illusion ! — Not the same illusion, but a far more serious illusion.''

(*The Mind of the Cells,* page. 167)

''... ମୁଁ ଜାଣେ ନାହିଁ, ମୋର ଅନୁଭବ ହେଉଛି ଯେ ଆମେ ଯେପରି ଭାବରେ ବଞ୍ଚିଛୁ, ଯାହାସବୁ ଜାଣିଛୁ, ଯାହା-ସବୁ କରିଛୁ, ସବୁକିଛି ସଂପୂର୍ଣ୍ଣ ଭ୍ରମପୂର୍ଣ୍ଣ । ତା'ପରେ, ତୁ ଜାଣୁ... ଆଧ୍ୟାତ୍ମିକ ଜୀବନରେ ଏପରି ଅଭିଜ୍ଞତା ଆସେ ଯେ ଏହି ଭୌତିକ ପୃଥିବୀ ଏକ ମାୟା ମାତ୍ର (କେତେକ ଲୋକ ଏହାକୁ ଯନ୍ତ୍ରଣାଦାୟକ ବୋଲି ମନେ କରନ୍ତି, ମୁଁ କିନ୍ତୁ ଏହାକୁ ଅତି ଚମତ୍କାର ଭାବରେ ସୁନ୍ଦର ଓ ସୁଖଦାୟକ ମନେ କରିଥିଲି, ମୋ' ଜୀବନର ଅନେକ ସୁନ୍ଦରତମ ଅଭିଜ୍ଞତା ଭିତରୁ ଏହା ଗୋଟିଏ) କିନ୍ତୁ ବର୍ତ୍ତମାନ, ଆମେ ଯେଉଁ ସମଗ୍ର ଆଧ୍ୟାତ୍ମିକ ଗଠନ ଭିତରେ ବଞ୍ଚିଥିଲୁ, ତାହା ସମ୍ପୂର୍ଣ୍ଣ ଭାବରେ ମାୟାରେ ପରିଣତ ହୋଇଗଲା ! – ସେ ପ୍ରକାରର ମାୟା ନୁହେଁ, ବରଂ ତାହାଠାରୁ ଅଧିକ ଏକ ସାଂଘାତିକ ମାୟା ।''

(*ମାଇଣ୍ଡ ଅଫ୍ ଦି ସେଲ୍ସ, ପୃ. ୧୬୭*)

ଆମର ବର୍ତ୍ତମାନର ସର୍ବୋତ୍ତମ ଆଧ୍ୟାତ୍ମିକ ଅଭିଜ୍ଞତା, ଅଦ୍ୱୈତବାଦ, ଦ୍ୱୈତବାଦ, ମୋକ୍ଷ, ନିର୍ବାଣ, ସାଲୋକ୍ୟ, ସନ୍ନ୍ୟାସ, ସମାଧି – ସବୁକିଛି, ସମସ୍ତ ଆଧ୍ୟାତ୍ମିକ ଅଭିଜ୍ଞତା, ଏହି ଅତିମାନସର ଅବବୋଧ ନିମିତ୍ତ ସଂପୂର୍ଣ୍ଣ ମାୟାପରି ଅନୁଭୂତ ହେଉଥିଲା । ଏଥିରେ ସ୍ଥାନ ଓ କାଳ ଭିନ୍ନ ହୋଇଯାଇଥିଲା । ଏପରିକି ମା' କହିଥିଲେ, ସେ ଆଖି ବନ୍ଦ କଲେହିଁ ସ୍ପଷ୍ଟତରଭାବରେ ଦେଖିପାରୁଥିଲେ, ଆଖି ଖୋଲିଲେ, ସବୁ ଅସ୍ପଷ୍ଟ ହୋଇଯାଉଥିଲା । କିନ୍ତୁ ଏହା ଅନ୍ତଶ୍ଚକ୍ଷୁର ଦୃଷ୍ଟି ନୁହେଁ, ଏହା ସେହି ସ୍ଥୂଳ ଦୃଷ୍ଟି, ଆମେ ଯେପରି ସ୍ଥୂଳଭାବରେ ଦେଖୁଛୁ, ଠିକ୍ ସେହିପରି । ବରଂ ଅଧିକତର ଭାବରେ ପୂର୍ଣ୍ଣ ଦୃଷ୍ଟି । ହୁଏତ ଏହା ମାନସିକ ଆବରଣରୁ ମୁକ୍ତ ବିଶୁଦ୍ଧ ଜୀବକୋଷଟିର ଦୃଷ୍ଟି !

ଶାଁବାଲୁଆଟିଏ ଯେତେବେଳେ ପ୍ରଜାପତିରେ ରୂପାନ୍ତରିତ ହୋଇଯାଏ, ଅନ୍ୟ ଶାଁବାଲୁଆମାନେ ତାକୁ କିଭଳି ବୁଝନ୍ତି ? କିପରି ଦେଖନ୍ତି ? ମା'ଙ୍କର ଜୀବକୋଷ ଭିତରେ ଚାଲୁଥିବା ଏପରି ଅଦ୍ଭୁତ ସାଧନାକୁ ଆମେ କିପରି ବୁଝିପାରନ୍ତେ ? ମା' ସେଥିପାଇଁ ବିଶେଷ ଭାବରେ ବୁଝାଇ ପାରି ନଥିଲେ । ଆମର ପରିଚିତ ଜଗତ୍ ଏବଂ ମା'ଙ୍କର ଭୌତିକ ଅବବୋଧ ଭିତରେ ଧୃତ ନୂତନ ଜଗତ୍ ଭିତରେ ସତେକି ଗୋଟିଏ ପର୍ଦ୍ଦା ପଡ଼ିଯାଇଥିଲା । ସତେକି ମା' ନୂତନ ଜାତିଟିକୁ ଗୋଟିଏ ଜାଲ ସେପାଖରେ ଦେଖୁଥିଲେ । କିନ୍ତୁ, ମା' ନିଶ୍ଚିତ ଥିଲେ ଯେ ଏହି ଦୃଷ୍ଟି ଆତ୍ମାର ବା ଚୈତ୍ୟ ସତ୍ତାର ଦୃଷ୍ଟି ନଥିଲା । ଏହା ଏକ ସ୍ଥୂଳ ଭୌତିକ ଦୃଶ୍ୟ ଥିଲା । ମା' କହିଥିଲେ, ''The net seems to be ... (how can I explain ?) what separates this true physical from the ordinary physical.''

(*The Mind of the Cells,* page. 170)

''ଏହି ଜାଲଟି ହୁଏତ ... (କିପରି ବୁଝାଇବି ?) ପ୍ରକୃତ ଶରୀରଠାରୁ ସାଧାରଣ ଶରୀରକୁ ଅଲଗା କରି ରଖିଛି ।''

(ମାଇଣ୍ଡ ଅଫ୍ ଦି ସେଲ୍ସ, ପୃ. ୧୭୦)

ଏହି ଜାଲଟି ଆମର ମାନସିକତା, ଯାହାକି ପରମ-ଚେତନାଙ୍କର ମୂଳ ସ୍ଥୂଳ ରୂପକୁ, ଏକ ସ୍ୱତନ୍ତ୍ର ବ୍ୟକ୍ତିରୂପ ଯାହା ନିମିତ୍ତ, ମନୁଷ୍ୟ ଭଳି ଏକ ପ୍ରଜାତିକୁ ସୃଷ୍ଟି କରିବା ନିମିତ୍ତ ବ୍ୟବହୃତ ହୋଇଥିଲା । ଏହି ମାନସିକତା ଭିତରେ ତାଙ୍କର ସଂପୂର୍ଣ୍ଣ ତତ୍ତ୍ୱ ବିକୃତ ହୋଇଯାଇଛି । ତେଣୁ ଆଗାମୀ ପ୍ରଜାତି ଭିତରେ ସେ ଆଉ ବିକୃତି ଭିତରଦେଇ ବିବର୍ତ୍ତିତ ହେବେ ନାହିଁ । ସେ ସତ୍ୟରୁ ଅଧିକତର ସତ୍ୟ ଭାବରେ ବିକଶିତ ହେବେ । ଏଥିପାଇଁ ଶରୀରକୁ ମୃତ୍ୟୁବରଣ କରିବାକୁ ହେବ ନାହିଁ । ଏହା ଉନ୍ମୋଚିତ ହେବ ସତ୍ୟରୁ, ଆଲୋକରୁ ଅଧିକତର ସତ୍ୟକୁ, ଅଧିକତର ଆଲୋକକୁ । ମିଥ୍ୟାର ଏହି ଆବରଣ ଉଠିଯିବା ମାତ୍ରେ, ଅତିମାନସ ଶକ୍ତି ସ୍ଥୂଳୀଭୂତ ହେବ ।

କିନ୍ତୁ, ଅତିମାନସିକ ସତ୍ତାମାନଙ୍କୁ ନେଇ ଏହି ପୃଥିବୀର ସ୍ୱରୂପ କିପରି ହେବ ? ପୁରାତନ ପ୍ରଜାତିମାନଙ୍କ ସହିତ ଏହାର ସମ୍ପର୍କ କିପରି ହେବ ? ମା' ବେଳେବେଳେ ଏ ସମ୍ବନ୍ଧରେ ଚିନ୍ତିତ ହୋଇପଡୁଥିଲେ । କିନ୍ତୁ, ଏକଥା ନିଶ୍ଚିତ ଥିଲା ଯେ, ଏହି ନୂତନ ଜଗତ୍ ତିଆରି ହେଉଥିଲା, ଏବେ ମଧ୍ୟ ହୋଇ ଚାଲିଛି । ''Yes, the future world is being built. I couldn't hear anymore, couldn't see anymore, couldn't speak anymore: I was living inside that all the time, night and day.''

(*The Mind of the Cells,* page. 173)

''ହଁ, ସେହି ଜଗତଟି ତିଆରି ହେଉଛି, ଭବିଷ୍ୟତର ଜଗତ୍ ତିଆରି ହେଉଛି । ମୁଁ ଆଉ କିଛି ଶୁଣିପାରୁ ନାହିଁ, ମୁଁ କିଛି ଦେଖିପାରୁ ନାହିଁ, କଥା କହିପାରୁ ନାହିଁ : ମୁଁ ସଦାବେଳେ, ଦିନ, ରାତି ସେହିଠାରେହିଁ ରହିଛି ।''

(ମାଇଣ୍ଡ ଅଫ୍ ଦି ସେଲ୍ସ, ପୃ. ୧୭୩)

ନୂତନ ଜଗତ୍ ତିଆରି ହୋଇ ଚାଲିଥିଲା, ଏବେ ଏହା ତିଆରି ହୋଇ ସାରିଥିବ । କିନ୍ତୁ ଆମର ଏହି ପୃଥିବୀ ସହିତ ତାହାର କିଛି ସମ୍ପର୍କ ହୋଇପାରି ନାହିଁ । ଯଦିଓ ଏହି ଜଗତ୍ ବର୍ତ୍ତମାନର ଜଗତ୍ ପରି ସ୍ଥୂଳ, ଏହା କେବଳ ଏକ ଭିନ୍ନ ଜଡ଼ପଦାର୍ଥ ଦ୍ୱାରା ନିର୍ମିତ । ମା' ଅତି ସହଜରେ ଏ ଜଗତରୁ ସେ ଜଗତକୁ ଚାଲିଯାଇ ପାରୁଥିଲେ । କିନ୍ତୁ ଏହି ଦୁଇ ଜଗତ୍ ଭିତରେ ଅତ୍ୟଧିକ ଆଶ୍ଚର୍ଯ୍ୟଜନକ ପାର୍ଥକ୍ୟ ରହିଥିଲା । ମା' ଏହା ଭିତରେ ଗୋଟିଏ ସେତୁ ସ୍ଥାପନ କରିବାର ପ୍ରଚେଷ୍ଟାରେ ଲାଗି ରହିଥିଲେ ।

(କ୍ରମଶଃ) ✥

## ଚୈତ୍ୟ, ଅତିମାନସ

*ଶିଷ୍ୟ : ମା', ଭାଗବତ ଭୂମି କ'ଣ ଚୈତ୍ୟସତ୍ତାର ଭୂମି ?*

**ଶ୍ରୀମା** : ଚୈତ୍ୟସତ୍ତାର ଭୂମିଠାରୁ ଏହା ଉଚ୍ଚତର । କୁହାଯାଇପାରେ ଯେ ଚୈତ୍ୟସତ୍ତା ଭଗବାନଙ୍କର ବାହନ, ଏହା ଭଗବାନଙ୍କୁ ଧାରଣ କରେ, ଏହା ଭଗବାନଙ୍କର ଆବାସ, କିନ୍ତୁ ଭଗବାନ୍ ଏହାଠାରୁ ଅଧିକ ଉଚ୍ଚରେ । କାରଣ ଚୈତ୍ୟସତ୍ତା ହେଉଛି ଭଗବତ୍ ଅଭିବ୍ୟକ୍ତିର ଗୋଟିଏ ବିଭାବ ମାତ୍ର ।

*ଶିଷ୍ୟ : ଅତିମାନସ ମଧ୍ୟ ଚୈତ୍ୟସତ୍ତା ନୁହେଁ କି ?*

**ଶ୍ରୀମା** : ଚୈତ୍ୟସତ୍ତାଠାରୁ ଅତିମାନସ ମଧ୍ୟ ଅନେକ ଅଧିକ ଉଚ୍ଚରେ ।

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ କୁହନ୍ତି ତାହା ହେଉଛି ଏକ ଦିବ୍ୟ ଉପାଦାନ ବା ଭଗବତ୍ ଦିବ୍ୟତତ୍ତ୍ୱ ଯାହା ବର୍ତ୍ତମାନ ବିଶ୍ୱଲୀଳାରେ ଆବିର୍ଭୂତ ହେବାକୁ ଯାଉଛି । ସେ ଏହାକୁ ଅତିମାନସ କହିଛନ୍ତି କାରଣ ଏହା ମନର ପରେ ଆସୁଛି, ଅର୍ଥାତ୍ ପରମ ଭଗବତ୍ ଦିବ୍ୟତତ୍ତ୍ୱର ଏହା ଏକ ନୂତନ ଅଭିବ୍ୟକ୍ତି । ଏବଂ ଏହା ଚୈତ୍ୟ ସହ ସଂବନ୍ଧିତ, ଯେପରି ଭଗବାନ୍ ଚୈତ୍ୟ ସହ ସଂବନ୍ଧିତ, ଅର୍ଥାତ୍ ଚୈତ୍ୟ ହେଉଛି ତାଙ୍କର ନିବାସ, ମନ୍ଦିର, ବାହନ ଯାହାକିଛି ବାହ୍ୟ ଭାବରେ ଭଗବାନଙ୍କୁ ଅଭିବ୍ୟକ୍ତ କରେ । କିନ୍ତୁ ଏହା କେବଳ ନିଜର ସାରସତ୍ୟରେ ଦିବ୍ୟ, ନିଜର ପୂର୍ଣ୍ଣାଙ୍ଗ ରୂପରେ ନୁହେଁ । ଏହା ହେଉଛି ଭଗବାନଙ୍କ ବାହ୍ୟ ପ୍ରକାଶର ଏକ ଧରଣ, ଭଗବାନଙ୍କ ତୁଳନାରେ ଏହା ବାହ୍ୟ ଅର୍ଥାତ୍ ଜାଗତିକ । ✥

পূর্ণযোগর ভিত্তি, প্রস্তুতি ও পরিণতি (৩২)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୮)

## ଶ୍ରୀପତି ଦାସ

### ଅତିମାନସ ଶିକ୍ଷା

*(ପୂର୍ବ ସଂଖ୍ୟାରେ ପ୍ରକାଶିତ ଉତ୍ତାରୁ...)*

''ଏମାନଙ୍କ ବ୍ୟତୀତ କମ୍ ସୁଖୀ ଏବଂ ଅଳ୍ପକ୍ଷଣସ୍ଥାୟୀ ସୁଖର ଅଧିକାରୀ ଅନ୍ୟ ଏକ ପ୍ରକାର ଲୋକ ଅଛନ୍ତି । ପ୍ରେମର କ୍ରିୟାରେ ଲାଗିରହିଥିବା କୁହୁକ ହେଲା ସେମାନଙ୍କ ସନ୍ତୋଷର କାରଣ । ପ୍ରତ୍ୟେକ ଥର ବ୍ୟକ୍ତି ତାହାର ଅହଂକାରାବଦ୍ଧ ସଂକୀର୍ଣ୍ଣ ସୀମାକୁ ଯେତେବେଳେ ଭାଙ୍ଗିଦିଏ, ଯେବେ ଆତ୍ମୋତ୍ସର୍ଗ ଦ୍ୱାରା ମୁକ୍ତ ଆକାଶକୁ ଉଡ଼ିଯାଏ, ହୁଏତ ଏହା ବ୍ୟକ୍ତି ପାଇଁ ହେଉ ବା ଦେଶ ପାଇଁ ହେଉ, ବା ତାହାର ଆଦର୍ଶ ପାଇଁ ହେଉ, ସେ ଏହି ଆତ୍ମତ୍ୟାଗରେ ପାଏ ଗୋଟାଏ ମହାନ୍ ଆସ୍ୱାଦ ଏବଂ ଏଥିରେ ମନେହୁଏ ଯେପରି ତାହାର ଭଗବାନଙ୍କ ସଙ୍ଗେ ସଂଯୋଗ; କିନ୍ତୁ ସଚରାଚର ଏହା ଗୋଟାଏ କ୍ଷଣସ୍ଥାୟୀ ସଂଯୋଗ; କାରଣ ମନୁଷ୍ୟ ମଧ୍ୟରେ ପ୍ରେମ ଆସିବା ମାତ୍ରକେ, ଏହା ତାହାର ଅହଂଗତ ନିମ୍ନବୃତ୍ତି ସଙ୍ଗେ ମିଶିଯାଏ । ତାହାକୁ ଏମାନେ ମଳିନ କରନ୍ତି ଏବଂ ତାହାର ପବିତ୍ରତାକୁ ନଷ୍ଟ କରିଦିଅନ୍ତି । ତେବେ ଯଦି ଏହା ବିଶୁଦ୍ଧ ରହିଥା'ନ୍ତା ତଥାପି ଭଗବତ୍ ସତ୍ତା ସଙ୍ଗେ ସଂଯୋଗ ଚିରସ୍ଥାୟୀ ହୋଇ ନଥା'ନ୍ତା । କାରଣ ପ୍ରେମ ହେଉଛି ଭଗବାନଙ୍କର କେବଳ ଗୋଟିଏ ବିଭାବ, ପୃଥିବୀପୃଷ୍ଠରେ ଭଗବାନଙ୍କ ଅନ୍ୟାନ୍ୟ ବିଭାବ ତୁଲ୍ୟ ଏହା ମଧ୍ୟ ବିକୃତ ହୋଇଛି ।

''ତେବେ ସାଧାରଣ ମନୁଷ୍ୟ ନିମିତ୍ତ ଏସବୁ ଅନୁଭୂତି ଉପଯୋଗୀ ଏବଂ ଉପକାରୀ, କାରଣ ସେମାନେ ପ୍ରକୃତିର ଚିରପରିଚିତ ପଥରେ ଚଳି ଚଳି ଭବିଷ୍ୟତର ଐକ୍ୟ ଆଡ଼କୁ ଚାଲୁଛନ୍ତି । କିନ୍ତୁ ସେମାନଙ୍କୁ ଏହା ତୃପ୍ତି ଦେଇପାରିବ ନାହିଁ । ଯେଉଁମାନେ ଦ୍ରୁତଗତିରେ ଚାଲିବାକୁ ଚାହାନ୍ତି – ଅର୍ଥାତ୍ ଯେଉଁମାନେ ଅନ୍ୟ ଗୋଟିଏ ଅପେକ୍ଷାକୃତ ସରଳ ଏବଂ କ୍ଷିପ୍ର ଗତିଧାରାର ଅନୁସରଣ କରିବାକୁ ଅଭୀପ୍ସା କରନ୍ତି । ପୁଣି ଏହା ଏପରି ଏକ ବିଶିଷ୍ଟ ଗତିଧାରା ଯାହା ସେମାନଙ୍କୁ ସାଧାରଣ ମନୁଷ୍ୟ-ପ୍ରକୃତି ଏବଂ ତାହାର ଅସରନ୍ତି ଜନ୍ମ-ମରଣଚକ୍ରରୁ ଉଦ୍ଧାରକରେ ଏବଂ ମାନବଜାତିର ଆଧ୍ୟାତ୍ମିକ ପ୍ରଗତିରେ ଭାଗ-ନେବାକୁ ସକ୍ଷମ କରେ । ଏହା ଫଳରେ ସେମାନେ ନୂତନ ମାନବଜାତିର ସୃଷ୍ଟି ନିମିତ୍ତ ଶୀଘ୍ରତମ ମାର୍ଗ ଦିଗରେ ପରିଚାଳିତ ହୁଅନ୍ତି ଏବଂ ଏହି ନୂତନ ମାନବଜାତିହିଁ ପୃଥିବୀପୃଷ୍ଠରେ ଅତିମାନସ ଜାତିକୁ ଅଭିବ୍ୟକ୍ତ କରିବ । ଏହି ବିଶିଷ୍ଟ ବ୍ୟକ୍ତିଗଣଙ୍କୁ ମନୁଷ୍ୟ ମଧ୍ୟରେ ଥିବା ସକଳ ପ୍ରକାର ପ୍ରାଣଜ ପ୍ରେମକୁ ତ୍ୟାଗ କରିବାକୁ ହେବ, କାରଣ ଏହା ଯେତେ ସୁନ୍ଦର ଏବଂ ପବିତ୍ର ହେଉନା କାହିଁକି, ଗୋଟାଏ ପ୍ରକାର ଗତିବିଭ୍ରମ ଘଟାଏ, ଯାହା ଫଳରେ ଭଗବାନଙ୍କ ସଙ୍ଗେ ପ୍ରତ୍ୟକ୍ଷ ସଂଯୋଗ କଟିଯାଏ ।

''ଯେ ଭଗବତ୍ ପ୍ରେମକୁ ଜାଣେ, ତା'ପାଖରେ ଅନ୍ୟ ସକଳ ପ୍ରକାର ପ୍ରେମ ମଳିନ, କ୍ଷୁଦ୍ର ଏବଂ ଅହଂମିଶ୍ରିତ ତଥା ଅନ୍ଧକାରମୟ । ମନେହୁଏ, ଏହା ଯେପରି ଗୋଟାଏ କ୍ରୟ-ବିକ୍ରୟ, ଗୋଟାଏ ଆଧିପତ୍ୟ ଓ ପ୍ରଭୁତ୍ୱ ପାଇଁ ଯୁଦ୍ଧ : ଏପରିକି ସବୁଠାରୁ ଭଲଲୋକଙ୍କ ମଧ୍ୟରେ ଏହା ଭ୍ରମ, ମନମୁଖିତା, ଦ୍ୱନ୍ଦ୍ୱ ଏବଂ ସନ୍ଦେହ ଦ୍ୱାରା ପରିପୂର୍ଣ୍ଣ ।

''ପୁନଶ୍ଚ ଏହା ଜଣାଶୁଣା କଥା ଯେ ଯାହାକୁ ତୁମେ ଭଲପାଅ, ତାଙ୍କରି ସଦୃଶ ହୋଇଉଠ । ଯଦି ତୁମେ ଭଗବାନଙ୍କ ପରି ହେବାକୁ ଚାହଁ, ତେବେ କେବଳ ଭଗବାନଙ୍କୁ ଭଲପାଇବ । ଭଗବାନଙ୍କ ସଙ୍ଗେ ପ୍ରେମର ମିଳନର ଆନନ୍ଦକୁ ଯେ ଉପଲବ୍ଧି କରିଛି, ସେହିଁ କେବଳ ଜାଣେ ତାହା ତୁଳନାରେ ଅନ୍ୟାନ୍ୟ ପ୍ରେମ କେବଳ କ୍ଷୀଣ, ନୀରସ ଏବଂ ସ୍ୱାଦହୀନ । ଏବଂ ଯଦି ଏହି ମିଳନରେ ପହଞ୍ଚିବାକୁ ସବୁଠାରୁ କଠୋର ଶୃଙ୍ଖଳାର ଆବଶ୍ୟକ ହୁଏ, ତେବେ ତାହା ଏପରି କିଛି କଠିନ, ଦୀର୍ଘ ବା କଠୋର ନୁହେଁ, ଯଦି ତାହା ଆମକୁ ପରିଶେଷରେ ସେଠାରେ ପହଞ୍ଚାଇ ଦିଏ । କାରଣ ଏହି ଅବସ୍ଥାହିଁ ବର୍ଣ୍ଣନାତୀତ ।

''ଆମ୍ଭେମାନେ ପୃଥିବୀପୃଷ୍ଠରେ ଏହି ଅନୁପମ ଅବସ୍ଥାକୁ ପ୍ରକାଶ କରିବାକୁ ଚାହୁଁ । ଏହାହିଁ ପୃଥିବୀକୁ ରୂପାନ୍ତରିତ କରିବ

ଏବଂ ଭଗବାନଙ୍କ ଯଥାଯୋଗ୍ୟ ବାସଭୂମିରୂପେ ଗଢ଼ିତୋଳିବ । ସେତେବେଳେ ଏହି ସତ୍ୟ ଓ ଶୁଦ୍ଧ ପ୍ରେମ ଶରୀରରେ ସ୍ଥାନ ପାଇବ, ଯାହା ପୁଣି ସେହି ପ୍ରେମର ଏକ ଆବରଣ ବା ଛଦ୍ମବେଶ ହେବ ନାହିଁ । ଏହି ତପସ୍ୟା ଯେପରି ସହଜ ହୁଏ ତା'ର ଅନ୍ତରଙ୍ଗତା ଯେପରି ସହଜଲଭ୍ୟ ଓ ସହଜବୋଧ ହୁଏ, ସେଥିନିମିତ୍ତ ଭଗବାନ୍ ଉର୍ଦ୍ଧ୍ୱତନ ପ୍ରେମ ସହ ବାହ୍ୟତଃ ମନୁଷ୍ୟ ପରି ମାନୁଷୀ ତନୁ ଧାରଣ କରି ଆସନ୍ତି; କିନ୍ତୁ ପ୍ରତ୍ୟେକ ଥର ଏହି ଜଡ଼ର ସ୍ଥୂଳରୂପ ଧାରଣ କରି ସେ ନିଜକୁ କେବଳ ବିକୃତଭାବରେ ପ୍ରକାଶ କରନ୍ତି । ତାଙ୍କରି ପୂର୍ଣ୍ଣ ଐଶ୍ୱର୍ଯ୍ୟ ସହ ସେ କେବଳ ସେତିକିବେଳେ ନିଜକୁ ସମ୍ପୂର୍ଣ୍ଣରୂପେ ପ୍ରକାଶ କରିପାରିବେ, ଯେତେବେଳେ ମନୁଷ୍ୟ ତା'ର ନିଜ ଚେତନା ଓ ଶରୀରରେ କିଛି ଅପରିହାର୍ଯ୍ୟ ଉନ୍ନତି କରିସାରିଥିବ । କାରଣ ସେହି ମହିମମୟ ଭାଗବତ ପ୍ରେମ ମନୁଷ୍ୟ-ଶରୀରକୁ ଆଶ୍ରୟ କରି ଯେତେବେଳେ ପ୍ରକାଶିତ ହୁଏ, ସେତେବେଳେ ମନୁଷ୍ୟ ତାହାର କ୍ଷୁଦ୍ର ଅହମିକା ଓ ମୂର୍ଖତାପୂର୍ଣ୍ଣ ଗର୍ବରେ ଏହାକୁ ଏକ ଦୁର୍ବଳତା, ପର-ନିର୍ଭରତା ଏବଂ ଅକ୍ଷମତାର ଚିହ୍ନ ବୋଲି ଭାବେ ।

''ତଥାପି, ପ୍ରଥମରେ ଅସ୍ୱଷ୍ଟ ହେଲେ ମଧ୍ୟ ମନୁଷ୍ୟ ଯେତେବେଳେ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବ, ସେତେହିଁ ସ୍ପଷ୍ଟଭାବେ ବୁଝିପାରିବ ଯେ ଏକମାତ୍ର ପ୍ରେମହିଁ ପୃଥିବୀରେ ସକଳ ଦୁଃଖ-ନିବାରଣ କରିବାକୁ ସମର୍ଥ; ବିଶୁଦ୍ଧ ପ୍ରେମର ଆନନ୍ଦହିଁ କେବଳ ବିଶ୍ୱ-ବିଚ୍ଛେଦର ଜ୍ୱଳନ୍ତ ବେଦନାକୁ ଉପଶମ କରିପାରିବ । କାରଣ କେବଳ ସେହି ପରମ ମିଳନର ଆନନ୍ଦ ମଧ୍ୟରେ ସୃଷ୍ଟି ତାହାର ଯଥାର୍ଥ ମୂଲ୍ୟ ଓ ସାର୍ଥକତା ଲାଭକରେ ।

''ସୁତରାଂ କୌଣସି ଉଦ୍ୟମ ଏପରି କଠିନ ନୁହେଁ, କୌଣସି ସାଧନା ଏପରି କଠୋର ନୁହେଁ ଯଦି ତାହା ଏହି ଭୌତିକ ଶରୀରକୁ ଜ୍ୟୋତିର୍ମୟ, ବିଶୁଦ୍ଧ, ପରିପୂର୍ଣ୍ଣ ଏବଂ ରୂପାନ୍ତରିତ କରିପାରିବ; ତାହାହେଲେ ଭଗବାନ୍ ଯେତେବେଳେ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହେବେ, ସେତେବେଳେ ଏହି ଭୌତିକଶରୀର ତାଙ୍କୁ ବାହ୍ୟତଃ ଆବୃତ କରି ରଖିପାରିବ ନାହିଁ । ସେତେବେଳେ ପୃଥିବୀରେ ସେହି ଅପରୂପ, ଅନୁପମ ଦିବ୍ୟପ୍ରେମ ଅବାଧରେ ପ୍ରକାଶିତ ହୋଇପାରିବ ଏବଂ ଏହାହିଁ ବିଶ୍ୱକୁ ଆନନ୍ଦର ମଧୁମୟ ସ୍ୱର୍ଗରେ ପରିଣତ କରିବାକୁ ସମର୍ଥ ହେବ ।

''ତୁମେ କହିପାର ଯେ ଏହାହିଁ ହେଉଛି ଚରମ ଲକ୍ଷ୍ୟ, ଚେଷ୍ଟାର ଶେଷ ପରିଣତି, ଅନ୍ତିମ ବିଜୟ, କିନ୍ତୁ ସେଠାରେ ପହଞ୍ଚିବାକୁ ହେଲେ କ'ଣ କରିବାକୁ ହେବ, କେଉଁ ପଥ ଅନୁସରଣ କରିବାକୁ ହେବ ଏବଂ ସେହି ପଥର ପ୍ରଥମ ପାବଚ୍ଛଗୁଡ଼ିକ କ'ଣ ?

''ଯେହେତୁ ଆମ୍ଭେମାନେ ତା'ର ପୂର୍ଣ୍ଣଦୀପ୍ତି ସହିତ ଏହି ସିଦ୍ଧାନ୍ତ ନେଇଛୁ ଯେ ପ୍ରେମକୁ କେବଳ ଭଗବାନଙ୍କ ସଙ୍ଗେ ବ୍ୟକ୍ତିଗତ ସମ୍ବନ୍ଧ ନିମିତ୍ତ ସଂରକ୍ଷିତ କରିବାକୁ, ସେଥିପାଇଁ ଅନ୍ୟ ସଙ୍ଗରେ ଆମର ସମ୍ବନ୍ଧ ସ୍ଥାପନ କରିବାରେ ଏହି ପ୍ରେମ ସ୍ଥାନରେ ଏକ ପୂର୍ଣ୍ଣ ହାର୍ଦ୍ଦିକ, ନିତ୍ୟ, ଅପରିବର୍ତ୍ତନୀୟ, ଅହଂଶୂନ୍ୟ କରୁଣା ଓ ସଦିଚ୍ଛା ଆଣିବାକୁ ହେବ । ଏହା ଅନ୍ୟଠାରୁ କୌଣସି ପ୍ରକାର ପୁରସ୍କାର, କିଂବା କୃତଜ୍ଞତା ବା ସ୍ୱୀକୃତି ଚାହିଁବ ନାହିଁ । ଅନ୍ୟମାନେ ତୁମ ପ୍ରତି ଯେପରି ବ୍ୟବହାର କରନ୍ତୁ ନା କାହିଁକି, ତୁମେ କାହାରି ପ୍ରତି ବିରକ୍ତିରେ କେବେ ବି ଭାସିଯିବ ନାହିଁ ଏବଂ ତୁମେ ତୁମର ବିଶୁଦ୍ଧ, ଅବିମିଶ୍ର ଦିବ୍ୟପ୍ରେମରେ ଭଗବାନଙ୍କୁ ଏକମାତ୍ର ବିଚାରକ କରି ଛାଡ଼ିଦେବ;– କି ପ୍ରକାରେ ସେ ତୁମକୁ ଅନ୍ୟର ଭୁଲ୍ ବୁଝାମଣା ଓ ଅସଦିଚ୍ଛାଠାରୁ ରକ୍ଷାକରିବେ, ତାହାର ବିଚାର ସେ କରିବେ ।

''ତୁମେ ତୁମର ସକଳ ଆନନ୍ଦ ଓ ସକଳ ସୁଖ କେବଳ ଏକମାତ୍ର ଭଗବାନଙ୍କଠାରୁହିଁ ଆଶାକରିବ । କେବଳ ତାଙ୍କରି ମଧ୍ୟରେହିଁ ଖୋଜିବ ଓ ପାଇବ ତୁମର ଏକମାତ୍ର ସହାୟକ ଓ ସମ୍ବଳ । ସେ ତୁମର ଦୁଃଖରେ ତୁମକୁ ସାନ୍ତ୍ୱନା ଦେବେ, ପଥରେ ହାତଧରି ଚଳାଇନେବେ, ଝୁଣ୍ଟି ପଡ଼ିଲେ ତୁମକୁ ଉଠାଇନେବେ ଏବଂ ଅବସନ୍ନ ଓ କ୍ଲାନ୍ତି ସମୟରେ ସେ ତୁମକୁ ତାଙ୍କର ଦୃଢ଼ ପ୍ରେମମୟ ବାହୁରେ ଜାବୁଡ଼ିଧରିବେ ଏବଂ ତାଙ୍କରି ସୁକୋମଳ ମଧୁରତାରେ ଆଲିଙ୍ଗନ କରିବେ ।

''ଏଠାରେ ଏକ ସନ୍ଦେହ ଦୂରକରିବା ନିମିତ୍ତ ମୁଁ କହି ରଖୁଛି ଯେ ଭାଷାର ଆବଶ୍ୟକତା ଅନୁସାରେ ମୁଁ ଭଗବାନଙ୍କୁ ପୁଂଲିଙ୍ଗ ଭାବରେ ସମ୍ବୋଧନ କରିବାକୁ ବାଧ୍ୟ ହୋଇଛି, କିନ୍ତୁ ବସ୍ତୁତଃ ସେହି ପ୍ରେମର କଥା ମୁଁ କହୁଛି, ଯାହା ସ୍ତ୍ରୀଲିଙ୍ଗ ଓ ପୁଂଲିଙ୍ଗ ଉର୍ଦ୍ଧ୍ୱରେ ଏବଂ ତାହା ଯେତେବେଳେ ମନୁଷ୍ୟର ଶରୀରରେ ସ୍ଥାନ ପାଏ, କର୍ତ୍ତବ୍ୟର ପ୍ରୟୋଜନ ଅନୁସାରେ ଅବାଧରେ ଏହା ସ୍ତ୍ରୀ କିଂବା ପୁରୁଷର ଶରୀରରେ ଆଶ୍ରୟ ଗ୍ରହଣ କରେ ।

''ସଂକ୍ଷେପରେ, ହୃଦୟାନୁଭବର ତପସ୍ୟା ହେଉଛି ଏକମାତ୍ର ଭଗବାନଙ୍କ ପ୍ରତି ଏକାଗ୍ରଭାବେ ଆସକ୍ତହେବା ଏବଂ ଅନ୍ୟ ସମସ୍ତ ଭାବାବେଗ ଓ ଆସକ୍ତିକୁ ବର୍ଜନକରିବା,– ଏହି

ଆବେଗ ଯେଉଁ ପ୍ରକାରର ହେଉ ନା କାହିଁକି,– ଏହା ବ୍ୟକ୍ତି ପାଇଁ ହେଉ, ପରିବାର ପାଇଁ ହେଉ, ଦେଶ ପାଇଁ ହେଉ ବା ଅନ୍ୟ ଯେକୌଣସି ବସ୍ତୁ ପାଇଁ ହେଉ । ଶେଷରେ ଏହି ଏକାଗ୍ରତାହିଁ ପୂର୍ଣ୍ଣାଙ୍ଗ ଭଗବାନଙ୍କ ସଙ୍ଗେ ଏକତ୍ୱଲାଭରେ ପର୍ଯ୍ୟବସିତ ହେବ ଏବଂ ପୃଥିବୀପୃଷ୍ଠରେ ଅତିମାନସ ସିଦ୍ଧି ନିମିତ୍ତ ଏକ ଯନ୍ତ୍ରରେ ପରିଣତ ହେବ ।

''ଏହାହିଁ ଆମ୍ଭମାନଙ୍କୁ ସ୍ୱାଭାବିକ ଭାବରେ ନେଇଯାଏ ଚତୁର୍ବିଧ ମୁକ୍ତି ଦିଗରେ ଯାହା ସିଦ୍ଧିର ବାସ୍ତବ ରୂପ ଧାରଣ କରିବ ଏବଂ ଅତିମାନସ ଐକ୍ୟର ପରିପୂର୍ଣ୍ଣ ସିଦ୍ଧିରେ ଭାବାନୁବେଗର ମୁକ୍ତିହିଁ ହେବ ଦୁଃଖଯନ୍ତ୍ରଣାରୁ ମୁକ୍ତି ।

''ମାନସିକ ମୁକ୍ତି ବା ଅଜ୍ଞାନତାରୁ ମୁକ୍ତି ପ୍ରତିଷ୍ଠା କରିବ ସତ୍ତାରେ ଜ୍ୟୋତିର୍ମୟ ମାନସର ଦିବ୍ୟଚେତନା; ଯାହା ଶବ୍ଦବ୍ରହ୍ମର ସୃଜନଶକ୍ତିରେ ପ୍ରକାଶିତ ହେବ ।

''ପ୍ରାଣର ମୁକ୍ତି ଅର୍ଥାତ୍ କାମନା-ବାସନାରୁ ମୁକ୍ତି ବ୍ୟକ୍ତିଗତ ସଂକଳ୍ପକୁ ଭାଗବତ ସଂକଳ୍ପ ସଙ୍ଗେ ପରିପୂର୍ଣ୍ଣ ଓ ସଜ୍ଞାନ ମିଳନ ସକାଶେ ସାମର୍ଥ୍ୟ ପ୍ରଦାନ କରେ ଯାହାଫଳରେ ଶକ୍ତି, ନିରବଚ୍ଛିନ୍ନ ଶାନ୍ତି ଓ ସ୍ଥିରତା ଦେଖାଦିଏ ।

''ପରିଶେଷରେ ଚରମ ପରିଣାମରୂପେ ଆସେ ଶାରୀରିକ ମୁକ୍ତି ଅର୍ଥାତ୍ ଜଡ଼ର କାର୍ଯ୍ୟକାରଣ ବିଧିରୁ ମୁକ୍ତି । କାରଣ, ସେତେବେଳେ ତୁମେ ପୂର୍ଣ୍ଣରୂପେ ତୁମର ପ୍ରଭୁ । ଆଉ ପ୍ରକୃତି-ନିୟମର ଦାସ ନୁହଁ, ଯାହା ତୁମକୁ ଅର୍ଦ୍ଧଚେତନା ଓ ଅବଚେତନାର ପ୍ରେରଣା ଦ୍ୱାରା କାର୍ଯ୍ୟ କରାଏ ଏବଂ ସାଧାରଣ ଜୀବନର ଗତାନୁଗତିକ ପଥରେ ବାନ୍ଧିରଖେ । ଏହି ମୁକ୍ତି ଫଳରେ ତୁମେ ପୂର୍ଣ୍ଣଜ୍ଞାନ ସହ ନିର୍ଣ୍ଣୟ କରିପାରିବ – କେଉଁ ରାସ୍ତାରେ ତୁମକୁ ଯିବାକୁ ହେବ, କେଉଁ କାର୍ଯ୍ୟ ତୁମକୁ କରିବାକୁ ହେବ, ତୁମେ ନିଜକୁ ସମସ୍ତ ଅନ୍ଧନିୟତି ହାତରୁ ମୁକ୍ତକରିବ ଏବଂ ତୁମର ଜୀବନ-ଧାରାରେ କେବଳ ଯେଉଁ ଏକମାତ୍ର ବସ୍ତୁ ପ୍ରଭାବ ବିସ୍ତାର କରିବ, ତାହା ହେଉଛି ଊର୍ଦ୍ଧ୍ୱତନ ସଂକଳ୍ପ, ସତ୍ୟତମ ଜ୍ଞାନ ଏବଂ ଅତିମାନସ ଚେତନା ।''

ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣଯୋଗର ଅପରିହାର୍ଯ୍ୟ ଅଙ୍ଗ, ସେହି ପୂର୍ଣ୍ଣଯୋଗରେ ଅତିମାନସ ଚେତନାର ରୂପାନ୍ତରକାରୀ ପ୍ରଭାବ ସମ୍ବନ୍ଧେ ଶ୍ରୀଅରବିନ୍ଦ କହନ୍ତି :

''... The one aim of his Yoga is an inner self-development by which each one who follows it can in time discover the One Self in all and evolve a higher consciousness than the mental, a spiritual and supramental consciousness which will transform and divinise human nature.'' (August, 1934)

(SABCL, Vol. 26, "Sri Aurobindo on Himself", pp. 95-97)

ଅର୍ଥାତ୍, ''ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଯେଉଁ ଏକମାତ୍ର ଲକ୍ଷ୍ୟ ରହିଛି, ତାହା ହେଉଛି ଏକ ଆନ୍ତର ଆତ୍ମବିକାଶ ଯଦ୍ଦ୍ୱାରା ଏହାକୁ ଅନୁସରଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଯଥା ସମୟରେ ସେହି ଏକହିଁ ପରମାତ୍ମାଙ୍କୁ ସକଳଙ୍କ ମଧ୍ୟରେ ଆବିଷ୍କାର କରିପାରିବ ଏବଂ ମାନସିକ ଚେତନା ଅପେକ୍ଷା ଏକ ଉଚ୍ଚତର ଚେତନାକୁ କ୍ରମବିକଶିତ କରିପାରିବ ଯାହା ହେଉଛି ଆଧ୍ୟାତ୍ମିକ ଏବଂ ଅତିମାନସ ଚେତନା ଏବଂ ତାହା ମାନବ-ପ୍ରକୃତିକୁ ରୂପାନ୍ତରିତ ଓ ଦିବ୍ୟାୟିତ କରିବ ।''

– ଶ୍ରୀଅରବିନ୍ଦ

(କ୍ରମଶଃ)

ସବୁ ସମୟରେ ଭିତରର ଅଭୀପ୍ସା ଉପରେ ଜୋର୍ ଦିଅ; ତାହାହିଁ ହୃଦୟରେ ଗଭୀରତା ଓ ଦୃଢ଼ତା ଲାଭ କରୁ; ହୃଦୟର ପ୍ରେମ ଓ ଅଭୀପ୍ସାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମନ ଓ ପ୍ରାଣର ବାହ୍ୟ ବାଧାବିଘ୍ନସବୁ ଆପେ ଆପେ ଅପସରି ଯିବ ।

– ଶ୍ରୀଅରବିନ୍ଦ

# ସ୍ୱାଧୀନତାର ଭିତ୍ତି

## ଶ୍ରୀ ବିମଳ ପ୍ରସନ୍ନ ଦାସ

୧୯୨୬ ମସିହା ନଭେମ୍ବର ୨୪ ତାରିଖ, ମହାଯୋଗୀ ଶ୍ରୀଅରବିନ୍ଦଙ୍କର ପବିତ୍ର ସିଦ୍ଧି ଦିବସ । ତାଙ୍କ ଦୀର୍ଘ ଯୋଗ ସାଧନାମୟ ଜୀବନରେ ମହାସିଦ୍ଧିର ବିଜୟ ବାର୍ତ୍ତା ଉଦ୍‌ଘୋଷିତ ହେଲା : ''ଏଇ ଭାରତେର ମହାମାନବେର ସାଗର ତୀରେ'' । ଏହାର ଅବ୍ୟବହିତ ପରେ ୧୯୨୮ ମସିହାରେ ବିଶ୍ୱକବି ରବୀନ୍ଦ୍ର ନାଥ ତାଙ୍କୁ ସାକ୍ଷାତ୍ କରି ତାଙ୍କ ଅମର କୃତି ''ନମସ୍କାର'' କବିତାରେ ନିଜର ଉପଲବ୍ଧି ଲିପିବଦ୍ଧ କରିଛନ୍ତି ।

''ଅରବିନ୍ଦ ରବୀନ୍ଦ୍ରର ଘେନ ନମସ୍କାର
ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ ଆତ୍ମାର
ବାଣୀ ମୂର୍ତ୍ତି ତୁମେ ।''

''ପ୍ରଥମ ଦୃଷ୍ଟିରେ ବୁଝି ପାରିଲି ସେ ଆତ୍ମାକୁ ସତ୍ୟରୂପେ ଚାହିଁଛନ୍ତି । ସତ୍ୟରୂପେ ପାଇଛନ୍ତି ମଧ୍ୟ । ଏହା ଯେପରି ତାଙ୍କ ଦୀର୍ଘ ତପସ୍ୟାର ଫଳ । ମୋ ମନ କହିଲା ସେହିଁ ତାଙ୍କ ଅନ୍ତରର ଆଲୋକ ଦେଇ ବାହାରେ ଆଲୋକ ଜଳାଇବେ । ସେଥିପାଇଁ ତାଙ୍କ ମୁଖଶ୍ରୀରେ ଏପରି ସୌନ୍ଦର୍ଯ୍ୟମୟ ଶାନ୍ତିର ଉଜ୍ଜ୍ୱଳ ଆଭା । ମୁଁ ତାଙ୍କୁ କହି ଆସିଲି ଆତ୍ମାର ବାଣୀ ବହନକରି ଆପଣ ଆମମାନଙ୍କ ମଧ୍ୟକୁ ଆସିବେ ସେହି ଅପେକ୍ଷାରେ ରହିଲୁ ।'' ବିଶ୍ୱକବିଙ୍କର ଏହି ଉକ୍ତି ଭାରତ ତଥା ସମଗ୍ର ମାନବସମାଜର ଭବିଷ୍ୟତ୍ ଦୃଷ୍ଟିରୁ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ । ଯେଉଁ ସତ୍ୟ-ଚେତନା ତାଙ୍କୁ ବିପ୍ଲବୀ କହିଥିଲା ତାହାହିଁ ତାଙ୍କୁ ମହାଯୋଗୀରେ ରୂପାନ୍ତରିତ କଲା ।

ଏହା ପୂର୍ବରୁ ସେ ଥିଲେ ଜଣେ ମହାନ୍ ବିପ୍ଳବୀ । ''ବନ୍ଦେ ମାତରମ୍'' ଆନ୍ଦୋଳନ ଓ ଆହ୍ୱାନର ସେହିଁ ଅବିସମ୍ବାଦିତ ନାୟକ । ୧୯୦୫ରୁ ୧୯୧୦ ପର୍ଯ୍ୟନ୍ତ, ମାତ୍ର ୫ ବର୍ଷ । ଏ ସଂକ୍ଷିପ୍ତ ସମୟ ମଧ୍ୟରେ ତାଙ୍କର ବୈପ୍ଳବିକ ଚିନ୍ତା କିପରି ପ୍ରଭାବଶାଳୀ ଥିଲା ତାହା ଜାତୀୟ କଂଗ୍ରେସର ଇତିହାସ ପ୍ରଣେତା ଡଃ. ପଟାଭିସୀତାରାମେୟାଙ୍କ ସ୍ୱୀକାରୋକ୍ତିରୁ ସ୍ପଷ୍ଟ । ସେ ଲେଖିଥିଲେ, ''ଯଦିଚ ରାଜନୀତିରେ ଶ୍ରୀଅରବିନ୍ଦଙ୍କ ସ୍ଥିତି ଅତ୍ୟନ୍ତ ସଂକ୍ଷିପ୍ତ, ତଥାପି ସେତେବେଳର ରାଜନୈତିକ ଧୂମ୍ରାଭ ଦିଗ୍‌ବଳୟରେ ସେ ଥିଲେ ଏକ ପ୍ରଚଣ୍ଡ ଉଲ୍‌କା ପିଣ୍ଡ ଯାହା ସମଗ୍ର ପରାଧୀନ ଭାରତୀୟ ସୁପ୍ତ ପ୍ରାଣକୁ ଝଲସାଇ ଦେଇଥିଲା ।''

ତାହାହେଲେ ବର୍ତ୍ତମାନ ଦେଖିବା କ'ଣ ଓ କିପରି ଥିଲା ତାଙ୍କର ସେଇ ସ୍ୱାଧୀନତାର ଭିତ୍ତି । ସେ କହିଥିଲେ : ''ବ୍ୟକ୍ତି ଓ ରାଷ୍ଟ୍ରୀୟତା ହେଉଛି ଏକ ଧର୍ମ ଯାହା ବିଭୁଦତ୍ତ ତଥା ଈଶ୍ୱରଙ୍କଠାରୁ ଆସିଛି । ଏହା ମଣିଷର କର୍ମ ନୁହେଁ । ଏକ ପ୍ରଭାବଶାଳୀ ଶକ୍ତି ଆମକୁ ଅଗ୍ରସର ହେବାକୁ ବାଧ୍ୟ କରୁଛି । ବିଶ୍ୱ ସମ୍ମୁଖରେ ଭାରତ ମୁକ୍ତ ଏବଂ ସ୍ୱାଧୀନ ହେବା ପର୍ଯ୍ୟନ୍ତ ସମସ୍ତ ବନ୍ଧନ ଛିନ୍ନ କରି ଭାସି ଯିବାକୁ ହେବ ।'' ୧୯୦୭ରେ ସୁରାଟଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତାଙ୍କର ଦୀର୍ଘ ଭାଷଣରେ ଏହାହିଁ ଥିଲା ସ୍ୱାଧୀନତା ଓ ପୂର୍ଣ୍ଣ ସ୍ୱରାଜର ଆହ୍ୱାନ । ନାଗପୁରଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ୱାଧୀନତାର ଗୌରବମୟ ମହିମା ସମ୍ପର୍କରେ ଯେଉଁ ଉଦ୍‌ବୋଧନ ସେ ଦେଇଥିଲେ ତା'ର ଅନୁବାଦ ହିନ୍ଦୀ ଭାଷାରେ କରିଥିଲେ ଡକ୍ଟର ମୁଞ୍ଜେ । ସେ ଥିଲେ ସେ ସମୟର ଜଣେ ବିଶିଷ୍ଟ ତଥା ବରିଷ୍ଠ ନେତା । ଏହି ଭାଷଣ ଥିଲା ଅନନ୍ୟଭାବେ ଶକ୍ତିଶାଳୀ ଏବଂ ଭିନ୍ନ ଏକ ଅବବୋଧ ଉପରେ ଆଧାରିତ । ରାଷ୍ଟ୍ରୀୟ ସ୍ତରରେ ସେତେବେଳକୁ ଶ୍ରୀଅରବିନ୍ଦ ହୋଇ ଯାଇଥିଲେ ଜଣେ ସର୍ବଜନ ସମାଦୃତ ଶ୍ରଦ୍ଧାଭାଜନୀୟ ନେତା । ଏହା ପୂର୍ବରୁ ୧୯୦୫ରେ ଗୋଖଲେଙ୍କ ଅଧ୍ୟକ୍ଷତାରେ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ସେ ଯୋଗ ଦେଇଥିଲେ । ୩୧.୦୫.୧୯୦୫ରେ ତାଙ୍କର ସହଧର୍ମିଣୀ ମୃଣାଳିନୀ ଦେବୀଙ୍କୁ ଏକ ପତ୍ରରେ ସେ ଲେଖିଥିଲେ, ''ମୋର ତିନୋଟି ପାଗଳାମି ମଧ୍ୟରୁ ଭାରତର ସ୍ୱାଧୀନତା ପ୍ରଥମ; କାରଣ ଭାରତର ଆତ୍ମା ସ୍ୱୟଂ ମା' ଭବାନୀ ।'' ସେହି ମାଆର ମୁକ୍ତି ନିମନ୍ତେ ଶ୍ରୀଅରବିନ୍ଦହିଁ ଆପୋଷହୀନ ସ୍ୱାଧୀନତା ଓ ପୂର୍ଣ୍ଣ ସ୍ୱରାଜର ପ୍ରଥମ ପ୍ରବକ୍ତା ।

ଏହି ବଜ୍ର ଗମ୍ଭୀର ଶପଥ ୧୯୪୭, ଅଗଷ୍ଟ ୧୫ ତାରିଖରେ ମହାଯୋଗୀଙ୍କ ପବିତ୍ର ୭୫ତମ ପୁଣ୍ୟ ଜନ୍ମତିଥିରେ ବାସ୍ତବ ରୂପ ଗ୍ରହଣ କଲା । ଆକାଙ୍କ୍ଷିତ ଏ ଶୁଭଲଗ୍ନକୁ ସ୍ୱୀକାର କରି ସେ କହିଥିଲେ, ''ମୋ ଜନ୍ମତିଥିରେ ଭାରତ ସ୍ୱାଧୀନତା

ଲାଭ କରିବା ଅର୍ଥ ମୋର ସଂକଳ୍ପ ଓ ସ୍ୱପ୍ନକୁ ଭଗବାନ୍ ସାର୍ଥକ କରିଛନ୍ତି । ସୁତରାଂ ଏହା ସ୍ୱାଭାବିକଭାବେ ମୋ ପାଇଁ ଆନନ୍ଦର ଦିନ । ଏହି ବିରଳ ଯୋଗାଯୋଗକୁ ମୁଁ ଏକ କାକତାଳିକତା ଭାବରେ ଗ୍ରହଣ କରେ ନାହିଁ; ବରଂ, ମନେକରେ ଯେଉଁ ଭାଗବତୀ ଶକ୍ତି ମୋ ଜୀବନକୁ ପରିଚାଳିତ କରନ୍ତି, ତାଙ୍କର ପୂର୍ଣ୍ଣ ସମର୍ଥନ ଓ ସ୍ୱୀକୃତିର ଏହା ବାସ୍ତବ ରୂପ ।'' ସ୍ୱାଧୀନ ଭାରତ ବିଶ୍ୱରେ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ ଓ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇପାରେ । ଶ୍ରୀଅରବିନ୍ଦ କହିଛନ୍ତି, ''ଭାରତ ହେଉଛି ରାଷ୍ଟ୍ରମାନଙ୍କର ଗୁରୁ, ପ୍ରଚଣ୍ଡ ବ୍ୟାଧିଗ୍ରସ୍ତ ମାନବାତ୍ମାର ଚିକିତ୍ସକ । ଏହି ଅବଧାରିତ ଭାଗ୍ୟ ନେଇ ସେ ଆସିଛି, ଆସିଛି ଆଉ ଥରେ ବିଶ୍ୱର ଜୀବନସତ୍ତାକୁ ନୂଆଛାଞ୍ଚରେ ଗଢ଼ିବ – ଏବଂ ମାନବସତ୍ତାରେ ପ୍ରଶାନ୍ତିର ପୁନଃପ୍ରତିଷ୍ଠା କରିବ ।''

ଜାତିର ଜନକ ମହାତ୍ମାଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଭାରତ ଆସିବାର ୧୦ ବର୍ଷ ପୂର୍ବରୁ ଜାତୀୟ ମୁକ୍ତି ସଂଗ୍ରାମର ମହାଯଜ୍ଞରେ ଶ୍ରୀଅରବିନ୍ଦ ଝାସ ଦେଇ ସାରିଥିଲେ । ସେଥିପାଇଁ ବାପୁଜି ଭକ୍ତିରେ ତାଙ୍କୁ ''ଋଷି ଅରବିନ୍ଦ'' ଭାବରେ ସମ୍ବୋଧନ କରୁଥିଲେ । ଯେଉଁ ସ୍ୱାଧୀନତାର ଦୃଢ଼ ଭିତ୍ତିଭୂମି ଶ୍ରୀଅରବିନ୍ଦ ଗଢ଼ି ଦେଇଥିଲେ ତା' ଉପରେ ଓ ସେଇ ଧାରାରେ ବାପୁଜି ସଂଗ୍ରାମକୁ ପରିଚାଳିତ କଲେ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ସ୍ୱୀକାରୋକ୍ତି ''ଇଂଲଣ୍ଡରେ ସ୍କୁଲରେ ଓ ପରେ କେମ୍ବ୍ରିଜ କଲେଜରେ ଅଧ୍ୟୟନ କାଳରେ ଇଂରାଜୀ ଦୈନିକ 'ବନ୍ଦେ ମାତରଂ'ରୁ ତାଙ୍କ ଜ୍ୱାଳାମୟୀ ନିବନ୍ଧମାନ ପାଠକରି ଅଦମ୍ୟ ଉତ୍ସାହ ଓ ଶିହରଣ ସହିତ ଜାତୀୟ ମୁକ୍ତି ସଂଗ୍ରାମ ସମ୍ପର୍କରେ ଅବହିତ ହୋଇଥିଲି । ଶ୍ରୀଅରବିନ୍ଦଙ୍କ ଅନନ୍ୟ ବ୍ୟକ୍ତିତ୍ୱରେ ଭାରତୀୟ ସମାଜ ଉଦ୍‌ବେଳିତ ହୋଇ ଉଠିଥିଲା ।''

ଶ୍ରୀମାଙ୍କର ଏକ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ୧୯୨୦ ମସିହାରେ କହିଥିଲେ, ''ଭାରତର ସ୍ୱାଧୀନତା ଏକ ଅବଧାରିତ ସତ୍ୟ । କିନ୍ତୁ ସ୍ୱାଧୀନତା ପରେ ଭାରତକୁ ଭାରତୀୟଙ୍କଠାରୁ ରକ୍ଷା କରିବାକୁ ପଡ଼ିବ ।'' ଆଜି ତାହାହିଁ ତ ସମସ୍ୟା । ପାଣି, ଖଣି, କୋଇଲା, ଜମି, ନାରୀ ନିର୍ଯାତନା – ସବୁଠାରେ ଦୁର୍ନୀତିର ଦୁନ୍ଦୁଭି । ଭାଷା ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଯାଦୁକର ତଥା ଯଶସ୍ୱୀ କଥାଶିଳ୍ପୀ ପ୍ରଫେସର ଶ୍ରୀଯୁକ୍ତ ମନୋଜ ଦାସ ତାଙ୍କ ରଚିତ ''ଦୁଃସ୍ୱପ୍ନ ଭାରାକ୍ରାନ୍ତ ଭାରତ'' ପ୍ରବନ୍ଧରେ ଯେଉଁ ଏକ ନିଖୁଣ ଆଲେଖ୍ୟ ଦେଇଛନ୍ତି, ତାହା ଏହିପରି : ''ସାମୂହିକ ଭାବରେ ଭାରତବର୍ଷ ଆଜି ଛଳନାପ୍ରିୟ ତଥା ମୋହାବିଷ୍ଟ । ମନ୍ଦିର, ମସଜିଦରୁ ମାଇକ୍ରୋଫୋନ୍ ଯୋଗେ ପ୍ରେରିତ ଆରାଧନା ଯେପରି ଭଗବାନଙ୍କୁ ଆକର୍ଷଣ କରିବାର ସମ୍ଭାବନା ନାହିଁ, ପରୀକ୍ଷାରେ ଅଧିକରୁ ଅଧିକ ମାର୍କ ତରୁଣ ତରୁଣୀମାନଙ୍କୁ ବିଦ୍ୱାନ୍ ଅଥବା ଅଧିକରୁ ଅଧିକ ଦରମା ସେମାନଙ୍କୁ ସୁଖୀରେ ପରିଣତ କରିବାର ଆଶା ନାହିଁ । ତଥାପି ଆଜିର ସ୍ୱଚ୍ଛଳ ଓ ମଧ୍ୟବିତ୍ତ ଭାରତୀୟର ଏହାହିଁ ଯେପରି ଅଭିପ୍ରାୟ ।'' ଆଧ୍ୟାତ୍ମିକ ଦୃଷ୍ଟିରୁ ଭାରତହିଁ ଯେ ମାନବତାର ଭବିଷ୍ୟତ୍ – ସେଥିରେ ଏ ଲେଖକର ସନ୍ଦେହ ନାହିଁ । ଏକ ମହତ୍ତର ଚେତନା ଭାରତବର୍ଷରେହିଁ ଉଦ୍‌ଭାସିତ ହେବାକୁ ଉନ୍ମୁଖ । କିନ୍ତୁ ଭାରତର ପ୍ରସ୍ତୁତି ନାହିଁ । ଭାରତ ପରମ୍ପରାକୁ ପଛରେ ପକାଇ ସାରିଛି କିନ୍ତୁ ବିକଳ୍ପ ଆଲୋକ ପ୍ରତି ଉନ୍ମୁଖ ହୋଇପାରି ନାହିଁ । ନୈତିକ ଅପରାଧବୋଧ ନାହିଁ, ଅଛି ଯାହା କାନୁନ ପ୍ରତି ଭୟ । କିନ୍ତୁ କାନୁନକୁ ପଙ୍ଗୁ କରିବାର କୌଶଳ ଆଜିର ବିକଶିତ ବୁଦ୍ଧି ସହଜରେ ଉଦ୍‌ଭାବନ କରିପାରେ, କିନ୍ତୁ ଯେଉଁ ସତ୍ୟ ବିସ୍ତୃତ ଅଥଚ ଦୁର୍ଲଙ୍ଘ୍ୟ, ତାହା ହେଲା କର୍ମଫଳରୁ ଅବ୍ୟାହତି ନାହିଁ । ପ୍ରଦୂଷିତ ବାତାବରଣ ଭଳି ପ୍ରଦୂଷିତ ଚେତନାର କ୍ଲେଶଭୋଗରୁ ମୁକ୍ତି ନାହିଁ । ତାହାହିଁ ସ୍ୱାଧୀନ ଭାରତର ଆଜି ସମସ୍ୟା ଓ ସଂକଟ । ସ୍ୱାଧୀନତାର ଭିତ୍ତି ହେଲା କଡ଼ାକଡ଼ି ଭାବରେ କାନୁନ ମାନିବାର ଶକ୍ତି । ଆତ୍ମ-ଆରୋପିତ କାନୁନ ମୁକ୍ତଭାବରେ, ପୂର୍ଣ୍ଣଭାବରେ ତଥା ବୁଦ୍ଧି-ସମ୍ମତଭାବରେ ପାଳନ କରିବା ନିମନ୍ତେ ଯେଉଁମାନେ ଅପାରଗ ସେମାନେ ଅନ୍ୟମାନଙ୍କ ଇଚ୍ଛା ପାଖରେ ସମର୍ପିତ ହେବାକୁ ପଡ଼ିବ । ଗୋଟାଏ ଗୋଟାଏ ଦେଶ ଯେ ପରାଧୀନ ହୁଅନ୍ତି, ଏହାହିଁ ତା'ର କାରଣ । ଯେତେବେଳେ ସେମାନଙ୍କ ବିଶୃଙ୍ଖଳିତ ଅହଂକାର ଜଣେ ବିଜେତା ଦ୍ୱାରା ପଦଦଳିତ ହୁଏ ସେତେବେଳେ ସେମାନଙ୍କୁ ପରାଧୀନତା ମାଧ୍ୟମରେ ସ୍ୱାଧୀନତାର ଯୋଗ୍ୟ ହେବା ନିମନ୍ତେ ସୁଯୋଗ ଦିଆଯାଏ କିଂବା ସେମାନଙ୍କର ଶକ୍ତି ଥିଲେ ସେତିକି ସୁଯୋଗ ହାସଲ କରନ୍ତି । କାରଣ ଯେଉଁ ଜାତି ଏକ ସାର୍ବଜନୀନ ଶୃଙ୍ଖଳା ଅବଲମ୍ବନ କରିବାକୁ ଅକ୍ଷମ, ସେ ଜାତିକୁ ଅନ୍ୟର ଶାସନ କବଳିତ ହୋଇ ନିର୍ଯାତନା ଓ ଅପମାନ ଭିତରଦେଇ ଶୃଙ୍ଖଳାଶିକ୍ଷା କରିବାକୁ ହୋଇଥାଏ । ବ୍ରିଟିଶ ଶାସନର କବଳିତ ହେବା ପୂର୍ବରୁ ଭାରତର ଅବସ୍ଥା ତାହାହିଁ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଏକଦା ଏ ଦେଶକୁ

ଶାସନ କରୁଥିବା ନରପତିମାନେ ସ୍ୱାର୍ଥାନ୍ଧ ଭାବରେ ପରସ୍ପର ସଂଘର୍ଷରେ ଲିପ୍ତ ଥିଲେ । ଗୋଷ୍ଠୀଗତ ଓ ମତଗତ ବିସମ୍ବାଦରେ ଜନସାଧାରଣଙ୍କର ଶକ୍ତିକ୍ଷୟ ହୋଇ ଚାଲିଥିଲା । ବିଦେଶୀ ଶାସନର ବେତ୍ରାଘାତ ତଳେ ସେ ଅହଂ ଓ ମୂଢ଼ତାର ବିନାଶ ସମ୍ଭବ ହୋଇଥିଲା । ତେବେ ସ୍ୱାଧୀନତା ପରେ ସେସବୁର ପୁନରାବିର୍ଭାବ ହୋଇ ନାହିଁ ବୋଲି କେହି କହି ପାରିବ କି ? ଏହାହିଁ ତ ବିଡ଼ମ୍ବନା । କାରଣ ସାଂପ୍ରତିକ ପରିସ୍ଥିତି ବିଶୃଙ୍ଖଳାର ଏକ ଭୟଙ୍କର ବିସ୍ଫୋରଣ ।

ଦେଶବ୍ୟାପୀ ଅହଂକାର ଓ ଅଜ୍ଞାନର ତମସାରୁ ମୁକ୍ତ ହେବାର ଏକମାତ୍ର ଉପାୟ ହେଉଛି ବ୍ୟକ୍ତିଗତଭାବେ ମଣିଷ ସଚେତନ ହେବା । କାରଣ ବ୍ୟକ୍ତିକୁ ନେଇ ତ ସମଷ୍ଟି । ଭୁଲ୍ ମୂଲ୍ୟବୋଧର ଯୂପକାଠରେ ଯେ ଚେତନାକୁ ବଳି ପକାଇବାଠାରୁ ବିରତ ହେବାକୁ ହେବ, ଏତିକି ବ୍ୟକ୍ତିଗତ ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ । ଯେଉଁମାନେ ଏହାର ଚିରନ୍ତନ ଆଦର୍ଶ ସେ ପ୍ରତିଭାଧରମାନେ ବେଦର ଋଷିବର୍ଷ, ଶ୍ରୀକୃଷ୍ଣ, ବୁଦ୍ଧ, ଯିଶୁ ଅଥବା ଶ୍ରୀଅରବିନ୍ଦ ।

ଭାରତ ଔପନିବେଶ ଶାସନରୁ ମୁକ୍ତ ହେବାର ୬୭ ବର୍ଷ ହୋଇଗଲା । ଅହଂକାର ଓ ଅଜ୍ଞାନର ତମସାରୁ ମୁକ୍ତ ହେବା ପାଇଁ କେତେ ବର୍ଷ ଲାଗିବ ତାହା ସଶସ୍ତ୍ର ବା ଅହିଂସା ଆନ୍ଦୋଳନ ଉପରେ ନିର୍ଭରଶୀଳ ନୁହେଁ, ତାହା ନିର୍ଭରଶୀଳ ଆମ ନିଜ ଚେତନା ଉପରେ, ଅଦୃଶ୍ୟ ସାଧନା ଓ ସଂଗ୍ରାମର ଫଳାଫଳ ଉପରେ । ସ୍ଥୂଳ ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତା ଅଜ୍ଞାନରୁ ସ୍ୱାଧୀନତା ଉପରେ ଅବଶ୍ୟ ସହାୟକ ହୋଇପାରେ, କିନ୍ତୁ ଅଜ୍ଞାନରୁ ସ୍ୱାଧୀନତା ବିନା ସ୍ଥୂଳ ସ୍ୱାଧୀନତା ମୂଲ୍ୟହୀନ ।

ବିଭିନ୍ନ ଭ୍ରଷ୍ଟାଚାରରେ ଭାରତ ଆଜି ଅତ୍ୟନ୍ତ ଭାରାକାନ୍ତ । ୨G - ସ୍ପେକଟ୍ରମ୍, ଚିଟପଣ୍ଡ ଦୁର୍ନୀତି, ମାତୃଜାତି ପ୍ରତି ଅକଥନୀୟ ତଥା ଅସହ୍ୟ ଅବହେଳା ଓ ଅତ୍ୟାଚାର – ଯାହାର ଧାଡ଼ି ବେଶ୍ ଦୀର୍ଘ । ବିଶେଷତଃ ନାରୀଜାତି ପ୍ରତି ନିର୍ଯାତନା ଆମକୁ ଲଜ୍ଜିତ ଓ ଅବନତ କରେ ।

ଦେବାଦେବୀ ଓ ମୁନିଋଷିଙ୍କ ଦେଶ ଭାରତ ଆଜି ବ୍ୟଥିତ ଓ ବିବ୍ରତ । ସାମୂହିକ ଚେତନାର ପରିବର୍ତ୍ତନ ନହେଲେ ଆଜିର ସ୍ୱାଧୀନତା ମୂଲ୍ୟହୀନ ଓ ହୁଏତ ଇତିହାସର ପୁନରାବୃତ୍ତି ଅବଶ୍ୟମ୍ଭାବୀ । ❖

କୌଣସି ରାଜନୈତିକ ବା ସାମାଜିକ ଲକ୍ଷ୍ୟ ନୁହେଁ, ଆମେ ଗ୍ରହଣ କରିଛୁ ଏକ ଆଧ୍ୟାତ୍ମିକ ଲକ୍ଷ୍ୟ । ଆମେ ଯାହା ଚାହୁଁ, ତାହା ହେଉଛି ବ୍ୟକ୍ତି ଚେତନାର ଏକ ରୂପାନ୍ତର, ରାଜତ୍ୱ ବା ସରକାରର ଏକ ପରିବର୍ତ୍ତନ ନୁହେଁ । ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ, ଆମେ କୌଣସି ମାନବୀୟ ଉପାୟ ଉପରେ ଆସ୍ଥା ସ୍ଥାପନ କରୁନା, ତାହା ଯେତେ ଶକ୍ତିଶାଳୀ ହେଉ ପଛେ । ଆମର ଆସ୍ଥା ଓ ଭରସା କେବଳ ଭଗବତ୍ କୃପା ଉପରେ ।

– ଶ୍ରୀମା

সাধনা-পরম্পরা

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୧୦)

ପୁରୁଷୋତ୍ତମ କ୍ଷେତ୍ରରେ ସେ ସମୟରେ ବାସୁଦେବ ସାର୍ବଭୌମଙ୍କର ଏପରି ଅଦ୍ୱୈତବିଦ୍ୟାର ପ୍ରତିପତ୍ତି ଥିଲା ଯେ ସେଠାର ଅନ୍ୟାନ୍ୟ ଧର୍ମ ସମ୍ପ୍ରଦାୟରୁ କେହି ହେଲେ ବି ତାଙ୍କୁ ତର୍କରେ ଆହ୍ୱାନ କରିବାକୁ ସାହସ କରି ନଥିଲେ । ଅଥଚ ଏଇ ଅଳ୍ପବୟସର ଛାର ତରୁଣ ସନ୍ନ୍ୟାସୀ ନବଦ୍ୱୀପରୁ ଆସି ତାଙ୍କୁ ଅକ୍ଳେଶରେ କଥାକଥାକେ ହରାଇଦେବ — ଏକଥା ସେ ଭାବି ନଥିଲେ । ଏକଥା ବି ବୁଝିନେଲେ — ସେ ନିଜେହିଁ ତାଙ୍କ ଜ୍ଞାନ-ଅଭିଜ୍ଞତାର ସୀମାରେ ବନ୍ଦୀ ହୋଇ ରହି ଯାଇଛନ୍ତି, ତା'ର ବାହାରେ ବା ଊର୍ଦ୍ଧ୍ୱରେ ଯେ ଆଉ କିଛି ଉପଲବ୍ଧି ଥାଇପାରେ ସେ ବିଷୟରେ ଏକାନ୍ତ ଅନଭିଜ୍ଞ । 'ଏଇ ଯୁବକ ନିଶ୍ଚୟ ଐଶୀଗୁଣର ଅଧିକାରୀ ଯେ କି ମୋହରି କଥାକୁ ଘୂରାଇ ମୋତେ କାବୁ କରିଦେଲା, ମୁଁ ଭାବି ନେଇଥିଲି ଈଶ୍ୱରଙ୍କ ସହ ଏକ ହୋଇଯିବାହିଁ ଶ୍ରେଷ୍ଠ, ଅନ୍ତିମ ପର୍ଯ୍ୟାୟ । ମାତ୍ର ଇଏ ତ ପ୍ରମାଣ କରିଦେଲା ଈଶ୍ୱରଙ୍କ ସହ ନାନା ଭାବରେ ମିଳନ ହୋଇପାରେ ଓ ମାନବଜୀବନର ଅବସ୍ଥାନ କାଳରେହିଁ ଏଇ ମିଳନର ରସ ଅନୁଭବ କରାଯାଇପାରେ । ମୋ ଧାରଣାରେ ଅସ୍ମିତାବୋଧର ଅବଶେଷ ନରହିବାହିଁ ଗୋଟିଏ ମାତ୍ର ଉପାୟ ଅଦ୍ୱୈତ ସ୍ଥିତିରେ; ତାହାହିଁ ଅଚିନ୍ତ୍ୟ-ଅନିର୍ବଚନୀୟ । ତେଣୁ ଏ ଜଗତ୍ ମିଥ୍ୟା-ମାୟା, ବାରଂବାର ଜଗତ୍ ମଧ୍ୟକୁ ଆସିବାଯିବା ନିଷ୍ପ୍ରୟୋଜନ । ସେ ଧୀର ସ୍ଥିତଧୀ ଅବସ୍ଥାରେ ଏକଥା ଭାବିବା ବେଳେ ଶ୍ରୀଚୈତନ୍ୟ କହିଲେ ତାଙ୍କୁ, କବିରାଜଙ୍କ ଭାଷାରେ :

ପ୍ରଭୁ କହେ ଭଟ୍ଟାଚାର୍ଯ୍ୟ ନା କର ବିସ୍ମୟ ।
ଭଗବାନେ ଭକ୍ତି ପରମ ପୁରୁଷାର୍ଥ ହୟ ॥
ଆତ୍ମାରାମ ପର୍ଯ୍ୟନ୍ତ କରେ ଈଶ୍ୱର ଭଜନ ।
ଐଛେ ଅଚିନ୍ତ୍ୟ ଭଗବାନେର ଗୁଣଗଣ ॥

ଏକଥା କହି ସେ ସାର୍ବଭୌମଙ୍କୁ ତାଙ୍କ ମସ୍ତକରେ ସ୍ୱୀୟ ହସ୍ତସ୍ପର୍ଶ କଲେ । କିଛି ସମୟ ସେଇପରି ଧ୍ୟାନସ୍ଥ ଅବସ୍ଥାରେ ରହିଲେ ସିଏ । ଭଟ୍ଟାଚାର୍ଯ୍ୟ ଚାହିଁ ଦେଖିଲେ ସେଠାରେ ସନ୍ନ୍ୟାସୀଙ୍କ ସ୍ଥାନରେ ଶ୍ରୀଭଗବାନ୍ ଷଡ଼୍‌ଭୁଜଧାରୀ ଗୌରାଙ୍ଗ ରୂପେ ଦଣ୍ଡାୟମାନ, ହସ୍ତରେ ଧନୁର୍ବାଣ, ବଂଶୀ ଓ କମଣ୍ଡଳୁ ଧାରଣ କରି — ଶ୍ରୀରାମ, ଶ୍ରୀକୃଷ୍ଣ ଓ କଳିଯୁଗର ସନ୍ନ୍ୟାସୀ ଶ୍ରୀଚୈତନ୍ୟ ରୂପେ । ଏଇ ମହନୀୟ ରୂପକୁ ସେ ଅପଲକ ନେତ୍ରରେ ଚାହିଁ ରହିଲେ । ତାଙ୍କର ସେପରି ଅବସ୍ଥାନ ଦେଖି ନଦୀୟାବାସୀ ଭକ୍ତଗଣ ବିଶ୍ୱମ୍ଭରଙ୍କର ପୂର୍ବର ନବଦ୍ୱୀପରେ ଅବସ୍ଥାନକାଳୀନ ବିଷ୍ଣୁ ପ୍ରତିମାର ସିଂହାସନ ଉପରି ଉପବିଷ୍ଟ ଷଡ଼୍‌ଭୁଜ ରୂପର ବିଷୟ ସ୍ମରଣ କଲେ ।[୧] ସେସମୟରେ ତାଙ୍କ ସ୍ୱରୂପ ସେ ନିଜ ମୁହଁରେ କହିଥିଲେ, ''ମୁଁ ସର୍ବକାଳରେ ଅବସ୍ଥିତ । ମୁଁ ସତ୍ୟଯୁଗରେ ପ୍ରହ୍ଲାଦକୁ ଉଦ୍ଧାର କଲି ଅସୁର ସଂହାର କରି, ତ୍ରେତାଯୁଗରେ ଦାଶରଥି ରାମ ଓ ମୁହିଁ ଦ୍ୱାପରରେ ଗିରିଧର ଶ୍ରୀକୃଷ୍ଣ । ମୁଁ ପୃଷ୍ଣିଗର୍ଭ, ମୁଁ ହୟଗ୍ରୀବ । ମୁଁ ସ୍ୱତନ୍ତ୍ର ପୁରୁଷ, ମୋର ସକଳ କର୍ମ ସ୍ୱତନ୍ତ୍ର, କେବଳ ଭକ୍ତମାନଙ୍କର ବଶରେ ମୁଁ ଧରାକୁ ଆସେ ନାନା ନାମ ଓ ନାନା ରୂପ ଧରି — ସେମାନଙ୍କର ଉଦ୍ଧାର ପାଇଁ । ବେଦସକଳ ମୋର ଗୁଣଗାନ କରୁଛନ୍ତି ।'' — ଏହି ଉକ୍ତି ସେ ବାସୁଦେବ ପଣ୍ଡିତଙ୍କୁ ତାଙ୍କ ପ୍ରତ୍ୟୟ ଆସିବା ପାଇଁ ପୁନରାୟ ବ୍ୟକ୍ତ କରିଥିଲେ ବୋଲି 'ଚୈତନ୍ୟ ଭାଗବତ' କହୁଛନ୍ତି ।

ଏହି ଦିବ୍ୟବାଣୀ ଶୁଣି ବାସୁଦେବଙ୍କର ପୂର୍ବପୂର୍ବ ଜନ୍ମର ସୁକୃତର ଦ୍ୱାର ଖୋଲିଗଲା, ତାଙ୍କର ଅଭିଜ୍ଞାନ ଫେରି ଆସିଲା ଓ କୃତକୃତ୍ୟ ହୋଇ ସେ ଭୂମିରେ ଗଡ଼ାଗଡ଼ି ଦେଲେ ଓ ଯୁକ୍ତ କରରେ ଶତଶତ ଶ୍ଳୋକରେ ଶ୍ରୀଚୈତନ୍ୟଙ୍କର ବନ୍ଦନା କଲେ । ଚୈତନ୍ୟଙ୍କୁ 'ମହାପ୍ରଭୁ' ବୋଲି ସମ୍ବୋଧନ କରିଥିଲେ ସିଏ । ମନ-ବଚନ ସ୍ୱଚ୍ଛ ହୋଇଯିବା ଫଳରେ ସେ ଭଗବାନଙ୍କୁ ଭକ୍ତିମାର୍ଗରେ ଉପାସନା କରିବାରେ ସୁଖ ଅନୁଭବ କଲେ, ତାଙ୍କର ଆଚରଣ ସହଜ, ସରଳ ହୋଇଗଲା ଓ ଅନ୍ତରରୁ ଜ୍ଞାନ ସ୍ଫୁରିତ ହେଲା । କବିରାଜ କହୁଛନ୍ତି :

୧. ଶ୍ରୀମନ୍ଦିର ଗାତ୍ରରେ ଏକ ସ୍ଥାନରେ ଷଡ଼୍‌ଭୁଜ ଗୌରାଙ୍ଗଙ୍କ ଛବି ଅଙ୍କିତ କରାଇଛନ୍ତି ନିଜେ ସାର୍ବଭୌମ, ତହିଁରେ ଶ୍ରୀଚୈତନ୍ୟଙ୍କ କମଣ୍ଡଳୁଧାରୀ ସନ୍ନ୍ୟାସୀବେଶ ସଙ୍ଗରେ ଦୁଇ ହାତରେ ଧନୁର୍ବାଣ, ଦୁଇ ହସ୍ତରେ ମୁରଲୀ ଓ ଅପରହସ୍ତ ବରଦ ମୁଦ୍ରାରେ ରହିଛି । ଏଥିରୁ ମନେହୁଏ ସାର୍ବଭୌମଙ୍କର ପ୍ରତ୍ୟକ୍ଷ ଦର୍ଶନ ହୋଇଥିଲା ଯାହା ସେ ସ୍ମୃତିର ଗନ୍ତାଘରୁ ଉଦ୍ଧାର କରିଥିଲେ ।

''ପ୍ରଭୁର କୃପାୟ ତା'ର ସ୍ଫୁରିଲ ସବ୍ ତତ୍ତ୍ୱ ।
ନାମ ପ୍ରେମଦାନ ଆଦି ବର୍ଣ୍ଣେର ମହତ୍ତ୍ୱ ।।''

ମହାନ୍ ମାୟାବାଦୀ ଓ ଅପ୍ରତିଦ୍ୱନ୍ଦ୍ୱୀ ତର୍କ ଧୁରନ୍ଧର ଶ୍ରୀକ୍ଷେତ୍ରରେ ପଣ୍ଡିତ ବାସୁଦେବ ଜନୈକ ନଗଣ୍ୟ ଭକ୍ତି ସର୍ବସ୍ୱ ନବୀନ ସନ୍ନ୍ୟାସୀଙ୍କ ଦ୍ୱାରା ପରାଜିତ ହୋଇ ଅଧୁନା କୀର୍ତ୍ତନାନନ୍ଦରେ ମଜ୍ଜିଛନ୍ତି – ଏକଥା ଚାରିଆଡ଼େ ରଟିଗଲା ।

ଅଳ୍ପ କେତେଦିନ ପରେ ଦିନେ ଅତିପ୍ରତ୍ୟୁଷରୁ ଚୈତନ୍ୟଦେବ ନିଜ ନିତ୍ୟକୃତ୍ୟ ଶେଷ କରି ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥ ଓ ତାଙ୍କ ଭ୍ରାତା ଓ ଭଗିନୀଙ୍କୁ ପ୍ରଦକ୍ଷିଣ କରି ତାଙ୍କର ପ୍ରସାଦୀ ତୁଳସୀ ପତ୍ର ଓ ପୁଷ୍ପ ତଥା କିଛି ପ୍ରସାଦାନ୍ନ ଧରି ସାର୍ବଭୌମଙ୍କୁ ଭେଟିଲେ । ମନ୍ଦିରରୁ ଆଣିଥିବା ଠାକୁରଙ୍କର ଛଡ଼ା ଫୁଲମାଳ ତାଙ୍କ ଗଳାରେ ପିନ୍ଧାଇ ଦେଲେ ଓ ପ୍ରସାଦାନ୍ନ ବି ତାଙ୍କ ମୁଖରେ ଦେଲେ । ସେତେବେଳକୁ ଅତି ନୈଷ୍ଠିକ ପଣ୍ଡିତ ବାସୁଦେବ ନିଦ୍ରାରୁ ଉଠିଥିଲେ ମାତ୍ର, ମୁଖ ପ୍ରକ୍ଷାଳନ ଓ ସ୍ନାନାଦି କିଛି କରି ନଥିଲେ, ତଥାପି ଦ୍ୱିଧା ନକରି ଚୈତନ୍ୟଦେବଙ୍କ ପ୍ରଦତ୍ତ ବସ୍ତୁ ଶ୍ରଦ୍ଧାର ସହ ଗ୍ରହଣ କଲେ । ଚୈତନ୍ୟଦେବ ତାଙ୍କୁ ଆଲିଙ୍ଗନ କଲେ । ଏହି ଆଲିଙ୍ଗନହିଁ ପଣ୍ଡିତଙ୍କର ଦୀକ୍ଷାଗ୍ରହଣ ସଦୃଶ ଥିଲା । ତା'ପରେ ତାଙ୍କର ପାଣ୍ଡିତ୍ୟାଭିମାନ ଦୂର ହୋଇଗଲା ।

ସେ ସମୟରେ ଶ୍ରୀଚୈତନ୍ୟ ସଦାବେଳେ ଭାବବିହ୍ୱଳ ଅବସ୍ଥାରେ ରହୁଥିଲେ । ଦାରୁବ୍ରହ୍ମ କେବଳ ଯେ ତାଙ୍କ ଇଷ୍ଟ ମୂର୍ତ୍ତି ଥିଲେ ତାହା ନୁହେଁ, ରାଧାଭାବରେ ଭାବିତ ସିଏ ତାଙ୍କୁ ପ୍ରାଣବଲ୍ଲଭ ରୂପେ ଅନୁଭବ କରୁଥିଲେ । ତାଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ ସେ ତନ୍ମୟ ହୋଇ ବାହ୍ୟସ୍ଥିତି ବିସ୍ମୃତ ହୋଇ ଯାଉଥିଲେ, ଏପରିକି ତାଙ୍କର ପାର୍ଥିବ ଶରୀର ଦ୍ରବୀଭୂତ ହୋଇଯାଉଥିଲା ଯାହାର ସ୍ପର୍ଶରେ ପଥର ବି ତରଳି ଯାଉଥିଲା । ଏହା ଲକ୍ଷ୍ୟ କରି ସାର୍ବଭୌମଙ୍କ ପରାମର୍ଶରେ ତାଙ୍କ ସହିତ କାହାକୁ ନା କାହାକୁ ସାଥିରେ ରହିବାକୁ ହେଉଥିଲା । ସେ କାଳର ତାଙ୍କର ହସ୍ତସ୍ପର୍ଶକୁ ଶ୍ରୀମନ୍ଦିରର ଗରୁଡ଼ ସ୍ତମ୍ଭ ଏବେ ମଧ୍ୟ ଧରି ରଖିଛି । କାଳେ ସେ ଶ୍ରୀଜଗନ୍ନାଥଙ୍କ ସନ୍ନିକଟକୁ ଗଲେ ନିଜର ଅସ୍ମିତାବୋଧ ହରାଇ ବସିବେ, ସେଥିପାଇଁ ସେ ମହାପ୍ରଭୁଙ୍କ ସମ୍ମୁଖକୁ ଯାଉ ନଥିଲେ, ଗରୁଡ଼ସ୍ତମ୍ଭ ନିକଟରୁହିଁ ଦର୍ଶନ, ସାଷ୍ଟାଙ୍ଗ ପ୍ରଣାମ ଆଦି କରୁଥିଲେ । ଯେତେକ୍ଷଣ ମନ୍ଦିରରେ ରହୁଥିଲେ, ସର୍ବଦା ଆନନ୍ଦରେ ବିଭୋର ଥିବାରୁ ତାଙ୍କୁ ଘେରି ପାର୍ଷଦବର୍ଗ ରହୁଥିଲେ ।

ଯା'ହେଉ, ପ୍ରଥମଥର ଶ୍ରୀକ୍ଷେତ୍ରବାସ ସେ ସଂକ୍ଷିପ୍ତ କରିଥିଲେ । ତାଙ୍କର ଇଚ୍ଛାଥିଲା ଦାକ୍ଷିଣାତ୍ୟ ପ୍ରଦେଶରେ ତୀର୍ଥାଦି ଦର୍ଶନ କରିବେ ଓ କିଛିକାଳ ତୀର୍ଥବାସ କରି ତଥାକାର ମହାପୁରୁଷଙ୍କ ସାନ୍ନିଧ୍ୟ ଲାଭ କରିବେ, ସେମାନଙ୍କର ଚରିତ, ସାଧନପ୍ରଣାଳୀ ଶୁଣିବେ, ନୂଆ କିଛି ତତ୍ତ୍ୱ ଥିଲେ ତାହା ନିଜର ଅନୁଭୂତିରେ ଆଣିବେ । ନିଜର ଆହରିତ ଜ୍ଞାନକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କର ଉପଲବ୍ଧ ଜ୍ଞାନ ଓ ଅଭିଜ୍ଞତାକୁ ସେ ଅବଜ୍ଞା ଦୃଷ୍ଟିରେ ଦେଖୁ ନଥିଲେ ।

ସାଧକ ପ୍ରଥମେ ଚିତ୍ତକୁ ସୁସ୍ଥିର କରିବ ଯାହାଫଳରେ ବୈରାଗ୍ୟର ମୂଲ୍ୟ ସମ୍ୟକ୍ ବୁଝିପାରିବ ଓ ସେଇ ସୁସ୍ଥିର ଚିତ୍ତରେ ଯାହାସବୁ ଅଧ୍ୟାତ୍ମ-ନିଧି ମିଳିବ ତାହା ଅମଳିନ ହୋଇ ରହିଯିବ । ପରିବ୍ରଜଣର ଅର୍ଥ ଆତ୍ମନିର୍ଭରଶୀଳ ହେବା ଅର୍ଥାତ୍ କେବଳ ଈଶ୍ୱରାବଲମ୍ବୀ ହେବା । ଭ୍ରମଣ କାଳରେ ମନ୍ଦିରଚତ୍ୱର ବା ମଠ-ଧର୍ମଶାଳା ଆଦିରେ ସପ୍ତାହ କାଳରୁ ଅଧିକଦିନ ନରହିବା ବିଧେୟ, ଏବଂ ଗୋଟିଏ ସଦ୍ ଗୃହସ୍ଥଙ୍କ ଘରୁ କେବଳ ଥରେ ମାତ୍ର ଭୋଜନ ଗ୍ରହଣ କରାଯାଇପାରେ । ଭ୍ରମଣର ଉଦ୍ଦେଶ୍ୟ ଏକପ୍ରକାର ଅଜଗର ବୃତ୍ତି ଅନୁସରଣ କରିବା ଓ ନିଜ ଉପରେ ଶୃଙ୍ଖଳା ଓ ବୈରାଗ୍ୟର ଭାବକୁ ସ୍ଥାପନ କରିବା । ନାନା ଧର୍ମର ନାନାବିଧ ଉପଦେଶକୁ ଶ୍ରଦ୍ଧାର ସହ ଶ୍ରବଣ କରିବା ଓ ଯାହା କିଛି ନିଜର ଆତ୍ମୋନ୍ନତି ପାଇଁ ଗ୍ରହଣଯୋଗ୍ୟ, ତାହାକୁ ଉପେକ୍ଷା ନକରିବା ଏବଂ ସର୍ବଭାବରେ ଅନସୂୟାରୁ ମୁକ୍ତ ରହିବା ସନ୍ନ୍ୟାସୀର କରଣୀୟ । ଏ ଈଶ୍ୱର ସୃଷ୍ଟ ଜଗତରେ ବନ୍ଧୁଭାବରେ ବିଚରଣ କରିବ ନିର୍ଦ୍ୱନ୍ଦ୍ୱ, ନିରୁପଦ୍ରବ ହୋଇ – ଏସମସ୍ତ ଶ୍ରୀଚୈତନ୍ୟ ମନେ ରଖିଥିଲେ । ସୁତରାଂ ସେ ନିଜର ବୈଷ୍ଣବସୁଲଭ ଉପଦେଶ ଓ ତୀର୍ଥଯାତ୍ରାର ଅଭିପ୍ରାୟ ଗୌଡ଼ୀୟ ଭକ୍ତମାନଙ୍କୁ ଜଣାଇଲେ । ନିତ୍ୟାନନ୍ଦଙ୍କ ଅନୁଯୋଗରେ ସେ କୃଷ୍ଣଦାସ ନାମକ ଜଣେ ଯୁବାଭକ୍ତକୁ ଅନୁଗାମୀଭାବରେ ରଖିବାକୁ ସମ୍ମତ ହେଲେ । ବନ୍ଧୁ ଓ ଶିଷ୍ୟଗଣ ବୁଝି ନେଇଥିଲେ ଯେ ଶ୍ରୀଚୈତନ୍ୟ ସେଇ ପର୍ଯ୍ୟାୟର ଯିଏ ଊର୍ଦ୍ଧ୍ୱରୁ ପ୍ରେରିତ ହୋଇଥା'ନ୍ତି ପ୍ରତ୍ୟାଦିଷ୍ଟ ହୋଇ – କାଳଯୋଗେ ଅଧ୍ୟାତ୍ମର ଯେଉଁ ମାର୍ଗମାନ ଲୁପ୍ତ ହୋଇଯାଇଛି, ତାହାକୁ ସବୁ ଉଦ୍ଧାର କରିବା ପାଇଁ । ଯେଉଁ ଅଦ୍ୱିତୀୟ ପୁରାଣପୁରୁଷ ଆପଣା ବୈରାଗ୍ୟ, ତିତିକ୍ଷା ବିଦ୍ୟା ଓ ଭକ୍ତି ନିଷ୍ଠା ଓ ଜ୍ଞାନ-ବିଦ୍ୟାକୁ ନିଜର ଆଚରଣରେ ପାଳନ କରି ଅପରକୁ ପରୋକ୍ଷରେ ଶିକ୍ଷା ଦିଅନ୍ତି ଇଯେ ସେମାନଙ୍କ ମଧ୍ୟରୁ ଜଣେ, – ଶ୍ରୀଚୈତନ୍ୟ ତହିଁର ଉଦାହରଣ । ସେ ଯେ ଦାକ୍ଷିଣାତ୍ୟ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ

କରିବାକୁ ଯାଉଛନ୍ତି, ଏକଥା ଜାଣି ପଣ୍ଡିତ ବାସୁଦେବ ତାଙ୍କୁ ସବିନୟ ଅନୁରୋଧ କଲେ ରାଜମହେନ୍ଦ୍ରୀର ଶାସନକର୍ତ୍ତା ଶ୍ରୀ ରାମାନନ୍ଦ ରାୟଙ୍କୁ ଭେଟିବା ପାଇଁ : ''ଯିଏ ଏତେବଡ଼ ପଦବୀର ଭାର ସମ୍ଭାଳିବା ସତ୍ତ୍ୱେ ଆତ୍ମବଡ଼ିମା ଶୂନ୍ୟ; ଭକ୍ତି ବେଦାନ୍ତରେ ସିଦ୍ଧ ହୋଇ ମଧ୍ୟ ବିନମ୍ର । ସମର୍ପିତ ଚିତ୍ତ ହୋଇ ସେ ସକଳ ରାଜକାର୍ଯ୍ୟ ସମ୍ପନ୍ନ କରନ୍ତି । ମୋ ମତରେ ସିଏ ଜୀବନ୍ମୁକ୍ତ ପୁରୁଷ । ତାଙ୍କ ଚିତ୍ତ ଅହରହ ଶ୍ରୀରାଧାକୃଷ୍ଣଙ୍କ ପଦତଳେ ଥାଏ । ତାଙ୍କ ସହ ସାକ୍ଷାତ୍ କରି ଭକ୍ତିତତ୍ତ୍ୱ ସଂଗ୍ରହ କଲେ ଉଭୟେ ଉଭୟଙ୍କୁ ପରିତୃପ୍ତ କରିପାରିବେ, ଆପଣ ଦୁହେଁ ।'

ବଡ଼ ବିଷାଦଗ୍ରସ୍ତ ମନରେ ପୁରୀର ଅଧିବାସୀ ନବଦ୍ୱୀପର ଭକ୍ତଗଣ ତଥା ପଣ୍ଡିତ ବାସୁଦେବ ତାଙ୍କୁ ବାଟେଇ ଦେଲେ କିଛି ଦୂର । ଶ୍ରୀଚୈତନ୍ୟ ଅଲାରନାଥ[୨] ହୋଇ ଯାତ୍ରା କଲେ । ସମୟ ଥିଲା ଜ୍ୟେଷ୍ଠ ମାସ । ସମ୍ଭବତଃ ଶ୍ରୀମନ୍ଦିରରେ ଜଗନ୍ନାଥ ପ୍ରଭୁ ଅଣସର ଘରକୁ ଚାଲି ଯାଇଥିଲେ, ସେଥିପାଇଁ ପ୍ରଭୁଙ୍କୁ ଉକ୍ତ ସ୍ଥାନରେ ଦର୍ଶନ କରି ସେ ଦକ୍ଷିଣ ଦିଗକୁ ଯାତ୍ରା କଲେ । ପୁରୀଧାମ ଓ ଶ୍ରୀମନ୍ଦିର ପରିବେଶରୁ ଦୂରକୁ ଯାଉଥିବାରୁ ତାଙ୍କୁ ଅତି ଦୁଃଖ ହୋଇଥିବ ଅବଶ୍ୟ, ସନ୍ନ୍ୟାସୀର ସମତାରେ ତାହା ସେ ସହିନେଲେ ।

ପ୍ରଥମେ ସେ କୁର୍ମକ୍ଷେତ୍ର ପାର ହେଲେ । ଯେଉଁଠାକୁ ବି ଯାଉଥିଲେ, ସେଠାରେ ଜନ ସମାଗମ ହେଉଥିଲା ତାଙ୍କର ପ୍ରଶାନ୍ତ ଉପସ୍ଥିତିର କାରଣରୁ । କୁହାଯାଏ, କିଛି ହେଲେ ବି ଜାଗତିକ ପ୍ରାପ୍ତିର ଆଶା ନଥାଇ ଯେଉଁଠି ଖାଲି ଦର୍ଶନ ଓ ସଂସ୍ପର୍ଶର ଆଶାରେ ଜନସମାବେଶ ହୋଇଥାଏ, ସେଠାରେ ଅବଶ୍ୟହିଁ କିଛି ଦୈବୀ-ସମ୍ପଦ ଅଲକ୍ଷିତଭାବେ ପ୍ରାପ୍ତ ହୁଏ । ଏଇ କୁର୍ମକ୍ଷେତ୍ରରେ ବାସୁଦେବ ନାମରେ ଜଣେ ସ୍ୱଧର୍ମନିଷ୍ଠ ଭକ୍ତ ରହୁଥିଲେ । କୌଣସି କାରଣରୁ ତାଙ୍କୁ ଦୁରାରୋଗ୍ୟ କୁଷ୍ଠବ୍ୟାଧି ହୋଇଥିଲା । ଯଦିବା ଗୌରାଙ୍ଗଙ୍କର ଆବିର୍ଭାବ ଓ ଶ୍ରୀକ୍ଷେତ୍ର ନିବାସ କଥା ସେ ଶୁଣିଥିଲେ ଓ ତାଙ୍କୁ ଦର୍ଶନ କରିବାକୁ ପ୍ରବଳ ଇଚ୍ଛା ଥିଲା, ତଥାପି ରୋଗବ୍ୟାଧି ହେତୁ ସଂକୋଚବଶତଃ ସେ ଲୋକ ସମାଗମକୁ ଭେଦ କରିବାକୁ ସାହସ କଲେ ନାହିଁ । ବାରଣ୍ଡାରେ ବସି ଅଶ୍ରୁତର୍ପଣ କରୁଥିଲେ । ଯାହାଙ୍କ ହୃଦୟରେ ଅଖିଳ ଜଗତ୍ ଓ ଭୂତ ସକଳ ନିବାସ କରନ୍ତି, ସେପରି ମହାନୁଭବ ବ୍ୟକ୍ତି ବ୍ୟଥିତ ହୋଇଉଠିଲେ ଏଇ ବାସୁଦେବଙ୍କୁ ଭେଟିବାକୁ । ନିଜ ତରଫରୁ ଭିଡ଼ କାଟି ଯାଇ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ନିଜ ବାହୁ-ବନ୍ଧନରେ ନେଇଗଲେ । ଅଯାଚିତ କୃପାଲାଭ କରି ସେ ଯେତିକି ଆନନ୍ଦିତ ହେଲେ, ଉପସ୍ଥିତ ଲୋକେ ତା'ଠାରୁ ଅଧିକ ଆଶ୍ଚର୍ଯ୍ୟ ଓ ଆନନ୍ଦ ଅନୁଭବ କଲେ ଯେତେବେଳେ ଦେଖିଲେ ମହାପୁରୁଷଙ୍କ ଆଲିଙ୍ଗନ ହେତୁ ବ୍ୟକ୍ତିଜଣକ ସମ୍ପୂର୍ଣ୍ଣ ସୁସ୍ଥ ଓ ନିରାମୟ ହୋଇ ଯାଇଛନ୍ତି । ଜଣେ ଅତିମାତ୍ରାରେ ଶୁଭେଚ୍ଛା-ପରାୟଣ ବ୍ୟକ୍ତିର ସଂସ୍ପର୍ଶ କେତେ ଆଶୁ ଶୁଭ ପରିଣାମ ନେଇ ଆସିପାରେ, ଏହା ସେମାନଙ୍କୁ ଚମତ୍କୃତ କଲା । ମାତ୍ର ଲୋକପ୍ରଚାର ଭୟରେ ଅଳ୍ପ କିଛି ସଦୁପଦେଶ ଭକ୍ତ ବାସୁଦେବଙ୍କୁ ଦେଇ ଶ୍ରୀଚୈତନ୍ୟ ସେ ଜାଗା ଛାଡ଼ିଦେଲେ । ତାଙ୍କ ଯାତ୍ରା ତେଣିକି ଅବ୍ୟାହତ ରହିଲା । ସେ ସୀମାଚଳରେ ନୃସିଂହନାଥ ମନ୍ଦିରକୁ ଯାଇ ବିଗ୍ରହଙ୍କୁ ଦର୍ଶନ ଓ ପ୍ରଣାମ ଆଦି କରି କିଛି ସମୟ ଜପଧ୍ୟାନରେ ବିତାଇଲେ । ସେଠାରୁ ଯାତ୍ରାପଥରେ ଯେଉଁଠି ଯେଉଁଠି ବିଶ୍ରାମ ନେଇଛନ୍ତି, ସେଠାରେ ସନ୍ଧ୍ୟା ଉପଗମରେ ଗ୍ରାମବାସୀଙ୍କ ଗହଣରେ ବା କୌଣସି ଗୃହସ୍ଥଙ୍କ ଚଉତରାରେ କିଂବା ଦେଉଳ ସଂଲଗ୍ନ ବୃକ୍ଷମୂଳରେ ସଦ୍‌ପ୍ରସଙ୍ଗ ଓ ପୁରାଣ ଭାଗବତର କଥା ସରଳଭାବରେ ଚର୍ଚ୍ଚା କରୁଥିଲେ ଓ ସେମାନଙ୍କୁ ଭଗବତ୍ ଅଭିମୁଖୀ ହେବାକୁ ପ୍ରବର୍ତ୍ତାଉଥିଲେ । ଖାଲି ଜୀବିକା-ଅର୍ଜନ ଯେ ଜୀବନର ସବୁକିଛି ନୁହେଁ, ସୃଷ୍ଟିର ରଚୟିତାଙ୍କ ସହ ସ୍ମରଣ ଓ ଭକ୍ତି ତଥା କୃତଜ୍ଞତାରେ ଯୁକ୍ତ ହେବା ଓ ତାଙ୍କ ପ୍ରିୟ ହୋଇ ଉଠିବାର ଏକମାତ୍ର ଉପାୟ ହେଉଛି ତାଙ୍କ ବିଷୟରେ ଚର୍ଚ୍ଚା କରିବା ଓ ଗ୍ରହଣ କରିବା ସେକଥା ବି ବୁଝାଇ ଦେଉଥିଲେ । ଯେଉଁଠି ବସୁଥିଲେ ତାଙ୍କର ସୌମ୍ୟ ଉଜ୍ଜ୍ୱଳ ମୁଖମଣ୍ଡଳ ତଥା ଅଲୌକିକ ଭାବାବେଶ ସାଧାରଣ ଲୋକଙ୍କୁ ଭଲ ଲାଗୁଥିଲା ।

୨. ପୁରୀଠାରୁ ୬/୭ କ୍ରୋଶ ଦୂରରେ ଚିଲିକା ନାମକ ସ୍ଥାନରେ ଅଲାରନାଥ (ଜଗନ୍ନାଥ)ଙ୍କ ବିଗ୍ରହ ପୂଜିତ ହୁଏ । ଭକ୍ତଯାତ୍ରୀ ପୁରୀଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ହେଲେ ଏଇ ସ୍ଥାନରେ ଦର୍ଶନ କରିଥା'ନ୍ତି । ସମ୍ଭବତଃ ଦକ୍ଷିଣଭାରତର ବୈଷ୍ଣବ ଆଲୁଆରମାନେ ଏହା ସ୍ଥାପନ କରିଥିଲେ, ପରେ ଯାହା 'ଆଲାରନାଥ' ନାମରେ କଥିତ ହୋଇଛି । ଏଇଠାବରେ ଶ୍ରୀଚୈତନ୍ୟ ଏକରାତ୍ରି ଅବସ୍ଥାନ କରିଥିଲେ । ତାଙ୍କ ପଦଚିହ୍ନ ପ୍ରସ୍ତର ଦେହରେ ରହିଯାଇଛି, ଯାହା ଏବେ ସଂଗୃହୀତ ହୋଇ ତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ଦେଉଳ ସମ୍ମୁଖରେ ସ୍ଥାପିତ କରାଯାଇଛି ।

ସେ ସ୍ଥାନରୁ ସେ ଗୋଦାବରୀ ତଟଦେଶରେ ଥିବା ପ୍ରଦେଶରେ ଯାଇ ପ୍ରବେଶ କଲେ । ତାଙ୍କର ଉଦ୍ଦେଶ୍ୟ ସେ ରାୟ ରାମାନୁଜଙ୍କୁ ଭେଟିବେ । ତେଣୁ ସେ ବିଦ୍ୟାନଗରର ଗଲେ ।

ପ୍ରାତଃକାଳରେ ଗୋଦାବରୀ ଜଳରେ ସ୍ନାନ-ଆହ୍ନିକ ଆଦି କଲେ ଓ ନିରୋଳା ସ୍ଥାନଟିଏ ଖୋଜି ବସିବାକୁ ଯାଉଛନ୍ତି, ଏସମୟରେ ପଶ୍ଚାତରୁ ଶୋଭାଯାତ୍ରା ଭଳି ଶବ୍ଦ ଶୁଣିଲେ । କିଛି ବାଦ୍ୟ, ସଂଗୀତ ଧ୍ୱନି ସହ କେହି ଜଣେ ଦୋଳାରେ ଚଢ଼ି ଆସୁଥିବାର ଲକ୍ଷ୍ୟ କଲେ । ଆଗେ ଆଗେ ବେଦମନ୍ତ୍ର ଆବୃତ୍ତି କରି କିଛି ବ୍ରାହ୍ମଣ ମଧ୍ୟ ଆସୁଥିଲେ । ଚୈତନ୍ୟଦେବ ବୁଝିଲେ ଦୋଳାରେ ଆସୁଥିବା ବ୍ୟକ୍ତି ନିଶ୍ଚୟ ରାଜପୁରୁଷ ହୋଇଥିବେ, ସମ୍ଭବତଃ ଏଇ ବ୍ୟକ୍ତି ଏ ଅଞ୍ଚଳର ଶାସନକର୍ତ୍ତା । ଅଞ୍ଚଳଟି ରାଜମହେନ୍ଦ୍ରୀଠାରୁ ବେଶୀଦୂର ନୁହେଁ – ନାମ ବିଦ୍ୟାନଗର, ପରବର୍ତ୍ତୀ କାଳରେ ଯାହା 'କାଭୁର' ନାମରେ ବିଦିତ ହେଲା । ସେମାନଙ୍କ ଗହଣରେ କିଛି ସୈନ୍ୟ ଓ ସିପାହି ଆଦି ମଧ୍ୟ ଥିଲେ । ପାଲିଙ୍କିରୁ ଓହ୍ଲାଇ ଉକ୍ତ ରାଜପୁରୁଷ ସ୍ନାନାଦି କ୍ରିୟା ସମାପନାନ୍ତେ ସ୍ଥଳଭାଗକୁ ଉଠି କିଛିକ୍ଷଣ ଏଣେତେଣେ ଚାହିଁଲେ, ଅଜ୍ଞାତ କିଛି ଦିବ୍ୟ-ଉପସ୍ଥିତି ତାଙ୍କୁ ଆକର୍ଷିତ କଲା । ଅଦୂରରେ ଜଣେ ଲଣ୍ଡିତମସ୍ତକ ଉଜ୍ଜ୍ୱଳ କାନ୍ତି ସନ୍ନ୍ୟାସୀ ଧ୍ୟାନରେ ଉପବେଶନ କରୁଥିବାର ଦେଖି ସେଦିଗରେ ସେ ପାଦବଢ଼ାଇଲେ । ପାଖରେ ପହଞ୍ଚିବାରୁ ସନ୍ନ୍ୟାସୀ ମଧ୍ୟ ସଚେତ ହୋଇ ଏହାଙ୍କୁ ଜାଣି ପାରିଲେ –'ଇୟେ ସେଇ ଭାଗ୍ୟବାନ୍ ପୁରୁଷ ଯାହାଙ୍କୁ କ୍ଷମତା ଓ ଅଧିକାର ସହ ଭଗବାନ୍ ବିଦ୍ୟାବୁଦ୍ଧି ଓ ଭକ୍ତି, ନିରଭିମାନ ଆଦି ଗୁଣରେ ଭୂଷିତ କରିଛନ୍ତି । ରାଜପୁରୁଷ ଆଗେଇଯାଇ ପ୍ରଣାମ ନିବେଦନ କରିବାରୁ ସନ୍ନ୍ୟାସୀ ତାଙ୍କର ଆୟତନୟନ ମେଲି ଚାହିଁଲେ, ଦୁହିଙ୍କର ଆନ୍ତରବୋଧ କହିଲା – ଭଗବତ୍ ପଥରେ ଦୁହେଁ ସହଯାତ୍ରୀ, ସମାନ ଲକ୍ଷ୍ୟ ଦୁହିଙ୍କର – ପରସ୍ପରର ଅନୁଷଙ୍ଗୀ । ସନ୍ନ୍ୟାସୀହିଁ ପ୍ରଥମ ସମ୍ଭାଷଣ କଲେ କାରଣ ମାନ ଅପେକ୍ଷା ସତ୍ୟହିଁ ସେମାନଙ୍କର ଅଧିକ ପ୍ରିୟ । ପଚାରିଲେ : ''ସିଏ କ'ଣ ସେଇ ଯଶସ୍ୱୀ ରାୟ ରାମାନନ୍ଦ, ଯାହାଙ୍କର ଅଶେଷ ଗୁଣମାନ ସାର୍ବଭୌମ ମହାଶୟଙ୍କ ମୁଖରୁ ଶୁଣି ଏ ନିରସ ଶୁଷ୍କ ସନ୍ନ୍ୟାସୀ ତାଙ୍କ ସାକ୍ଷାତ୍କାର ପାଇଁ ଆସିଛି ?''

ଉତ୍କଳରାଜାଙ୍କ ପ୍ରତିନିଧି ରାଜମହେନ୍ଦ୍ରୀର ଶାସନକର୍ତ୍ତା ହେଲେ ମଧ୍ୟ ଭଦ୍ର ରାମାନନ୍ଦ ତାଙ୍କୁ ଉତ୍ତର ଦେଲେ : ''ହଁ, ବ୍ରହ୍ମସମ ତେଜୋଦୀପ୍ତ ପୁରୁଷଙ୍କୁ ସାକ୍ଷାତ୍ କରି ନିଜକୁ ଧନ୍ୟ ମନେ କରୁଥିବା ମୁଁ ରାଜସେବୀ ଶୂଦ୍ରାଧମ ସେଇ ରାମାନନ୍ଦ । ମୋର ବିନୀତ ଶ୍ରଦ୍ଧା ନିବେଦନ ଗ୍ରହଣ କରନ୍ତୁ, ମୋର ମାନବଜନ୍ମ ଆଜି ସାର୍ଥକ ହେଲା ଯାହା ମୋତେ ଆପଣଙ୍କ ଶ୍ରୀଚରଣକୁ ନେଇ ଆସିଲା । ପଣ୍ଡିତ ସାର୍ବଭୌମ ସର୍ବଥା ମୋର ଉପକାର କରିଛନ୍ତି ।'' ସନ୍ନ୍ୟାସୀ ରାମାନନ୍ଦଙ୍କ କଥା କାଟି କହିଲେ, ''ନା, ନା ଏ ସ୍ଥାନରେ ମୋର ଆଗମନ ଆପଣଙ୍କ ପରି ଭକ୍ତିମାନ୍ ତତ୍ତ୍ୱଦର୍ଶୀ ମହାପଣ୍ଡିତଙ୍କ ନିକଟରୁ ଭକ୍ତିମାର୍ଗର ସାରବସ୍ତୁ ଲାଭ କରିବାକୁ । ସେ ଯଦି ନ ଚିହ୍ନାଇ ଦେଇଥା'ନ୍ତେ ଆପଣଙ୍କ ରାଜପୋଷାକର ଅନ୍ତରାଳରେ ଯେଉଁ ଦୁର୍ଲଭ ବସ୍ତୁ ଛପି ରହିଛି ମୁଁ ଜଣେ ସାଧାରଣ ସନ୍ନ୍ୟାସୀ ହୋଇ ସେଇ ରାଗ ଅନୁରାଗ, ସ୍ନେହ ପ୍ରୀତି ଦେଇ ଭଗବାନଙ୍କୁ ଲାଭ କରିବାର ରହସ୍ୟ କେମିତି ଭେଦ କରିବି ? ସେଇ ଅମୂଲ୍ୟ ବିଦ୍ୟାନିଧି ମୋତେ ଆପଣ ଦାନ କରନ୍ତୁ ।''

ଏ ପ୍ରକାର ରାଜ ପ୍ରତିନିଧି ଓ ତରୁଣ ସନ୍ନ୍ୟାସୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବାର୍ତ୍ତାଳାପ ଓ ଯଥାଯୋଗ୍ୟ ସମ୍ଭାଷଣ ଉପସ୍ଥିତ ପ୍ରଜା ଓ ଅଧିକାରୀଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଥିଲା । ପରସ୍ପର ମଧ୍ୟରେ ପ୍ରୀତିଯୁକ୍ତ କଥା କଟାକଟି ଚାଲିବା ପରେ ରାମାନନ୍ଦ ସମ୍ମତ ହେଲେ ଏ ପ୍ରସଙ୍ଗରେ କିଛି ଆଲୋଚନା କରିବାକୁ । ତାଙ୍କୁ ଚୈତନ୍ୟଦେବ କହିଲେ :

''ତୋମାର ସ୍ଥାନେ ଆଇଲାମ୍ ତୋମାର ମହିମା ଶୁନିୟା ।
ତୁମି ମୋତେ ସ୍ତୁତି କର ସନ୍ନ୍ୟାସୀ ଜାନିୟା ॥
ସନ୍ନ୍ୟାସୀ ଜାନିୟା ମୋରେ ନା କର ବଞ୍ଚନ ।
ରାଧାକୃଷ୍ଣ ତତ୍ତ୍ୱ କହି ପୂର୍ଣ୍ଣ କର ମନ ॥''

ଭଗବାନଙ୍କ ସହ ଯଥାର୍ଥରେ ଯେତେ ଭାବରେ ସମ୍ପର୍କ ରଖାଯାଇପାରେ, ତାହାର ସବିଶେଷ ବର୍ଣ୍ଣନ ରାୟ ରାମାନନ୍ଦଙ୍କୁ ବିଦିତ ଥିଲା – ଏହା ତାଙ୍କର ଉପଲବ୍ଧ ତତ୍ତ୍ୱ । ଏସବୁ ତତ୍ତ୍ୱ କ'ଣ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଜ୍ଞାତ ନଥିଲା ଯେ ସିଏ ଅନ୍ୟଠାରୁ ଶିକ୍ଷାଲାଭ କରି ଅଭ୍ୟାସ କଲେ – ସାଧାରଣଙ୍କ ମନରେ ଏ ପ୍ରଶ୍ନ ଉଠିପାରେ । ଏ ବିଷୟରେ ପୂର୍ଣ୍ଣ ସାରତତ୍ତ୍ୱ ତାଙ୍କର ଜ୍ଞାତ ଥିଲେ ମଧ୍ୟ ଏ ବିଷୟରେ କେହି ସିଦ୍ଧ ଓ ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ଶୁଣିଲେ ତାଙ୍କର ପ୍ରତ୍ୟୟ ବଢ଼ିବ, ସ୍ୱୀୟ ଅନୁଭବ ସହ ବୈଷ୍ଣବ ସିଦ୍ଧାନ୍ତର ଏକୀକରଣ ସମ୍ଭବ ହେବ । ନିଃସ୍ୱାର୍ଥଭାବେ ଏ ସକଳ ମାର୍ଗ ଆଚରଣ କରି କେମିତି ଅନ୍ତିମ ଉପଲବ୍ଧି ପର୍ଯ୍ୟନ୍ତ ଭକ୍ତମାନେ ଯାଇଛନ୍ତି ଜାଣିଲେ ଭାବୀ କାଳର ସାଧକ ପାଇଁ ପଥସୁଗମ ହେବ । ଏଥିରୁ ଶ୍ରୀଚୈତନ୍ୟଙ୍କର ଅଧ୍ୟାତ୍ମ-ବିଦ୍ୟାରେ ଅଜ୍ଞତା ପ୍ରତିପନ୍ନ ହୁଏ ନାହିଁ, ବରଂ ବିଶ୍ୱ-

ଗୁରୁ ପଦରେ ତାଙ୍କୁ ବରଣ କରାଯାଇପାରେ । ଏଇ ପ୍ରସଙ୍ଗକୁ ପ୍ରସିଦ୍ଧ 'ସାଧ୍ୟ-ସାଧନ ତତ୍ତ୍ୱ'ଭାବେ ସର୍ବମାନ୍ୟ ପଦ ମିଳିଅଛି ଯାହା ଆମେ ଆଗକୁ ଆଲୋଚନା କରିବା । ପରେ ଶ୍ରୀଚୈତନ୍ୟ ଏ ପ୍ରସଙ୍ଗ ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କୁ ଶୁଣାଇଛନ୍ତି । ପରବର୍ତ୍ତୀ ସମୟରେ ସେମାନେ ନାନା ସନ୍ଦର୍ଭ ରଚନା କରିଛନ୍ତି ବୈଷ୍ଣବ ଦର୍ଶନ ଉପରେ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

## ଜଣେ ସାଧକଙ୍କୁ ଶ୍ରୀଅରବିନ୍ଦଙ୍କ ଏକ ପତ୍ର :

ମୁଁ ତୁମକୁ କହିଥିଲି ଯେ ତୁମେ ଆଉ ମନ ଦ୍ୱାରା କୌଣସି ନିଷ୍ପତ୍ତି ନେବାକୁ ଚେଷ୍ଟା କରିବ ନାହିଁ । ତୁମେ ବାରବାର ପୁନରାବୃତ୍ତି କରିଚାଲିଛ, ''ମୁଁ ନିଷ୍ପତ୍ତି ନେବି, ମୁଁ ନିଷ୍ପତ୍ତି ନେବି । ମୋତେ ଏକ ନିଷ୍ପତ୍ତି ନେବାକୁ ହେବ । ମୋତେ ଏକ ସଂକଳ୍ପ ଗ୍ରହଣ କରିବାକୁ ହେବ ।'' ତୁମେ ବରାବର ଏହି ମୁଁ, ମୁଁ, ମୁଁ ନିଷ୍ପତ୍ତି ନେବି କଥାଟିକୁ ପୁନରାବୃତ୍ତି କରୁଛ, ସତେ ଯେପରି ମୋଠାରୁ ଓ ମା'ଙ୍କଠାରୁ ତୁମେ ଅଧିକ ଜାଣିଛ । ''ମୋତେ ବୁଝିବାକୁ ହେବ, ମୋତେ ନିଷ୍ପତ୍ତି ନେବାକୁ ହେବ ।'' ଏବଂ ବରାବର ତୁମେ ଦେଖୁଛ ଯେ ତୁମର ମନ କୌଣସି କିଛି ବିଷୟରେ ନିଷ୍ପତ୍ତି ନେଇପାରିବ ନାହିଁ ଏବଂ କିଛି ବି ବୁଝିପାରିବ ନାହିଁ । ତଥାପି ତୁମେ ସେହି ସମାନ ମିଥ୍ୟାଚାରକୁ ପୁନରାବୃତ୍ତି କରି ଚାଲିଛ ।

ମୁଁ ତୁମକୁ ପୁଣିଥରେ ସିଧା କହୁଛି ଯେ ତୁମର ତଥାକଥିତ ଅନୁଭୂତିଗୁଡ଼ିକର କିଛି ବି ମୂଲ୍ୟ ନାହିଁ, ସେଗୁଡ଼ିକ କେବଳ ପ୍ରାଣର ଅଜ୍ଞାନତା ଓ ବିଭ୍ରାନ୍ତି । ତୁମର ଏକମାତ୍ର ଯେଉଁ ଅନୁଭୂତି ଆବଶ୍ୟକ ତାହା ହେଉଛି ମା'ଙ୍କ ଉପସ୍ଥିତି, ମା'ଙ୍କ ଆଲୋକ, ମା'ଙ୍କ ଶକ୍ତି ଏବଂ ତାହା ତୁମ ଭିତରେ ଆଣୁଥିବା ପରିବର୍ତ୍ତନସବୁ ।

ତୁମକୁ ଅନ୍ୟାନ୍ୟ ସମସ୍ତ ପ୍ରଭାବକୁ ଫିଙ୍ଗି ଦୂର କରିଦେବାକୁ ହେବ ଏବଂ କେବଳ ମା'ଙ୍କ ପ୍ରଭାବ ପ୍ରତି ନିଜକୁ ଖୋଲି ଧରିବାକୁ ହେବ ।

ତୁମକୁ ଏଣିକି ଆଉ ଶକ୍ତି କିପରି ପ୍ରବାହିତ ହେଉଛି ଏବଂ ତୁମର ଶକ୍ତି ଓ ଅନ୍ୟମାନଙ୍କ ଶକ୍ତିର ପ୍ରବାହ ବିଷୟରେ କିଛି ଭାବିବାକୁ ହେବ ନାହିଁ ବା କହିବାକୁ ହେବ ନାହିଁ । ଏକମାତ୍ର ଯେଉଁ ଶକ୍ତିକୁ ତୁମେ ଅନୁଭବ କରିବା ଆବଶ୍ୟକ, ତାହା ହେଉଛି ମା'ଙ୍କ ଶକ୍ତିର ଅବତରଣ, ପ୍ରବାହ ଓ କ୍ରିୟା ।

ଏହିଗୁଡ଼ିକ ଥିଲା ମୋର ଉପଦେଶ ଏବଂ ଯେପର୍ଯ୍ୟନ୍ତ ତୁମେ ସେଗୁଡ଼ିକୁ ମାନି ଚଳୁଥିଲ, ତୁମର ଅଗ୍ରଗତି ବେଶ୍ ଦ୍ରୁତ ହେଉଥିଲା ।

ବର୍ତ୍ତମାନର ଏହି ସମସ୍ତ ଅସଂଲଗ୍ନ ମିଥ୍ୟାନୁଭୂତିକୁ କାଢ଼ି ଦୂରକୁ ଫିଙ୍ଗିଦିଅ । ତୁମକୁ ଯେଉଁ ଏକମାତ୍ର ନିୟମଟି ଦେଇଛି ତାହା ମାନି ଚଳିବାର ଅବସ୍ଥାକୁ ଫେରିଯାଅ । ମା'ଙ୍କ ଉପସ୍ଥିତି ପ୍ରତି, ତାଙ୍କର ପ୍ରଭାବ, ଆଲୋକ ଓ ଶକ୍ତି ପ୍ରତି ନିଜକୁ ଖୋଲିଦିଅ । କେବଳ ଏହି ଭାବରେହିଁ ତୁମେ ସାଧନାରେ ନିଜର ସ୍ୱଚ୍ଛ, ପରିଷ୍କାର ଭାବ (ବିଭ୍ରାନ୍ତି ପରିବର୍ତ୍ତେ), ଚୈତ୍ୟାନୁଭବ ଏବଂ ଅଗ୍ରଗତି ଫେରିପାଇବ ।

(ବୁଲେଟିନ୍ ଅଗଷ୍ଟ ୧୯୬୯ ପୃଷ୍ଠା-୨୮)

# ଶରୀର – ଅନ୍ତର୍ଗତିବୃତ୍ତିର ଏକ ପ୍ରତୀକ

## ଶ୍ରୀମା

''ଶରୀରର ପ୍ରତ୍ୟେକଟି ସ୍ଥାନ ହେଉଛି ଏକ ଅନ୍ତର୍ଗତିବୃତ୍ତିର ପ୍ରତୀକ । ସେଠାରେ ସୂକ୍ଷ୍ମ ଭାବରେ ଭିତରର ଏହି ଗତିବୃତ୍ତିଗୁଡ଼ିକର ଅନୁରୂପ ଓ ସାମଞ୍ଜସ୍ୟର ଏକ ପୂରା ଜଗତ୍ ରହିଛି । କିନ୍ତୁ ଏହା ଏକ ଦୀର୍ଘ ଓ ଜଟିଳ ବିଷୟ; ବର୍ତ୍ତମାନ ଆମେ ଏହାର ଟିକିନିଖି ଆଲୋଚନାରେ ପ୍ରବେଶ କରିପାରିବା ନାହିଁ । ଯେତେବେଳେ ଶରୀରର କୌଣସି ଅଂଶ କୌଣସି ରୋଗ ଦ୍ୱାରା ଆକ୍ରାନ୍ତ ହୁଏ, ତାହା ସୂଚିତ କରେ ଭିତରେ ଘଟିଥିବା ଏକ ଅମେଳ ବା ଅସମଞ୍ଜସତାର ପ୍ରକୃତ ସ୍ୱରୂପକୁ । ଏହା ତା'ର ମୂଳ ଉତ୍ସକୁ ନିର୍ଦ୍ଦେଶ କରି ଦେଖାଇ ଦିଏ, ଏହା ସୂଚାଇ ଥାଏ ରୋଗଟିର କାରଣର ଲକ୍ଷଣସବୁକୁ । ଏହା ମଧ୍ୟ ପ୍ରକାଶ କରିଦିଏ ସମଗ୍ର ସତ୍ତାଟି ସେହି ସମାନ ଦ୍ରୁତଗତିରେ ଆଗେଇ ଯିବାରେ ବାଧାଟି କେଉଁଠୁ ଆସୁଛି, ଏହା ସେହି ପ୍ରତିରୋଧର ସ୍ୱରୂପଟିକୁ ପ୍ରକାଶ କରିଦିଏ । ଏହା ତାହାର ଚିକିତ୍ସା ଓ ଆରୋଗ୍ୟର ସୂଚନା ଦିଏ । ଯଦି ଜଣେ ପୂରା ବୁଝିପାରେ ଯେ ଭୁଲ୍‌ଟି କେଉଁଠି, କେଉଁ ଅଂଶଟି ଗ୍ରହଣଶୀଳ ହୋଇ ନାହିଁ, ସେ ସେହି ଅଂଶଟିକୁ ଖୋଲିଧରି ତା' ଉପରେ ଶକ୍ତି ଓ ଆଲୋକ ପକାଏ । ତା' ଫଳରେ ସେଠାରେ ଯେଉଁ ମେଳ ବା ସୁସମଞ୍ଜସତାରେ ଗୋଳମାଳ ଘଟି ନାନା ହାନି ଉପୁଜି ଥିଲା, ସେହି ସୁସମଞ୍ଜସତାକୁ ଗୋଟିଏ ମୁହୂର୍ତ୍ତରେ ପୁନଃ ପ୍ରତିଷ୍ଠିତ କରିବା ସମ୍ଭବ ହୁଏ ଏବଂ ସେତେବେଳେ ରୋଗଟି ସଙ୍ଗେ ସଙ୍ଗେ ଦୂର ହୋଇଯାଏ ।''

(୧୬ ଜୁନ୍ ୧୯୨୯ରେ ମା'ଙ୍କ ସହ ପ୍ରଶ୍ନୋତ୍ତରରୁ ଉଦ୍ଧୃତ)

*ପ୍ରଶ୍ନ : କାହିଁକି ''ଶରୀରର ପ୍ରତ୍ୟେକଟି ସ୍ଥାନ ଏକ ଅନ୍ତର୍ଗତିବୃତ୍ତିର ପ୍ରତୀକ'' ?*

ଶ୍ରୀମା : କାରଣ ସମଗ୍ର ସ୍ଥୂଳ ଭୌତିକ ଜଗତଟା ହେଉଛି ବିଶ୍ୱ ଗତିବୃତ୍ତିଗୁଡ଼ିକର ଏକ ପ୍ରତୀକ । ତେଣୁ ଆମର ଶରୀର ହେଉଛି ଆମ ଅନ୍ତର୍ଗତିବୃତ୍ତିର ପ୍ରତୀକ । ସମଗ୍ର ଜଗତ୍, ସମଗ୍ର ଭୌତିକ ଜଗତ୍ ହେଉଛି ବିଶ୍ୱର ଅନ୍ୟାନ୍ୟ ସ୍ତରଗୁଡ଼ିକର ଗତିବୃତ୍ତିର ଏକ ଦାନା ବାନ୍ଧିବା, ଏକ ଭୌତିକ ରୂପ ଗ୍ରହଣ । ଏହା ହେଉଛି ଏକ ଶେଷ, ଅନ୍ତିମ ରୂପ ଗ୍ରହଣ, ଯେପରିକି କୌଣସି ଚିତ୍ରଫଳକକୁ ଏପରି କିଛି ଉପରେ ପ୍ରକ୍ଷେପ କରିବା ଯାହା ସେହି ଚିତ୍ରକୁ ଧରି ରଖି ପାରିବ ଓ ସ୍ଥାୟୀ ଭାବରେ ବିନ୍ୟସ୍ତ କରିପାରିବ । ତେଣୁ ସମଗ୍ର ଭୌତିକ ବିଶ୍ୱରେ ଯାହାକିଛି ଘଟିଥାଏ, ତାହାର ପ୍ରତ୍ୟେକଟି ବିନ୍ଦୁରେ ମଧ୍ୟ ସେହି ସମାନ ଜିନିଷ ଘଟିଥାଏ ।

*ପ୍ରଶ୍ନ : ଜଡ଼ ଭୌତିକ ତ ଏକ ସ୍ତର, ନୁହେଁ କି ?*

ଶ୍ରୀମା : ହଁ, ଏହା ହେଉଛି ସ୍ଥୂଳ ଭୌତିକତାର ଶେଷ ପରିଣତି । ଏକ କ୍ରମବର୍ଦ୍ଧିଷ୍ଣୁ ଜଡ଼ତ୍ୱ ଓ ଏକ କ୍ରମକ୍ଷୟିଷ୍ଣୁ ଜଡ଼ତ୍ୱ ରହିଛି, ଏବଂ ସ୍ଥୂଳ ଭୌତିକ ସ୍ତରଟି ରହିଛି କେନ୍ଦ୍ରରେ : ଏହା ଏକ ପରଦା ପରି ଯାହା ଉପରେ ହସ୍ତକ୍ଷେପ କରୁଥିବା ସମସ୍ତ ସ୍ପନ୍ଦନଗୁଡ଼ିକ ପ୍ରକ୍ଷିପ୍ତ ହୁଏ ଓ ଧରି ରଖାହୁଏ । ପରଦା ଉପରେ ନାନା ଚିତ୍ର ପଡ଼ିଲା ପରି – ଏହା ଏକ ପ୍ରତିରୂପ, ଯାହାକିଛି ଘଟୁଛି, ତାହାର ଏକ ପ୍ରତିରୂପ । ଆମେ ଏହା ଦେଖି ପାରୁଛୁ ବା ଲକ୍ଷ୍ୟ କରି ପାରୁଛୁ, କାରଣ ଏହା ସମ୍ପନ୍ନ ହୋଇଯାଇଥିବା ଏକ ଜିନିଷ, ସ୍ଥୂଳ ଓ ସୁନିର୍ଦ୍ଦିଷ୍ଟ କିଛି । ତୁମେ ଦେଖ ଯେପରି ସମଗ୍ର ବିଶ୍ୱ ହେଉଛି ଶକ୍ତିମାନଙ୍କର ଏକ ଗତିବୃତ୍ତି ଏବଂ ଶକ୍ତିମାନଙ୍କର ଏହି ଗତିବୃତ୍ତିଗୁଡ଼ିକୁ ପ୍ରକ୍ଷେପ କରାଗଲା ଯେତେବେଳେ ଶେଷରେ ନିଜ ଗତିପଥରେ ଏହା ଏକ ପରଦାକୁ ଭେଟିଲା ଏବଂ ସେହି ପରଦା ଉପରେ ଏହା ନିଜର ଏକ ପ୍ରତିକୃତି ରଖିଗଲା, ଏବଂ ପରଦା ଉପରେ ସେହି ପ୍ରତିକୃତିହିଁ ହେଉଛି ଏହି ସ୍ଥୂଳ ଭୌତିକ ଜଗତ୍ । ଏହା କେବଳ ଏକ ପ୍ରତିକୃତି (image) ମାତ୍ର । ଯେଉଁ ସ୍ଥୂଳ ଜଗତକୁ ସମସ୍ତେ ଏକମାତ୍ର ବାସ୍ତବତା ବୋଲି ଗ୍ରହଣ କରନ୍ତି, ତାହା କେବଳ ଏକ ପ୍ରତିକୃତି ମାତ୍ର । ଆମେ ଯାହାକୁ ଅଦୃଶ୍ୟ ଜଗତ୍ ବୋଲି କହୁ, ତହିଁରେ ଯାହାକିଛି ଘଟୁଥାଏ, ଏହି ସକଳ ଜଗତ୍ ହେଉଛି ତାହାରହିଁ ଏକ ପ୍ରତିକୃତି । ଏହା ଆମର ଦୃଷ୍ଟି ପଥାରୂଢ଼ ହୋଇ ଏକ ଦୃଶ୍ୟ ରୂପରେ ଦେଖାଯାଏ କାରଣ ତା'ର ଗତିପଥ ମଝିରେ ଏକ ପରଦା ଆସି ବାଧାଦିଏ ଓ ତା'ର ଗତି ସ୍ପନ୍ଦନକୁ ରୋକିଦିଏ, ଏବଂ ତାହାହିଁ ସୃଷ୍ଟିକରେ ଏକ ପ୍ରତିକୃତି । ଯଦି ସେପରି ପରଦା ଭଳି କିଛି ନ ଥା'ନ୍ତା, ତା'ହେଲେ ସେହି

ସ୍ପନ୍ଦନଗୁଡ଼ିକ ଗତି କରିଚାଲି ଥାଆନ୍ତା ଏବଂ କିଛି ବି ଦୃଶ୍ୟମାନ ହୁଅନ୍ତା ନାହିଁ । ଏବଂ ତଥାପି ସମସ୍ତ ଗତିବୃତ୍ତିଗୁଡ଼ିକ ସେହିପରି ରହିଥାଆନ୍ତେ କିନ୍ତୁ ଆମ ପାଇଁ ସେଗୁଡ଼ିକ ଅଦୃଶ୍ୟ ହୋଇ ରୁହନ୍ତେ, ଯଦି ସେଗୁଡ଼ିକର ସ୍ପନ୍ଦନକୁ ରୋକି ଦେବା ପାଇଁ କୌଣସି ପରଦା ନ ଥା'ନ୍ତା ।

ସାଧାରଣ ଚେତନା ପାଇଁ କେବଳ ସେହି ପ୍ରତିକୃତିହିଁ ହେଉଛି ଏକ ବାସ୍ତବ ସତ୍ୟ । ତା' ପଛରେ କ'ଣ ଘଟୁଥାଏ, ସେଗୁଡ଼ିକ ବୁଝିବା ତା' ପାଇଁ ଊଣା ଅଧିକେ ଏକ ସମସ୍ୟା । କିନ୍ତୁ ଯଥାର୍ଥ ସତ୍ୟତର ଚେତନା ପାଇଁ ପଶ୍ଚାତ୍‌ରେ ବା ପୂର୍ବରୁ ଯାହା ଘଟିଥାଏ ତାହାହିଁ ସତ୍ୟ ଏବଂ ଆମେ ବାହ୍ୟ କ୍ଷେତ୍ରରେ ଯାହା ଦେଖୁ ତାହା କେବଳ ଏକ ପ୍ରତିକୃତି ମାତ୍ର; କୁହାଯାଇ ପାରେ ଯେ ପରଦା ଉପରେ ଏପରି କିଛିର ପ୍ରକ୍ଷେପ (Projection) ଯାହା ପୂରା ସ୍ୱାଧୀନ ଭାବରେ ବିଦ୍ୟମାନ ରହିଥାଏ । ସେହିପରି, ଅଭିକ୍ଷିପ୍ତ ଏହି ପ୍ରତିକୃତିସବୁର ଏକ କ୍ଷୁଦ୍ର ଅଂଶର ପ୍ରତିନିଧି ହେଉଛି ଆମ ଶରୀର; ତେଣୁ ଆନ୍ତର ଅବସ୍ଥାର ଯେଉଁ ସମସ୍ତ ସ୍ପନ୍ଦନର ଅନୁରୂପ ହୋଇ ଏହି ଶରୀର ରୂପକ କ୍ଷୁଦ୍ର ବିନ୍ଦୁଟି ରହିଛି, ସେଗୁଡ଼ିକୁ ଏହା ପୂରା ଠିକ୍ ଭାବରେ ପ୍ରକାଶ କରିଦେଇଥାଏ । ❖

I shall save earth, if earth consents to be saved.

(Savitri)

– Sri Aurobindo

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ODISHA)**

# ସଂପାଦକୀୟ ....

ସମଗ୍ର ମାନବସମାଜ ପାଇଁ ବିକାଶ ଓ ଅଭ୍ୟୁଦୟର ଯେ ଏକ ନୂଆ ଯୁଗ ଆସୁଛି, ଏହି ଧରଣର ଏକ ବିଶ୍ୱାସ ଆଜି ପୃଥିବୀର ବହୁ ଲୋକଙ୍କ ମନ ଓ ହୃଦୟକୁ ମୃଦୁ ଭାବରେ ସ୍ପର୍ଶ କରିଯାଉଛି । ଯୁକ୍ତିତର୍କ ବା ତଥ୍ୟ ପ୍ରମାଣ ଦେଇ ଏହା ସେମାନେ ବୁଝାଇ ଦେଇପାରିବେ ନାହିଁ, କିନ୍ତୁ ସେମାନଙ୍କ ସୂକ୍ଷ୍ମବୋଧ ପାଇଁ ଏହା ପ୍ରଥମେ ଏକ ଝାପ୍‌ସା ଅନୁଭବ ରୂପେ ଆସି, କ୍ରମଶଃ ଅଧିକରୁ ଅଧିକ ସ୍ପଷ୍ଟ ଓ ପରିଷ୍କାର ହୋଇ ଉଠୁଛି । ଆଉ ଏପରି ମଧ୍ୟ ଲାଗୁଛି ଯେ ବାହ୍ୟ ଯନ୍ତ୍ରପାତି, କାରିଗରୀ କୌଶଳ ବା ଜଡ଼ ବିଜ୍ଞାନର କୌଣସି ନୂତନ ଉଦ୍ଭାବନ ଏହି ଉତ୍ଥାନ ଓ ଅଭ୍ୟୁଦୟର ଭିତ୍ତି ଓ ଅବଲମ୍ବନ ହୋଇପାରିବ ନାହିଁ । ପରମାଣୁ ଶକ୍ତିର ସଦ୍‌ବ୍ୟବହାରଠାରୁ ଆରମ୍ଭ କରି କମ୍ପ୍ୟୁଟର୍ ପର୍ଯ୍ୟନ୍ତ ପ୍ରୟୋଗ ବିଜ୍ଞାନର ଯେତେସବୁ ଅଗ୍ରଗତି ହେଉଛି ସେଗୁଡ଼ିକ ଏହି ଅଭ୍ୟୁଦୟର ଯନ୍ତ୍ର ହେବେ ସିନା କିନ୍ତୁ ତାହାର ମୁଖ୍ୟ ଭିତ୍ତି ବା ଆଧାର ହୋଇପାରିବେ ନାହିଁ । ଏକ ସର୍ବାଙ୍ଗୀନ ନୂତନ ଚେତନାହିଁ ହେବ ଏହି ଅଭ୍ୟୁତ୍ଥାନର ପ୍ରଧାନ ଆଧାର ଓ ଅବଲମ୍ବନ । ତେଣୁ ମାନବସମାଜ ପାଇଁ ଏପରି ଏକ ନେତୃତ୍ୱ ପ୍ରୟୋଜନ ଯାହା ଚେତନାର କ୍ଷେତ୍ରରେ ଏକ ନୂତନ ଆଲୋଡ଼ନ, ଏକ ନୂତନ ସାମଗ୍ରିକ ବିପ୍ଳବ ଆଣି ଦେବ ।

ଆମର ମନେ ହୁଏ ଏହିପରି ଏକ ନେତୃତ୍ୱ ଦେବାର କ୍ଷମତା ଇଉରୋପ, ଆମେରିକା ଆଦି ପାଶ୍ଚାତ୍ୟ ଦେଶଗୁଡ଼ିକ ଅପେକ୍ଷା ଏସିଆ ଓ ପ୍ରାଚ୍ୟ ଭୂଖଣ୍ଡର ଦେଶମାନଙ୍କ ଭିତରେ ଅଧିକ ଭାବରେ ରହିଛି । କାରଣ ମାନବୀୟ ସଭ୍ୟତାର, ପ୍ରାଚ୍ୟ ଓ ପାଶ୍ଚାତ୍ୟ – ଏହି ଯେଉଁ ଦୁଇଟି ମୁଖ୍ୟଧାରା ରହିଛି ତହିଁରୁ ପାଶ୍ଚାତ୍ୟ ସଭ୍ୟତାର ଧାରାଟି ମୁଖ୍ୟତଃ ବହିର୍ମୁଖୀ ଓ ଭୋଗ-ପରାୟଣ ହୋଇ ବାହ୍ୟ ଜୀବନର କ୍ଷେତ୍ରରେ, ବାହ୍ୟ ବସ୍ତୁ କ୍ଷେତ୍ରରେ ନିଜର କୃତିତ୍ୱ ଓ ସାଫଲ୍ୟ ପାଇଁ ମନୋନିବେଶ କରୁଥିବା ବେଳେ ଏସିଆ ଓ ପ୍ରାଚ୍ୟ ସଭ୍ୟତାର ଧାରାଟି ମୁଖ୍ୟତଃ ଅନ୍ତର୍ମୁଖୀ ଏବଂ ସଂଯମ ଓ ତପସ୍ୟା-ପରାୟଣ ହୋଇ ଚେତନାର କ୍ଷେତ୍ରରେହିଁ ନିଜର ସିଦ୍ଧି ଓ ସାଫଲ୍ୟ ଖୋଜିଛି ।

ଇତିହାସ ମଧ୍ୟ ସାକ୍ଷ୍ୟ ଦିଏ ଯେ ପୃଥିବୀର ୪ ଟି ବଡ଼ ବଡ଼ ଧର୍ମ – ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମର ଜନ୍ମସ୍ଥାନ ହେଉଛି ଏସିଆ । ଆଜି ମଧ୍ୟ ଭାରତର ଯୋଗ, ଚୀନର ତାଓ, ଜାପାନର ଜେନ୍ ବା ଏପରିକି ଜୁଡ଼ୋ ଓ କରାଟେ ଆଦି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଓ ଆମେରିକାରେ ଯେପରି ସମାଦର ଲାଭ କରିଛି ଓ ଜନପ୍ରିୟ ହୋଇ ପ୍ରସାର ଲାଭ କରିଚାଲିଛି ସେଗୁଡ଼ିକର ଜନ୍ମସ୍ଥାନ ମଧ୍ୟ ଏସିଆ । ତେଣୁ ଆଜି ମାନବସମାଜର ଏକ ନୂତନ ଅଭ୍ୟୁଦୟ ଓ ବିକାଶର କ୍ଷେତ୍ରରେ ଚେତନାଗତ ନେତୃତ୍ୱ ଯେ ଏସିଆରୁ ଉତ୍ସାରିତ ହେବ, ଏହା ସମ୍ଭବତଃ ଏକ ଅବାସ୍ତବ କଳ୍ପନା ବା ସ୍ୱପ୍ନବିଳାସ ନୁହେଁ ।

ଭାରତର ସ୍ୱାଧୀନତା ଉପଲକ୍ଷେ ଶ୍ରୀଅରବିନ୍ଦ ଯେଉଁ ବାର୍ତ୍ତା ଦେଇଥିଲେ ତହିଁରେ ତାଙ୍କର କେତେକ ସ୍ୱପ୍ନ ଭିତରୁ ଗୋଟିଏ ସ୍ୱପ୍ନ ଥିଲା :

"Another dream was for the resurgence and liberation of the peoples of Asia and her return to her great role in the progress of human civilisation. Asia has arisen; large parts are now quite free or are at this moment being liberated : its other still subject or partly subject parts are moving through whatever struggles towards freedom. Only a little has to be done and that will be done today or tomorrow. There India has her part to play and has begun to play it with an energy and ability which already indicate the measure of her possibilities and the place she can take in the council of the nations."

''ଅନ୍ୟ ଏକ ସ୍ୱପ୍ନ ହେଲା – ଏସିଆର ରାଷ୍ଟ୍ରମାନଙ୍କର ପୁନରୁତ୍ଥାନ ତଥା ସ୍ୱାଧୀନତା ଏବଂ ମାନବସଭ୍ୟତାର ବିକାଶରେ ମହାନ୍ ଏସିଆର ଅଂଶ ଗ୍ରହଣ । ଏସିଆ ଆଜି ଜାଗ୍ରତ୍ । ତା'ର ଅଧିକାଂଶ ରାଷ୍ଟ୍ର ଆଜି ସ୍ୱାଧୀନ କିଂବା ସ୍ୱାଧୀନତା ପଥର ଯାତ୍ରୀ, ଯେଉଁ ରାଷ୍ଟ୍ରମାନେ ପୂର୍ଣ୍ଣ ବା ଆଂଶିକ ଭାବରେ ପରାଧୀନ, ସେମାନେ କୌଣସି ନା କୌଣସି ଭାବରେ ସ୍ୱାଧୀନତା ସଂଗ୍ରାମ ଚଳାଇ ଚାଲିଛନ୍ତି । କେବଳ ଅତି ସାମାନ୍ୟ ମାତ୍ର କରିବାକୁ ବାକି ଅଛି, ଆଜି ହେଉ ବା କାଲି ହେଉ ସେତକ ହେବହିଁ ହେବ । ସେଥିରେ ଭାରତର କିଛି କର୍ତ୍ତବ୍ୟ ରହିଛି ଏବଂ ସେହି କର୍ମ ସେ ଅତି ସାମର୍ଥ୍ୟ ଓ ଦକ୍ଷତାର ସହ ଆରମ୍ଭ କରିଛି । ଏଥିରୁ ସୂଚିତ ହେଉଛି ତା'ର

ସମ୍ଭାବନା ଏବଂ ଜାତି ଗୋଷ୍ଠୀରେ ସେ କେଉଁ ସ୍ଥାନ ଅଧିକାର କରିବ ।''

'ଆର୍ଯ୍ୟ' ପତ୍ରିକା ପ୍ରକାଶନରେ ଶ୍ରୀଅରବିନ୍ଦଙ୍କ ପ୍ରଧାନ ସହଯୋଗୀ ଫରାସୀ ଦାର୍ଶନିକ ଶ୍ରୀଯୁକ୍ତ ପଲ୍ ରିସାରଙ୍କ ଦ୍ୱାରା ଲିଖିତ ଓ ୧୯୫୦ରେ ପ୍ରକାଶିତ 'The Seven Steps to the New Age' – 'ନବଯୁଗ ପାଇଁ ସାତୋଟି ପାହାଚ' ନାମକ ଏକ ପୁସ୍ତକରେ ଏସିଆ ସମ୍ପର୍କରେ ଯାହା ଉଲ୍ଲେଖ ଥିଲା, ସେଗୁଡ଼ିକ ସତ୍ୟରେ ପରିଣତ ହେବାର ଦିନ ଆଉ ବେଶୀ ଡେରି ନାହିଁ । ଏହି ପୁସ୍ତକରେ 'A new civilisation' (ଏକ ନୂତନ ସଭ୍ୟତା)ର ଶିରୋନାମା ଥିବା ଏକ ଅଧ୍ୟାୟରେ ସେ ଲେଖିଥିଲେ, "Once more the new Civilisation in Asia opens another great historical era, repeating the one which culminated in the sixth century B. C. ..."

''ପୁଣିଥରେ ଏସିଆର ନୂତନ ସଭ୍ୟତା ଆଉ ଏକ ଐତିହାସିକ ଯୁଗର ଦ୍ୱାର ଖୋଲି ଦେଉଛି, ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ଯେଉଁ ସଭ୍ୟତା ତା'ର ସର୍ବୋଚ୍ଚ ଶିଖରରେ ପହଞ୍ଚିଥିଲା । ...''

ସେ ଆହୁରି ମଧ୍ୟ ଲେଖିଥିଲେ, "And now, after eight hundred years, it is again China and India awakening at the end of their long night, which make the dawn of a new era of civilisation arise in Asia. Once more the great rhythm of creative vitality and spiritual illumination make its mighty waves pass over Asia." – ''ଏବଂ ବର୍ତ୍ତମାନ ୮ଶହ ବର୍ଷ ପରେ ପୁଣି ଥରେ ଚୀନ ଓ ଭାରତ, ସେମାନଙ୍କ ଦୀର୍ଘ ରଜନୀର ଅବସାନ ଘଟାଇ ଜାଗ୍ରତ୍ ହେଉଛନ୍ତି; ଏହାହିଁ ଏସିଆରେ ଏକ ନୂତନ ସଭ୍ୟତାର ପ୍ରଭାତକୁ ଜାଗରିତ କରିବ । ପୁଣି ଥରେ ସୃଜନଶୀଳ ପ୍ରାଣୋତ୍ସାହ ଓ ଆଧ୍ୟାତ୍ମିକ ଆଲୋକ-ଉଦ୍‌ଭାସର ଶକ୍ତିଶାଳୀ ତରଙ୍ଗସବୁ ସୁମହାନ ଛନ୍ଦରେ ସମଗ୍ର ଏସିଆକୁ ପରିପ୍ଲାବିତ କରିବ ।''

ଶ୍ରୀଅରବିନ୍ଦଙ୍କ ପରି ଅବତାର ପୁରୁଷ ଓ ପଲ୍ ରିସାର୍‌ଙ୍କ ପରି ମନୀଷୀମାନଙ୍କ ଏହିସବୁ ବାଣୀ ଓ ଉକ୍ତିରେ ଯେଉଁ ଗଭୀର ସତ୍ୟ ନିହିତ ରହିଛି, ସେହି ମହାନ୍ ସତ୍ୟ ଅବ୍ୟର୍ଥ ଓ ଅନିବାର୍ଯ୍ୟ ଭାବରେ ସାରା ପୃଥିବୀକୁ ଯେ ଏକ ନୂତନ ବାସ୍ତବତା ଦିଗରେ ନେଇ ଯାଉଛି, ତାହା ନିଃସନ୍ଦେହ । ସେହି ନୂତନ ବାସ୍ତବତା ହେଉଛି ସତ୍ୟ, ଶାନ୍ତି, ଐକ୍ୟ, ସୌଷମ୍ୟ ଓ ସୁସଂଗତିର ଏକ ବାସ୍ତବତା ଯେଉଁଠି ମନୁଷ୍ୟମାନଙ୍କ ଭିତରେ, ଜାତି ଓ ଦେଶମାନଙ୍କ ଭିତରେ ସଂଘର୍ଷ ଓ ଯୁଦ୍ଧ ଆଦି ଲାଗିବ ଅତୀତର ଦୁଃସ୍ୱପ୍ନ ପରି । ଏବଂ ଯେହେତୁ ମୁଖ୍ୟତଃ ଏକ ଚେତନାଗତ ପରିବର୍ତ୍ତନ, ଆଧ୍ୟାତ୍ମିକ ସତ୍ୟ ଦିଗରେ ଚେତନାର ଏକ ମୋଡ଼ହିଁ ହେବ ଏହି ନୂତନ ବାସ୍ତବତାର ଭିତ୍ତି ଏବଂ ଆଧାର, ତେଣୁ ଏସିଆର ଐକ୍ୟ ଓ ଜାଗରଣ ଏ ଦିଗରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମନେହୁଏ ।

ମାନବସମାଜ ଉପରେ ପାଶ୍ଚାତ୍ୟ ସଭ୍ୟତା ବହୁକାଳ ଧରି ଆଧିପତ୍ୟ ବିସ୍ତାର କରି ରହି ଆସିଲାଣି । ମାନବ-ଚେତନା ପାଇଁ ତାହାର ଅନେକ ଅବଦାନ ଅଛି, ଯାହାକୁ ଏସିଆର ଦେଶଗୁଡ଼ିକ ଖୋଲା ହୃଦୟରେ ଗ୍ରହଣ ମଧ୍ୟ କରିଛନ୍ତି । କିନ୍ତୁ ଏକ ଜଡ଼ବାଦୀ ଭୋଗସର୍ବସ୍ୱ ସଭ୍ୟତାର ଅବଦାନର ପୁଞ୍ଜି ସୀମିତ ହେବାକୁ ବାଧ୍ୟ, କାରଣ ତହିଁରେ ଆନନ୍ତ୍ୟର ବା ଚିରନ୍ତନତାର ସ୍ପର୍ଶ ନାହିଁ । ଅପରପକ୍ଷେ ପ୍ରାଚ୍ୟ ଓ ଏସିଆର ସଭ୍ୟତା ଭୋଗସର୍ବସ୍ୱ ନୁହେଁ, କାମନା-ବାସନାର ଅବାଧ ପୂରଣ ନୁହେଁ, ଶାଶ୍ୱତ ସତ୍ୟର ଉପଲବ୍ଧିକୁହିଁ ଜୀବନର ଲକ୍ଷ୍ୟ ରୂପେ ଘୋଷଣା କରିଆସିଛି ଏବଂ ସେଥିପାଇଁ କେତେ ସଂଯମ, କେତେ ସାଧନା, କେତେ ତ୍ୟାଗ ଓ ତପସ୍ୟା କରିଆସିଛି । ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ଯେ ବିପୁଳ ଶକ୍ତିର ଅଧିକାରୀ ହୋଇଥିବା ବେଳେ ମଧ୍ୟ ଭାରତ ପରି ଦେଶମାନେ କେବେ ଅନ୍ୟ ଦେଶକୁ ଆକ୍ରମଣ କରି ସାମ୍ରାଜ୍ୟ ବିସ୍ତାର ପାଇଁ ମନ ବଳାଇ ନାହାନ୍ତି । ତେଣୁ ଆଜି ମାନବସମାଜ ପାଇଁ ଏକ ଭୋଗାଭିମୁଖୀ ସଭ୍ୟତା ବଦଳରେ ଏକ ସତ୍ୟାଭିମୁଖୀ ସଭ୍ୟତା ଗଢ଼ି ତୋଳିବାର ପ୍ରୟୋଜନ ଯଦି ଅନୁଭୂତ ହୁଏ ତେବେ ସେ ଦିଗରେ ନେତୃତ୍ୱ ଦେବାର ଦାବି ଓ ଅଧିକାର କେବଳ ରହିଛି ଏକ ଜାଗ୍ରତ୍ ଓ ଐକ୍ୟବଦ୍ଧ ଏସିଆର ।

ଏସିଆର ଦେଶଗୁଡ଼ିକ ନିଜର ଏହି ମହାନ୍ ଭୂମିକା ସମ୍ପର୍କରେ ଯେତେ ଯେତେ ଅଧିକ ସଚେତ ହେବେ ସେହି ଅନୁପାତରେ ନିଜ ଭିତରେ ରହିଥିବା ଛୋଟ ଛୋଟ ବିବାଦ ଓ ସଂକୀର୍ଣ୍ଣତା ଭୁଲିଯାଇ ପରସ୍ପର ସହ ମିଳିତ ହେବାକୁ ଚାହିଁବେ ବିଶ୍ୱଦରବାରରେ ନିଜର ଆସନକୁ ଆହୁରି ଦୃଢ଼ ଓ ସତ୍ୟର ମହିମାରେ ଆହୁରି ଗୌରବୋଜ୍ଜ୍ୱଳ କରିବା ପାଇଁ । ଚିରନ୍ତନ ଦିବ୍ୟସତ୍ୟର କେବଳ ଉପଲବ୍ଧି ନୁହେଁ, ଏହି ପୃଥିବୀ

ଓ ମାନବଜୀବନରେ ତାହାର ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଯଦି ଏସିଆ-ଭୂଖଣ୍ଡରେ ଓ ଏସିଆର ନେତୃତ୍ୱରେ ମାନବ ମିଳନର ଏକ ମହାସ୍ରୋତ ପ୍ରବାହିତ ହୁଏ ତା'ହେଲେ ସେହି ସ୍ରୋତରେ ପୃଥିବୀର ଅନ୍ୟ ସମସ୍ତ ଦେଶ ଓ ସଭ୍ୟତା ନିଜକୁ ମିଶାଇ ଦେବା ପାଇଁ ଆଗେଇ ଆସିବେ ନାହିଁ କାହିଁକି ? ଆଧ୍ୟାତ୍ମିକ ଭାବାପନ୍ନ ସେହି ନୂତନ ସଭ୍ୟତା ନିଜର ବିସ୍ତାରରେ ଏପରି ଉଦାର, ସହିଷ୍ଣୁ, ଧୈର୍ଯ୍ୟପରାୟଣ ଓ ବିଶାଳ ହେବ ଯେ ତହିଁରେ ସମସ୍ତଙ୍କ ପାଇଁ ସ୍ଥାନ ରହିବ । ଶ୍ରୀଯୁକ୍ତ ପଲ୍ ରିସାର୍‌ଙ୍କ ଭାଷାରେ, "Why finally should not the new civilisation become the first world civilisation and merge in a single universal one all western and eastern cultures ?" ''କାହିଁକି ତା'ର ଶେଷ ପରିଣତିରେ ଏହି ନୂତନ ସଭ୍ୟତା ପ୍ରଥମ ପୃଥିବୀ-ସଭ୍ୟତା ନ ହେବ ଓ ଏକ ବିଶ୍ୱଜନୀନ ସଭ୍ୟତା ଭିତରେ ସମସ୍ତ ପାଶ୍ଚାତ୍ୟ ଓ ପ୍ରାଚ୍ୟ ସଂସ୍କୃତିକୁ ମିଳାଇ ଏକକରି ନ ଦିଆଯିବ ?'' ✜

Love of man, love of woman, love of things, love of thy neighbour, love of thy country, love of animals, love of humanity are all the love of God reflected in these living images. So love and grow mighty to enjoy all, to help all and to love for ever.

(*SABCL, Vol 12,* p. 491) – Sri Aurobindo

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**